# ଧରିତ୍ରୀ
DHARITRI

ବାଲେଶ୍ୱର, ଗୁରୁବାର, ନଭେମ୍ବର ୧୯/୨୦୨୦ (୧୬ ପୃଷ୍ଠା) | Balasore, Thursday, November 19/2020 | ★★★★

୪୬ଶ ଭାଗ ୩୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




### ସିତ୍‌ସିପାସ ବିଜୟୀ

ଲଣ୍ଡନରେ ଚାଲିଥିବା ଏଟିପି ଫାଇନାଲ୍ସ ଟେନିସ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ଆନ୍ଦ୍ରେ ରୁବଲେଭ୍‌ଙ୍କୁ ହରାଇ ଦେଇଛନ୍ତି ଷ୍ଟିଫାନୋସ ସିତ୍‌ସିପାସ। ୧୬

୧୪

### ସାମ୍ବାଦିକ ହେବେ କାର୍ତ୍ତିକ

ନିର୍ଦ୍ଦେଶକ ରାମ ମାଧୱାନୀଙ୍କ ଅପ୍‌କମିଂ ଫିଲ୍ମରେ ଇନ୍‌ଭେଷ୍ଟିଗେଟିଂ ରିପୋର୍ଟର ଭୂମିକାରେ ନଜର ଆସିବେ ଅଭିନେତା କାର୍ତ୍ତିକ ଆର୍ଯ୍ୟନ।





ସମୁଦ୍ରରୁ ମାଛ ମାରି ବୁଧବାର ସୂର୍ଯ୍ୟାସ୍ତ ସମୟରେ ପୁରୀ ବେଳାଭୂମିରେ ପହଞ୍ଚିଥିବା ମତ୍ସ୍ୟଜୀବୀମାନେ।

# ଓଡ଼ିଶାକୁ 'ଶ୍ରେଷ୍ଠ ମେରାଇନ୍ ଷ୍ଟେଟ୍' ଆୱାର୍ଡ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ଓଡ଼ିଶାକୁ ମିଳିଛି 'ଶ୍ରେଷ୍ଠ ମେରାଇନ୍ ଷ୍ଟେଟ୍' ଆୱାର୍ଡ। କେନ୍ଦ୍ର ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରଣାଳୟ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ସାମୁଦ୍ରିକ ରାଜ୍ୟର ମାନ୍ୟତା ଦେଇଛି। ଆସନ୍ତା ୨୧ ତାରିଖ ବିଶ୍ୱ ମତ୍ସ୍ୟ ଦିବସରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ଉତ୍ସବରେ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାକୁ ପୁରସ୍କୃତ କରାଯିବ। ଏ ବାବଦରେ କେନ୍ଦ୍ର ସରକାର ୧୦ଲକ୍ଷ ଟଙ୍କାର ପୁରସ୍କାର ରାଶି ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ। ଏହାବାଦ୍ କଳାହାଣ୍ଡି ଜିଲାକୁ ଦେଶର 'ଶ୍ରେଷ୍ଠ ଇନ୍‌ଲାଣ୍ଡ ଜିଲା' ଭାବେ ପୁରସ୍କୃତ କରାଯିବ। ଏଥିଲାଗି କଳାହାଣ୍ଡିକୁ ୩ଲକ୍ଷ ଟଙ୍କାର ପୁରସ୍କାର

**କଳାହାଣ୍ଡି 'ଶ୍ରେଷ୍ଠ ଇନ୍‌ଲାଣ୍ଡ ଜିଲା'**

ରାଶି ମିଳିବ। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୧୧ରେ ପୁରୀ ଗୋଲ୍‌ଡେନ୍ ବିଚ୍‌କୁ ବ୍ଲୁ ଫ୍ଲାଗ୍ ବିଚ୍‌ର ମାନ୍ୟତା ମିଳିଛି। ବିଶ୍ୱର ସ୍ୱଚ୍ଛ ଓ ନିର୍ମଳ ବିଚ୍‌କୁ ଡେନ୍‌ମାର୍କସ୍ଥିତ ସଂସ୍ଥା ଫାଉଣ୍ଡେଶନ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ଏଜୁକେଶନ(ଏଫ୍‌ଇଇ) ପକ୍ଷରୁ ପୁରୀ ସମେତ ଦେଶର ୮ ବିଚ୍‌କୁ ବ୍ଲୁ ଫ୍ଲାଗ୍‌ର ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟରେ ୪୮୦ କିମିର ସୁଦୀର୍ଘ ବେଳାଭୂମି ରହିଥିବାବେଳେ ପର୍ଯ୍ୟଟନ ଏବଂ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।

# ବିଳମ୍ବ ହେବ ମାଟ୍ରିକ, ଯୁକ୍ତ ୨ ପରୀକ୍ଷା

**ସ୍କୁଲ ଖୋଲିବାର ୩ ମାସ ପରେ ହେବ ପରୀକ୍ଷା**

**ସର୍ବଭାରତୀୟ ସ୍ତରରେ ବନ୍ଦ ହେଲେ ଓଡ଼ିଶାରେ ହେବନି**

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ଚଳିତ ଶିକ୍ଷାବର୍ଷରେ ବିଳମ୍ବ ହୋଇପାରେ ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷା। ପୂର୍ବବର୍ଷ ଭଳି ଫେବୃୟାରୀରେ ମାଟ୍ରିକ ଓ ମାର୍ଚ୍ଚରେ ଯୁକ୍ତ ୨ ପରୀକ୍ଷା କରିବା ସମ୍ଭବ ନୁହେଁ। ସର୍ବନିମ୍ନ ୩ ମାସ ପାଠପଢା ହେବାପରେ ପରୀକ୍ଷା ପାଇଁ ବ୍ୟବସ୍ଥା କରାଯିବ। ପରୀକ୍ଷା ନିଶ୍ଚିତ ହେବ ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କ କହିବାନୁଯାୟୀ, ସର୍ବଭାରତୀୟ ସ୍ତରରେ ପରୀକ୍ଷା ବନ୍ଦ ପାଇଁ ଯଦି ନିଷ୍ପତ୍ତି ହୁଏ, ତା'ହେଲେ ଆମ ରାଜ୍ୟରେ ମଧ୍ୟ ପରୀକ୍ଷା ବନ୍ଦ ହୋଇପାରେ। ରାଜ୍ୟ ସରକାର ନିଜ ଆଡୁ ପରୀକ୍ଷା ବନ୍ଦ କରିବେ ନାହିଁ। ପରୀକ୍ଷା ବନ୍ଦ ହେଲେ ରାଜ୍ୟର ଛାତ୍ରୀଛାତ୍ର ଗୋଟିଏ ବର୍ଷ ପଛୁଆ ହୋଇଯିବେ। ଡିସେମ୍ବର ୩୧ ପରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିବା ଲାଗି ବ୍ୟବସ୍ଥା ହେଉଥିବା ମନ୍ତ୍ରୀ କହିଛନ୍ତି।

କରୋନା ପାଇଁ ଚଳିତବର୍ଷ ଆଦୌ ସ୍କୁଲ ଖୋଲିନାହିଁ। ଆଗକୁ ସଂକ୍ରମଣର ଦ୍ୱିତୀୟ ଲହରୀ ଆସିବାର ଆଶଙ୍କା



କରାଯାଉଥିବାରୁ ଡିସେମ୍ବର ଶେଷ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସ୍କୁଲ, କଲେଜକୁ ବନ୍ଦ ଘୋଷଣା କରାଯାଇଛଇ। ମାଟ୍ରିକ ଫର୍ମ ଫିଲଅପ୍ ମଧ୍ୟ ସ୍ଥଗିତ ରଖାଯାଇଛି। ଏଥିସହ ବର୍ତ୍ତମାନର ସ୍ଥିତିକୁ ଦେଖି ୩୦ପ୍ରତିଶତ ସିଲାବସ୍ ହ୍ରାସ କରାଯାଇଛି। ପିଲାଙ୍କୁ ଶିକ୍ଷାରୁ ବଞ୍ଚିତ ନ କରିବା ପାଇଁ ଅନ୍‌ଲାଇନ ଶିକ୍ଷା ପ୍ରଦାନ କରାଯାଉଥିଲେ ମଧ୍ୟ ତାହା ସେତେଟା ଫଳପ୍ରଦ ହୋଇପାରିନି। ରାଜ୍ୟର ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ମାତ୍ର ୨୨ଲକ୍ଷ ଛାତ୍ରୀଛାତ୍ରଙ୍କ ପାଖରେ ଅନ୍‌ଲାଇନ୍ ଶିକ୍ଷା ପହଞ୍ଚିଥିବା କୁହାଯାଉଛି। ଅବଶିଷ୍ଟ ୩୮ ଲକ୍ଷ ପିଲାଙ୍କର ବହି ମୂଳରୁ ଓଲଟି ନାହିଁ।

ଅପରପକ୍ଷରେ ମନ୍ତ୍ରୀଙ୍କ ପରୀକ୍ଷା କରିବା ନିଷ୍ପତ୍ତିକୁ ସ୍ୱାଗତ କରିଛି ଶିକ୍ଷକ ସଂଘ। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି, ପରୀକ୍ଷା ନିଶ୍ଚିତ କରିବେ ବୋଲି ମନ୍ତ୍ରୀ କହିବା ଉଚିତ। ଯଦି କେନ୍ଦ୍ର ସରକାର ପରୀକ୍ଷା ବନ୍ଦ କରିବା ପାଇଁ କହିବେ ଓ ଅନ୍ୟ ରାଜ୍ୟ ପରୀକ୍ଷା ନ କରିବେ, ତେବେ ଆମ ରାଜ୍ୟରେ ପରୀକ୍ଷା ନ ହେବା ଉଚିତ। ଅନ୍ୟ ରାଜ୍ୟ ପରୀକ୍ଷା କଲେ ଆମର ମଧ୍ୟ ହେବା ଦରକାର। ବିଭିନ୍ନ ପ୍ରକାର ବିକଳ୍ପ ବ୍ୟବସ୍ଥା କରି ଆମେ ଓ ଅଭିଭାବକମାନେ ମିଳିତ ଭାବେ ପିଲାଙ୍କୁ ପଢ଼ାଉଛୁ। ଯଦି ସେ ପିଲା ପରୀକ୍ଷା ନ ଦେଇ ଗୋଟେବର୍ଷ ରହିଯିବେ, ତେବେ ମେଧାବୀ ପିଲାଙ୍କ ଉପରେ କୁପ୍ରଭାବ ପଡ଼ିବ। ପାଖାପାଖି ୭୦% ପିଲାଙ୍କ ଉପରେ ଏହି ପ୍ରଭାବ ପଡ଼ିବ। ତେଣୁ ବିକଳ୍ପ ଭାବେ ପରୀକ୍ଷା କରାଇବା ଆବଶ୍ୟକ। ସ୍କୁଲ ଖୋଲିବାର ୩ମାସ ପରେ ପରୀକ୍ଷା କରାଯାଉ। କିନ୍ତୁ ଗୋଟିଏ ମାସ ପରେ ଏକ ଟେଷ୍ଟ କରାଯାଉ ବୋଲି ମହାନ୍ତି କହିଛନ୍ତି।

# ଚୂଡ଼ାନ୍ତ ପରୀକ୍ଷାରେ ଫାଇଜର ଟିକା ୯୫% ଫଳପ୍ରଦ

**ନୂଆଦିଲ୍ଲୀ, ୧୮।୧୧**

ଆମେରିକୀୟ ଫାର୍ମା କମ୍ପାନୀ ଫାଇଜର ଏବଂ ବାୟୋଏନ୍‌ଟେକ୍ ଦ୍ୱାରା ପ୍ରସ୍ତୁତ କୋଭିଡ୍-୧୯ ଟିକା ୯୫ ପ୍ରତିଶତ ଫଳପ୍ରଦ। ଚୂଡ଼ାନ୍ତ ପରୀକ୍ଷାରୁ ଏହା ଜଣାପଡ଼ିଥିବା ଫାଇଜର ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ଏହା ପୂର୍ବରୁ ହୋଇଥିବା ତୃତୀୟ ପର୍ଯ୍ୟାୟ ପରୀକ୍ଷାରେ ଫାଇଜର ଟିକା ୯୦% ଫଳପ୍ରଦ ବୋଲି ଗତ ୯ ତାରିଖରେ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏହାପରେ ଅନ୍ୟତମ ଆମେରିକୀୟ ଫାର୍ମା କମ୍ପାନୀ ମଡର୍ନା ଦ୍ୱାରା




ପ୍ରସ୍ତୁତ ଟିକା ୯୪.୫ ପ୍ରତିଶତ ଫଳପ୍ରଦ ବୋଲି ଗତ ୧୬ ତାରିଖରେ ସୂଚନା ଦିଆଯାଇଥିଲା। ଏବେ ୯୫% ସଫଳ ବୋଲି କୁହାଯାଇଥିବା ଫାଇଜର ଟିକାକୁ ବିଯୁକ୍ତ(-) ୭୦ ଡିଗ୍ରୀ ☞ପୃଷ୍ଠା-୪

## ସ୍ୱାସ୍ଥ୍ୟକର୍ମୀ, ଗର୍ଭବତୀ, ବୟସ୍କଙ୍କୁ ପ୍ରଥମେ ଟିକା

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ବିଭିନ୍ନ ଟିକାର ପରୀକ୍ଷା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଟିକା ମିଳିବାର ଆଶା ଉଜ୍ଜ୍ୱଳ ହୋଇଛି। ଟିକାକରଣରେ ସ୍ୱାସ୍ଥ୍ୟକର୍ମୀ, ଗର୍ଭବତୀ ଏବଂ ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବୁଧବାର କୋଭିଡ୍ ପରିଚାଳନା ସମ୍ପର୍କରେ ସମୀକ୍ଷା କରି ସେ ଏହା କହିଛନ୍ତି।

ଭାକ୍ସିନ ଆସିବା ଯାଏ ମାସ୍କ ହେଉଛି ସବୁଠାରୁ ଫଳପ୍ରଦ ପ୍ରତିରୋଧକ। ତେଣୁ ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତ୍ୱ ରକ୍ଷା, ହାତ ଧୋଇବା ଭଳି ସୁରକ୍ଷା ବ୍ୟବସ୍ଥା ଜାରି ରଖିବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଆମେରିକା, ପଶ୍ଚିମ ୟୁରୋପୀୟ ଦେଶ ଏବଂ ନୂଆଦିଲ୍ଲୀରେ ☞ପୃଷ୍ଠା-୪

- ଭାକ୍ସିନ୍ ଆସିବା ଯାଏ ମାସ୍କ ଏକମାତ୍ର ବିକଳ୍ପ: ମୁଖ୍ୟମନ୍ତ୍ରୀ
- ୧୦ମ, ଯୁକ୍ତ୨ ପରୀକ୍ଷା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

# ଶୀତ ଅଧିବେଶନରେ ରହିବନି ପ୍ରଶ୍ନକାଳ

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ବିଧାନସଭାର ମୌସୁମୀ ଅଧିବେଶନ ଭଳି ଆସନ୍ତା ଶୀତ ଅଧିବେଶନରେ ମଧ୍ୟ ପ୍ରଶ୍ନକାଳ ରହିବ ନାହିଁ। ଏହାକୁ ବାତିଲ କରିଦିଆଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ଗୃହ ଚାଲିବ। ଦିନକୁ ସାଢେ ୪ ଘଣ୍ଟା ପାଇଁ ବିଧାନସଭା ଚାଲିବ ବୋଲି ବୁଧବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ଆଲୋଚନା

**ବସିଲା ସର୍ବଦଳୀୟ ବୈଠକ**

- ପ୍ରଶ୍ନକାଳ ବାତିଲକୁ ବିରୋଧୀଙ୍କ ସମାଲୋଚନା
- ଡାକରେ ଅଣତାରକା ପ୍ରଶ୍ନର ଉତ୍ତର ପାଇବେ ବିଧାନସଭା ସଦସ୍ୟ

ହୋଇଛି। ତେବେ ପ୍ରଶ୍ନକାଳ ବାତିଲକୁ ନେଇ ବିରୋଧୀ ଅନେକ ☞ପୃଷ୍ଠା-୪

# ୱାରାୱାରା ରାଓଙ୍କ ଚିକିତ୍ସା ଲାଗି ହାଇକୋର୍ଟଙ୍କ ଅନୁମତି



ୱାରାୱାରା ରାଓ

**ନୂଆଦିଲ୍ଲୀ, ୧୮।୧୧**

ଜେଲ୍‌ରେ ଥିବା ସାମାଜିକ କର୍ମୀ ତଥା କବି ୱାରାୱାରା ରାଓଙ୍କ ଚିକିତ୍ସା ଲାଗି ବମ୍ବେ ହାଇକୋର୍ଟ ବୁଧବାର ଅନୁମତି ଦେଇଛନ୍ତି। ତାଙ୍କୁ ୧୫ ଦିନ ପାଇଁ ନାନାବତୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯିବ। ୧୫ ଦିନର ଚିକିତ୍ସା ଖର୍ଚ୍ଚ ମହାରାଷ୍ଟ୍ର ସରକାର ବହନ କରିବେ। ହସ୍ପିଟାଲ ନିୟମ ଅନୁଯାୟୀ ୱାରାୱାରାଙ୍କୁ ତାଙ୍କ ପରିବାର ସଦସ୍ୟ ଭେଟିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ନଭି ମୁମ୍ବାଇରେ ଏଲ୍‌ଗାର ପରିଷଦ-ମାଓବାଦୀ ସମ୍ପୃକ୍ତି ମାମଲାରେ ୮୧ ବର୍ଷୀୟ ୱାରାୱାରାଙ୍କୁ ତଲୋଜା ଜେଲ୍‌ରେ ରଖାଯାଇଛି। ତାଙ୍କର ସ୍ନାୟୁଗତ ସମସ୍ୟା ବଢ଼ିବା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବାରୁ ସେ ଜାମିନ ଆବେଦନ ସହ ତୁରନ୍ତ ନାନାବତୀ ହସ୍ପିଟାଲକୁ ସ୍ଥାନାନ୍ତର କରାଇବା ଲାଗି ରିଟ୍ ପିଟିଶନ ଦାଏର କରିଥିଲେ।

**ଆଜିର ସମ୍ପାଦକୀୟ** ପ୍ରାଣୀଛୁଆ ପ୍ରତି ନିଷ୍ଠୁରତା

# ଡିଏନ୍‌ଏ ଟେଷ୍ଟ ବୈଧ ପ୍ରମାଣ

**ପ୍ରୟାଗରାଜ,୧୮।୧୧**

**ସ୍ତ୍ରୀଙ୍କ ବିଶ୍ୱସନୀୟତାର ପ୍ରମାଣ ପାଇଁ ଡିଏନ୍‌ଏ ଟେଷ୍ଟ ଉତ୍କୃଷ୍ଟ ମାଧ୍ୟମ: ଆହ୍ଲାହାବାଦ ହାଇକୋର୍ଟ**

ଶିଶୁର ପିତୃତ୍ୱ ପ୍ରମାଣିତ କରିବା ଲାଗି ଡିଓକ୍ସିରିବୋନ୍ୟୁକ୍ଲେଇକ୍ ଏସିଡ୍ (ଡିଏନ୍‌ଏ) ବା ଗୁଣସୂତ୍ର ପରୀକ୍ଷା ହେଉଛି ସବୁଠୁ ବୈଧ ଓ ବୈଜ୍ଞାନିକ ଉପାୟ। ସ୍ତ୍ରୀଙ୍କ ଯୌନଗତ ବିଶ୍ୱସନୀୟତା ବା ସତୀତ୍ୱର ପ୍ରମାଣ ପାଇଁ ମା' ଓ ଜନ୍ମିତ ସନ୍ତାନଙ୍କ ଡିଏନ୍‌ଏ ଟେଷ୍ଟ ଉତ୍କୃଷ୍ଟ ମାଧ୍ୟମ ବୋଲି ଆହ୍ଲାହାବାଦ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି।

୨୦୧୮ର ଏକ ମାମଲାରେ ରାୟ ଶୁଣାଇ ହାଇକୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି, ଯେଉଁଠି ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଛାଡ଼ପତ୍ର ଦେଇଥିଲେ। ସ୍ତ୍ରୀଙ୍କ ସହ ସ୍ୱାମୀ ଶାରୀରିକ ସମ୍ପର୍କ ରଖି ନ ଥିବାବେଳେ ଦମ୍ପତିଙ୍କ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ଫଳରେ ସ୍ତ୍ରୀଙ୍କ ବିରୋଧରେ ବ୍ୟଭିଚାର ଅଭିଯୋଗ ଆଣି ତାଙ୍କର ଡିଏନ୍‌ଏ ପରୀକ୍ଷା କରାଯାଉ ବୋଲି ସ୍ୱାମୀ ଦାବି କରିଥିଲେ। ଏହାକୁ ସମ୍ପୃକ୍ତ ମହିଳା ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟଙ୍କ ଆଗରେ ପ୍ରସଙ୍ଗ ଥିଲା ଯେ, ବ୍ୟଭିଚାର ଅଭିଯୋଗରେ ଛାଡ଼ପତ୍ର ପାଇଥିବା ଜଣେ ସ୍ତ୍ରୀଙ୍କୁ ହିନ୍ଦୁ ବିବାହ ଆଇନ, ୧୯୫୫ ଅନୁସାରେ ଡିଏନ୍‌ଏ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦିଆଯାଇପାରିବ କି। ଜଷ୍ଟିସ୍ ବିବେକ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ସ୍ୱାମୀଙ୍କ ଅଭିଯୋଗ ଓ ସ୍ତ୍ରୀଙ୍କ ଚାରିତ୍ରିକ ବିଶ୍ୱସନୀୟତାକୁ ପ୍ରମାଣିତ କରିବା ଲାଗି ଡିଏନ୍‌ଏ ଯାଞ୍ଚ ରିପୋର୍ଟକୁ ଏକକାଳୀନ ସବୁଠୁ ପ୍ରାମାଣିକ, ଉପଯୁକ୍ତ ଓ ସତ୍ୟ ମାଧ୍ୟମ ଭାବେ ଧରାଯାଇ ପାରିବ। ଡିଏନ୍‌ଏ ପରୀକ୍ଷା ସବୁଠୁ ବୈଧ ଓ ବୈଜ୍ଞାନିକ ଉପାୟ, ଯାହାକୁ ସ୍ତ୍ରୀଙ୍କ ଚାରିତ୍ରିକ ତ୍ରୁଟି ସମ୍ପର୍କରେ ନିଜ ଅଭିଯୋଗର ସତ୍ୟାସତ୍ୟ ସ୍ଥାପନ ପାଇଁ ସ୍ୱାମୀ ବ୍ୟବହାର କରିପାରିବେ ବୋଲି ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ। ସେହିପରି ଯୌନଗତ ବିଶ୍ୱାସଘାତକତା ସନ୍ଦେହର ଆଉ ଏକ ମାମଲା ଗତ ଅକ୍ଟୋବରରେ ☞ପୃଷ୍ଠା-୪

## ସ୍ୱାମୀଙ୍କ ରୋଜଗାର ଜାଣିବା ଅଧିକାର ସ୍ତ୍ରୀଙ୍କର ରହିଛି: ସିଆଇସି

ଯୋଧପୁର, ୧୮।୧୧: ଜଣେ ସ୍ତ୍ରୀ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ତାଙ୍କ ସ୍ୱାମୀଙ୍କ ମୋଟ ଆୟ ସମ୍ପର୍କରେ ଜାଣିବା ପାଇଁ ଆବେଦନ କରିପାରିବେ ବୋଲି କେନ୍ଦ୍ରୀୟ ସୂଚନା କମିଶନ (ସିଆଇସି) ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ସ୍ୱାମୀଙ୍କ ଆୟ ଜାଣିବା ଅଧିକାର ସ୍ତ୍ରୀଙ୍କର ରହିଛି। ଆବେଦନକାରୀ ମହିଳାଙ୍କୁ ୧୫ ଦିନ ମଧ୍ୟରେ ଏ ସମ୍ପର୍କିତ ତଥ୍ୟ ଦେବା ଲାଗି ସିଆଇସି ଯୋଧପୁର ଆୟକର ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ତୃତୀୟ ପକ୍ଷଙ୍କୁ ଏଭଳି ସୂଚନା ଦେବା ଆର୍‌ଟିଆଇ ସୂଚନା ସଂଜ୍ଞା ମଧ୍ୟରେ ଆସୁ ନ ଥିବା ଆୟକର ବିଭାଗ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲାବେଳେ ସିଆଇସି ଏହାକୁ ଖାରଜ କରିଦେଇଥିଲେ। ସୂଚନାଯୋଗ୍ୟ ଯୋଧପୁରର ରହମତ ବାନୋ ତାଙ୍କ ସ୍ୱାମୀଙ୍କ ମୋଟ ତଥା ଟିକସଯୋଗ୍ୟ ଆୟ ସମ୍ପର୍କରେ ଜାଣିବା ପାଇଁ ଆୟକର ବିଭାଗ ନିକଟରେ ଆବେଦନ କରିଥିଲେ। ତେବେ ତୃତୀୟ ପକ୍ଷଙ୍କୁ ଆୟ ସମ୍ପର୍କିତ ସୂଚନା ଦିଆଯିବନି କହି ବିଭାଗ ତାଙ୍କୁ ଫେରାଇ ଦେଇଥିଲେ।

# ଉଜୁଡ଼ିଲା ଧାନଚାଷ, ହାତ ଟେକିଦେଲା ବିଭାଗ

**ପ୍ରମୋଦ କୁମାର ନାୟକ**
**ଜଗତ୍‌ସିଂହପୁର ଅଫିସ, ୧୮।୧୧**

ଜଗତ୍‌ସିଂହପୁର ଜିଲାରେ ନିମ୍ନମାନର ବିହନକୁ ନେଇ ଚାଷୀ ବିଭିନ୍ନ ସମୟରେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହୋଇଆସିଛି। ଏବେ ସାରଳା ଓ ଆର୍‌ଜିଏଲ୍-୨୫୩୭ ସରକାରୀ ଧାନ ବିହନ ଶତାଧିକ ଚାଷୀଙ୍କୁ ନିରାଶ କରିଛି। ନିମ୍ନମାନର ବିହନ ଯୋଗୁ ଧାନ ପତ୍ରରେ ଚିତା ରୋଗ(ବ୍ରାଉନ ସ୍ପଟ୍ ଡିଜିଜ୍) ଦେଖାଦେଇଛି। ପତ୍ରଗୁଡ଼ିକରେ କଳା ଛିଟା ଦାଗ ଦେଖାଦେବା ସହ


- ନିରାଶ କଲା ସାରଳା, ଆର୍‌ଜିଏଲ୍-୨୫୩୭ ସରକାରୀ ବିହନ
- ଜିଲାରେ ୨୫୬୪.୬ ହେକ୍ଟର ଧାନ କ୍ଷତିଗ୍ରସ୍ତ
- ବ୍ରାଉନ ସ୍ପଟ୍ ରୋଗ କ୍ଷତିର କାରଣ: କୃଷି ବିଭାଗ

ପୋଡ଼ି ଯାଉଛି। ଯଦ୍ୱାରା ମୁଖ୍ୟ କେଣ୍ଡା ଗୁରୁତର ପ୍ରଭାବିତ ହୋଇଛି। ଏପରି କି ପାର୍ଶ୍ୱ ବା ପିଲ କେଣ୍ଡା ମଧ୍ୟ ବାହାରୁନି। ଧାନ ରୁଆଠାରୁ ଇତିମଧ୍ୟରେ ୧୨୦ଦିନ ଅତିକ୍ରାନ୍ତ ହୋଇଥିବାବେଳେ ଅମଳ ପାଇଁ ମାତ୍ର ୧ମାସ ରହିଛି। କମ୍ ସମୟ ଥିବାରୁ ସର୍ବାଙ୍ଗଭେଦୀ ଫିମ୍ପି ନାଶକ ଛିଞ୍ଚନ ମଧ୍ୟ ସମ୍ଭବ ହେଉନି। ଏଭଳି ସ୍ଥିତିରେ ଚାଷୀ ମୂଳ ଧନ ପାଇବା ଆଶା ମଉଳି ଯାଇଛି। ଜିଲାରେ ସାରଳା ଏବଂ ଆରଜିଏଲ୍-୨୫୩୭ ବିହନ ଲାଗିଥିବା ମୋଟ ୨୫୬୪.୬ ହେକ୍ଟର ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଅପରପକ୍ଷରେ ☞ପୃଷ୍ଠା-୪

**ଜଗତ୍‌ସିଂହପୁର ଜିଲା ବ୍ଲକ୍‌ୱାରି ଚାଷ କ୍ଷତିଗ୍ରସ୍ତ(ହେକ୍ଟରରେ)**

**ସାରଳା ବିହନ**
ଜଗତ୍‌ସିଂହପୁର-୫୪୪, ନାଉଗାଁ ୧୩୪, ବିରିଡ଼ି ୩୫୦.୪, ରଘୁନାଥପୁର ୧୭୦, ବାଲିକୁଦା ୯୨, ତିର୍ତ୍ତୋଲ ୨୫୦.୮, କୁଜଙ୍ଗ ୨୧୬.୪ , ଏରସମା ୬ ହେକ୍ଟର

**ଆର୍‌ଜିଏଲ୍-୨୫୩୭**
ଜଗତ୍‌ସିଂହପୁର-୧୪୨, ନାଉଗାଁ ୧୧୮.୮, ବିରିଡ଼ି ୧୬୪, ରଘୁନାଥପୁର ୩୧.୨, ବାଲିକୁଦା ୬୪, ତିର୍ତ୍ତୋଲ ୨୧୮, କୁଜଙ୍ଗ ୪୨.୮, ଏରସମା ୨୦ ହେକ୍ଟର



ଲେହ ଓ ଲଦାଖକୁ ଚାଇନାର ଅଂଶବିଶେଷ ଦର୍ଶାଇଥିବା ଟୁଇଟର ଶେଷରେ ଆନୁଷ୍ଠାନିକ ଭାବେ କ୍ଷମା ମାଗିଛି। ନଭେମ୍ବର ୩୦ ସୁଦ୍ଧା ତ୍ରୁଟି ସଂଶୋଧନ କରିବ ବୋଲି ଉକ୍ତ କମ୍ପାନୀ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ସମ୍ବନ୍ଧୀୟ ଯୁଗ୍ମ ସଂସଦୀୟ କମିଟି ଆଗରେ କହିଛି। ମାନଚିତ୍ରରେ ଲଦାଖକୁ ଚାଇନାର ଅଂଶ ଦର୍ଶାଇଥିବାରୁ ଟୁଇଟର ଲିଖିତ କ୍ଷମା ପ୍ରାର୍ଥନା କରିଥିବା ସଂସଦୀୟ କମିଟି ଅଧକ୍ଷା ମୀନାକ୍ଷୀ ଲେଖି କହିଛନ୍ତି। ଟୁଇଟରର ସତ୍ୟପାଠରେ ଏହାର ମୁଖ୍ୟ ପ୍ରାଇଭେସି ଅଫିସର ଡାମିଏନ୍ କାରିଏନ୍ ସ୍ୱାକ୍ଷର କରିଛନ୍ତି।

## ସଂକ୍ଷେପରେ

### କେନ୍ଦ୍ରମନ୍ତ୍ରୀ ନିଶଙ୍କଙ୍କୁ ଅନ୍ତର୍ଜାତୀୟ ବାତାୟନ ସମିଟ୍ ଆୱାର୍ଡ



**ନୂଆଦିଲ୍ଲୀ, ୧୮।୧୧:** କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କଙ୍କୁ ଆସନ୍ତା ୨୧ ତାରିଖରେ ମର୍ଯ୍ୟାଦାଜନକ ଭାଷା ସମ୍ମାନ 'ଅନ୍ତର୍ଜାତୀୟ ବାତାୟନ ସମିଟ୍ ଆୱାର୍ଡ' ମିଳିବାକୁ ଯାଉଛି। ନିଶଙ୍କ ଜଣେ ଖ୍ୟାତନାମା ଲେଖକ ଓ ତାଙ୍କର ଅନେକ ପୁସ୍ତକ ପ୍ରକାଶ ପାଇଛି। ସେ ଅତୀତରେ ଦେଶ ବିଦେଶରେ ଅନେକ ପୁରସ୍କାର ପାଇଛନ୍ତି। ବାତାୟନ ଆୱାର୍ଡ ସାଧାରଣତଃ ହାଉସ୍ ଅଫ୍ ଲର୍ଡ୍ସ କିମ୍ବା ଲଣ୍ଡନର ନେହେରୁ ସେଣ୍ଟରରେ ପ୍ରଦାନ କରାଯାଇଥାଏ।

### ଖବରଦାତା ଓ ସ୍ତ୍ରୀଙ୍କୁ ପିଟି ହତ୍ୟା

**ଲକ୍ଷ୍ନୌ, ୧୮।୧୧:** ଉତ୍ତରପ୍ରଦେଶର ସୋନଭଦ୍ରା ଜିଲାରେ ଜଣେ ଖବରଦାତା ଓ ତାଙ୍କ ସ୍ତ୍ରୀଙ୍କୁ କେତେଜଣ ଦୁର୍ବୃତ୍ତ ପିଟିପିଟି ହତ୍ୟା କରିଛନ୍ତି। ଘଟଣାସ୍ଥଳରେ ଖବରଦାତା ଉଦୟ ପାଶ୍ୱାନଙ୍କ ମୃତ୍ୟୁ ଘଟିଥିଲାବେଳେ ମଙ୍ଗଳବାର ବାରାଣସୀ ହସ୍ପିଟାଲରେ ସ୍ତ୍ରୀ ଶୀତଳା ଆଖି ବୁଜିଛନ୍ତି। ୬ ଅଭିଯୁକ୍ତଙ୍କ ମଧ୍ୟରୁ ଗାଁର ପୂର୍ବତନ ମୁଖିଆ କେଭଲ ପାଓ୍ୱାନ୍ ଫେରାର ହୋଇଯାଇଥିବାବେଳେ ଅନ୍ୟ ୫ ଜଣଙ୍କୁ ପୋଲିସ ଗିରଫ କରିଛି। କେଭଲ ପରିବାର ସହ ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଉଦୟ ଏକ ହିନ୍ଦୀ ଖବରକାଗଜ ପାଇଁ କାମ କରୁଥିଲେ। ସେ ଓ ତାଙ୍କ ସ୍ତ୍ରୀ ସୁରକ୍ଷା ପାଇଁ ସୋମବାର କୋନେ ଥାନାର ଦ୍ୱାରସ୍ଥ ହୋଇଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ସନ୍ଧ୍ୟାରେ ସେମାନେ ଫେରୁଥିବାବେଳେ ଅଭିଯୁକ୍ତମାନେ ଠେଙ୍ଗା ଓ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। କର୍ତ୍ତବ୍ୟରେ ଅବହେଳା ପାଇଁ ୩ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି।

### ଜଗୁଆଳିଙ୍କ ଦେହରେ ନିଆଁ ଲଗାଇଦେଲେ ଅଟୋ ଡ୍ରାଇଭର

**ପୁଣେ, ୧୮।୧୧:** ପୁଣେର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଜଗୁଆଳିଙ୍କ ଦେହରେ ଜଣେ ଅଟୋ ଚାଳକ ନିଆଁ ଲଗାଇଦେଇଛନ୍ତି। ଗୁରୁତର ଅବସ୍ଥାରେ ଜଗୁଆଳି ଶଙ୍କର ୱେଫାଲକର(୪୧)ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଟୋ ଡ୍ରାଇଭର ମହେନ୍ଦ୍ର ବାଲୁ କଦମଙ୍କୁ ଗିରଫ କରାଯିବା ସହ ତାଙ୍କ ବିରୋଧରେ ହତ୍ୟା ଉଦ୍ୟମ ଏବଂ ଆଇପିସିର ଅନ୍ୟାନ୍ୟ ଦଫାରେ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଶଙ୍କର କମ୍ପାନୀ ଗେଟ୍ ପାଖରେ ଡ୍ୟୁଟିରେ ଥିବାବେଳେ ମହେନ୍ଦ୍ର ତାଙ୍କ ଅଟୋ ରଖି ସେଠାରେ ଥିବା କମ୍ପାନୀ ମାଲିକଙ୍କ ଏସ୍‌ୟୁଭି ଉପରେ ପରିସ୍ରା କରିଥିଲେ। ଶଙ୍କର ତାଙ୍କୁ ଅଟକାଇବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଶଙ୍କରଙ୍କ ଦେହରେ ଅଟୋ ଡ୍ରାଇଭର ନିଆଁ ଲଗାଇଦେଇଥିଲେ।

# ଘନେଇଲା ୨୩ ବର୍ଷର ବିବାଦ

ତ୍ରିପୁରାରେ ମୁଣ୍ଡ ଟେକିଛି ୨୩ ବର୍ଷ ତଳର ସଙ୍କଟ। ପଡ଼ୋଶୀ ମିଜୋରାମରୁ ବିସ୍ଥାପିତ ହୋଇ ତ୍ରିପୁରାରେ ଶରଣାର୍ଥୀ ଭାବେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ରହିଆସୁଥିବା ୬୦୦୦ ବ୍ରୁ ପରିବାରକୁ ପୁନଃ ଥଇଥାନ କରିବା ପାଇଁ ବିପ୍ଳବ ଦେବଙ୍କ ନେତୃତ୍ୱାଧୀନ ଭାଜପା ସରକାର ନିଷ୍ପତ୍ତି ନେଇଛନ୍ତି। ଜଏଣ୍ଟ ମୁଭମେଣ୍ଟ କମିଟି (ଜେଏମ୍‌ସି) ପକ୍ଷରୁ ଏହାକୁ ବିରୋଧକରି ନର୍ଥ ତ୍ରିପୁରା ଡିଷ୍ଟ୍ରିକ୍ଟର କାଞ୍ଚନପୁର ସବ୍‌ଡିଭିଜନରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଡାକରା ଦିଆଯାଇଛି। ମହିଳା ଓ ଶିଶୁଙ୍କ ସମେତ ଷ୍ଟ୍ରାଇକ୍ ସମର୍ଥକମାନେ ସରକାରୀ ଦପ୍ତର ତଥା ବଜାରଗୁଡ଼ିକ ଆଗରେ ବିକ୍ଷୋଭ ଓ ପ୍ରତିବାଦ ଶୋଭାଯାତ୍ରା କରିଛନ୍ତି। ଦୋକାନ ବଜାର ଓ ଯାନବାହନ ଚଳାଚଳ ବନ୍ଦ ରହିଥିବାବେଳେ ସରକାରୀ ଅଫିସଗୁଡ଼ିକରେ ଉପସ୍ଥାନ ନାହିଁ କହିଲେ ଚଳେ। ଏହାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି।



କାଞ୍ଚନପୁର ସବ୍‌ଡିଭିଜନ ଅଫିସ ଆଗରେ ମିଳିତ ଆନ୍ଦୋଳନ କମିଟି ସଦସ୍ୟଙ୍କ ବିକ୍ଷୋଭ।

**ଅଗରତାଲା, ୧୮।୧୧ (ଆଇଏଏନ୍‌ଏସ୍)**

ହଜାର ହଜାର ବ୍ରୁ ଆଦିବାସୀ ଶରଣାର୍ଥୀଙ୍କୁ ପୁନଃ ଥଇଥାନ କରିବା ଲାଗି ସରକାର ନିଷ୍ପତ୍ତି ନେଇଥିବାରୁ ଏହାର ପ୍ରତିବାଦରେ ଉତ୍ତର ତ୍ରିପୁରାର କାଞ୍ଚନପୁର ସବ୍‌ଡିଭିଜନରେ ୩ ଦିନ ହେଲା ଉତ୍ତେଜନା ଲାଗି ରହିଛି। ସରକାରଙ୍କ ନିଷ୍ପତ୍ତି ପ୍ରତିବାଦରେ ମିଳିତ ଆନ୍ଦୋଳନ କମିଟି (ଜେଏମ୍‌ସି) ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶଟ୍‌ଡାଉନ୍ ଡାକରା ଦିଆଯାଇଛି। ପଡୋଶୀ ମିଜୋରାମରେ ଜାତିଆଣ ସଂଘର୍ଷର ସମ୍ମୁଖୀନ ହୋଇ ୨୩ ବର୍ଷ ହେଲା ଉକ୍ତ ଶରଣାର୍ଥୀମାନେ ତ୍ରିପୁରାରେ ରହିଆସୁଛନ୍ତି। ଗତ ମଙ୍ଗଳବାର ସେମାନେ ଅଣଆଦିବାସୀମାନଙ୍କ ଘର ଉପରେ ଆକ୍ରମଣ କରିବାରୁ ଉତ୍ତେଜନା ବୃଦ୍ଧି ପାଇଥିଲା। ଫଳରେ ୧୧୦ ଜଣ ନିରାପଦ ସ୍ଥାନକୁ ପଳାଇଯାଇଥିବା ପୋଲିସ କହିଛି। ଆକ୍ରମଣକାରୀ ୪ଟି ଗାଈ ଓ କେତେକ ଛେଳି ନେଇଯାଇଥିବା ଅଭିଯୋଗ ହୋଇଛି।

ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ସିଆର୍‌ପିଏଫ୍ ଏବଂ ତ୍ରିପୁରା ରାଜ୍ୟ ରାଇଫଲ ବାହିନୀର ସୁରକ୍ଷା ଯବାନମାନଙ୍କୁ ମୁତୟନ କରାଯାଇଛି। ୧୪୪ ଧାରା ଜାରି ସତ୍ତ୍ୱେ ପାଖାପାଖି ୧୫ ହଜାର ପୁରୁଷ, ମହିଳା ଓ ପିଲା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ରାଲି କରିଥିଲେ। ଅନିର୍ଦ୍ଦିଷ୍ଟ କାଳ ଶଟ୍‌ଡାଉନ ଡାକରା ଯୋଗୁ ସରକାରୀ କାର୍ଯ୍ୟାଳୟ, ଦୋକାନବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ସେହିପରି ସୁରକ୍ଷା ବଳ, ସ୍ୱାସ୍ଥ୍ୟସେବା ଏବଂ ଗଣମାଧ୍ୟମ ଗାଡ଼ି ବ୍ୟତୀତ ଅନ୍ୟ ସମସ୍ତ ଗାଡ଼ି ଚଳାଚଳକୁ ବନ୍ଦ ରଖାଯାଇଛି।

■ଶରଣାର୍ଥୀ ଥଇଥାନକୁ ନେଇ ତ୍ରିପୁରାରେ ଅଚଳାବସ୍ଥା

■କାଞ୍ଚନପୁରରେ ଅନିର୍ଦ୍ଦିଷ୍ଟ କାଳ ଶଟ୍‌ଡାଉନ ଡାକରା

କାଞ୍ଚନପୁରରେ ଅଳ୍ପସଂଖ୍ୟକ ଆଦିବାସୀ ଶରଣାର୍ଥୀଙ୍କ ଥଇଥାନ ନିଷ୍ପତ୍ତିକୁ ପୂର୍ବରୁ ଜେଏମ୍‌ସି ସ୍ୱାଗତ କରିଥିଲା ବୋଲି ଏହାର ଆବାହକ ସୁଶାନ୍ତ ବିକାଶ ବରୁଆ କହିଛନ୍ତି। ସ୍ଥାନର ସ୍ୱଳ୍ପତା ଦୃଷ୍ଟିରୁ କାଞ୍ଚନପୁରରେ ୫୦୦ ପର୍ଯ୍ୟନ୍ତ ଶରଣାର୍ଥୀ ପରିବାରକୁ ଥଇଥାନ କରିବା ଲାଗି ସେମାନେ ବିଭିନ୍ନ ସମୟରେ ସରକାରଙ୍କୁ ପରାମର୍ଶ ଦେଇଥିଲେ। ତେବେ ସରକାର ଉକ୍ତ ଅଞ୍ଚଳରେ ୬୦୦୦ ଶରଣାର୍ଥୀ ପରିବାରଙ୍କୁ ଥଇଥାନ କରିବାକୁ ନିଷ୍ପତ୍ତି ନେଇଥିବାରୁ ଏହାକୁ ନେଇ ଉତ୍ତେଜନା ଦେଖାଦେଇଛି।

### ବିବାଦ କେବେଠୁ



ବ୍ରୁ ଶରଣାର୍ଥୀଙ୍କ ସମସ୍ୟା ୧୯୯୭ରେ ଆରମ୍ଭ ହୋଇଥିଲା। ମିଜୋରାମରେ ଜାତିଆଣ ଉତ୍ତେଜନା ଯୋଗୁ ପ୍ରାୟ ୩୦,୦୦୦ ବ୍ରୁ ଆଦିବାସୀ ପରିବାର ତ୍ରିପୁରାକୁ ପଳାୟନ କରି ଶରଣାର୍ଥୀ ଶିବିରଗୁଡ଼ିକରେ ଆଶ୍ରୟ ନେଇଥିଲେ। ପଶ୍ଚିମ ମିଜୋରାମ ସଂଲଗ୍ନ ବାଂଲାଦେଶ ସୀମାନ୍ତ ଓ ତ୍ରିପୁରାର କିଛି ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ସ୍ୱୟଂଶାସିତ ଜିଲା ଗଠନ ପାଇଁ ସେତେବେଳେ ଦାବି ଉଠିଥିଲା। ୨୦୦୯ ନଭେମ୍ବରରେ ବ୍ରୁ ଆଦିବାସୀଙ୍କୁ ପ୍ରତ୍ୟର୍ପଣ କରିବା ପାଇଁ କେନ୍ଦ୍ର, ତ୍ରିପୁରା ଓ ମିଜୋରାମ ସରକାର ଉଦ୍ୟମ କରିଥିଲେ। କିନ୍ତୁ ଏହା ସଫଳ ହୋଇ ନ ଥିଲା। ବ୍ରୁ ଶରଣାର୍ଥୀଙ୍କୁ ମିଜୋରାମକୁ ପଠାଇବା ପାଇଁ ୨୦୧୮ରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। କିନ୍ତୁ ଏହାକୁ ସେମାନେ ବିରୋଧ କରିଥିଲେ। ୨୦୨୦ ଜାନୁୟାରୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏକ ନୂଆ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଉକ୍ତ ଚୁକ୍ତି ଅନୁସାରେ ବ୍ରୁମାନଙ୍କୁ ଫେରିଯିବାକୁ ବାଧ୍ୟ କରାଯାଇ ପାରିବ ନାହିଁ। ଇତିମଧ୍ୟରେ କେନ୍ଦ୍ର ସରକାର ବିସ୍ଥାପିତ ବ୍ରୁ ସମ୍ପ୍ରଦାୟର ଥଇଥାନ ପାଇଁ ୬୦୦ କୋଟି ଟଙ୍କାର ପୁନର୍ବାସ ପ୍ୟାକେଜ ଘୋଷଣା କରିଛନ୍ତି। ସେଥିରୁ ୧୫୦ କୋଟି ଟଙ୍କା ତ୍ରିପୁରା ସରକାରଙ୍କୁ ଜମି ଅଧିଗ୍ରହଣ ପାଇଁ ଦିଆଯିବ। ଅବଶିଷ୍ଟ ଅର୍ଥ ଏହି ଆଦିବାସୀଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କରାଯିବ।

## ପମ୍ପ୍ ଅପରେଟରଙ୍କୁ ଆକ୍ରମଣରୁ ଉତ୍ତେଜନା

ତ୍ରିପୁରାର କାଞ୍ଚନପୁର ସବ୍‌ଡିଭିଜନରେ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଦୁର୍ବୃତ୍ତମାନେ ଜଣେ ପମ୍ପ ଅପରେଟରଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ବ୍ରୁ ଶରଣାର୍ଥୀଙ୍କୁ ଥଇଥାନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବାବେଳେ ଏହାର ପ୍ରତିବାଦରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିକ୍ଷୋଭ ଚାଲିଛି। ପୂର୍ବ ଲକ୍ଷ୍ମୀପୁରରେ ୩୬ ବର୍ଷୀୟ ପମ୍ପ୍ ଅପରେଟର ସୁବଳ ଦେ ଜଳଯୋଗାଣ ପାଇଁ ମଙ୍ଗଳବାର କାମ କରିବାକୁ ଯାଇଥିବାବେଳେ ବିରୋଧୀ ଗୋଷ୍ଠୀ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏଥିରେ ଦୁର୍ବୃତ୍ତମାନେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଧାରୁଆ ଅସ୍ତ୍ରରେ ଆଘାତ ପାଇବା ପରେ ସେ ଲହୁଲୁହାଣ ହୋଇଯାଇଥିଲେ। ତାଙ୍କୁ ଦାସଦା ପ୍ରାଥମିକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଧାମନଗରସ୍ଥିତ ନର୍ଥ ଡିଷ୍ଟ୍ରିକ୍ଟ ହସ୍ପିଟାଲକୁ ରେଫର କରାଯାଇଥିଲା। ଏହି ଘଟଣା ପରେ ଉତ୍ତେଜନା ବଢ଼ିବାରୁ ସମ୍ପୃକ୍ତ ଅଞ୍ଚଳରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଇତିମଧ୍ୟରେ ନର୍ଥ ଡିଷ୍ଟ୍ରିକ୍ଟ ଜିଲାପାଳ ବି.ନାଗେଶ କୁମାର ଭିଡିଓ କନ୍‌ଫରେନ୍ସ ଜରିଆରେ ଏକ ଜରୁରୀ ବୈଠକ କରି ବିକ୍ଷୋଭକାରୀ ଗୋଷ୍ଠୀ ସହ ଆଲୋଚନା କରିଛନ୍ତି। ଜେଏମ୍‌ସି ଆବାହକ ସୁଶାନ୍ତ ବିକାଶ ବରୁଆ କହିଛନ୍ତି, ସୁବଳଙ୍କୁ ବ୍ରୁ ଶରଣାର୍ଥୀ ଗୋଷ୍ଠୀ ଓ ସେମାନଙ୍କ ନେତାମାନେ ଆକ୍ରମଣ କରିଛନ୍ତି। କାଞ୍ଚନପୁର ଉପଜିଲାପାଳଙ୍କ ଉପସ୍ଥିତିରେ ଜିଲାପାଳ ଆମକୁ ବିକ୍ଷୋଭ ପ୍ରତ୍ୟାହାର କରିବାକୁ ପରାମର୍ଶ ଦେଇଛନ୍ତି। କିନ୍ତୁ ଆମ ଦାବି ପୂରଣ ନ ହେବା ଯାଏ ଆନ୍ଦୋଳନ ଚାଲିବ ବୋଲି ବରୁଆ କହିଛନ୍ତି।



ପାଣି ପମ୍ପ୍ ଅପରେଟର ସୁବଳ ଦେଙ୍କୁ ଧାମନଗରସ୍ଥିତ ନର୍ଥ ଡିଷ୍ଟ୍ରିକ୍ଟ ହସ୍ପିଟାଲକୁ ନିଆଯାଉଛି।

## ୨୪ ଘଣ୍ଟାରେ ୩୦% ଅଧିକ ସଂକ୍ରମିତ

**ନୂଆଦିଲ୍ଲୀ, ୧୮।୧୧**

ଭାରତରେ କରୋନା ସଂକ୍ରମଣ ହାର କମିଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଏହା ୩୦% ଅଧିକ ବ୍ୟକ୍ତିଙ୍କୁ ସଂକ୍ରମିତ କରିଥିବା ଜଣାପଡ଼ିଛି। ମଙ୍ଗଳବାର ୨୯,୧୬୪ ନୂଆ ମାମଲା ସାମ୍ନାକୁ ଆସିଥିବାବେଳେ ବୁଧବାର ହଠାତ୍ ଏହା ବୃଦ୍ଧିପାଇ ୩୮,୬୧୭ରେ ପହଞ୍ଚିଛି। ଦୀପାବଳି, ଭାଇଦୂଜ ଉତ୍ସବ, ବିହାର ନିର୍ବାଚନ ଯୋଗୁ ସଂକ୍ରମଣ ହାର ବୃଦ୍ଧି ପାଇଥିବା କୁହାଯାଉଛି। ଅପରପକ୍ଷରେ ସାମ୍ପଲ ଟେଷ୍ଟ ବଢୁଥିବାରୁ ଏଭଳି ଦୃଶ୍ୟ ସାମ୍ନାକୁ ଆସିଥିବା ଆଇସିଏମ୍‌ଆର୍ ପ୍ରକାଶ କରିଛି। ଦେଶରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୯.୧୨ ଲକ୍ଷକୁ ବୃଦ୍ଧିପାଇଥିବା ବେଳେ ମୃତ୍ୟୁସଂଖ୍ୟା ୧.୩୦ ଲକ୍ଷ ଟପିଛି। ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଯୋଗୁ ୪୭୪ ଜଣ ଜୀବନ ହାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରିପୋର୍ଟରେ ଦର୍ଶାଯାଇଛି। ସୁସ୍ଥ ହାର ୯୩%ରୁ ଅଧିକ ରହିଥିଲେ ହେଁ ସକ୍ରିୟ ମାମଲା ୪,୪୬,୮୦୫ ରହିଥିବାରୁ ଚିନ୍ତା ବଢ଼ିବାରେ ଲାଗିଛି।



### ଦିଲ୍ଲୀ ସ୍ଥିତି ଜଟିଳ

ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳର ପରିସ୍ଥିତି ଏବେବି ଜଟିଳ ରହିଛି। ସଂକ୍ରମଣ ସ୍ଥିତି ଓ ଆଇସିୟୁ ବେଡ୍ ଅଭାବ ଯୋଗୁ ସମସ୍ୟା ଦେଖାଦେଇଛି। ଦିଲ୍ଲୀ ସରକାର ସଂକ୍ରମଣକୁ ରୋକିବା ଲାଗି କଟକଣା ଲାଗୁ ଉପରେ ଗୁରୁତ୍ୱ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବାହାଘରରେ ସର୍ବାଧିକ ୫୦ ଲୋକଙ୍କ ଉପସ୍ଥିତି, ମାର୍କେଟ ଅଞ୍ଚଳରେ ଲକ୍‌ଡାଉନ୍ ଲାଗୁ ନେଇ ରାଜ୍ୟପାଳ ଅନିଲ ବୈଜାଲ ଓ କେନ୍ଦ୍ରକୁ ପ୍ରସ୍ତାବ ଦେଇଛନ୍ତି। ଅପରପକ୍ଷରେ ମହାରାଷ୍ଟ୍ର, ବିହାର, ଦିଲ୍ଲୀ, ଝାଡ଼ଖଣ୍ଡ ଆଦି ରାଜ୍ୟରେ ଗୋଷ୍ଠୀ ସଂକ୍ରମଣକୁ ରୋକିବା ଲାଗି ୨୦ରେ ହେବାକୁ ଥିବା ଛଟ୍‌ପୂଜା ଉପରେ କଟକଣା ଲଗାଯାଇଛି। ମହାମାରୀ କରୋନାରୁ ବର୍ତ୍ତିବା ଲାଗି ବିଶ୍ୱବ୍ୟାପୀ ଟିକା ପ୍ରସ୍ତୁତି ଚାଲିଥିବାବେଳେ ଆମେରିକା ଡ୍ରଗ୍‌ମେକର ଫାଇଜର ଓ ମଡର୍ନା ଏବଂ ରୁଷିଆ ଟିକା ସ୍ପୁଟ୍‌ନିକ୍ ଭି' ଆଶା ସଂଚାର କରିଛି। ଭାରତ ସମେତ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଟିକା ପ୍ରସ୍ତୁତିରେ ମାତିଛନ୍ତି।

## ଟ୍ରମ୍ପଙ୍କୁ ସମର୍ଥନ ନ କରିବାରୁ ନିର୍ବାଚନ ଅଧିକାରୀ ବିଦା

**ୱାଶିଂଟନ, ୧୮।୧୧(ଆଇଏଏନ୍‌ଏସ୍)**

ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ୍ ଡୋନାଲ୍ଡ ଟ୍ରମ୍ପ୍ ଡେମୋକ୍ରାଟ ଜୋ ବାଇଡେନ୍‌ଙ୍କ ବିରୋଧରେ ଜାଲିଆତି ଅଭିଯୋଗ ଆଣିଥିଲେ। ଉକ୍ତ ଦାବିକୁ ଗ୍ରହଣ କରି ନ ଥିବା ସାଇବର ସିକ୍ୟୁରିଟି ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ସିକ୍ୟୁରିଟି ଏଜେନ୍ସି (ସିଆଇଏସ୍ଏ) ମୁଖ୍ୟ ଖ୍ରିଷ୍ଟୋଫର କ୍ରେବ୍ସଙ୍କୁ ଉକ୍ତ ପଦରୁ ରାଷ୍ଟ୍ରପତି ଟ୍ରମ୍ପ୍ ବହିଷ୍କାର କରିଛନ୍ତି। ଖ୍ରିଷ୍ଟୋଫର କ୍ରେବ୍ସଙ୍କୁ ଭୋଟ୍‌ର ନିରପେକ୍ଷତା ଉପରେ ଅତ୍ୟନ୍ତ ଭୁଲ୍ ମନ୍ତବ୍ୟ ପାଇଁ ବିଦା କରାଯାଇଛି ବୋଲି ଟ୍ରମ୍ପ୍ କହିଛନ୍ତି। ଏହା ପୂର୍ବରୁ ଟ୍ରମ୍ପ୍ ପ୍ରତିରକ୍ଷା ସଚିବ ମାର୍କ ଏସ୍ପରଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ କରି ତାଙ୍କୁ ବାହାର ରାସ୍ତା ଦେଖାଇଥିଲେ। ସୂଚନାଯୋଗ୍ୟ, ବିଦାୟୀ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚନରେ ବ୍ୟାପକ ଭୋଟ ଜାଲିଆତି କରାଯାଇଥିବା ଅଭିଯୋଗ ଆଣି ପରାଜୟ ସ୍ୱୀକାର କରୁନାହାନ୍ତି। କିନ୍ତୁ ଏହା ଆମେରିକା ଇତିହାସରେ ସବୁଠୁ ସୁରକ୍ଷିତ ମତଦାନ ଥିଲା ବୋଲି ନିର୍ବାଚନ ଅଧିକାରୀମାନେ କହୁଛନ୍ତି।

## ଫୋନ୍‌ରେ ମୋଦି-ବାଇଡେନ୍ ଆଲୋଚନା

**ନ୍ୟୁୟର୍କ, ୧୮।୧୧(ଆଇଏଏନ୍‌ଏସ୍)**

### ଭାରତ ସହ ସମ୍ପର୍କ ବୃଦ୍ଧି ଲାଗି କାର୍ଯ୍ୟ କରିବେ



ଜାନୁୟାରୀରେ ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଥିବା ଜୋ ବାଇଡେନ୍ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଫୋନ ଯୋଗେ କଥାବାର୍ତ୍ତା ହୋଇଛି। ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବାକୁ ବାଇଡେନ୍ ଓ କମଲା ହାରିସ୍ ଚାହାନ୍ତି। ଏଦିଗରେ ସେ କାର୍ଯ୍ୟ କରିବେ ବୋଲି ବାଇଡେନ୍ କହିଛନ୍ତି।

ଡେମୋକ୍ରାଟିକ୍ ପାର୍ଟି ନେତା ବାଇଡେନ୍ ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ପ୍ରଧାନମନ୍ତ୍ରୀ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଭାରତ-ଆମେରିକା ରଣନୀତିକ ସହଭାଗିତା ବୃଦ୍ଧି ପାଇବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିପାଇଁ ସେ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। କରୋନା ମହାମାରୀ ଜନିତ ସ୍ୱାସ୍ଥ୍ୟ ସଙ୍କଟ, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଭଳି ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ଲାଗି ସେ ମୋଦିଙ୍କ ସହ ଏକାଠି କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିସହିତ ଦେଶ ଭିତରେ ଓ ବିଦେଶରେ ଗଣତନ୍ତ୍ରକୁ ମଜଭୁତ କରିବା ଓ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ସୁରକ୍ଷା ଓ ସମୃଦ୍ଧି ପାଇଁ କାର୍ଯ୍ୟ କରିବେ ବୋଲି ବାଇଡେନ୍ କହିଛନ୍ତି।

ବାଇଡେନ୍ ନିର୍ବାଚିତ ହେବା ପରେ ଗତ ୧୦ ତାରିଖରୁ ବିଶ୍ୱର ବିଭିନ୍ନ ନେତାଙ୍କ ସହ ଆଲୋଚନା କରିଆସୁଛନ୍ତି। ଏହି କ୍ରମରେ ସେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ସହ କଥା ହୋଇଥିଲେ। ଉପରାଷ୍ଟ୍ରପତି ଭାବେ ବାଇଡେନ୍ ଭାରତ-ଆମେରିକା ସମ୍ପର୍କକୁ ମଜଭୁତ କରିବା ଦିଗରେ କାର୍ଯ୍ୟ କରିଥିଲେ ବୋଲି ମୋଦି ମନେ ପକାଇଦେଇଥିଲେ।

## ଦୁର୍ଘଟଣାରେ ପରିବାରର ୧୧ ମୃତ

**ଗାନ୍ଧୀନଗର, ୧୮।୧୧**

ଗୁଜରାଟର ଭଦୋଦରା ନିକଟ ୱାଘୋଡ଼ିଆଠାରେ ବୁଧବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୧୧ ଜଣଙ୍କର ପ୍ରାଣହାନି ଘଟିଛି। ମୃତକଙ୍କ ମଧ୍ୟରେ ୬ ମହିଳା ଓ ଜଣେ ଶିଶୁ ଅଛନ୍ତି। ୨୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହେବା ସହ ଭଦୋଦରା ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ପ୍ରକାଶ। ଏକ ଆଇଚର ଟ୍ରକ୍‌ରେ ପରିବାରର ପ୍ରାୟ ୩୦ ଜଣ ସୁରଟ୍‌ର ଭରଛାରୁ ପିକ୍‌ନିକ୍ ଲାଗି ପାଭଗାଢ ଅଭିମୁଖେ ଯାଉଥିବାବେଳେ ଅପରାହ୍ନ ୩ଟାରେ ଏକ ଟ୍ୟାଙ୍କର ସହ ଟ୍ରକ୍‌ର ଧକ୍କା ହୋଇଥିଲା। ଦୁର୍ଘଟଣା ବେଳେ ସମସ୍ତ ଯାତ୍ରୀ ଶୋଇଥିଲେ। ପୋଲିସ ଘଟଣାର ଯାଞ୍ଚ କରୁଥିବାବେଳେ ଭଦୋଦରା ଜିଲାପାଳ ସାହାଣୀ ଅଗ୍ରୱାଲ, ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ରଞ୍ଜନ ଆୟାର ଓ ପୂର୍ବତନ ଭଦୋଦରା ମେୟର ଭାରତ ଡଙ୍ଗର ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ଏହି ଦୁର୍ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ, କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ପିକ୍‌ନିକ୍ ବେଳେ ମହାଯାତ୍ରା



ଦୁର୍ଘଟଣାଗ୍ରସ୍ତ ମିନି ଟ୍ରକ୍।

## ସମୁଦ୍ରକୁ ରେଡିଓଆକ୍ଟିଭ୍ ଜଳ ଛାଡ଼ିବ ଜାପାନ

**ନୂଆଦିଲ୍ଲୀ, ୧୮।୧୧**

ଫୁକୁସିମାରେ ଅକାମୀ ହୋଇପଡ଼ିଥିବା ଆଣବିକ ପ୍ଲାଣ୍ଟର ରେଡିଓଆକ୍ଟିଭ୍ ବିଷାକ୍ତ ଜଳକୁ ୨୦୨୨ ସୁଦ୍ଧା ସମୁଦ୍ରକୁ ଛାଡ଼ିଦେବା ଲାଗି ଜାପାନ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ଭାରତ ସମେତ ଏସୀୟ ଉପକୂଳବର୍ତ୍ତୀ ଦେଶଗୁଡ଼ିକ ପାଇଁ ବିପଦ ସୃଷ୍ଟି ହେବାକୁ ଯାଉଛି। ଏଭଳି ଭୁଲ୍ ନିଷ୍ପତ୍ତି ଯୋଗୁ ଜଳଚର ପ୍ରାଣୀଙ୍କ ସମେତ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନେ କ୍ୟାନ୍‌ସର ସମେତ ବିଭିନ୍ନ ରୋଗରେ ପଡ଼ିବେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଛଡ଼ାଯିବାକୁ ଥିବା ବିପୁଳ ପରିମାଣର ବିଷାକ୍ତ ଜଳରେ ରେଡିଓଆକ୍ଟିଭ୍ ଆଇସୋଟୋପ୍ ଯଥା ସେସିୟମ, ଟ୍ରିଟିୟମ, କୋବାଲ୍ଟ ଏବଂ କାର୍ବନ-୧୨ ରହିଛି। ସେଗୁଡ଼ିକ ନଷ୍ଟ ହେବା ଲାଗି ୧୨ରୁ ୩୦ ବର୍ଷ ଲାଗିଯିବ। ଏହି ଜଳ ଯାହା ସଂସ୍ପର୍ଶରେ ଆସିବ ତାକୁ ନଷ୍ଟ କରିବ ଏବଂ ଉପକୂଳ ଦେଶଗୁଡ଼ିକର ମତ୍ସ୍ୟ ଶିଳ୍ପ ସମ୍ବନ୍ଧୀୟ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିବ। ପୂର୍ବରୁ କେବେ ଏତେ ପରିମାଣରେ ରେଡିଓଆକ୍ଟିଭ୍ ଜଳ ସମୁଦ୍ରକୁ ଛଡ଼ାଯାଇ ନ ଥିଲା। ତେଣୁ ଏହା ଏକ ଭୁଲ୍ ପରମ୍ପରା ସୃଷ୍ଟି କରିବ ଏବଂ ଅନ୍ୟ ଦେଶଗୁଡ଼ିକ ମଧ୍ୟ ଭବିଷ୍ୟତରେ ଏଭଳି କାର୍ଯ୍ୟ କରିବା ଲାଗି ପଛାଇବେ ନାହିଁ। ମାନବ ଜାତି ତିଷ୍ଠି ରହିବାକୁ ହେଲେ ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କରେ ଚିନ୍ତା କରାଯିବା ଗୁରୁତ୍ୱପୂର୍ଣ୍ଣ। ଏନେଇ ବିଶ୍ୱସ୍ତରରେ ବିତର୍କ ହେବା ଆବଶ୍ୟକ ବୋଲି ପ୍ରତିରକ୍ଷା ଗବେଷଣା ବିକାଶ ସଂଗଠନ (ଡିଆର୍‌ଡିଓ)ର ସ୍ୱାସ୍ଥ୍ୟ ବିଜ୍ଞାନ ମହାନିର୍ଦ୍ଦେଶକ ଏ.କେ. ସିଂ କହିଛନ୍ତି।



### ବିଶେଷଜ୍ଞ ଉଦ୍‌ବେଗ

### ଏସୀୟ ଉପକୂଳରେ ସୃଷ୍ଟିହେବ ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ

୨୦୧୧ ମାର୍ଚ୍ଚ ୧୧ରେ ୯.୦ ତୀବ୍ରତାର ଭୂକମ୍ପ ସାଙ୍ଗକୁ ୧୫ ମିଟର ଉଚ୍ଚ ସୁନାମି ଆସି ଜାପାନର ଉତ୍ତର-ପୂର୍ବ ଉପକୂଳକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଥିଲା। ଏହି ଭୂକମ୍ପରେ ଫୁକୁସିମାର ୫,୩୦୬ ମେଗାୱାଟ ଆଣବିକ ପ୍ଲାଣ୍ଟ ନଷ୍ଟ ହୋଇଯାଇଥିଲା। ଏହା ବିଶ୍ୱର ଦ୍ୱିତୀୟ ବୃହତ୍ ଆଣବିକ ବିପର୍ଯ୍ୟୟ ଥିଲା। ପ୍ଲାଣ୍ଟର ରିଆକ୍ଟରଗୁଡ଼ିକରୁ ବାହାରିଥିବା ୧୨ ଲକ୍ଷ ଟନ୍ ରେଡିଓଆକ୍ଟିଭ୍ ଜଳକୁ ୧୦୦୦ରୁ ଅଧିକ ଟାଙ୍କିରେ ରଖାଯାଇଛି। ସରକାର ଏହାକୁ ସମୁଦ୍ରକୁ ଛାଡ଼ିଦେବା ଲାଗି ନିଷ୍ପତ୍ତି ନେଇଥିବାରୁ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ପ୍ରଭାବ ସିଧାସଳଖ ମାନବ ଓ ଜଳଜୀବଙ୍କ ଉପରେ ପଡ଼ିବ ବୋଲି ଭାରତ ସରକାରଙ୍କ ଆଣବିକ ସ୍ୱାସ୍ଥ୍ୟ ବିଜ୍ଞାନୀମାନେ କହିଛନ୍ତି। ମାନବ ଶରୀରରେ ଟ୍ରିଟିୟମ ପ୍ରବେଶ କରିବା ସମ୍ଭାବନା ଥିବାରୁ ଏହା ବିଭିନ୍ନ ଅଙ୍ଗରେ ଦୀର୍ଘଦିନ ରହିବ। ରେଡିଓଆକ୍ଟିଭ୍ ଜଳର ଦ୍ୱରିତ୍ ପ୍ରଭାବ ମତ୍ସ୍ୟ ଓ ଅନ୍ୟାନ୍ୟ ଉପକୂଳ ଜଳଜୀବ ଏବଂ ପାନୀୟ ଜଳ ଉପରେ ପଡ଼ିବ। ଶିଳାସ୍ତର ଉପରେ ରେଡିଓଆକ୍ଟିଭ୍ ଉପାଦାନ ମଧ୍ୟ ଜମାହେବ ବୋଲି ବିଶେଷଜ୍ଞ କହିଛନ୍ତି।

ଧରିତ୍ରୀ
DHARITRI
ଗୁରୁବାର, ୧୯ ନଭେମ୍ବର, ୨୦୨୦

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫,୬୧,୮୬,୭୦୭ | ୧୩,୪୮,୧୨୮ | ୩,୯୧,୨୨,୩୯୫ |
| ଭାରତ | ୮୯,୨୫,୪୬୭ | ୧,୩୧,୧୩୦ | ୮୩,୪୬,୩୩୧ |
| ଓଡ଼ିଶା | ୩,୧୦,୯୨୦ | ୧୫୬୫(+୫୩) | ୩,୦୧,୭୬୭ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର



**ସଂକ୍ଷେପରେ**

### ଶୀତ ଗାଏବ: ୧୨ ଜିଲାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ):** ରାଜ୍ୟରେ ଶୀତ ଗାଏବ ହୋଇଯାଇଛି। ଆସନ୍ତା ୨୫ ତାରିଖ ଯାଏ ଶୀତର ଦେଖା ମିଳିବ ନାହିଁ। ଓଡ଼ିଶା ଉପକୂଳରେ ଏକ ଗୁରୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ରାଜ୍ୟ ଭିତରକୁ ଅଧିକ ମାତ୍ରାରେ ଜଳୀୟ ବାଷ୍ପ ପ୍ରବେଶ କରୁଛି। ଫଳରେ ଆକାଶ ମେଘାଚ୍ଛନ୍ନ ରହୁଛି। ବର୍ଷା ପାଇଁ ପାଗ ଅନୁକୂଳ ହେଉ ନାହିଁ। ଏଥିଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ କୁହୁଡ଼ି ସୃଷ୍ଟି ହେବାର ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କନ୍ଧମାଳ ଓ ମୟୂରଭଞ୍ଜ ଜିଲାରେ ପ୍ରବଳ କୁହୁଡ଼ି ହେବାର ସମ୍ଭାବନା ରହିଛି। ରାଜ୍ୟର ଅନ୍ୟାନ୍ୟ ଭାଗରେ ହାଲୁକା କୁହୁଡ଼ି ହେବ। ରାତ୍ରିର ତାପମାତ୍ରାରେ ସେପରି ଉଲ୍ଲେଖନୀୟ ହ୍ରାସ ହେବ ନାହିଁ ବୋଲି ଅନୁମାନ କରାଯାଇଛି। ଗୁରୁଚାପ ଯୋଗୁ କିଛିଦିନ ହେବ ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୧୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

# ବିଷାକ୍ତ ହେଉଛି ଭୂତଳ ଜଳ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ)**

ମାତ୍ରାଧିକ ରାସାୟନିକ ସାର ପ୍ରୟୋଗ, କ୍ଷତିକାରକ ଦ୍ରାବକ, ଶିଳ୍ପାଞ୍ଚଳ ଓ ସହରାଞ୍ଚଳରୁ ବାହାରୁଥିବା ବର୍ଜ୍ୟ ଜଳ ଯୋଗୁ ରାଜ୍ୟର ଭୂତଳ ଜଳ ବିଷାକ୍ତ ହେବାରେ ଲାଗିଛି। ପାଣିରେ ମନୁଷ୍ୟ ଶରୀର ପାଇଁ କ୍ଷତିକାରକ ଫ୍ଲୋରାଇଡ୍, ଇଲେକ୍ଟ୍ରିକାଲ କଣ୍ଡକ୍ଟିଭିଟି, ଜିଙ୍କ, ଟୋଟାଲ କଲିଫର୍ମ, ଆଇରନ, ନାଇଟ୍ରେଟ ଆଦିର ପରିମାଣ ବଢ଼ିବାରେ ଲାଗିଛି। ଏହି କାରଣରୁ ଏକଦା ମିଠା ଲାଗୁଥିବା ପାଣି ଏବେ କ୍ଷାର ଏବଂ ଲବଣାକ୍ତ ହୋଇଛି। ଫଳରେ ୨୭ ସହରାଞ୍ଚଳରେ ଭୂତଳ ଜଳ ଅବସ୍ଥା ସଙ୍ଗିନ ହେଲାଣି। ସେହି ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, କଟକ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ଅନୁଗୋଳ, ତାଳଚେର, ବରଗଡ଼, ପଦ୍ମପୁର, ବରପାଲି, ଟିଟିଲାଗଡ଼, ଆସ୍କା, ଦିଗପହଣ୍ଡି, ହିଞ୍ଜିଳିକାଟୁ, ଝାରସୁଗୁଡ଼ା, ଯୋଡ଼ା, ବାରିପଦା, ନବରଙ୍ଗପୁର, ନୟାଗଡ଼, ଢେଙ୍କାନାଳ, ତରଭା, ସୋନପୁର, ବଲାଙ୍ଗୀର, କେନ୍ଦ୍ରାପଡ଼ା ଏବଂ ପଟ୍ଟାମୁଣ୍ଡାଇ। ବିଶେଷକରି ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲାରେ ସମସ୍ୟା ଅଧିକ ଜଟିଳ ହେବାରେ ଲାଗିଛି। ଏହା ଆଗାମୀ ଦିନରେ ଭୟଙ୍କର ସମସ୍ୟା ସୃଷ୍ଟି କରିବ ବୋଲି ନିକଟରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି, ଖଡ଼ଗପୁର (ଆଇଆଇଟି-ଖଡ଼ଗପୁର), ମୁମ୍ବାଇସ୍ଥିତ ଭାବା ଆଟୋମିକ ରିସର୍ଚ୍ଚ ସେଣ୍ଟର (ବିଏଆର୍‌ସି) ଏବଂ ହୋମି ଭାବା ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟର ଏକ ଟିମ୍ ଦ୍ୱାରା କରାଯାଇଥିବା ସର୍ଭେରୁ ଏହା ସ୍ପଷ୍ଟ ହୋଇଛି। ବିଶେଷଜ୍ଞମାନେ କୂପ, ନଳକୂପର ୨୨ ସ୍ଥାନ ସମେତ ବର୍ଷାଜଳ, ନଦୀ ଏବଂ ଝରଣାରୁ ନମୁନା ସଂଗ୍ରହ କରିଥିଲେ। ପରୀକ୍ଷଣରୁ ଏସବୁ ଜଳ ନମୁନାରେ ମନୁଷ୍ୟ ଶରୀରକୁ କ୍ଷତି ପହଞ୍ଚାଇବା ଭଳି ମାତ୍ରାଧିକ ଫ୍ଲୋରାଇଡ୍ ଏବଂ ନାଇଟ୍ରେଟ୍ ରହୁଥିବା ଜଣାପଡ଼ିଛି। ବର୍ଷାଜଳରେ ଏସିଡ୍ ପରିମାଣ କମ୍ ରହିଥିବା ବେଳେ ଭୂଗର୍ଭ ଜଳରେ ଫ୍ଲୋରାଡ, ଇଲେକ୍ଟ୍ରିକାଲ କଣ୍ଡକ୍ଟିଭିଟି ପରିମାଣ ବେଶି ଥିବା ଏହି ଗବେଷଣାରୁ ଜଣାପଡ଼ିଛି।


ଜଳନମୁନା ସଂଗ୍ରହ କରାଯାଇଥିବା ସ୍ଥାନଗୁଡ଼ିକରେ ଭୂଗର୍ଭ ଜଳରେ ୪୦%ରୁ ଅଧିକ ଫ୍ଲୋରାଇଡ୍ ରହୁଛି। ଏପରିକି କେତେକ ନମୁନାରୁ ଲିଟର ପିଛା ୩.୫ ମିଲିଗ୍ରାମ୍ ଯାଏ ଫ୍ଲୋରାଇଡ୍ ଠାବ କରାଯାଇଛି। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ (ବିଆଇଏସ୍) ମାନକ ଅନୁଯାୟୀ, ୧ ଲିଟର ଜଳରେ ୧ ମିଲିଗ୍ରାମ୍‌ରୁ ଅଧିକ ଫ୍ଲୋରାଇଡ ରହିଲେ ତାହା ଶରୀର ପାଇଁ କ୍ଷତିକାରକ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ୧୧ଟି ସହର ଯଥା ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ପାରାଦୀପ, ସୁକିନ୍ଦା, ଝାରସୁଗୁଡ଼ା, ପୁରୀ, ସମ୍ବଲପୁର ଏବଂ ତାଳଚେରର ୪୮ଟି ସ୍ଥାନରେ ଭୂତଳ ଜଳର ଗୁଣାତ୍ମକମାନକୁ ଏପ୍ରିଲ ଓ ଅକ୍ଟୋବରରେ ନିୟମିତ ଭାବେ ପରୀକ୍ଷା କରାଯାଉଛି। ସେଥିରୁ ୬ଟି ସ୍ଥାନରେ ଅମ୍ଳ, ଗୋଟିଏ ସ୍ଥାନରେ ନାଇଟ୍ରେଟ, ୧୦ଟି ସ୍ଥାନରେ ଲୌହ ଏବଂ ୨୯ଟି ସ୍ଥାନରେ ଟୋଟାଲ କଲିଫର୍ମ ପରିମାଣ ନିର୍ଦ୍ଧାରିତ ମାନକଠାରୁ ଊର୍ଦ୍ଧ୍ୱରେ ରହୁଛି। ପାଣିର ମାନ ଦିନକୁ ଦିନ ବିଗୁଡୁଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ପୃକ୍ତ ପୌରାଞ୍ଚଳର ଅଧିକାରୀ, ଜିଲା ପ୍ରଶାସନ ଓ ଜନସ୍ୱାସ୍ଥ୍ୟ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଥିବା ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ କହିଛନ୍ତି।

ଜଳ ସମ୍ପଦ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୫ଟିରେ ଭୂତଳ ଜଳ ସମସ୍ୟା ଦେଖାଦେଲାଣି। ସମ୍ପୃକ୍ତ ବ୍ଲକଗୁଡ଼ିକ ହେଲା ବାଲେଶ୍ୱର ଜିଲାର ବାହାନଗା, ବାଲିଆପାଳ, ଯାଜପୁରର କୋରେଇ, କେନ୍ଦ୍ରାପଡ଼ାର ଗରଦପୁର ଏବଂ ଖୋର୍ଦ୍ଧାର ବୋଲଗଡ଼। ଏହିସବୁ ବ୍ଲକରେ ୭୦ରୁ ୯୦ ଭାଗ ଭୂତଳ ଜଳ ବ୍ୟବହାର କରାଯାଉଛି। କେବଳ ସେତିକି ନୁହେଁ, ୪୪ ବ୍ଲକରେ ଜଳ ସମସ୍ୟା ଉତ୍କଟ ହେବାକୁ ଯାଉଥିବା ନେଇ ସତର୍କ କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡ଼ିକର କେତେକ ସ୍ଥାନରେ ଜଳ ଲବଣାକ୍ତ ରହୁଥିବା ଗବେଷଣାରୁ ଜଣାପଡ଼ିଛି।

ସହରାଞ୍ଚଳଗୁଡ଼ିକୁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଥିବା ପାନୀୟ ଜଳ ମଧ୍ୟରୁ ୪୦ ପ୍ରତିଶତ ଭୂତଳ ଜଳ। ଏହାଛଡ଼ା ସହରାଞ୍ଚଳରେ ଅନେକ ଲୋକ ନିଜସ୍ୱ ବୋର୍‌ୱେଲ ଜରିଆରେ ପାଣି ଉଠାଉଛନ୍ତି। କେବଳ ସହର ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଭୂତଳ ଜଳ ବ୍ୟବହାର ପରିମାଣ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ଜଳର ମାନ ପରୀକ୍ଷା କରି ବ୍ୟବହାର ଉପଯୋଗୀ କରା ନ ଗଲେ ଆଗକୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

**ନୟାଗଡ଼, ଖୋର୍ଦ୍ଧା ଜିଲାରେ ମାତ୍ରାଧିକ ଫ୍ଲୋରାଇଡ୍**

- ୨୭ ସହରାଞ୍ଚଳରେ ଅବସ୍ଥା ସଙ୍ଗିନ
- ଲିଟର ପିଛା ୧ ମିଲିଗ୍ରାମରୁ କମ୍ ରହିବା କଥା
- ସର୍ବାଧିକ ୩.୫ ମିଲିଗ୍ରାମ୍ ଯାଏ ଠାବ ହୋଇଛି
- ଚିନ୍ତାବ୍ୟକ୍ତ କଲେ ସ୍ୱାସ୍ଥ୍ୟ ବିଶେଷଜ୍ଞ



### କରୋନା ଯୋଦ୍ଧାଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ହସ୍ପିଟାଲ

**ଭୁବନେଶ୍ୱର,୧୮।୧୧(ବ୍ୟୁରୋ):** କରୋନା ଯୋଦ୍ଧାଙ୍କ ଚିକିତ୍ସାକୁ ଅଧିକ ଗୁରୁତ୍ୱ ଦେବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ଆଦିତ୍ୟ ଅଶ୍ୱିନୀ କୋଭିଡ୍-୧୯ ହସ୍ପିଟାଲରେ କରୋନା ସଂକ୍ରମିତ ଡାକ୍ତର ଓ ଅନ୍ୟ କୋଭିଡ୍ ଯୋଦ୍ଧାଙ୍କ ଚିକିତ୍ସା କରାଯିବ। ଏ ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡିଏମ୍‌ଇଟି ଓ ଡିଏଚ୍‌ଏସ୍‌ଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ରାଜ୍ୟରେ କରୋନା ରୋଗୀଙ୍କୁ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ଓ ଅନ୍ୟ କରୋନା ଯୋଦ୍ଧାମାନେ ମଧ୍ୟ କୋଭିଡ୍-୧୯ ଭୂତାଣୁ ଦ୍ୱାରା ସଂକ୍ରମିତ ହେଉଛନ୍ତି। ନିଜ ଜୀବନକୁ ବିପଦରେ ପକାଇ ସେମାନେ କରୋନା ଲଢ଼େଇର ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି। କିନ୍ତୁ କରୋନାରେ ଆକ୍ରାନ୍ତ ହେବାପରେ ସେମାନେ ଡାକ୍ତରଖାନାରେ ଠିକ୍ ସମୟରେ ଶଯ୍ୟା କିମ୍ବା ଚିକିତ୍ସା ପାଇପାରୁନାହାନ୍ତି। ଫଳରେ ସେମାନଙ୍କ ମୃତ୍ୟୁ ହେଉଛି। କରୋନା ଯୋଦ୍ଧାଙ୍କ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ହସ୍ପିଟାଲର ବ୍ୟବସ୍ଥା କରିବାକୁ ଓଡ଼ିଶା ଡାକ୍ତରୀ ସେବା ସଂଘ ଓ ଭାରତୀୟ ମେଡିକାଲ ସଂଘ (ଆଇଏମ୍‌ଏ) ଦାବିକରି ଆସୁଥିଲା। ସରକାରୀ ତଥ୍ୟ ଅନୁସାରେ, ରାଜ୍ୟରେ ଏପର୍ଯ୍ୟନ୍ତ ୧୯ ଡାକ୍ତରଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଡାକ୍ତର ଆକ୍ରାନ୍ତ ହୋଇଛନ୍ତି।

## ବିବାଦୀୟ ଅଞ୍ଚଳରେ ଦୁଇ ଜିଲାର ପ୍ରଶାସନିକ ଅଧିକାରୀ

**ପଟ୍ଟାଙ୍ଗୀ, ୧୮।୧୧(ଡି.ଏନ୍.ଏ.)**

- ସୀମାନ୍ତ ଗ୍ରାମବାସୀଙ୍କ ସହ ଆଲୋଚନା
- ନିଜ ମଧ୍ୟରେ ଶାନ୍ତି ବଜାୟ ରଖିବାକୁ ପରାମର୍ଶ



କୋରାପୁଟ ଓ ବିଶାଖାପାଟଣା ଜିଲା ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

ପଟ୍ଟାଙ୍ଗୀ ବ୍ଲକ ସମ୍ବାଇ ପଞ୍ଚାୟତ ଆନ୍ଧ୍ର ସୀମାନ୍ତ ବିବାଦୀୟ ଅଞ୍ଚଳକୁ ବୁଧବାର କୋରାପୁଟ ଓ ବିଶାଖାପାଟଣା ଜିଲା ପ୍ରଶାସନିକ ଅଧିକାରୀମାନେ ଗସ୍ତକରି ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ଉଭୟ ଜିଲାପାଳଙ୍କ ମଧ୍ୟରେ ସମନ୍ୱୟ ବୈଠକ ନ ହେବା ପର୍ଯ୍ୟନ୍ତ ନିଜ ନିଜ ଭିତରେ ଶାନ୍ତି ବଜାୟ ରଖିବାକୁ ସେମାନେ ଗ୍ରାମବାସୀଙ୍କୁ କହିଛନ୍ତି।

ସୂଚନା ଅନୁଯାୟୀ ବୁଧବାର କୋରାପୁଟ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାଶ, ସାଗରିକା ଷଡ଼ଙ୍ଗୀ ସ୍ଥାନୀୟ ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ବିଳାସ ରାଜ ଭତ୍ରା, ଭାସ୍କର ଡାକୁଆ, ପୁକାଲି ରାଜସ୍ୱ ନିରୀକ୍ଷକ ଶୋଭା ହରିଜନ, ଫରେଷ୍ଟର ପ୍ରକାଶ ରଥ, ପଟ୍ଟାଙ୍ଗୀ ଥାନା ଏସ୍‌ଆଇ ସଞ୍ଜୟ ପଡାସେଠୀ ଘଟଣାସ୍ଥଳକୁ ଯାଇ ସୁନାବେଡା ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସେହିପରି ଆନ୍ଧ୍ରର ପାଡେରୁ ଉପଜିଲାପାଳ ଭେଙ୍କେଟ ଶ୍ୱରେଲୁ, ଡୁମୁରିଗୁଡା ତହସିଲଦାର ଏବଂ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ସହ ସୀମାନ୍ତ ଅଞ୍ଚଳରେ ପହଞ୍ଚିଥିଲେ। ପରେ ଉଭୟ ରାଜ୍ୟର ଅଧିକାରୀମାନେ ସୀମାନ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଉଭୟ ଜିଲାପାଳଙ୍କ ମଧ୍ୟରେ ସମନ୍ୱୟ ବୈଠକ ହୋଇ କୌଣସି ନିଷ୍ପତ୍ତି ନ ନିଆ ଯିବା ପର୍ଯ୍ୟନ୍ତ ନିଜ ନିଜ ମଧ୍ୟରେ ଶାନ୍ତି ବଜାୟ ରଖିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏହାପରେ ଯିବା ଆସିବା ରାସ୍ତାରେ ୧୦ଦିନ ଧରି ପଡି ରହିଥିବା ପଥରକୁ ହଟାଯାଇଥିଲା।

## ୨୦୩୦ରୁ ବ୍ରିଟେନରେ ବିକ୍ରି ହେବନି ପେଟ୍ରୋଲ,ଡିଜେଲ କାର୍

**ନୂଆଦିଲ୍ଲୀ,୧୮।୧୧:** ୨୦୩୦ରୁ ବ୍ରିଟେନରେ ନୂଆ ପେଟ୍ରୋଲ ଏବଂ ଡିଜେଲ କାର ବିକ୍ରି ହେବନାହିଁ। ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନ ଏ ନେଇ ବୁଧବାର ଘୋଷଣା କରିଛନ୍ତି। ଗ୍ରୀନ୍ ଇଣ୍ଡଷ୍ଟ୍ରିଆଲ ରିଭଲ୍ୟୁଶନ ୧୦ ସୂତ୍ରୀ ଯୋଜନା ଅଧୀନ ବ୍ରିଟେନ ସରକାର ଏଭଳି ପଦକ୍ଷେପ ହାତକୁ ନେଇଛନ୍ତି। ଧାର୍ଯ୍ୟ ସମୟସୀମାର ୧୦ ବର୍ଷ ଆଗରୁ ଏଭଳି ପଦକ୍ଷେପ ନେବାକୁ ସେଠାକାର ସରକାର ଅଗ୍ରସର ହୋଇଛନ୍ତି। ସୂଚନାଯୋଗ୍ୟ, ୨୦୩୫ ପର୍ଯ୍ୟନ୍ତ ବ୍ରିଟେନରେ ହାଇବ୍ରିଡ୍ କାର୍ ବିକ୍ରି ହୋଇପାରିବ। ନୂଆ ଯୋଜନା ଲାଗି ସେଠାକାର ସରକାର ୧୫.୯ ବିଲିୟନ ଡଲାର ମୂଲ୍ୟର ରାଶି ଆବଣ୍ଟନ କରିବେ। ସରକାରଙ୍କ ଏହି ଯୋଜନା ଦ୍ୱାରା ୨.୫ ଲକ୍ଷ ନିଯୁକ୍ତିକୁ ବଞ୍ଚାଯାଇ ପାରିବ। ୨୦୫୦ ପର୍ଯ୍ୟନ୍ତ ବ୍ରିଟେନକୁ କାର୍ବନ ନ୍ୟୁଟ୍ରାଲ ଭାବେ ଗଢି ତୋଳିବା ଲାଗି ଏହା ସହାୟକ ହେବ ବୋଲି ସେଠାକାର ସରକାର କହିଛନ୍ତି।

ନୂଆ ଯୋଜନା ଅନ୍ତର୍ଗତ ଗୋଟିଏ ଦଶନ୍ଧି ମଧ୍ୟରେ ସାମୁଦ୍ରିକ ପବନ ଶକ୍ତି କ୍ଷମତାକୁ ୪ ଗୁଣ ବଢାଇବାକୁ ଯୋଜନା ରଖାଯାଇଛି। ସେହିଭଳି କାର୍ବନ କ୍ୟାପ୍‌ଚର ଟେକ୍ନୋଲୋଜିରେ ଲଣ୍ଡନକୁ ଗ୍ରୀନ୍ ଫାଇନାନ୍ସର ଗ୍ଲୋବାଲ ସେଣ୍ଟର ଭାବେ ଗଢିତୋଳିବାର ଯୋଜନା ମଧ୍ୟ ରହିଛି। ଏହାବାଦ ସ୍କଟ୍‌ଲାଣ୍ଡରେ ୱିଣ୍ଡ ଟର୍ବାଇନ, ମିଡ୍ ଲ୍ୟାଣ୍ଡସର ଇଲେକ୍ଟ୍ରିକ କାର, ୱେଲ୍ସର ଅତ୍ୟାଧୁନିକ ଟେକ୍ନୋଲୋଜି ଦ୍ୱାରା ସବୁଜ ବିପ୍ଳବକୁ ଆଗେଇନେବା ଦିଗରେ ବ୍ରିଟେନ ସରକାର କାମ କରୁଛନ୍ତି। ଜିରୋ କିମ୍ବା ଖୁବ୍ କମ୍ ପରିମାଣର ପ୍ରଦୂଷଣ କରୁଥିବା ଯାନ କିଣିବା ଲାଗି ଲୋକଙ୍କୁ ସେଠାକାର ସରକାର ସବ୍‌ସିଡି ପ୍ରଦାନ କରିବେ। ସେହିଭଳି ଘରେ ହାଇଡ୍ରୋଜେନ ବ୍ୟବହାର ମଧ୍ୟ ଗୁରୁତ୍ୱ ଦିଆଯିବ। ସୂଚନାଯୋଗ୍ୟ, ଆସନ୍ତା ବର୍ଷ ୟୁକେରେ ସିଓପି୨୬ ଗ୍ଲୋବାଲ କ୍ଲାଇମେଟ୍ କଂଗ୍ରେସ ଆୟୋଜନ କରାଇବାକୁ ଯୋଜନା ରଖାଯାଇଛି।

## ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଖୋର୍ଦ୍ଧା ଅଫିସ,୧୮।୧୧**

- ୪ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା
- ପୀଡ଼ିତାଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦାବି

ଢେଙ୍କାନାଳ-ଯାଜପୁର ସୀମାନ୍ତ କଙ୍କଡାହାଡ଼ ଥାନା ଖରଖରି ଗ୍ରାମରେ ଜଣେ ୪ବର୍ଷର ଶିଶୁଙ୍କୁ ବଳାତ୍କାର ପରେ ପଥରରେ ଛେଚି ହତ୍ୟା ମାମଲାକୁ ଜାତୀୟ ମାନବାଧିକାର କମିଶନ(ଏନ୍‌ଏଚ୍‌ଆରସି) ଗୁରୁତର ସହିତ ନେଇଛନ୍ତି। ଆସନ୍ତା ଜାନୁୟାରୀ ୮ତାରିଖରେ ଏହି ମାମଲା ଶୁଣାଣି ଲାଗି ଏନ୍‌ଏଚ୍‌ଆରସି ଦିନ ଧାର୍ଯ୍ୟ କରିଛନ୍ତି। ଶୁଣାଣି ପୂର୍ବରୁ ଏହି ମାମଲାର ସବିଶେଷ ରିପୋର୍ଟ ୬ସପ୍ତାହ ମଧ୍ୟରେ କମିଶନଙ୍କ ନିକଟରେ ଦାଖଲ ଲାଗି ଏନଏଚଆରସି ଢେଙ୍କାନାଳ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ପୀଡିତାଙ୍କ ପରିବାରକୁ କ୍ଷତିପୂରଣ ଲାଗି ମାନବାଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବାଧିକାରୀ କମିଶନଙ୍କ ନିକଟରେ ନଭେମ୍ବର ୧୪ରେ ଅଭିଯୋଗ କରିଥିଲେ। ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଲାଗି ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେବାକୁ ଉଲ୍ଲେଖ କରିଛନ୍ତି। ଶିଶୁ ଯୌନ ଶୋଷଣ ପୀଡିତା କ୍ଷତିପୂରଣ ଯୋଜନା ୨୦୧୮ ଅନୁଯାୟୀ ପୀଡିତାଙ୍କ ପରିବାରକୁ ୨୦ଲକ୍ଷ କ୍ଷତିପୂରଣ ଦେବା ଲାଗି ଦାଶ ନିବେଦନ କରିଛନ୍ତି। ପ୍ରକାଶ ଯେ, ପୂର୍ବ ଶତ୍ରୁତାରୁ କେତେଜଣ ବ୍ୟକ୍ତି ନଭେମ୍ବର ୧୩ରେ ଏପରି କାଣ୍ଡ ଘଟାଇଥିବା ମୃତ ଶିଶୁକନ୍ୟାଙ୍କ ବାପା ଅଭିଯୋଗ କରିଥିଲେ। ତେବେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ ସହ ଦୋଷୀଙ୍କୁ ଗିରଫ ଲାଗି ଦାଶ କମିଶନଙ୍କ ନିକଟରେ ଅନୁରୋଧ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ

**ନୂଆଦିଲ୍ଲୀ, ୧୮।୧୧**

**ବିଏସ୍‌ଏଫ୍ ଯବାନଙ୍କ ଆବେଦନ ଉପରେ ରାୟ ସଂରକ୍ଷିତ**

୨୦୧୯ ଲୋକ ସଭା ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତରପ୍ରଦେଶର ବାରାଣସୀ ଆସନରୁ ବିଜୟୀ ହୋଇଥିଲେ। ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ବହିଷ୍କୃତ କନ୍‌ଷ୍ଟେବଲ ତେଜ୍ ବାହାଦୁର ପ୍ରଧାନମନ୍ତ୍ରୀଙ୍କ ବିଜୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସର୍ବୋଚ୍ଚ ଅଦାଲତ ତେଜ୍‌ଙ୍କ ପିଟିଶନର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ମାମଲା ଖୁବ୍ ଗୁରୁତର ହୋଇଥିବାରୁ ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ଏବଂ ଭି. ରାମସୁବ୍ରମଣ୍ୟନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାକୁ ସ୍ଥଗିତ ରଖିବା କିମ୍ବା ଅନ୍ୟ ଖଣ୍ଡପୀଠକୁ ଦେବାକୁ ମନା କରିଦେଇଥିଲେ। ଇତିମଧ୍ୟରେ ଅନେକ ଦିନ ବିତିଗଲାଣି। ତେଣୁ ଶୁଣାଣିର ସମୟ ନ କମାଇବାକୁ ଖଣ୍ଡପୀଠ କହିଥିଲେ।

ତେଜ୍ ପ୍ରଥମେ ଆଲ୍ଲାହାବାଦ ହାଇକୋର୍ଟରେ ପ୍ରଧାନମନ୍ତ୍ରୀଙ୍କ ବିଜୟକୁ ଚ୍ୟାଲେଞ୍ଜ କରିଥିଲେ। ତେବେ ସେ ବାରାଣସୀର ଭୋଟର କିମ୍ବା ପ୍ରାର୍ଥୀ ହୋଇ ନ ଥିବା ଦର୍ଶାଇ ହାଇକୋର୍ଟ ପିଟିଶନକୁ ଖାରଜ କରିଦେଇଥିଲେ। ସୂଚନାଯୋଗ୍ୟ ତେଜ୍ ବାହାଦୁର ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିଲେ। ତେବେ ନିର୍ବାଚନ କମିଶନଙ୍କୁ ଭୁଲ୍ ତଥ୍ୟ ଦେଇଥିବାରୁ ତାଙ୍କ ନାମାଙ୍କନପତ୍ର ଖାରଜ ହୋଇଯାଇଥିଲା। ରାଜନୈତିକ ଚାପ ଓ ପ୍ରଭାବ ଯୋଗୁ ତାଙ୍କ ନାମାଙ୍କନକୁ ଭୁଲ୍‌ରେ ଖାରଜ କରାଯାଇଥିବା ତେଜ୍ ପିଟିଶନରେ ଉଲ୍ଲେଖ କରିଥିଲେ। ତେଣୁ ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣି କରି ଉପଯୁକ୍ତ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ।

## ପଦ, ଗୋପନୀୟତାର ଶପଥ ନେଲେ ୨ ନବ ନିର୍ବାଚିତ ବିଧାୟକ





ବିଧାୟକ ବିଜୟଶଙ୍କର ଦାସ ଓ ସ୍ୱରୂପ କୁମାର ଦାସଙ୍କୁ ବାଚସ୍ପତି ଶତଥପାଠ କରାଉଛନ୍ତି।

**ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)**

ବାଲେଶ୍ୱର ଓ ତିର୍ତ୍ତୋଲ ବିଧାନସଭା ଆସନରୁ ନିକଟରେ ଶେଷ ହୋଇଥିବା ଉପନିର୍ବାଚନରେ ବିଜୟୀ ହୋଇଥିବା ଦୁଇ ବିଧାୟକ ସ୍ୱରୂପ କୁମାର ଦାସ ଏବଂ ବିଜୟ ଶଙ୍କର ଦାସ ଶପଥ ପାଠ କରିଛନ୍ତି। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଏହି ନବ ନିର୍ବାଚିତ ବିଧାୟକଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଉକ୍ତ ଶପଥ ପାଠ ଉତ୍ସବରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉପସ୍ଥିତ ଥିଲେ। ଆସନ୍ତା ଶୀତ ଅଧିବେଶନରେ ଏହି ଦୁଇ ବିଧାୟକ ସାମିଲ ହୋଇପାରିବେ। ସୂଚନାଯୋଗ୍ୟ ଯେ, ଗତ ୩ ତାରିଖରେ ବାଲେଶ୍ୱର ଏବଂ ତିର୍ତ୍ତୋଲ ଆଶନରେ ହୋଇଥିବା ଉପନିର୍ବାଚନରେ ସ୍ୱରୂପ ଏବଂ ବିଜୟ ବିଜୟ ଲାଭ କରିଛନ୍ତି। ଭାଜପା ବିଧାୟକ ତଥା ସ୍ୱର୍ଗତ ମଦନ ମୋହନ ଦତ୍ତଙ୍କ ବିୟୋଗ ପରେ ବାଲେଶ୍ୱରରେ ଉପନିର୍ବାଚନ ଅନୁଷ୍ଠିତ ହୋଇଛି। ସେହିପରି ତିର୍ତ୍ତୋଲ ଆସନରେ ବିଷ୍ଣୁ ଦାସଙ୍କ ବିୟୋଗ ଯୋଗୁ ଉପନିର୍ବାଚନ ହୋଇଛି।

## ଦୋକାନ ଭିତରକୁ ପଶିଲା ଟ୍ରକ୍, ୨ ମୃତ

**କେନ୍ଦୁଝର,୧୮।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)**

**ଉତ୍ତ୍ୟକ୍ତ ଲୋକଙ୍କ ଟାୟାର ଜାଳି ରାସ୍ତାରୋକୋ**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ଶୁଆକାଠି ପାଟେଶ୍ୱର ମନ୍ଦିର ନିକଟରେ ବାଂଶପାଳ- କେନ୍ଦୁଝର ରାସ୍ତାରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ବୁଧବାର ଦୋକାନ ଭିତରେ ପଶି ଯିବାରୁ ମାଲିକଙ୍କ ସମେତ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୩ ଜଣ ଆହତ ହୋଇଛନ୍ତି। ମୃତ ଦୋକାନୀ ହେଲେ ସ୍ଥାନୀୟ ଅଞ୍ଚଳର ଦୋଳଗୋବିନ୍ଦ ସାହୁ। ଅନ୍ୟ ଜଣେ ଟ୍ରକ୍ ହେଲ୍‌ପର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଉକ୍ତ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ୨ଜଣଙ୍କ ମୃତଦେହ ଉଦ୍ଧାର କରିବା ସହ ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌କୁ ଜବତ କରିଛି। ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ଓ ପଥର ରଖି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ସଦରଥାନା ପୋଲିସ ଓ ବାଂଶପାଳ ତହସିଲଦାର ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

ପ୍ରକାଶ ଯେ, ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର ବୋଝେଇକରି ଟ୍ରକ୍‌ଟି (ଓଆର୍‌୦୯ଏମ୍-୬୬୧୭) କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୋକାନ ଭିତରକୁ ମାଡ଼ିଯାଇଥିଲା। ରାସ୍ତାରେ ସ୍କୁଲ, କଲେଜ ରହିଥିବାରୁ ଲୁହାପଥର ପରିବହନ ବନ୍ଦ କରିବାକୁ ଦାବି ହୋଇ ଆସୁଥିଲା। ଏହାକୁ ନେଇ ଆଗରୁ ବାରମ୍ବାର ଆନ୍ଦୋଳନ ହୋଇ ଆସୁଥିଲେ ହେଁ କେହି ଶୁଣି ନ ଥିଲେ। ଫଳରେ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ନାଏବ ସରପଞ୍ଚ ପଞ୍ଚାନନ ବାରିକ କହିଛନ୍ତି। ଏଣୁ ଲୁହାପଥର ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା (ବାଇପାସ୍) ନିର୍ମାଣ ସହ ଲୋକେ କ୍ଷତିପୂରଣ ଦାବି କରିଥିଲେ। ବାଇପାସ୍ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।



ଦୋକାନ ଭିତରକୁ ପଶିଯାଇଥିବା ଟ୍ରକ୍।

## ବିହାର ମନ୍ତ୍ରିମଣ୍ଡଳରେ ୧୩ କୋଟିପତି

**ପାଟନା/ନୂଆଦିଲ୍ଲୀ, ୧୮।୧୧**

**୮ ଜଣଙ୍କ ବିରୋଧରେ ଆପରାଧିକ ମାମଲା**

ବିହାର ମନ୍ତ୍ରିମଣ୍ଡଳର ୧୫ ସଦସ୍ୟଙ୍କ ମଧ୍ୟରୁ ୧୩ ଜଣ କୋଟିପତି। ଏମାନଙ୍କ ମଧ୍ୟରେ ଭାଜପାର ୬, ଜେଡିୟୁର ୫, ହାମ୍ ଓ ଭିଆଇପିର ଜଣେ ଲେଖାଏ ସଦସ୍ୟ ଅଛନ୍ତି। ସତ୍ୟପାଠକୁ ଆଧାରକରି ବିହାର ଇଲେକ୍ସନ ୱାଚ୍ ଓ ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଏହା କୁହାଯାଇଛି। ସବୁଠାରୁ ଧନୀ ମନ୍ତ୍ରୀ ହୋଇଛନ୍ତି ତାରପୁର ବିଧାୟକ ମେୱାଲାଲ୍ ଚୌଧୁରୀ। ତାଙ୍କ ସମ୍ପତ୍ତିର ମୂଲ୍ୟ ୧୨.୩୧ କୋଟି ଟଙ୍କା ହୋଇଥିବାବେଳେ ଅଶୋକ ଚୌଧୁରୀଙ୍କ ସମ୍ପତ୍ତିର ମୂଲ୍ୟ ମାତ୍ର ୭୨.୮୯ ଲକ୍ଷ ଟଙ୍କା (ସର୍ବନିମ୍ନ) ରହିଛି।

୪ ମନ୍ତ୍ରୀ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ୮ମରୁ ଦ୍ୱାଦଶ ବୋଲି ଦର୍ଶାଇଥିବାବେଳେ ୧୦ ଜଣ ସ୍ନାତକ ଓ ତା'ଠାରୁ ଅଧିକ ବୋଲି କହିଛନ୍ତି। ୬ ମନ୍ତ୍ରୀଙ୍କ ବୟସ ୪୧ରୁ ୫୦ ମଧ୍ୟରେ ହୋଇଥିବାବେଳେ ୮ ମନ୍ତ୍ରୀଙ୍କ ବୟସ ୫୧ରୁ ୭୫ ବର୍ଷ ବୋଲି ଦର୍ଶାଯାଇଛି।

ସେହିଭଳି ବିହାର ମନ୍ତ୍ରୀଙ୍କ ମଧ୍ୟରୁ ୮(୫୭%) ଜଣଙ୍କ ବିରୋଧରେ ଆପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୬(୪୩%)ଙ୍କ ବିରୋଧରେ ସଙ୍ଗିନ ମାମଲା ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ୮ ମନ୍ତ୍ରୀଙ୍କ ମଧ୍ୟରେ ଭାଜପାର ୪, ଜେଡିୟୁର ୨, ହାମ୍ ଓ ଭିଆଇପିର ଜଣେ ଲେଖାଏ ମନ୍ତ୍ରୀ ଅଛନ୍ତି। ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ମୁକେଶ ସାହାଣୀଙ୍କ ବିରୋଧରେ ୫ ଆପରାଧିକ ମାମଲା ଓ ୩ ସଙ୍ଗିନ ମାମଲା ରହିଛି। ସେହିଭଳି ଶିକ୍ଷାମନ୍ତ୍ରୀ ମେୱାଲାଲ୍ ଚୌଧୁରୀ ବିହାର କୃଷି ବିଶ୍ୱବିଦ୍ୟାଳୟର କୁଳପତି ଥିବାବେଳେ ଦୁର୍ନୀତି ମାମଲାରେ ଫସିଥିଲେ। ଏଥିସହ ଅନ୍ୟ ୩ ସଙ୍ଗିନ ଆପରାଧିକ ମାମଲା ତାଙ୍କ ବିରୋଧରେ ରହିଛି। ଭାଜପାର ଜୀବେଶ କୁମାରଙ୍କ ବିରୋଧରେ ୫ ଆପରାଧିକ ମାମଲା ଓ ୪ ସଙ୍ଗିନ ମାମଲା ରହିଛି। ଅନ୍ୟ ୫ ଜଣ ମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ବିଭିନ୍ନ ଆପରାଧିକ ମାମଲା ଥିବା ଦର୍ଶାଯାଇଛି।

ପୂର୍ବରୁ ଏଡିଆର୍ ରିପୋର୍ଟରେ ନବନିର୍ବାଚିତ ନେତାଙ୍କ ମଧ୍ୟରୁ ୧୬୩(୬୮%)ଙ୍କ ବିରୋଧରେ ଆପରାଧିକ ମାମଲା ଥିବା ଦର୍ଶାଯାଇଥିଲା। ୯ ଜଣଙ୍କ ବିରୋଧରେ ହତ୍ୟା ମାମଲା, ୩୧ ଜଣଙ୍କ ବିରୋଧରେ ହତ୍ୟା ଉଦ୍ୟମ ମାମଲା, ୮ ଜଣଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧ ମାମଲା ଥିବା ପ୍ରକାଶ କରାଯାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..............................



ସାର୍ଥକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଉଜୁଡ଼ିଲା ଧାନ ଚାଷ,...

୧୨୦ଦିନ ଅତିକ୍ରାନ୍ତ ହୋଇଥିବାରୁ କୃଷି ବିଭାଗ ହାତ ଟେକି ଦେଇଛି। ବର୍ତ୍ତମାନ ରୋଗ ଚରମ ସୀମାରେ ପହଞ୍ଚିଥିବାରୁ ଏହାର ପ୍ରତିକାର ସମ୍ଭବ ନୁହେଁ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଏବେ ଏହି ସମସ୍ୟା କେବଳ ଜଗତ୍‌ସିଂହପୁର ନୁହେଁ ରାଜ୍ୟର ଏକାଧିକ ଜିଲାରେ ଦେଖା ଦେଇଥିବା ଅଭିଯୋଗ ହେଉଛି।

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ଅଳା ପଞ୍ଚାୟତର ଶ୍ରୀଧର ସାହୁଙ୍କ କହିବା କଥା ହେଲା, ସେ ବିଶିପିତଳ ସେବା ସମବାୟ ସମିତିରୁ ୨୦କିଲୋ ଆର୍‌ଜିଏଲ୍-୨୫୩୭ ବିହନ ପ୍ୟାକେଟ୍ କିଣିଥିଲେ। ଗତ ଜୁନ ୨୮ରେ ତଳି ପକାଇ ଜୁଲାଇ ୨୨ରେ ରୋଇଥିଲେ। ଏହି ଧାନ ୧୪୫ରୁ ୧୫୫ ଦିନ ମଧ୍ୟରେ ଅମଳ ହେବା କଥା। ଆରମ୍ଭରୁ ସବୁକିଛି ଠିକ୍‌ଠାକ ଥିଲା। କିନ୍ତୁ ୨୦ଦିନ ପୂର୍ବେ ଅର୍ଥାତ୍ ଥୋଡ଼ ବାହାରିବା ପୂର୍ବରୁ ଧାନଗଛରେ ପତ୍ରପୋଡ଼ା ଆରମ୍ଭ ହୋଇଥିଲା। ଏପରିକି କିଆରିର କେତେକ ସ୍ଥାନରେ ଗୋଲ ଆକାରରେ ପତ୍ର ପୋଡ଼ିଯିବା ଆରମ୍ଭ କରିଥିବା ଶ୍ରୀଧର କହିଛନ୍ତି। ଉକ୍ତ ଗ୍ରାମର ନବକିଶୋର ସେନାପତିଙ୍କ କହିବା କଥା ହେଲା ସେ ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରୁ ୧କୁଇଣ୍ଟାଲ ସାରଳା ବିହନ କିଣିଥିଲେ। ତାଙ୍କର ମଧ୍ୟ ସମାନ ଅବସ୍ଥା। ଧାନ ପାଚିଯିବା ସମୟ ଆସିଥିଲେ ମଧ୍ୟ ପିଲ କେଣ୍ଡା ନ ବାହାରିବା ଚିନ୍ତାର କାରଣ ହୋଇଛି ବୋଲି କହିଛନ୍ତି। ଏହିଭଳି ଶତାଧିକ ଚାଷୀ ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏହି ପଞ୍ଚାୟତ ସମେତ ସିଙ୍ଗାରପୁର, ମଣ୍ଡାସାହି, ମଧୁସୂଦନପୁର, ସମଙ୍ଗ, ପଳାଶୋଳ ଆଦି ପଞ୍ଚାୟତର ମଧ୍ୟ ଅନେକ ଚାଷୀ ପ୍ରଭାବିତ ହୋଇଛନ୍ତି । ଏସମ୍ପର୍କରେ ଅଭିଯୋଗ ହେଲା ପରେ ନିମକଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ବିଶ୍ୱରଞ୍ଜନ ପଟ୍ଟନାୟକ, ରୋଗପୋକ ବିଶେଷଜ୍ଞ ବିଜୟ କୁମାର ରାଉତରାରାୟ, ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ମହାପାତ୍ର, ଜଗତ୍‌ସିଂହପୁର ବ୍ଲକ କୃଷି ଅଧିକାରୀ ରମେଶ ଚନ୍ଦ୍ର ନନ୍ଦ, ସହକାରୀ କୃଷି ଅଧିକାରିଣୀ ସୁଜାତା ପାତ୍ର ପ୍ରମୁଖ ଅଳା ପଞ୍ଚାୟତ ମଙ୍ଗଳବାର ଅପରାହ୍ନରେ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବୈଜ୍ଞାନିକ ପଟ୍ଟନାୟକ ଓ ରୋଗପୋକ ବିଶେଷଜ୍ଞ ରାଉତରାୟଙ୍କ କହିବା କଥା ହେଲା ସାଧାରଣତଃ ଗୋଟିଏ ଗଛରେ ୧୪ରୁ ୧୮ଟି କେଣ୍ଡା ହୋଇଥାଏ। କିନ୍ତୁ ଅଳାରେ ପିଲ କେଣ୍ଡା ବାହାରୁ ନାହିଁ ଅର୍ଥାତ୍ ଧାନ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଧାନ କ୍ଷୀର ଢୋକି ସାରିଲାଣି। କେଣ୍ଡାରେ ଧାନ କମ୍ ଦେଖାଯାଉଛି ଯାହାକି ଆଗକୁ ଅଗାଡ଼ି ହେବାର ସମ୍ଭାବନା ଅଧିକ। ଏହା ଏକ ଫିମ୍ପି ଜାତୀୟ ଅର୍ଥାତ୍ ପତ୍ରଚିତା ରୋଗ। ଏହି ରୋଗ ଯେ କୌଣସି ସମୟରେ ହୋଇପାରେ। ବିହନ ବିଶୋଧକ ମିଶାଯାଇ ନ ଥିଲେ ଏଭଳି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥାଏ। ଅନ୍ୟପଟେ ପିଲ ଦେବା ସମୟରେ ସର୍ବାଙ୍ଗଭେଦୀ ଫିମ୍ପି ନାଶକ ସିଞ୍ଚନ କରିବା ଜରୁରୀ। ଯାହା ଚାଷୀମାନେ କରି ନାହାନ୍ତି। ଏହା ୭ ଦିନ ଅନ୍ତରରେ ୨ଥର ସିଞ୍ଚନ କରିଥିଲେ ଏଭଳି ସମସ୍ୟା ଉପୁଜି ନ ଥାନ୍ତା। ବର୍ତ୍ତମାନ ରୋଗ ଚରମ ସୀମାରେ ପହଞ୍ଚିଥିବାରୁ ଏହାର ପ୍ରତିକାର ସମ୍ଭବ ନୁହେଁ ବୋଲି ରାଉତରାୟ କହିଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ମହାପାତ୍ର କହିଛନ୍ତି, ପୂଜା, ସିଆର୍ ୧୦୧୮ ଆଦି କିସମ ପରି ସାରଳା ଓ ଆର୍‌ଜିଏଲ୍-୨୫୩୭ ବିହନର ରୋଗ ପ୍ରତିରୋଧକ ଶକ୍ତି ନାହିଁ। ସେହିପରି ଚାଷୀମାନେ କିଆରିରେ ୫/୬ ଫୁଟ ଛାଡ଼ି ୧.୫ ଫୁଟର ରାସ୍ତା ଛାଡ଼ିବା କଥା। ଏହା ହୋଇଥିଲେ ରୋଗପୋକ କମିବା ସାଙ୍ଗକୁ ପବନ ସହଜରେ ଯାତାୟାତ ହୋଇପାରିଥାନ୍ତା। ଏବେ ଯେଉଁ ପତ୍ରଚିତା ରୋଗ ହୋଇଛି ଏହି ରାସ୍ତା ଦେଇ କବକ ନାଶକ ସିଞ୍ଚନ କରିବା ସମ୍ଭବ ହୋଇଥାନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଓଡ଼ିଶା ରାଜ୍ୟ ବିହନ ନିଗମ ବିହନ ଉତ୍ପାଦନ ପରିଚାଳକ ଆଦିତ୍ୟ କୁମାର ପଣ୍ଡା କହିଛନ୍ତି, ବିହନରେ ବିଶୋଧକ ପ୍ୟାକେଟ୍ ଥାଏ। ଚାଷୀ ତଳି ପକାଇବା ପୂର୍ବରୁ ବିଶୋଧକ ମିଶାଇବା କଥା। ଏହି ବିଶୋଧକ ୩୦ ଦିନ ପର୍ଯ୍ୟନ୍ତ କାମ କରିଥାଏ। ତା' ପରେ କିଛି ଅସୁବିଧା ହେଲେ ଚାଷୀ ସଙ୍ଗେସଙ୍ଗେ କୃଷି ବିଭାଗ କର୍ମଚାରୀଙ୍କ ପରାମର୍ଶ ନେବା କଥା। କିନ୍ତୁ ଚାଷୀ ତାହା ନ କଲେ ସମସ୍ୟା ଦେଖାଦେବା ସ୍ୱାଭାବିକ ବୋଲି ପଣ୍ଡା କହିଛନ୍ତି।

### ଚୂଡ଼ାନ୍ତ ପରୀକ୍ଷାରେ ଫାଇଜର ...

ସେଲ୍‌ସିୟସ୍ ତାପମାତ୍ରାରେ ରଖିବା ଆବଶ୍ୟକ। ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର ବେଳେ ମଧ୍ୟ ଏହି ଟିକାକୁ -୭୦ ଡିଗ୍ରୀ ତାପମାତ୍ରାରେ ରଖାଯିବା ଜରୁରୀ। ଅନ୍ୟପକ୍ଷରେ ମଡର୍ନା ଭାକ୍ସିନ୍‌କୁ ବିୟୁକ୍ତ ୨୦ ଡିଗ୍ରୀ ସେଲ୍‌ସିୟସ୍‌ରେ ରଖାଯାଇପାରିବ ବୋଲି ବିଶେଷଜ୍ଞମାନଙ୍କଠାରୁ ଜଣାପଡ଼ିଛି। ଏନେଇ ନୀତି ଆୟୋଗ ସଦସ୍ୟ ତଥା ଭାରତର କୋଭିଡ୍-୧୯ ଜାତୀୟ ଟାସ୍କଫୋର୍ସ ମୁଖ୍ୟ ଡ. ଭି.କେ. ପଲ୍ କହିଛନ୍ତି, ଫାଇଜର ଟିକାକୁ ସଂରକ୍ଷିତ କରି ରଖିବା ଲାଗି -୭୦ ଡିଗ୍ରୀ ତାପମାତ୍ରା ଆବଶ୍ୟକ ହେଉଥିବାରୁ ତାହା ଏକ ବଡ଼ ଚ୍ୟାଲେଞ୍ଜ। ଏଭଳି ତାପମାତ୍ରାର ବ୍ୟବସ୍ଥା କରିବା କୌଣସି ଦେଶ ପକ୍ଷେ ସହଜ ନୁହେଁ ବୋଲି ପଲ୍ କହିଛନ୍ତି।

ଫାଇଜର ପକ୍ଷରୁ କୁହାଯାଇଛି ଯେ, ୧୭୦ କରୋନା ରୋଗୀଙ୍କୁ ବିଏନ୍‌ଟି୧୬୨ବି୨ ଟିକାର ପ୍ରଥମ ଡୋଜ୍ ଦିଆଯିବାର ୨୮ ଦିନ ପରେ ଏହାର ପ୍ରଭାବ ଅନୁଧ୍ୟାନ କରାଯାଇଥିଲା। ଉକ୍ତ ପରୀକ୍ଷାରୁ ଟିକା ୯୫ ପ୍ରତିଶତ ଫଳପ୍ରଦ ହୋଇଥିବା ସ୍ପଷ୍ଟ ହୋଇଛି। ଜରୁରୀ ବ୍ୟବହାର ସ୍ୱୀକୃତି (ଇୟୁଏ) ଲାଗି ଆମେରିକା ଏଫ୍‌ଡିଏ ଆବଶ୍ୟକ କରୁଥିବା ସୁରକ୍ଷା ମାଇଲଖୁଣ୍ଟକୁ ଏହା ହାସଲ କରିପାରିଥିବା ଫାଇଜର କହିଛି। ଇୟୁଏ ପାଇଁ କମ୍ପାନୀ ଏଫ୍‌ଡିଏ ନିକଟରେ ଖୁବ୍‌ଶୀଘ୍ର ଆବେଦନ କରିବାକୁ ଯୋଜନା ରଖିଛି। କରୋନା ମହାମାରୀର ଅନ୍ତ ଘଟାଇବାରେ ଏହି ଟିକା ସହାୟକ ହେବ ବୋଲି ଫାଇଜର ସିଇଓ ଆଲବର୍ଟ ବୌର୍ଲା କହିଛନ୍ତି। ପୂର୍ବରୁ କମ୍ପାନୀ ପକ୍ଷରୁ ଟିକାର ପ୍ରାରମ୍ଭିକ ଫଳାଫଳରେ ୯୦ ପ୍ରତିଶତ ସଫଳତା ମିଳିଥିବା ଘୋଷଣା କରାଯାଇଥିଲା।

କରୋନା ଟିକାକୁ ସାରା ବିଶ୍ୱ ଅପେକ୍ଷା କରିଥିବାବେଳେ ଏହାର ସଫଳତାକୁ ନେଇ ବିଭିନ୍ନ କମ୍ପାନୀ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ମଡର୍ନା ପ୍ରସ୍ତୁତ ଟିକା ୯୪.୫ ପ୍ରତିଶତ ସଫଳ ବୋଲି ମାସାଚୁସେଟ୍ସର ବାୟୋଟେକ୍ କମ୍ପାନୀ ପକ୍ଷରୁ ଗତ ସୋମବାର ଘୋଷଣା କରାଯାଇଥିଲା। ୩୦ ହଜାର ଲୋକଙ୍କ ଉପରେ ପରୀକ୍ଷା କରାଯିବା ପରେ ଫଳାଫଳ ସାମ୍ନାକୁ ଆସିଥିବା କମ୍ପାନୀ କହିଥିଲା। ସେପଟେ ରୁଷିଆ ପ୍ରସ୍ତୁତ ସ୍ପୁଟ୍‌ନିକ୍-ଭି ଟିକା ତୃତୀୟ ପର୍ଯ୍ୟାୟ ପରୀକ୍ଷାର ପ୍ରାରମ୍ଭିକ ଫଳାଫଳ ଅନୁଯାୟୀ ଏହା ୯୨ ପ୍ରତିଶତ ସଫଳ ବୋଲି ମସ୍କୋ ପକ୍ଷରୁ କୁହାଯାଇଥିଲା। ଚାଇନା ମଧ୍ୟ ଏହାର ଟିକା ଫଳପ୍ରଦ ବୋଲି ବୁଧବାର ଦାବି କରିଛି। ଏହାର କରୋନାଭାକ୍ ପ୍ରାରମ୍ଭିକ ପରୀକ୍ଷାରେ ନିରାପଦ ସାବ୍ୟସ୍ତ ହୋଇଛି। ପରୀକ୍ଷାରେ ସାମିଲ ହୋଇଥିବା ୧୮ରୁ ୫୯ ବର୍ଷ ବୟସର ସ୍ୱେଚ୍ଛାସେବୀଙ୍କଠାରେ ଏହା ଆଣ୍ଟିବଡି ପ୍ରସ୍ତୁତ କରିବାରେ ସଫଳ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି। ୧୪ ଦିନ ବ୍ୟବଧାନରେ ଟିକାର ଦୁଇଟି ଡୋଜ୍ ଦିଆଯାଇଥିଲା ଓ ୨୮ ଦିନରେ ଫଳାଫଳ ଜଣାପଡ଼ିଛି।

### ସ୍ୱାସ୍ଥ୍ୟକର୍ମୀ, ଗର୍ଭବତୀ, ...

କୋଭିଡ୍-୧୯ର ଦ୍ୱିତୀୟ ଲହର ଆରମ୍ଭ ହୋଇଛି। ଗୋଟିଏ ମାସରେ ଆମେରିକାରେ ସଂକ୍ରମଣ ୩ ଗୁଣା ବୃଦ୍ଧି ଘଟିବା ରୋଗର ଗୁରୁତର ଦିଗକୁ ସୂଚାଉଛି। ଶୀତ ବଢ଼ିଲେ ସଂକ୍ରମଣ ବୃଦ୍ଧି ଘଟିବା ଆଶଙ୍କା ରହିଛି। ଏହାକୁ ନଜରରେ ରଖି କୋଭିଡ୍ ହସ୍ପିଟାଲର ଆଇସିୟୁଗୁଡ଼ିକୁ କାର୍ଯ୍ୟକ୍ଷମ ରଖାଯାଇଛି। ଆଗୁଆ ଯୋଜନା, ଭିତ୍ତିଭୂମି ସୃଷ୍ଟି, ଦକ୍ଷତାର ଉପଯୋଗ ଏବଂ ବିଭିନ୍ନ ସ୍ତରରେ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱାରା ରାଜ୍ୟରେ ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରିଛି। ଟିକାକରଣରେ ଏହି ଅନୁଭବ ଉପଯୋଗ କରିବାର ଆବଶ୍ୟକତା ରହିଛି। ଲୋକଙ୍କ ଜୀବନ ଜୀବିକା ଯେପରି ବ୍ୟାହତ ନ ହେବ ସେ ଦିଗରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନିକ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

କରୋନା ସମୟରେ ସମାନ୍ତରାଳ ଭାବେ ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା କିପରି ପରିଚାଳନା କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ଦିଗରେ ଭାରତ ସରକାର ଓ ଅନ୍ୟ ରାଜ୍ୟମାନେ କ'ଣ ପଦକ୍ଷେପ ନେଉଛନ୍ତି ତାକୁ ମଧ୍ୟ ବିଚାରକୁ ନେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ବର୍ଷ ଓଡ଼ିଶା ଜାତୀୟସ୍ତରରେ ଶ୍ରେଷ୍ଠ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନକାରୀ ରାଜ୍ୟ ଭାବରେ ବିବେଚିତ ହୋଇଛି। କଳାହାଣ୍ଡି ଜିଲା ବେଷ୍ଟ ଇନ୍‌ଲାଣ୍ଡ ଜିଲା ଭାବେ ପୁରସ୍କାର ପାଉଥିବାରୁ ମୁଖ୍ୟମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠା ଯୋଗୁ ଓଡ଼ିଶାର କରୋନା ଆରୋଗ୍ୟଙ୍କ ସଂଖ୍ୟା ୩ ଲକ୍ଷରେ ପହଞ୍ଚିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ ଶୀତରତୁରେ ସଂକ୍ରମଣ ନିୟନ୍ତ୍ରଣ ପାଇଁ କରାଯାଇଥିବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଶୃଙ୍ଖଳିତ ଟିକାକରଣ ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା ରବି ଫସଲ, ମାଛ, କୁକୁଡ଼ା ଚାଷ ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସମବାୟ ସଚିବ ସତ୍ୟବ୍ରତ ସାହୁ ଖରିଫ ଧାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଧାନ ବିକିବା ପାଇଁ ୧୪ ଲକ୍ଷ ୯୭ ହଜାର ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ବରଗଡ଼, ସମ୍ବଲପୁର, କଳାହାଣ୍ଡି ଜିଲାରେ ଧାନସଂଗ୍ରହ ଆରମ୍ଭ ହୋଇଛି। ଡିସେମ୍ବର ସୁଦ୍ଧା ସବୁ ଜିଲାରେ ଧାନ ସଂଗ୍ରହ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଏ ବର୍ଷ ରାଜ୍ୟରେ ପ୍ରଚୁର ଫସଲ ହୋଇଛି। ଅନ୍ୟ ରାଜ୍ୟର ଅସାଧୁ ବ୍ୟବସାୟୀ ଯେପରି ଏହାର ଫାଇଦା ନ ନେବେ ସେ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର, ପୋଲିସ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଅଂଶଗ୍ରହଣ କରିଥିଲେ।

### ଶୀତ ଅଧିବେଶନରେ ...

ପ୍ରଶ୍ନ ଉଠାଇଛନ୍ତି। ସର୍ବଦଳୀୟ ବୈଠକର ପ୍ରାରମ୍ଭରେ ବାଚସ୍ପତି ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସ୍ୱାଗତ କରି ଆସନ୍ତା ୨୦ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ସବୁ ଦଳର ସକ୍ରିୟ ସହଯୋଗ କାମନା କରିଥିଲେ। କରୋନାର ଭୟାବହତା ଏବଂ ଶୀତରେ ଅଧିକ ସଂକ୍ରମଣର ଆଶଙ୍କା ଥିବାରୁ ବିଧାନସଭା ଅଧିବେଶନ କାଳରେ ସମସ୍ତ ପ୍ରକାର ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉଥିବା ବାଚସ୍ପତି ସୂଚନା ଦେଇଛନ୍ତି। ଏହି ଅବସରରେ ବାଚସ୍ପତି କହିଛନ୍ତି, ୪୦ଦିନ ଧରି ଚାଲିବାକୁ ଥିବା ଏହି ଅଧିବେଶନରେ କୌଣସି ତାରକା ପ୍ରଶ୍ନ ରହିବନାହିଁ। ଅଣତାରକା ପ୍ରଶ୍ନଗୁଡ଼ିକର ଉତ୍ତର ବିଧାନସଭା ସଭ୍ୟଙ୍କୁ ଡାକରେ ଯୋଗାଇ ଦିଆଯିବ। ପ୍ରଥମ ଦିବସରେ ଅତିରିକ୍ତ ବଜେଟ ଆଗତ ହେବ। ନଭେମ୍ବର ୨୬,୨୭ ଏବଂ ୨୮ରେ ଖର୍ଚ୍ଚଦାବି ଉପରେ ଆଲୋଚନା, ୨୯ରେ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବ। ବୟସାଧିକ କିମ୍ବା ରକ୍ତଚାପ, ମଧୁମେହ ଇତ୍ୟାଦି ରୋଗରେ ପୀଡ଼ିତ ବିଧାୟକମାନେ ଯଦି ଚାହିଁବେ ବିଧାନସଭା ନ ଆସି ଓକାକ୍ ଭୁବନେଶ୍ୱର, ଲୋକସେବା ଭବନ ସମ୍ମିଳନୀ କକ୍ଷ, ଜିଲା ମୁଖ୍ୟ କାର୍ଯ୍ୟାଳୟରେ ଅବସ୍ଥିତ ଭିଡ଼ିଓ କନ୍‌ଫରେନ୍ସ ହଲ୍‌ରେ ରହି ଆଲୋଚନାରେ ଭାଗ ନେଇପାରିବେ। ଗତଥର ଭଳି ଚଳିତ ଅଧିବେଶନରେ ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସ୍ୱତନ୍ତ୍ର ପାସ୍ ଦିଆଯିବ। ବିଧାୟକଙ୍କ ଦ୍ୱାରା ପ୍ରାଧିକୃତ ବିନା ଅନ୍ୟ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ଲବି ପାସ୍ ପ୍ରଦାନ କରାଯିବ ନାହିଁ। ଅଧିବେଶନ ଶେଷହେବା ପରଦିନ ସମସ୍ତ ବିଧାୟକ ଏବଂ ଅନ୍ୟ ସପୋର୍ଟ ଷ୍ଟାଫ୍‌ଙ୍କ କରୋନା ଟେଷ୍ଟ କରାଯିବ ବୋଲି ସେ କହିଛନ୍ତି।

ବାଚସ୍ପତି ଆହୁରି କହିଛନ୍ତି, ସମସ୍ତ ମନ୍ତ୍ରୀ, ବିଧାୟକ, ଓଡ଼ିଶା ବିଧାନସଭା ସଚିବାଳୟର କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସପୋର୍ଟ ଷ୍ଟାଫଙ୍କ କରୋନା ଟେଷ୍ଟ ଚାଲିଛି। ରିପୋର୍ଟ ନେଗେଟିଭ୍ ଆସିଲେ ହିଁ ଗୃହ ଭିତରକୁ ଆସିବାକୁ ଅନୁମତି ମିଳିବ। ୪ ଫୁଟ ବ୍ୟବଧାନରେ ଆସନ ବ୍ୟବସ୍ଥା ସହ ପ୍ରତ୍ୟେକ ସଭ୍ୟଙ୍କ ଆସନ ସମ୍ମୁଖରେ ଗ୍ଲାସ୍ ଲାଗିବା ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ଦିନ ୨ଥର ବିଧାନସଭା ପ୍ରକୋଷ୍ଠକୁ ସାନିଟାଇଜ୍ କରାଯିବ । ଶନିବାର ଏବଂ ରବିବାର ମଧ୍ୟ ଗୃହ କାର୍ଯ୍ୟ ଚାଲିବ। ବିଧାନସଭା ଆରମ୍ଭ ଦିବସ ୧୧ଟାରୁ ଥିବାବେଳେ ଅନ୍ୟ ଦିବସଗୁଡ଼ିକରେ ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୧ଟା ଏବଂ ଦ୍ୱିତୀୟ ପର୍ଯ୍ୟାୟ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ଚାଲିବ ବୋଲି ସେ କହିଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି, ପ୍ରତିଦିନ ବିଧାନସଭା ସାଢେ ୪ ଘଣ୍ଟା ଚାଲିବ, ସେଥିରେ କାହାକୁ କରୋନା ହେବନାହିଁ। ପ୍ରଶ୍ନକାଳ ଲାଗି ଆଉ ଘଣ୍ଟାଏ ବଢ଼ିଗଲେ କ'ଣ କରୋନା ସଂକ୍ରମଣ ବଢ଼ିଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଏଭଳି ନିଷ୍ପତ୍ତି ଅଗଣତାନ୍ତ୍ରିକ। ପ୍ରଶ୍ନ ନ ନେବା ଆଗରୁ ପ୍ରଶ୍ନକାଳ ବାତିଲ କରାଯିବା ସମ୍ବିଧାନ ବିରୋଧୀ ବେଆଇନ କାର୍ଯ୍ୟ। ଆମେ ଏହାକୁ ଦୃଢ଼ ପ୍ରତିବାଦ କରୁଛୁ। ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଅର୍ଥ ଏବଂ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ବିଧାୟକ ଦେବୀ ପ୍ରସାଦ ମିଶ୍ର, ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଡିଏନ୍‌ଏ ଟେଷ୍ଟ ବୈଧ ...

ସାମ୍ନାକୁ ଆସିଥିଲା। ଉତ୍ତର ପ୍ରଦେଶର ବାନ୍ଦା ଅଞ୍ଚଳରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କ ଚରିତ୍ର ଉପରେ ସନ୍ଦେହ କରିଥିଲେ। ସେ ତାଙ୍କ ମୁଣ୍ଡ କାଟିବା ପରେ ତାକୁ ଧରି ଥାନାରେ ଆତ୍ମସମର୍ପଣ ପାଇଁ ପହଞ୍ଚିଥିଲେ। ବ୍ୟକ୍ତି ଜଣକ ରକ୍ତ ଜୁଡୁବୁଡୁ କଟାମୁଣ୍ଡ ଧରି ଯାଉଥିବାବେଳର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଚକିତ କରିଦେବା ଭଳି ଆଉ ଏକ ଘଟଣା ୨୦୨୦ ଜୁଲାଇରେ ଆସିଥିଲା। ଛତିଶଗଡ଼ ସଶସ୍ତ୍ର ବଳ (ସିଏଏଫ୍)ର ଜଣେ ଯବାନ ନିଜ ସ୍ତ୍ରୀଙ୍କ ବିବାହ ବହିର୍ଭୂତ ସମ୍ପର୍କ ଥିବା ସନ୍ଦେହ କରିବା ପରେ ତାଙ୍କର ସମ୍ବେଦନଶୀଳ ଅଙ୍ଗରେ ବିଦ୍ୟୁତ୍ ଆଘାତ ଦେଇ ହତ୍ୟା କରିଥିଲେ।

#### ମାମଲା କ'ଣ

ଉତ୍ତର ପ୍ରଦେଶର ନୀଲମ ଓ ରାମ ଆଶ୍ରେ ୨୦୦୪ ଏପ୍ରିଲ ୨୮ରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ଔରସରୁ ୩ ଜଣ ଝିଅ ଜନ୍ମ ହୋଇଥିଲେ। ସ୍ୱାମୀଙ୍କ ମୁତାବକ ସେ ନିଜ ସ୍ତ୍ରୀଙ୍କ ସହ ତା.୧୫.୧.୨୦୧୩ରୁ ରହୁନାହାନ୍ତି ଓ ସେବେଠାରୁ ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ସ୍ଥାପନ ହୋଇନାହିଁ। ତା.୨୫.୬.୨୦୧୪ରେ ଆବେଦନକାରୀଙ୍କୁ ତାଙ୍କ ସ୍ୱାମୀ ଛାଡ଼ପତ୍ର ଦେଇଥିଲେ। ଛାଡ଼ପତ୍ର ପରଠାରୁ ରାମ ଆଶ୍ରେ ପରିତ୍ୟକ୍ତା ସ୍ତ୍ରୀଙ୍କୁ ଭରଣପୋଷଣ ବାବଦ ଟଙ୍କା ଦେଇଆସୁଥିଲେ। ସମ୍ପୃକ୍ତ ମହିଳା ଜଣକ ନିଜ ବାପଘରେ ଥିବାବେଳେ ତା.୨୬.୧.୨୦୧୬ରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ମହିଳାଙ୍କ ଯୁକ୍ତି ଥିଲା ଯେ, ସେ ଗର୍ଭବତୀ ଥିବା ସମୟରେ ସ୍ୱାମୀ ତାଙ୍କୁ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିଲେ। ଏହାସହ ସେ ଭାରତୀୟ ସାକ୍ଷ୍ୟପ୍ରମାଣ ଆଇନର ଧାରା ୧୧୨ ଅନୁସାରେ ଏକ ପିଟିଶନ କରିଥିଲେ। ଏଥିରେ ମହିଳା ଜଣକ ଦର୍ଶାଇଥିଲେ, ବିବାହ ବଳବତ୍ତର ଥିବାବେଳେ ଶିଶୁକୁ ଜନ୍ମ ଦେବା ବୈଧତାର ଦୃଢ଼ ପ୍ରମାଣ। ତେବେ ଆଲ୍ଲାହାବାଦ ହାଇକୋର୍ଟ ସୁପ୍ରିମକୋର୍ଟଙ୍କ କେତେକ ପୂର୍ବ ରାୟକୁ ଦୃଷ୍ଟାନ୍ତ ଭାବେ ଅବତାରଣା କରି ମହିଳାଙ୍କ ପିଟିଶନକୁ ଖାରଜ କରିଦେଇଥିଲେ। ଖଣ୍ଡପୀଠ କହିଥିଲେ, ସାଇଣ୍ଟିଫିକ୍ ରିପୋର୍ଟରେ ବିରୋଧାଭାସ ଆସିଲେ ସମ୍ପୃକ୍ତ ପୁରୁଷଙ୍କୁ ଏକ ପିଲାର ପିତୃତ୍ୱ ବୋଝ ବୋହିବାକୁ ଆମେ ବାଧ୍ୟ କରିପାରିବା ନାହିଁ। ତେଣୁ ଭାରତୀୟ ସାକ୍ଷ୍ୟପ୍ରମାଣ ଆଇନର ଧାରା ୧୧୨ ଅନୁଯାୟୀ ମହିଳାଙ୍କ ଯୁକ୍ତିକୁ ତାଙ୍କର ଡିଏନ୍‌ଏ ପରୀକ୍ଷା ରିପୋର୍ଟ ଆଧାରରେ ହିଁ ଧରାଯାଇପାରିବ।

## ନାବାଳିକାଙ୍କୁ ପେଟ୍ରୋଲ ଢାଳି ଜାଳିଦେଲେ

ବୁଲନ୍ଦସହର, ୧୮।୧୧

ଉତ୍ତରପ୍ରଦେଶର ବୁଲନ୍ଦସହରରେ ଜଣେ ଦଳିତ ନାବାଳିକା(୧୫)ଙ୍କୁ ପେଟ୍ରୋଲ ପକାଇ ଜାଳିଦିଆଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ରାମ ମନୋହର ଲୋହିଆ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୭ ଜଣ ବ୍ୟକ୍ତି ଘରକୁ ଆସି ଏଭଳି କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଗତ ଅଗଷ୍ଟ ମାସରେ ଉକ୍ତ ନାବାଳିକା ବଳାତ୍କାରର ଶିକାର ହେବା ପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲ ପଠାଇ ଦିଆଯାଇଥିଲା। ଏହାକୁ ବିରୋଧକରି ଅଭିଯୁକ୍ତଙ୍କ ପରିବାର ପକ୍ଷରୁ ପୀଡ଼ିତା ପରିବାରକୁ ଧମକଚମକ ଦିଆଯିବା ସହ ମାମଲା ପ୍ରତ୍ୟାହାର ଲାଗି ଚାପ ପକାଯାଉଥିଲା। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ୭ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ପ୍ରକାଶ।

## ପୁଲ୍‌ୱାମାରେ ଗ୍ରେନେଡ୍ ଆକ୍ରମଣ: ୧୨ ଆହତ

ଶ୍ରୀନଗର, ୧୮।୧୧: ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ବୁଧବାର ଆତଙ୍କବାଦୀଙ୍କ ଗ୍ରେନେଡ୍ ଆକ୍ରମଣରେ ୧୨ ଜଣ ଆହତ ହୋଇଛନ୍ତି। ଆତଙ୍କବାଦୀମାନେ କାକପୋରା ଚୌକ ନିକଟରେ ସୁରକ୍ଷା ବଳକୁ ଟାର୍ଗେଟ କରି ଗ୍ରେନେଡ୍ ଫିଙ୍ଗିଥିଲେ। ତେବେ ଏହା ଲକ୍ଷ୍ୟଭ୍ରଷ୍ଟ ହୋଇ ରାସ୍ତାରେ ବିସ୍ଫୋରଣ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ ଓ ଅପ୍ରିୟ ସତକଥା କହିବା ଦ୍ୱାରା ସାମୟିକ ସମସ୍ୟା ସୃଷ୍ଟି ହେବ। ଘରକୁ ବନ୍ଧୁ ଆସିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ସଭାସମିତିରେ ସୀମା ଭିତରେ ନ ରହିଲେ ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ। ଆର୍ଥିକ ସ୍ୱଚ୍ଛଳତା ଫେରିପାଇବେ। ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ।

**ବୃଷ**
ଆଜି ବିଭିନ୍ନ ଦିଗରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ତଥାପି ପାରିବାରିକ ଅଶାନ୍ତି କାରଣରୁ ମାନସିକ ଉଦ୍‌ବେଗ ବଢ଼ିପାରେ। କଳା, ସାହିତ୍ୟ, ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ସୁଫଳ ପାଇବେ।

**ମିଥୁନ**
ମାନସିକ ସ୍ଥିତି ଭଲ ରହିଲେ ମଧ୍ୟ ଶାରୀରିକ ସୁସ୍ଥତା ରହି ନ ପାରେ । କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟିର ସୂଚନା ପାଇପାରନ୍ତି । କେତେକ କ୍ଷେତ୍ରରେ ମନକଥା ମନରେ ରଖି ନ ପାରି ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାକୁ ବାଧ୍ୟ ହେବେ ।

**କର୍କଟ**
ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେଇପାରନ୍ତି। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତି ସୁରୁଖୁରୁରେ ସମ୍ପନ୍ନ ହେବ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନରେ ପାଇ ଖୁସି ହୋଇପାରନ୍ତି।

**ସିଂହ**
ସ୍ୱାସ୍ଥ୍ୟ ସମସ୍ୟା କ୍ରମଶଃ ଦୁଶ୍ଚିନ୍ତାର କାରଣ ହୋଇପାରେ। କୌଣସି ଚୁକ୍ତିଭିତ୍ତିକ କାମରେ ପ୍ରଥମେ ମୌଖିକ ଆଲୋଚନା କରିବା ଭଲ ହେବ। ପାରିବାରିକ କ୍ଷେତ୍ରରେ କୌଣସି ବ୍ୟକ୍ତିର ସାହାଯ୍ୟ ଆଶା କରି ନିରାଶ ହେବେ । କେତେକ ଆକସ୍ମିକ ସୁଯୋଗ ହାତଛଡ଼ା ହୋଇପାରେ ।

**କନ୍ୟା**
ନିଜ ସନ୍ଦେହୀ ମନୋଭାବ ହେତୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଦେଖାଦେବ। ପାରିବାରିକ କ୍ଷେତ୍ରରେ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦୁଶ୍ଚିନ୍ତାର କାରଣ ହୋଇପାରେ । ବହୁ ଦିନର ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ତୁଳା**
ଅଫିସର ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଏକପ୍ରକାର ଆଶ୍ୱସ୍ତି ଲାଭ କରିବେ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ। ଚଳଚ୍ଚିତ୍ର, କ୍ରୀଡ଼ା, କଳା, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି କରିବେ।

**ବିଛା**
ସବୁ ଦିଗକୁ ନଜର ଦେଇ ଆଗକୁ ପାଦ ନ ବଢ଼ାଇଲେ ଅନୁତାପ କରିବାକୁ ପଡ଼ିପାରେ । ଯାହାକୁ ନିଜର ମନେ କରୁଛନ୍ତି, ସେହିମାନେ ହିଁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ସହିପାରିବେ ନାହିଁ। ଘରୋଇ ସମସ୍ୟାର ସରଳ ସମାଧାନ ହେବ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନର ଆଶା ରହିଛି।

**ଧନୁ**
ଯେତେ ପ୍ରକାର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବା ପାଇଁ ଚେଷ୍ଟା କରିବେ। ବ୍ୟବସାୟ, ପରିବହନ, ପ୍ରକାଶ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କୌଣସି କ୍ଷେତ୍ରରେ ବିଶେଷ ବ୍ୟସ୍ତ ହୁଅନ୍ତୁ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଓ ଲକ୍ଷ୍ୟ ପୂରଣ ହୋଇଯିବ।

**ମକର**
ଆକସ୍ମିକ ଭାବେ ବନ୍ଧୁଙ୍କ ବ୍ୟବହାରରେ ବିଷମତା ପରିଲକ୍ଷିତ ହେବ। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିନୟପୂର୍ଣ୍ଣ କଥା କହି ସଫଳତା ହାସଲ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଚାପ କ୍ରମଶଃ ବଢ଼ିପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଆପ୍ରାଣ ଚେଷ୍ଟା କରିବେ।

**କୁମ୍ଭ**
ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଚୁକ୍ତିପତ୍ର, ସଂଗଠନ ତଥା ଆଲୋଚନା କ୍ଷେତ୍ରରେ ଜଣେ ବ୍ୟକ୍ତି ଅସୁବିଧାରେ ପକାଇବାର ସୂଚନା ରହିଛି । କୌଣସି ସମସ୍ୟା ବିଷୟରେ ଭାବୁଥିବା କଥାଟିକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ ।

**ମୀନ**
ଆଜିର କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହେବେ। ଆର୍ଥିକ ସ୍ଥିତିକୁ ମଜବୁତ୍ କରିବା ସହ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିପାରନ୍ତି। ବନ୍ଧୁଙ୍କ ଖାପଛଡ଼ା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତିତ ହେବେ।

ଆଜି କାର୍ତ୍ତିକ ଶୁକ୍ଳ ପଞ୍ଚମୀ ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୧୯ ତାରିଖ, ଜାତୀୟ ସଂହତି ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୦୯।୩୯ ଗତେ ଉତ୍ତରାଷାଢ଼ା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୧ ଗତେ ଘ.୦୭।୨୯ ମଧ୍ୟେ, ଘ.୦୧।୨୨ ଗତେ ଘ.୦୨।୫୦ ମଧ୍ୟେ ଅମୃତବେଳା, ଦିବା ଘ.୧୧।୨୫ ଗତେ ଘ.୧୨।୪୯ ମଧ୍ୟେ, ଘ.୦୨।୧୩.ଗତେ ଘ.୦୩।୩୭ ମଧ୍ୟେ ଅମୃତ ବେଳା । ଦିବା ଘ.୧୨।୫୪ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ॥


## classifieds Everyday
0674-2580101, 2549302

automobile
**HIRE**

ବଡ଼ବିଲ୍ ମାଇନ୍‌ସ୍ ପାଇଁ ଲିଜ୍‌ରେ ହାଇୱା ଆବଶ୍ୟକ। ଯୋଗାଯୋଗ: **A-102, Balianta Chowk, Hanspal, Bhubaneswar-01, 8249638057, 9337731351.** D-18876

real estate
**SALE**

Sundarpada କୁହା ମୌଜାରେ (Bhubaneswar) ଘରବାରି ପ୍ଲଟ୍ ୨୦୦୦ବର୍ଗଫୁଟକୁ ୧୯,୦୦,୦୦୦/- କିଣି ଆଜି ଘର କରନ୍ତୁ ଓ Alkaline water machine ମାଗଣାରେ ପାଆନ୍ତୁ। 9938016295. D-70105

ଭୁବନେଶ୍ୱର ସୁନ୍ଦରପଦା **Indus Engineering College backside** ସ୍ଥିତିବାନ ପ୍ଲଟ **Sqft.299/-** ମିଳୁଅଛି। **7848882166.** D-70101

**Flat sale Jagannathdham Puri, AC, LED TV, BED, Matress, Celling, Diningset free. 7978230118, 9348332283.** D-69197

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**Saivihar fully developed, ready for housing residential gharabari boundary plot, 30'road, electricity near Sai Temple BJEM-2 Rangabazar Sqft.450/- 9438400633.** D-70103

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

healthcare

Newly open Spa Centre smart therapist full body massage: 8114970372. D-59971

Swarna SPA newly open positively health benefits with expert therapist. 9556978408. D-70017

Newly open full body massage SPA in Bhubaneswar. Contact: 7205058838. D-70019

Refreshing your mind & body with best therapy at Lotus Spa. 8018234866 D-69581

Rejuvenate and Ayurvedic full body massage by smart therapist. 9348123330. D-70020


Get refreshment body massage by expert therapist contact for 7205084157. D-70018

## ସଂକ୍ଷେପରେ

### କରୋନାରେ ସହକାରୀ ଯନ୍ତ୍ରୀଙ୍କ ମୃତ୍ୟୁ

ବରୀ,୧୮।୧୧(ଡି.ଏନ.ଏ.): ରେଢ଼ାଖୋଲରେ ସହକାରୀ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବା ବରୀ ବ୍ଲକ୍ ଅଧୀନ ବରୀ ପଞ୍ଚାୟତର ରମେଶ ଚନ୍ଦ୍ର ବାରିକ(୫୪)ଙ୍କ କରୋନା ଆକ୍ରାନ୍ତରେ ମୃତ୍ୟୁ ଘଟିଛି। ବାରିକ ହଠାତ୍ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ପରୀକ୍ଷା କରି କରୋନା ସଂକ୍ରମିତ ବୋଲି ସୂଚନା ଦେଲା ପରେ ତାଙ୍କୁ ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଖବର ପାଇ ବରୀ ବିଜେଡି ଆବାହକ ଦେବେନ୍ଦ୍ର ଦାସ, ବରୀ ଛାତ୍ର ବିଜେଡି ସଭାପତି ସଦିଚ୍ଛା ସାମଲ, ସରପଞ୍ଚ ରମାକାନ୍ତ ମଳିକ, ସରପଞ୍ଚ ସନ୍ତୋଷ ସାମଲ ଓ ସାମାଜିକ କର୍ମୀ ପ୍ରମୋଦ ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଡାକ୍ତରଙ୍କ ମୃତ୍ୟୁ



ଭଞ୍ଜନଗର,୧୮।୧୧(ଡି.ଏନ.ଏ.): ଗଞ୍ଜାମ ଜିଲାରେ କରୋନା ସ୍ଥିତିରେ ସୁଧାର ଆସୁଥିଲେ ମଧ ପୁଣି ଜଣେ କରୋନା ଯୋଦ୍ଧା ଡାକ୍ତରଙ୍କ ଜୀବନ ଯାଇଛି। ବୁଧବାର ସନ୍ଧ୍ୟାରେ ଭଞ୍ଜନଗର ମେଡିକାଲର ବରିଷ୍ଠ ଡାକ୍ତର ଶିଶିର କୁମାର ସାବତ (୬୧)ଙ୍କ ମୃତ୍ୟୁ ଘଟିଛି। ଗତ ୧୪ ତାରିଖରେ ଡାକ୍ତର ସାବତ କରୋନା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ବ୍ରହ୍ମପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ଯିବା ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ହେଲେ କୌଣସି କାରଣରୁ ସେ କୋଭିଡ୍ ହସ୍ପିଟାଲକୁ ନ ଯାଇ ମେଡିକାଲ ନିକଟ ଭଡ଼ାଘରେ ରହି ଚିକିତ୍ସିତ ହେଉଥିଲେ। ବୁଧବାର ସନ୍ଧ୍ୟାରେ ଅଧିକ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭଞ୍ଜନଗର ମେଡିକାଲକୁ ଅଣାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ସାବତଙ୍କ ମୃତ୍ୟୁ ଘଟିଛି। ଡା. ସାବତ ପ୍ରାୟ ୨୦ ବର୍ଷ ପୂର୍ବରୁ ଗାଲେରି ମେଡିକାଲ ଅଫିସର ଭାବେ କାର୍ଯ୍ୟରତ ଥିଲେ। ୨୦୧୭ ନଭେମ୍ବରରୁ ଡେପୁଟେଶନରେ ଭଞ୍ଜନଗର ମେଡିକାଲକୁ ଆସିଥିଲେ। ରୋଗୀସେବା ପାଇଁ ଅଞ୍ଚଳରେ ସେ ଖୁବ୍ ପରିଚିତ ହୋଇପାରିଥିଲେ। ଏ ସମ୍ପର୍କରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ କହିଛନ୍ତି, ଗୁରୁବାର ସକାଳେ ଡା. ସାବତଙ୍କୁ ଶେଷ ସମ୍ମାନ ଦିଆଯିବା ପରେ ମୃତଦେହ ସତ୍କାର କରାଯିବ।

# ୧୦ବର୍ଷର ଆକ୍ରୋଶରୁ ଗଣହତ୍ୟା

**ପରିବାରର ୬ ସଦସ୍ୟ ହତ୍ୟା ଘଟଣାର ପର୍ଦ୍ଦାଫାଶ**
- ୭ ଅଭିଯୁକ୍ତ ଗିରଫ, ୨ ଫେରାର
- ମାରଣାସ୍ତ୍ର ସହ ୩ ଗାଡ଼ି ଜବତ
- ହତ୍ୟା ପାଇଁ ୧ ଲକ୍ଷ ଟଙ୍କାର ସୁପାରି
- ଭବିଷ୍ୟତରେ ପ୍ରତିଶୋଧ ନେବେ ଭାବି ୪ ଛୁଆଙ୍କୁ ହତ୍ୟା

ବଲାଙ୍ଗୀର ଅଫିସ/ପାଟଣାଗଡ଼, ୧୮।୧୧ (ଡି.ଏନ୍.ଏ.)

ପାଟଣାଗଡ଼ ସହଁରାପଡାରେ ଗତ ୧୦ ତାରିଖ ରାତିରେ ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ହତ୍ୟାକାଣ୍ଡର ୮ ଦିନ ପରେ ବଲାଙ୍ଗୀର ପୋଲିସ ଏହି ଗଣହତ୍ୟାର ପର୍ଦ୍ଦାଫାଶ କରିଛି। ଏସ୍‌ପି ମାଡକର ସନ୍ଦୀପ ସମ୍ପତ୍ ପାଟଣାଗଡ ଥାନାରେ ବୁଧବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପୋଲିସର ସ୍ୱତନ୍ତ୍ର ଟିମ୍ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାବୁଲାଲ ଜାନୀ (୫୫), ଛାୟା ଗଣ୍ଡ (୨୬), ବଳଦେବ ଗଣ୍ଡ (୨୭), ମନୀଷ ଗଣ୍ଡ (୨୪), ଭୋଲା ଜାନୀ (୨୦), ଶିବା ଜାନୀ (୧୯), ବିକଳ କଇରି ଓରଫ ସିଂଘ (୨୦)। ଅନ୍ୟ ୨ ଅଭିଯୁକ୍ତ ଗଙ୍ଗୁଆ ଜାନୀ (୫୦) ଏବଂ ଦେବରାଜ ଜାନୀ (୧୮) ଫେରାର ଅଛନ୍ତି। ଅଭିଯୁକ୍ତଙ୍କ ସୂଚନା ମୁତାବକ ପୋଲିସ ବହୁ ମାରଣାସ୍ତ୍ର, ୨ମୋପେଡ୍ ଓ ଗୋଟିଏ ମୋଟରସାଇକଲ ଜବତ କରିଛି। ଦୀର୍ଘ ୧୦ ବର୍ଷ ଧରି ତିନୋଟି ଯାଯାବର ପରିବାର ଭିତରେ କୁହୁଳୁ ଥିବା ପାରିବାରିକ ବିବାଦ, ତୀବ୍ର ଅସନ୍ତୋଷ ଓ ପ୍ରତିହିଂସାରୁ ଏଭଳି ଗଣହତ୍ୟା ଘଟିଥିବା ଏସ୍‌ପି ମାଡକର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଅଭିଯୁକ୍ତମାନେ ବୁଲୁ ଜାନୀଙ୍କ ସମେତ ତାଙ୍କ ସ୍ତ୍ରୀ ଜ୍ୟୋତି ଜାନୀ (୪୮), ଝିଅ ସରିତା ଜାନୀ (୧୨), ପୁଅ ଭୀଷ୍ମ ଜାନୀ (୫), ସଞ୍ଜୀବ ଜାନୀ (୨) ଓ ନାତୁଣୀ ଶ୍ରୀୟା ଜାନୀ (୩)ଙ୍କୁ ହତ୍ୟା କରିଥିଲେ। ଏନେଇ ପାଟଣାଗଡ ଥାନାରେ ଏକ ମାମଲା (୨୪୫/୨୦) ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ଘଟଣାଦିନ ସହଁରାପଡାରେ ଥିବା ବାବୁଲାଲ ଜାନୀଙ୍କ ଦୁଇ ପୁଅ ଶିବା ଓ ଭୋଲାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରିଥିଲା। ସେମାନଙ୍କ ମୋବାଇଲ ଟ୍ରାକିଂ କରି ହତ୍ୟାକାଣ୍ଡ ସମ୍ପର୍କରେ ସବିଶେଷ ସୂଚନା ପାଇଥିଲା।

ପ୍ରାୟ ୧୦ରୁ ୧୨ ବର୍ଷ ତଳେ ଝାଡ଼ଖଣ୍ଡ ଅଞ୍ଚଳରୁ ବୁଲୁ ଜାନୀ ପାଟଣାଗଡକୁ ଆସି ସହଁରାପଡାଠାରେ ଘର କରି ପରିବାର ସହ ରହୁଥିଲେ। ପରେ ତାଙ୍କ ସମ୍ପ୍ରଦାୟର ଅନ୍ୟ କେତେକ ପରିବାର ଆସି ସେଠାରେ ରହିଥିଲେ। ବିଭିନ୍ନ ସମୟରେ ଏହି ପରିବାର ମଧ୍ୟରେ ବିବାଦ ଓ ଗଣ୍ଡଗୋଳ ଲାଗି ରହୁଥିଲା। ବୁଲୁ ଜାନୀ ନିଜର ପ୍ରଭାବ ବିସ୍ତାର କରି ଅନ୍ୟ ପରିବାର ସଦସ୍ୟଙ୍କୁ ବେଖାତିର କରୁଥିଲେ। ଏହାକୁ ନେଇ କ୍ରମଶଃ ପରସ୍ପର ଭିତରେ ଶତ୍ରୁତା ବୃଦ୍ଧି ପାଇଥିଲା। ବୁଲୁ ଜାନୀ ଏବଂ ଗଙ୍ଗୁଆ ଜାନୀଙ୍କ ମଧ୍ୟରେ ଝଗଡା ଲାଗି ରହିବାରୁ ଗଙ୍ଗୁଆ ପାଟଣାଗଡ଼ ସହଁରାପଡା ଘର ଛାଡି ନୂଆପଡା ଜିଲା ସିନାପାଲି ଥାନା ଅନ୍ତର୍ଗତ ନିଲଜି ଗ୍ରାମରେ ରହୁଥିଲେ। ଗତ ଅକ୍ଟୋବରରେ ବୁଲୁ ଜାନୀ ଏବଂ ପଡୋଶୀ ବାବୁଲାଲ ଜାନୀଙ୍କ ମଧ୍ୟରେ ଝଗଡା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବାବୁଲାଲ ପ୍ରତିଶୋଧ ପରାୟଣ ହୋଇ ବୁଲୁଙ୍କୁ ପାନେ ଦେବାକୁ ଯୋଜନା କରିଥିଲେ। ନିଲଜି ଗ୍ରାମରେ ଥିବା ଗଙ୍ଗୁଆ ମାଝିଙ୍କ ନିକଟକୁ ଯାଇ ସେଠାରେ ବାବୁଲାଲ ଏବଂ ମନୀଷ ସହ ମିଶି ବୁଲୁ ଜାନୀଙ୍କ ପରିବାର ସଦସ୍ୟା ମାନଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ବାବୁଲାଲ ଜାନୀ ଗଙ୍ଗୁଆ ଏବଂ ତାଙ୍କ ସହଯୋଗୀଙ୍କୁ ୧ ଲକ୍ଷ ଟଙ୍କାର ସୁପାରି ଦେଇଥିଲେ। ଯୋଜନା ପ୍ରସ୍ତୁତି ପରେ ପାଟଣାଗଡ ସହଁରାପଡାରେ ଥିବା ବାବୁଲାଲ ଜାନୀଙ୍କ ଦୁଇ ପୁଅ ଭୋଲା ଏବଂ ଶିବା ବୁଲୁ ଜାନୀଙ୍କ ଗତିବିଧି ଉପରେ ନଜର ରଖି ଗଙ୍ଗୁଆ ଓ ତାଙ୍କ ସହଯୋଗୀଙ୍କୁ ମୋବାଇଲରେ ସୂଚନା ପ୍ରଦାନ କରୁଥିଲେ। ଗତ ନଭେମ୍ବର ୮ ତାରିଖରେ ବୁଲୁ ଜାନୀଙ୍କ ୪ ପୁଅ ଭୁବନେଶ୍ୱର ଯାଇଥିବା ଓ ବୁଲୁ ସ୍ତ୍ରୀ ଏବଂ ଛୋଟ ଛୁଆଙ୍କ ସହ ଘରେ ଏକାକୀ ଥିବା ଖବର ଭୋଲା ଓ ଶିବା ଗଙ୍ଗୁଆ ମାଝିଙ୍କୁ ଦେଇଥିଲେ। ସୂଚନା ପାଇବା ପରେ ଗଙ୍ଗୁଆ ନବରଙ୍ଗପୁର ଜିଲା ଝରିଗାଁ ଥାନା ଦେଉଳକଣା ଠାରେ ଥିବା ବଳଦେବ ଗଣ୍ଡ, ଛାୟା ଗଣ୍ଡ, ମନୀଷ ଗଣ୍ଡ ଏବଂ ବିକଲ୍ କଇରିଙ୍କୁ ନିଲଜି ଗ୍ରାମକୁ ଡକାଇଥିଲେ। ଗତ ୧୦ ତାରିଖ ଦିନ ନିଲଜି ଗ୍ରାମରୁ ଗଙ୍ଗୁଆ ମାଝି, ଦେବରାଜ ମାଝି, ବଳଦେବ ଗଣ୍ଡ, ଛାୟା ଗଣ୍ଡ, ମନୀଷ ଗଣ୍ଡ ଏବଂ ବିକଳ କଇରି ୨ଟି ମୋପେଡ ଏବଂ ଗୋଟିଏ ବାଇକ୍‌ରେ ଆସି ରାତି ୮ଟାରେ ପାଟଣାଗଡରେ ପହଞ୍ଚିଥିଲେ। ପାଟଣାଗଡ ବ୍ରହ୍ମପୁରା ନିକଟ ଭାନୁସାଗର ପୋଖରୀ ନିକଟରେ ସେମାନେ ଛପି ରହିଥିଲେ। ଭୋଲା ଜାନୀ ଏବଂ ଶିବା ଜାନୀ ସେଠାକୁ ଆସି ବୁଲୁ ଜାନୀଙ୍କ ସବିଶେଷ ସୂଚନା ଦେଇଥିଲେ। ରାତି ପ୍ରାୟ ୧୧ଟାରେ ବିଭିନ୍ନ ମାରଣାସ୍ତ୍ର, ବନ୍ଧୁକ ଏବଂ ଗୋଟିଏ ପେଟ୍ରୋଲ ବୋତଲ ଧରି ବୁଲୁ ଜାନିଙ୍କ ଘର ଚାରିପଟେ ଲୁଚି ରହିଥିଲେ। ରାତି ପ୍ରାୟ ୧୨ଟାରେ ବୁଲୁ ଜାନୀ ପରିସ୍ରା କରିବାକୁ ଘରୁ ବାହାରିବାରୁ ଗଙ୍ଗୁଆ ବୁଲୁଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ତେବେ ବୁଲୁଙ୍କ ଦେହରେ ଗୁଳି ବାଜି ନ ଥିଲା ଏବଂ ସେ ଘର ଭିତରକୁ ପଳାଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ପୂର୍ବରୁ ଛପି ରହିଥିବା ଅନ୍ୟମାନେ ବିଭିନ୍ନ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ବୁଲୁଙ୍କ ସ୍ତ୍ରୀ ଜ୍ୟୋତି ଏବଂ ଝିଅ ସରିତା ଜାନୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଭିଯୁକ୍ତଙ୍କ ମାରଣାସ୍ତ୍ର ମାଡରେ ଟଳି ପଡିଥିଲେ। ଶୋଇଥିବା ଅନ୍ୟ ୩ ଛୁଆ ବଡ ହେଲା ପରେ କାଳେ ପ୍ରତିଶୋଧ ନେବେ ଭାବି ସେମାନଙ୍କୁ ମଧ୍ୟ ହତ୍ୟା କରିଥିଲେ। ହତ୍ୟା କରି ନ ପାରିଲେ ବୁଲୁ ଜାନୀଙ୍କ ଘରକୁ ପେଟ୍ରୋଲ ଢ଼ାଳି ଜାଳି ଦେବାକୁ ଯୋଜନା କରିଥିଲେ। ଗଣହତ୍ୟା ପରେ ବିଭିନ୍ନ ମାରଣାସ୍ତ୍ରକୁ ନିକଟସ୍ଥ ଭାନୁସାଗର ପୋଖରୀରେ ପକାଇ ଦେଇ ଗଙ୍ଗୁଆ ଓ ତାଙ୍କ ୫ ସହଯୋଗୀ ସେଠାରୁ ଫେରାର ହୋଇଯାଇଥିଲେ। ଭୋଲା ଏବଂ ଶିବା ସହଁରାପଡା ଘରକୁ ଚାଲି ଆସି କିଛି ନ ଜାଣିଲା ପରି ରହିଥିଲେ।

ଏସ୍‌ପି ଏହି ଗଣହତ୍ୟା ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଅତିରିକ୍ତ ଏସପି ମନୋରଞ୍ଜନ ପଧାନଙ୍କ ନେତୃତ୍ୱରେ ପାଟଣାଗଡ ଏସ୍‌ଡିପିଓ ସୁରେଶ ନାଏକ, ପାଟଣାଗଡ ଆଇଆଇସି କେ. ପ୍ରିୟଙ୍କା ରାଉତରାୟ, ବଲାଙ୍ଗୀର ସଦର ଥାନା ଆଇଆଇସି ତୋଫାନ୍ ବାଗ, କଣ୍ଟାବାଞ୍ଜି ଆଇଆଇସି ଓ ଅନ୍ୟ ପୋଲିସ କର୍ମଚାରୀମାନେ ତଦନ୍ତ କାର୍ଯ୍ୟକୁ ଆଗେଇ ନେଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ପୋଲିସ ଟିମ୍ ଭାନୁସାଗର ପୋଖରୀ ନିକଟରୁ ଖଣ୍ଡା, ଗଇଁତି, ଲୁହାରଡ୍, ହାତୁଡି ଓ ଅନ୍ୟ ମାରଣାସ୍ତ୍ର, ୪ ମୋବାଇଲ, ୩ ଗାଡ଼ି ଜବତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଦୁଇ ଫେରାର ଅଭିଯୁକ୍ତଙ୍କୁ ଖୋଜା ଚାଲିଛି।




ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତମାନଙ୍କୁ ହାଜର କରିଛି ଏବଂ ଜବତ ହତ୍ୟାକାଣ୍ଡରେ ବ୍ୟବହୃତ ମାରଣାସ୍ତ୍ର।

### ୪ ଗାଡ଼ି ଜବତ, ୭୫ ହଜାର ଜରିମାନା ଆଦାୟ

ରସୁଲପୁର,୧୮।୧୧(ଡି.ଏନ.ଏ.): ରସୁଲପୁର ତହସିଲ ପକ୍ଷରୁ ରାଜପଥ ଉପରେ ଚଢ଼ାଉ କରାଯାଇ ୪ ଗାଡ଼ି ଜବତ କରାଯାଇଛି। ଏଥିସହିତ ୭୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କ ନେତୃତ୍ୱରେ ଏକ ଟିମ୍ ରାଜପଥର ମୂଳାପାଳ, ପୁରୁଣା ଥାନା ଛକ ନିକଟରେ ବେଆଇନ ପରିବହନ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରିଥିଲେ। ଏହି ସମୟରେ ଚିପ୍ସ ବୋଝେଇ ୨ ହାଇୱା, ଗୋଟିଏ ମିନି ଟ୍ରକ୍ ଓ ମୋରମ ବୋଝେଇ ଗୋଟିଏ ହାଇୱାକୁ ଜବତ କରାଯାଇଥିଲା। ଉକ୍ତ ଗାଡିର ଚାଳକମାନେ ମୋରମ୍ ଓ ଚିପ୍ସ ପରିବହନ ନେଇ କାଗଜପତ୍ର ଦେଖାଇ ପାରି ନ ଥିଲେ। ଫଳରେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇ ଛାଡ଼ି ଦିଆଯାଇଥିଲା। ଚଢ଼ାଉରେ ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ, ମନୋଜ କବି, ଦୁର୍ଜେୟ ଷଡ଼ଙ୍ଗୀଙ୍କ ସମେତ କୁଆଖିଆ ଥାନା କର୍ମଚାରୀ ସାମିଲ ହୋଇଥିଲେ।



ଶୀତ ଆଗମନ ପରେ ବୁଧବାର ସକାଳେ ରାଜଧାନୀରେ ଘନ କୁହୁଡ଼ି ମାଡ଼ି ରହିଛି।

## କ୍ୟାପିଟାଲ ଅକ୍ଷରରେ ଲେଖାଯାଉନି ପ୍ରେସ୍କ୍ରିପ୍ସନ

**ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଣିର ଗାର**

ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ), ୧୮।୧୧

ରୋଗୀଙ୍କ ପ୍ରେସ୍କ୍ରିପ୍ସନ ବା ଚିଠାରେ ଦିଆଯାଉଥିବା ପରାମର୍ଶ ଏବଂ ଔଷଧ ତାଲିକାକୁ ଠିକ୍ ଭାବେ ପଢ଼ିବା ଉଦ୍ଦେଶ୍ୟରେ ଡାକ୍ତରମାନେ ଇଂଲିଶ କ୍ୟାପିଟାଲ ଅକ୍ଷରରେ ଲେଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦେବାକୁ ଓଡ଼ିଶା ହାଇକୋର୍ଟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶର ୩ମାସ ପରେ ମଧ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରି ନାହିଁ। ଏବେବି ଅଧିକାଂଶ ଡାକ୍ତର ପୁରୁଣା ଢାଞ୍ଚାରେ ରୋଗୀଙ୍କ ପାଇଁ ଔଷଧ ଚିଠା ପ୍ରସ୍ତୁତ କରୁଛନ୍ତି। ଫଳରେ ରୋଗୀ କିମ୍ବା ଔଷଧ ଦୋକାନୀ, ଏପରି କି ସ୍ୱାସ୍ଥ୍ୟ ଆଇନ(ମେଡିକୋ ଲିଗାଲ) ସମ୍ବନ୍ଧୀୟ ଘଟଣାରେ ପୋଲିସ ବା କୋର୍ଟଙ୍କ କ୍ଷେତ୍ରରେ ଏହା ପଢ଼ିବା ସମ୍ଭବ ହେଉ ନାହିଁ। ଏନେଇ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କୁ ପଚାରିଲେ ସେ କୋର୍ଟଙ୍କ ନିର୍ଦ୍ଦେଶ ସମ୍ପର୍କରେ ଜାଣି ନାହାନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏବଂ ମେଡିକାଲ କାଉନ୍‌ସିଲ ଅଫ୍ ଇଣ୍ଡିଆ(ଏମ୍‌ସିଆଇ) ଦେଇଥିବା ନିର୍ଦ୍ଦେଶକୁ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ଚେଷ୍ଟା କରାଯାଉଛି ବୋଲି ଡାକ୍ତର ଆସୋସିଏଶନ ପକ୍ଷରୁ କୁହାଯାଇଛି।

ଏହା ସତ୍ୟ ଯେ, ଅନେକ ଡାକ୍ତର କ୍ୟାପିଟାଲ ଅକ୍ଷରରେ ପ୍ରେସ୍କ୍ରିପ୍ସନ ଲେଖୁ ନାହାନ୍ତି। ଏନେଇ ଏମ୍‌ସିଆଇ ଏବଂ ହାଇକୋର୍ଟ ନିର୍ଦ୍ଦେଶ ମଧ ଦେଇଛନ୍ତି। କ୍ୟାପିଟାଲ ଅକ୍ଷରରେ ଲେଖିବା ନେଇ ଡାକ୍ତରମାନଙ୍କ କୌଣସି ଅସୁବିଧା ନାହିଁ। ଆମେମାନେ ଏହି ନିର୍ଦ୍ଦେଶକୁ ସ୍ୱାଗତ ମଧ କରୁଛୁ। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପଠାଇ ଦେଇଛନ୍ତି। ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଇଣ୍ଡିଆ ମେଡିକାଲ ଆସୋସିଏଶନ ଓଡ଼ିଶା ଚାପ୍ଟରର ଅନରାରି(ଅବୈତନିକ) ସେକ୍ରେଟାରୀ ଡାକ୍ତର ବ୍ରଜ କିଶୋର ଦାଶ କହିଛନ୍ତି।

ପ୍ରକାଶ ଯେ, ଗତ ଅଗଷ୍ଟ ୧୦ରେ ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ସ୍ୱାସ୍ଥ୍ୟସେବାରେ ସୁଧାର ସ୍ୱରୂପ ଡାକ୍ତରମାନେ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ପ୍ରେସ୍କ୍ରିପ୍ସନରେ ସୁନ୍ଦର ହାତଲେଖା ବିଶେଷକରି କ୍ୟାପିଟାଲ ଅକ୍ଷରରେ ଲେଖିବା ଆବଶ୍ୟକ ବୋଲି କହିଥିଲେ। ତେଣୁ ଏହାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୨୦୧୬ରେ ଏମ୍‌ସିଆଇ ଏକ ବିଜ୍ଞପ୍ତିରେ ଡାକ୍ତରମାନେ ରୋଗୀଙ୍କ ପାଇଁ ଔଷଧ ଲେଖିବାବେଳେ ଔଷଧ ନାମ ଏବଂ ଏହାର କମ୍ପୋଜିଶନ ଉଲ୍ଲେଖ କରିବା ସହ କ୍ୟାପିଟାଲ ଅକ୍ଷରରେ ଲେଖିବାକୁ ନିର୍ଦ୍ଦେଶ ଦେଇଥିଲେ।


# ଭିଜିଲାନ୍ସ ଜାଲରେ କୋଟିପତି ଯନ୍ତ୍ରୀ

- ୬ ସ୍ଥାନରେ ଏକକାଳୀନ ଚଢ଼ାଉ
- ୨.୨୬ କୋଟି ଟଙ୍କାର ସମ୍ପତ୍ତି ଠାବ

ଢେଙ୍କାନାଳ ଅଫିସ/ତାଳଚେର (ନି.ପ୍ର.), ୧୮।୧୧

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୋଳ ଜିଲା ତାଳଚେର ଖମାରରେ କାର୍ଯ୍ୟରତ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆର୍‌ଡି) ଯନ୍ତ୍ରୀ ଚନ୍ଦ୍ରମଣି ସାହୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ବୁଧବାର ତାଙ୍କ ସରକାରୀ ବାସଭବନ ସମେତ ୬ ସ୍ଥାନରେ ଭିଜିଲାନ୍ସର ୪୧ ଜଣିଆ ଟିମ୍ ଏକକାଳୀନ ଚଢ଼ାଉ କରିଥିଲା। ଅଦ୍ୟାବଧି ୨ କୋଟି ୨୬ ଲକ୍ଷ ୯୭ ହଜାର ୨୩୬ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଅଧିକ ପଚରାଉଚୁରା ପାଇଁ ଯନ୍ତ୍ରୀଙ୍କୁ ସନ୍ଧ୍ୟାରେ କଟକ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି।

ଆର୍‌ଡି ଯନ୍ତ୍ରୀ ଚନ୍ଦ୍ରମଣି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ଆସିବା ପରେ କୋର୍ଟ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ତାଳଚେରସ୍ଥିତ ସରକାରୀ ବାସଭବନ ଓ ଖମାର କାର୍ଯ୍ୟାଳୟ, ଢେଙ୍କାନାଳ ସହର ଟାଉନ ପ୍ଲାନିଂସ୍ଥିତ ୩ ମହଲା ବିଶିଷ୍ଟ କୋଠା, ଦକ୍ଷିଣକାଳୀ ରୋଡ୍ ଅଞ୍ଚଳସ୍ଥିତ ଶ୍ୱଶୁରଘର, ଷ୍ଟେଶନବଜାରସ୍ଥିତ ବାସଗୃହ, ନିହଲପ୍ରସାଦ ଥାନା ଖଣ୍ଡବନ୍ଧ ଗ୍ରାମସ୍ଥିତ ପୈତୃକ ଘର ଏବଂ ଭୁବନେଶ୍ୱର ଟଙ୍କପାଣି ରୋଡ୍‌ସ୍ଥିତ ଏନ୍‌ସି ଭିଲାରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଢେଙ୍କାନାଳସ୍ଥିତ ଟାଉନ ପ୍ଲାନିଂ ଅଞ୍ଚଳରେ ଥିବା ଘରର ମୂଲ୍ୟ ୧୦ଲକ୍ଷ ୨୬ହଜାର ଟଙ୍କା ଆକଳନ କରାଯାଇଛି। ସେଠାରୁ ଏକ ଦାମୀ କାର, ଜିପ୍ (୨୦ଲକ୍ଷ ଟଙ୍କା), ଗୋଟିଏ ବୁଲେଟ୍ ଏବଂ ସ୍କୁଟି (୧ଲକ୍ଷ ୮୫ହଜାର ଟଙ୍କା), ଢେଙ୍କାନାଳ ଘରୁ ୧ କିଲୋଗ୍ରାମ ସୁନା, ୧ କିଲୋଗ୍ରାମ ରୁପା ସହ ନଗଦ ୭୩,୭୩୦ ଟଙ୍କା ଜବତ ହୋଇଛି। ସେହିପରି ଖମାରସ୍ଥିତ କାର୍ଯ୍ୟାଳୟରୁ ୨୦ ହଜାର ଟଙ୍କା ଜବତ କରାଯାଇଛି। ଏତଦ୍‌ବ୍ୟତୀତ ବିଭିନ୍ନ ବ୍ୟାଙ୍କ ଜମା, ଭୁବନେଶ୍ୱରସ୍ଥିତ ଘର, ଢେଙ୍କାନାଳ ଷ୍ଟେଶନବଜାର ଘର ଆଦିକୁ ମିଶାଇଲେ ମୋଟ ସମ୍ପତ୍ତିର ପରିମାଣ ୨ କୋଟି ୨୬ ଲକ୍ଷ ୯୭ ହଜାର ୨୩୬ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଅତିରିକ୍ତ ଭିଜିଲାନ୍ସ ଏସ୍‌ପି ବେଣୁଧର ନାୟକଙ୍କ ନେତୃତ୍ୱରେ ଇନ୍ସପେକ୍ଟର ଅନୁପମା ସାହୁ, ଅନିରୁଦ୍ଧ ନାୟକ, ବିଜୟ କୁମାର ଓରାମ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।



ଭିଜିଲାନ୍ସ କର୍ମଚାରୀମାନେ ଚଢ଼ାଉ କରୁଛନ୍ତି।

# ସିଡିଏଓଙ୍କ ନିକଟରେ ଚାଷୀଙ୍କ ଅଭିଯୋଗ

**ବିହନ ବିକ୍ରିରେ ଠକେଇ ପ୍ରସଙ୍ଗ**

ଜଗତ୍‌ସିଂହପୁର ଅଫିସ, ୧୮।୧୧

ଜଗତ୍‌ସିଂହପୁର ଜିଲାର କେତେଜଣ ଧାନ ବିହନ ବିକ୍ରେତା ଅଧିକ ଦିନିଆ ଅମଳକ୍ଷମ କହି କମ୍ ଦିନିଆ ବିହନ ବିକ୍ରି କରି ଚାଷୀଙ୍କ ସହ ଖେଳ ଖେଳୁଥିବା ସମ୍ପର୍କିତ ଖବର ଗତ ୧୬ ତାରିଖରେ ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ଏକାଧିକ ଚାଷୀ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ)ଙ୍କୁ ସାକ୍ଷାତ କରି ବିହନ ବିକ୍ରେତା ଓ କମ୍ପାନୀ ବିରୋଧରେ ଅଭିଯୋଗ କରିଛନ୍ତି। ଏହାର ନକଲ ଜିଲାପାଳ, କୃଷି ସଚିବ, କୃଷି ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ତିର୍ତ୍ତୋଲ ବ୍ଲକ ବିରିତୋଳ ସଲମପୁର ଗ୍ରାମର ଚିତ୍ତରଞ୍ଜନ ମହାନ୍ତି, ରଜତ କୁମାର ଦାସ, ସରସ୍ୱତୀ ସାହୁ, ଗୋପାଳଚରଣ ମହାନ୍ତି, ଦାମୋଦର ପ୍ରଧାନ, ଭାଗ୍ୟଧର ମହାନ୍ତି ଓ ବାବାଜି ପରିଡ଼ା ପ୍ରମୁଖ କରିଥିବା ଅଭିଯୋଗ ଅନୁଯାୟୀ, ରେଡ୍ଡୁଆସ୍ଥିତ ଏକ ସଂସ୍ଥାରୁ ୧୦ କିଲୋ ପିଛା ୭୫୦ ଟଙ୍କା ଦରରେ 'ମହାନଦୀ' ଧାନ ବିହନ କିଣିଥିଲେ। କିଣିଲାବେଳେ ମହାନଦୀ ଅଧିକ ଅମଳକ୍ଷମ ବିହନ ଏବଂ ଏହା ଖାଲୁଆ ଜମିରେ ହୋଇପାରିବ ବୋଲି ବୁଝାଯାଇଥିଲା। ୧୫୫ରୁ ୧୬୦ ଦିନ ମଧ୍ୟରେ ଅମଳ ହେବ ବୋଲି କୁହାଯାଇଥିଲା। ଏନେଇ ଚାଷୀ ଜୁନ ଶେଷ ଆଡ଼କୁ ଗଜା କରି ତଳି ପକାଇଥିଲେ। ତଳି ଉଠିବାର ୨୬ ଦିନ ମଧ୍ୟରେ ରୁଆ କାର୍ଯ୍ୟ କରିଥିଲେ। କିନ୍ତୁ ଧାନ ୯୦ ଦିନରେ ଫୁଲ ଉଡିବା ଆରମ୍ଭ କରିଥିଲା। ସେପ୍ଟେମ୍ବର ଶେଷ ଆଡ଼କୁ ପାଚି ଯାଇଥିଲା। ଏବେ ସେହି ପାଚିଲା ଧାନ ପାଣି ଯୋଗୁ ଉଠାଇ ହେଉନି। ପରିସ୍ଥିତିରେ ପଡ଼ି କେତେଜଣ ଟେଣ୍ଟ ହାଉସରୁ ଭଡ଼ାରେ ବାଉଁଶ ନେଇ ଭାରା ବାନ୍ଧି ବହୁ କଷ୍ଟରେ କିଛି ଧାନ କାଟି ସେଥିରେ ଶୁଖାଇଥିଲେ। କିନ୍ତୁ ଭଡ଼ା ଦେଇ ହେଉ ନ ଥିବାରୁ ବାଧ ହୋଇ ବାଉଁଶ ଫେରାଇବାକୁ ପଡିଛି। ବିହନ ବିକ୍ରେତାଙ୍କ କହିବା ମୁତାବକ ଡିସେମ୍ବର ଶେଷ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହ ବେଳକୁ ଧାନ କଟା ଯିବା କଥା। କିନ୍ତୁ ତାହା ନ ହେବାରୁ ଚାଷୀ ନିରାଶ ହୋଇଯାଇଛନ୍ତି। ବିହନ ଯୋଗାଇଥିବା ସଂସ୍ଥା ନବରଙ୍ଗପୁରରୁ କୁଇଣ୍ଟାଲ ପିଛା ୧୭୫୦ ଟଙ୍କାରେ କିଣି ପ୍ୟାକେଟ୍ କରି ୭୫୦୦ ଟଙ୍କାରେ ସାଧାରଣ ଚାଷୀଙ୍କୁ ବିକ୍ରି କରିଛି। ଫଳରେ ନିରୀହ ଚାଷୀ ଶୋଷଣର ଶିକାର ହୋଇ ଜୀବିକା ହରାଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ସେହିପରି ଏହି ବ୍ଲକ ଅନ୍ତର୍ଗତ ବିରିତୋଳର ସୁରେନ୍ଦ୍ର କୁମାର ମହାନ୍ତି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଚଳିତ ବର୍ଷ ଜୁନ ୯ରେ ସ୍ଥାନୀୟ ଆଗ୍ରୋ କୃଷକ ବଜାରସ୍ଥିତ ଏକ କମ୍ପାନୀରୁ 'ପୂଜା ଗୋଲ୍ଡ' ବିହନ କିଣିଥିଲେ। ୫ ମାସରେ ଏହି ଧାନ ଅମଳ ହେବ ବୋଲି ସମ୍ପୃକ୍ତ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। କମ୍ପାନୀର ପରାମର୍ଶ ଅନୁଯାୟୀ, ସେ ୧୦ ଜୁଲାଇରେ ତଳି ପକାଇଥିଲେ। ମାତ୍ର ୨ ମାସରେ ଧାନରେ ଗଣ୍ଡି ଆସିଯାଇଥିଲା। ଥୋର ବାହାରିବାରୁ ୫ ଅକ୍ଟୋବରରେ ସୁରେନ୍ଦ୍ର କମ୍ପାନୀ ମାଲିକଙ୍କୁ ଫଟୋ ପଠାଇଥିଲେ। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏବେ ଧାନ ପାଚି ଜଳପୂର୍ଣ୍ଣ ବିଲରେ ନଷ୍ଟ ହେଉଛି ବୋଲି ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବା ସହ ବିହନ ବିକ୍ରେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।



ଜିଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଚାଷୀ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

> ନରନାରୀଙ୍କୁ, ପଦାର୍ଥକୁ, କୁଟୁମ୍ବ ପରିଜନଙ୍କୁ , ଦେଶକୁ-ମାନବ ଜାତିକୁ-ଜୀବଜନ୍ତୁ ପ୍ରଭୃତିଙ୍କୁ ଭଲ ପାଇବା। ଏ ସବୁ ଭିତରେ ରହିଛି ଭଗବାନଙ୍କ ପ୍ରତିବିମ୍ବ। ତେଣୁ ସମସ୍ତଙ୍କୁ ଚିରକାଳ ଭଲପାଇଚାଲ। -ଶ୍ରୀଅରବିନ୍ଦ

# ପ୍ରାଣୀଛୁଆ ପ୍ରତି ନିଷ୍ଠୁରତା



ମାନେକା ଗାନ୍ଧୀ

ଶିଶୁ ବା ଛୁଆଟିଏ ଯେ କୌଣସି ପ୍ରଜାତିର ହୋଇଥାଉ ନା କାହିଁକି ତା'ଠାରୁ ସୁନ୍ଦର କିଛି ନ ଥାଏ। ଯେତେବେଳେ ଗୋଟିଏ ମଣିଷ ଶିଶୁ ମୃତ୍ୟୁର ଶିକାର ହୁଏ ସେତେବେଳେ ଆମ କ୍ରୋଧ ଚରମ ସୀମାରେ ପହଞ୍ଚେ। ଗୋଟିଏ ଜୀବନ ନଷ୍ଟ ହେବା, ଗୋଟିଏ ନିରୀହ ଜୀବନ ପ୍ରତି ନିଷ୍ଠୁରତା ଆମକୁ ଦାରୁଣ ଆଘାତ ଦିଏ। କିନ୍ତୁ ଏହି ପ୍ରକାର ସମ୍ବେଦନଶୀଳତା ଆମେ ଅନ୍ୟ ଛୁଆମାନଙ୍କ କ୍ଷେତ୍ରରେ ଦେଖାଇ ନ ଥାଉ। କୋଭିଡ୍ ସମୟରେ ଲୋକମାନେ ନିର୍ଦ୍ଦୟ ଏବଂ ଅସହିଷ୍ଣୁ ହୋଇ ନବଜାତ କୁକୁର ଓ ବିଲେଇ ଛୁଆଙ୍କୁ ଅଖାରେ ପୂରାଇ ନାଳୀ,ପୋଖରୀ ଏବଂ ଅଳିଆ ଗଦାରେ ଫିଙ୍ଗି ଦେଲେ। ଏବେ ଏକମାତ୍ର ପ୍ରଭେଦ ହେଲା, ଜନ୍ମ ହୋଇଥିବା ଗୋଟିଏ ଛୁଆ ଅଦୃଶ୍ୟ ହୋଇଗଲେ ଆନିମଲ ୱେଲ୍‌ଫେୟାର୍‌ର ସଦସ୍ୟମାନେ ତାକୁ ଖୋଜୁଛନ୍ତି ଓ ପୋଲିସରେ ଅଭିଯୋଗ କରୁଛନ୍ତି।

ପ୍ରାଣୀଛୁଆଙ୍କୁ ଖାଇ ଉତ୍ସବ ପାଳନ କରିବା ଲୋକମାନେ ବି ଅଛନ୍ତି। ଘୁଷୁରି ମଣିଷ ପରି ବୁଦ୍ଧିଆ ଓ ମଣିଷ ସହ କାହିଁ କେଉଁ କାଳରୁ ରହିଆସିଛି। କିନ୍ତୁ ମା'କ୍ଷୀର ଖାଉଥିବା ୨ରୁ ୬ ମାସର ଘୁଷୁରି ଛୁଆକୁ ମାରି ବିବାହ ଉତ୍ସବ ଭୋଜିରେ କିମ୍ବା ନବଜାତ ଶିଶୁର ପ୍ରଥମ ମାସ ପୂର୍ତ୍ତି ଉତ୍ସବରେ ଖିଆଯାଏ। କ୍ଷୀରଖାଉଥିବା ଘୁଷୁରି ଛୁଆର ମାଂସ ଖାଇବାକୁ ମୁଖ୍ୟତଃ ଦକ୍ଷିଣ ଆମେରିକାବାସୀ ଭଲ ପାଆନ୍ତି। ଲୁଇସିନାରେ ପ୍ରତିବର୍ଷ ଦି କୋଚନ ଡୋଲଟ ଉତ୍ସବ ପାଳନ କରାଯାଏ। ଏଥିରେ ଘୁଷୁରି ଛୁଆଙ୍କୁ ଜିଅନ୍ତା ରୋଷ୍ଟ କରାଯାଏ। ଯିଏ ଖାଇବେ ସେ ଘୁଷୁରି ଛୁଆଙ୍କ ମୃତ୍ୟୁକୁ ଦେଖିବାକୁ ଚାହାନ୍ତି। ଛୁଆମାନଙ୍କୁ ଫାର୍ମରେ ମରାଯାଏ। ସେମାନଙ୍କୁ ପଛ ଗୋଡରେ ବାରମ୍ବାର ପହଁରିବା ଲାଗି ଛଡାଯାଏ ଓ ଖୁବ୍ ଜୋର୍‌ରେ ପକ୍କା କାନ୍ଥରେ ପିଟି ମାରିଦିଆଯାଏ। ଭିଲ୍ କହିଲେ ବାଛୁରିର ମାଂସକୁ ବୁଝାଏ । ଅନେକ ପ୍ରକାର ଭିଲ୍ ରହିଛି। ଏମାନଙ୍କ ମଧ୍ୟରେ ବବ୍ ଭିଲ ଅନ୍ୟତମ ଯେଉଁଥିରେ ବାଛୁରି ଜନ୍ମ ହେବାର ୨ ଘଣ୍ଟାରୁ ୨ଦିନ ମଧ୍ୟରେ କଂସେଇଖାନାରେ ମରାଯାଏ। ଏହି ସମୟରେ ଏମାନଙ୍କୁ କିଛି ଖାଇବାକୁ କି ପିଇବାକୁ ଦିଆଯାଏ ନାହିଁ। ଫଳରେ ସେମାନଙ୍କ ମାଂସ ଧଳା ପଡିଯାଏ। ସ୍କିଙ୍କ୍ ଭିଲ୍ ଗର୍ଭସ୍ଥ, ସମୟପୂର୍ବରୁ କିମ୍ବା ମୃତ ଭାବେ ଜନ୍ମିତ ବାଛୁରିରୁ ପ୍ରସ୍ତୁତ କରାଯାଏ। ଏହାକୁ ନିଷିଦ୍ଧ କରାଯାଇଥିଲେ ବି ବଜାରରେ ଏବେ ଚମଡା ଓ ମାଂସ ପାଇଁ ବିକ୍ରି ହେଉଛି। ସାରା ବିଶ୍ୱରେ ବିକ୍ରି କରାଯାଉଥିବା ଆଉ ଏକ ପ୍ରକାର ଭିଲ୍ ରହିଛି । ଏଥିରୁ ପ୍ରସ୍ତୁତ ଖରାପ ଡିଶ୍‌କୁ ସବୁଠୁ ରୁଗ୍‌ଣ ବ୍ୟକ୍ତି ହିଁ ଖାଉଛନ୍ତି। ଏହି ମାଂସ ଅଣ୍ଡିରା ବାଛୁରିଠାରୁ ମିଳେ। ଛୁଆ ଜନ୍ମ ହେବା ପରେ ମା'ଠାରୁ ଅଲଗା କରି ତାକୁ ଏକ ଟାଇଟ୍ ଯନ୍ତା ମଧ୍ୟରେ ରଖାଯାଏ। ତାକୁ କିଛି ବି କଠିନ ଖାଦ୍ୟ ଖାଇବାକୁ ଦିଆଯାଏନି। ୧୮ରୁ ୨୨ ସପ୍ତାହ ଯାଏ ବଞ୍ଚାଇ ରଖିବା ଲାଗି କିଛି ରାସାୟନିକ ମିଶ୍ରଣ ଦିଆଯାଇଥାଏ। କଠିନ ଖାଦ୍ୟ ଓ ମିନେରାଲସ ଅଭାବରୁ ତ'ାର ମାଂସ ଈଷତ ହଳଦିଆ ହୋଇଯାଏ।

ଟ୍ୟୁବ୍ ଭଳି ଦେଖିବାକୁ ସ୍କୁଇଡ୍ ସାମୁଦ୍ରିକ ଜୀବ ମଧ୍ୟରେ ଚତୁର। ସ୍କୁଇଡ୍ ଗଭୀର ଜଳରେ ରହିଲେ ବି ଗର୍ଭିଣୀ ସ୍କୁଇଡମାନେ ଅଗଭୀର ଜାଗାକୁ ଆସି ପାଣି ଉପରକୁ ଡାଇଭ୍ ମାରନ୍ତି। ଗର୍ଭାବସ୍ଥାରେ ସେମାନେ ଅଣ୍ଡାର ଏକ ବଡ ଥଳୀ ୯ ମାସ ଯାଏ ଧାରଣ କରିଥାନ୍ତି ଓ ସେଥିରେ ବଢୁଥିବା ଛୁଆଙ୍କର ଯତ୍ନ ନଅନ୍ତି । କିନ୍ତୁ ସେହି ଛୁଆମାନଙ୍କୁ ଧରି ସେଥିରୁ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ଏଭଳି ଖାଦ୍ୟକୁ ଇଟାଲୀରେ କାଲାମାରି ,ସ୍ପେନ୍‌ରେ ପୁଣ୍ଟିଲିଟିଟାସ୍ (ସ୍କୁଇଡ୍ ଛୁଆ ଘୋଳ ଏବଂ ଫ୍ରାଏ) କୁହାଯାଏ। ସ୍କୁଇଡ ଶରୀରରେ ଥିବା ଏକ ପ୍ରକାର କଳା ଇଙ୍କ୍ ସଂଗ୍ରହ କରାଯାଇ ସେଥିରେ ତାହାକୁ ସିଝାଯାଇ ଏକ ପ୍ରକାର ଡିଶ୍ ପ୍ରସ୍ତୁତ କରଯାଏ। ମା' ଅକ୍ଟୋପସର କାହାଣୀ ବି ଭାରି ଦୁଃଖଦାୟକ। ସେ ୪-୫ ମାସ ଯାଏ ଗର୍ଭଧାରଣ କରିବା ପରେ ଅଣ୍ଡା ଛାଡିଥାଏ। ମାସାଧିକରୁ ଅଧିକ ସମୟ ଅଣ୍ଡା ଦେବା ପ୍ରକ୍ରିୟା ଜାରି ରଖେ। ସେ ଏହି ଅଣ୍ଡାଗୁଡିକୁ ଯୋଡି ଯୋଡି ଝୁଲନ୍ତା ଫିତା ଆକାରର କରେ, ଯାହା ଏକ ମାଳାର ପରଦା ଭଳି ଦେଖାଯାଏ। ତା'ପରେ ସେ ରହୁଥିବା ଗୁମ୍ଫାକୁ ଯାଇ ତାହାକୁ ସେଠାରେ ଝୁଲାଇଦିଏ। ମାସ ମାସ ଧରି ଅଣ୍ଡାକୁ ଜଗି ରହେ ଓ ଲଗାତର ଶୁଣ୍ଢ ହଲାଇ ଛୁଆମାନଙ୍କୁ ସୁରକ୍ଷିତ ରଖେ। ସମ୍ଭାବ୍ୟ ଶତ୍ରୁଙ୍କ ବିରୋଧରେ ଲଢ଼େଇ କରି ଅଣ୍ଡାଠାରୁ ସେମାନଙ୍କୁ ଦୂରେଇ ଦିଏ। ଅଣ୍ଡାରୁ ଛୁଆ ଫୁଟିବାକୁ ୬ ମାସ ଲାଗିଯାଏ ଓ ଏହି ସମୟ ମଧ୍ୟରେ ସେ କିଛି ବି ଖାଏ ନାହିଁ। ମରିଯିବା ଭଳି ସ୍ଥିତିରେ ରହିଥାଏ। ତଥାପି ଦେହର ଶେଷ ଶକ୍ତି ଖଟାଇ ତା'ଶୁଣ୍ଢ ସାହାଯ୍ୟରେ ଛୁଆମାନଙ୍କୁ ଗୁମ୍ଫାରୁ ପାଣିକୁ ଆହୁଲାଇ ଦିଏ। ଛୁଆଗୁଡ଼ିକ ପାଣିକୁ ଚାଲି ଯିବା ପରେ ସେ ମରିଯାଏ। ଛୁଆପାଇଁ ଏତେ କଷ୍ଟ କରିଥିବା ମା'ଟି ସିନା ମରିଯାଏ ,ହେଲେ ଆମେ ତା'ଛୁଆଗୁଡ଼ିକୁ ଆଣି ମାରି ଖାଇଯାଉ। ତାହାକୁ ସସ୍‌ରେ ବୁଡାଇ କକ୍‌ଟେଲ ସହ ସ୍ନାକ୍ସ ଭଳି ଖିଆଯାଏ। ଅକ୍ଟୋପସର ୫୬,୦୦୦ରୁ ଅଧିକ ଛୁଆଙ୍କ ମଧ୍ୟରୁ ଗୋଟିଏ କି ଦୁଇଟା ବୟସ୍କ ସ୍ତରରେ ପହଞ୍ଚିଥାନ୍ତି।

ଇଲ୍(ବମି ମାଛ ବା କୋଚିଆ)ଛୁଆ ପୃଥିବୀର ସବୁଠୁ ଅଦ୍ଭୁତ ଜୀବ। ସେମାନେ କେବଳ ସରଗାସୋ ସାଗରରେ ଜନ୍ମ ନିଅନ୍ତି ଓ ଧୀରେ ଧୀରେ ହଜାର ହଜାର ମାଇଲ ଅତିକ୍ରମ କରି ୟୁରୋପରେ ପହଞ୍ଚିଥାନ୍ତି। ଏଠାରେ ସେମାନେ ଏକ ସ୍ୱଚ୍ଛ କାଚ ସଦୃଶ ଦେଖାଯାଆନ୍ତି। ଯେଉଁମାନେ ଛୋଟ ଛୋଟ ଜଳାଧାର କିମ୍ବା ନଦୀରେ ଯାଆନ୍ତି ସେମାନେ ହଳଦିଆ ରଙ୍ଗର ହୋଇଯାଆନ୍ତି। ଯଦି ଶିକାର କରା ନ ଯାଏ ତେବେ ସେମାନେ ୨୦୦ ବର୍ଷ ଯାଏ ବଞ୍ଚିପାରିବେ। କିନ୍ତୁ ଲୋକେ କୋଚିଆ ଛୁଆକୁ ଧରି ଖାଇଯାଉଛନ୍ତି। ଏବେ ଏହାର ବଂଶ ଦ୍ରୁତ ଗତିରେ ଲୋପ ପାଇଚାଲିଛି। ହୁଏତ ଆମ ପିଲାମାନେ ସେମାନଙ୍କୁ ଦେଖିବାକୁ ପାଇ ନ ପାରନ୍ତି। ସ୍ପେନ୍‌ରେ ଠେକୁଆ ଛୁଆକୁ ଚକୋଲେଟ ସସ୍‌ରେ ରନ୍ଧାଯାଇ ଏକ ସ୍ୱତନ୍ତ୍ର ଡିଶ୍ ପ୍ରସ୍ତୁତ କରାଯାଏ। ଚାଇନାରେ ମୂଷା ଛୁଆକୁ ମଦରେ ବୁଡାଇ ବର୍ଷେ ରଖାଯାଏ। ପରେ ସେହି ମଦକୁ ହେଲ୍‌ଥ ଟନିକ ଭାବେ ବିକ୍ରି କରାଯାଇଥାଏ।

ପର ବିହୀନ ପାରାଛୁଆ( ସ୍କାବ) ହିଟଲରଙ୍କର ଥିଲା ପ୍ରିୟ ଖାଦ୍ୟ। ପାରା ପ୍ରାୟ ୬ ବର୍ଷ ବଞ୍ଚନ୍ତି ଓ ଏକାଠି ପାରିବାରିକ ବନ୍ଧନରେ ରହନ୍ତି। ଛୁଆ ବୟସ୍କ ହେବା ଯାଏ ସେମାନେ ତା'ର ଯତ୍ନ ନିଅନ୍ତି। ଛୁଆକୁ ପାଖାପାଖି ମାସକ ଯାଏ ପାଳନ୍ତି। ଏହି ସମୟରେ ସେମାନଙ୍କ ପର ଉଠି ନ ଥିବାରୁ ଉଡିପାରନ୍ତି ନାହିଁ। ହେଲେ ସେମାନଙ୍କୁ ମାରି ରନ୍ଧାଯାଏ । ରୋମାନରେ ପ୍ରଥମେ ପାରାଛୁଆ ମାଂସ ରୋଷେଇ ଆରମ୍ଭ କରାଯାଇଥିଲା ଓ ଏବେ ଅନେକ ଦେଶରେ ଏହା ଖାଦ୍ୟ ପାଲଟିଯାଇଛି।

ମେଣ୍ଢା କିମ୍ବା ଛେଳି ଛୁଆ ମାଂସର ଡିଶ୍ ଏକ ସାଧାରଣ କଥା। ମେଣ୍ଢା କିମ୍ବା ବାଛୁରିର ଗଳା,ବେକ କିମ୍ବା ପାନକ୍ରିୟାଜ, ଜିଭ ଓ ଅଣ୍ଡକୋଷ ସୁଇଟ୍‌ବ୍ରେଡ ଭାବେ ଜଣାଶୁଣା। ବାଛୁରିର ଜିଭକୁ ଅନେକ ସମୟରେ ରୁଷିଆନ ସାଲାଡରେ ପକାଯାଏ। ଜାପାନରେ ଏହି ଜିଭକୁ ଭାଜି ଏକ ପ୍ରକାର ଡିଶ୍ (ଗ୍ୟୁଟାନ)ପ୍ରସ୍ତୁତ କରାଯାଏ। ମେଣ୍ଢାଛୁଆର କିଡନୀ ଏବଂ ଲିଭର୍‌ରୁ ସ୍ୱାଦିଷ୍ଟ ଖାଦ୍ୟ ମଧ୍ୟ ପ୍ରସ୍ତୁତ ହୋଇଥାଏ। ବହୁ ବର୍ଷ ପୂର୍ବେ ମୁଁ ଅମୁଲର ସଫଳ ଲାଗି ଏକ ବିଜ୍ଞାପନ କରିଥିଲି। ଗୋଟିଏ ମେଣ୍ଢା ଛୁଆକୁ ମୁଁ ହାତରେ ଧରିଥିଲି ଓ ଆଉ ସବୁ ଛୁଆ ମୋ ଚାରି ପାଖରେ ଘେରି ରହିଥିଲେ। ଜାଣିବାକୁ ପାଇଲି ଯେ,ଶୁଟିଂ ପରେ ସେମାନଙ୍କୁ ମାରିବା ଲାଗି ନେବାର ଥିଲା। ଏଣୁ ବିଜ୍ଞାପନରୁ ପାଇବାକୁ ଥିବା ଟଙ୍କା ବାବଦରେ ମୁଁ ସବୁ ମେଣ୍ଢାଛୁଆଙ୍କୁ ନେଇ ଆସିଲି। ଆଉ ଯାହା ପ୍ରାପ୍ୟ ରହିଲା ସେଥିରେ ମୋ ପ୍ରାଣୀ ହସ୍ପିଟାଲରେ ଗାଈଙ୍କୁ ଖାଇବା ଲାଗି ସେମାନେ ବର୍ଷକ ଯାଏ ପିଶେଲ୍ ଯୋଗାଇ ଦେଇଥିଲେ। ପେରୁପକ୍ଷୀ( ଟର୍କି)ର ଆୟୁଷ ୧୦ ବର୍ଷ। କିନ୍ତୁ ୮ ସପ୍ତାହର ଛୁଆର ମାଂସରୁ ପ୍ରସ୍ତୁତ ଡିଶ୍ ଥ୍ୟାଙ୍କସ୍‌ଗିଭିଙ୍ଗ ଡିନର୍‌ରେ ପରଷା ଯାଏ । ବତକ ଛୁଆର ପର ନ ଉଠୁଣୁ ତାକୁ ମାରି ଖିଆଯାଏ। ପ୍ରକୃତରେ କି ଘୃଣିତ ଜୀବ ଆମେ ? ଆମ ସାଙ୍ଗରେ ରହୁଥିବା ପ୍ରାଣୀଛୁଆଙ୍କୁ ମଧ୍ୟ ଆମେ ବଞ୍ଚାଇପାରୁନାହୁଁ।

Email: gandhim@nic.in

# ନ୍ୟାୟ ଦର୍ଶନର ମୂଳତତ୍ତ୍ୱ



ଡା. ଗୋପାଳ ଚନ୍ଦ୍ର ଦାଶ

ମହର୍ଷି ଗୌତମ ନ୍ୟାୟ ଦର୍ଶନର ପ୍ରଣେତା । ଏହି ଦର୍ଶନର ସୂତ୍ର ସଂଖ୍ୟା ୫୨୨। ନ୍ୟାୟଦର୍ଶନ ଗ୍ରନ୍ଥ ୫ଟି ଅଧ୍ୟାୟରେ ବିଭକ୍ତ ଓ ପ୍ରତ୍ୟେକ ଅଧ୍ୟାୟରେ ଦୁଇଟି ଆହ୍ନିକ ଅଛି । ବାତ୍ସାୟନ, ଉଦୟନ ଓ ଜୟନ୍ତ ଭଟ୍ଟ ଆଦି ଋଷି ନ୍ୟାୟଦର୍ଶନର ଭାଷ୍ୟକାର ଓ ଟୀକାକାର । ମହର୍ଷି ବାତ୍ସାୟନଙ୍କ ନ୍ୟାୟଭାଷ୍ୟ ପ୍ରସିଦ୍ଧ ଅଟେ । ମହର୍ଷି ଗୌତମ ନ୍ୟାୟଦର୍ଶନରେ ପ୍ରମାଣ ପ୍ରମେୟ ଆଦି ୧୬ ପଦାର୍ଥର ତତ୍ତ୍ୱଜ୍ଞାନରୁ ମୋକ୍ଷ ପ୍ରାପ୍ତି ବୋଲି ବ୍ୟାଖ୍ୟାନ କରିଛନ୍ତି। ଏହି ଦର୍ଶନର ପ୍ରଥମ ସୂତ୍ରରେ କୁହାଯାଇଛି –'ତତ୍ତ୍ୱ ଜ୍ଞାନାନ୍ନି ଶ୍ରେୟ ସାଧିଗମ' । ଅର୍ଥାତ୍ ପ୍ରମାଣ, ପ୍ରମେୟ, ସଂଶୟ, ପ୍ରୟୋଜନ, ଦୃଷ୍ଟାନ୍ତ, ସିଦ୍ଧାନ୍ତ, ଅବୟବ, ତର୍କ, ନିର୍ଣ୍ଣୟ, ବାଦ, ଜଳ୍ପ, ବିତଣ୍ଡା, ହେତ୍ୱାଭାସ, ଛଳ, ଜାତି ଏବଂ ନିଗ୍ରହ ସ୍ଥାନ ଆଦି ୧୬ ତତ୍ତ୍ୱକୁ ଭଲ ଭାବରେ ଜାଣିଲେ ମୋକ୍ଷ ପ୍ରାପ୍ତି ସୁଲଭ ହୋଇଥାଏ । ଗୌତମ ମୁନିଙ୍କର ନ୍ୟାୟ ଦର୍ଶନର ପ୍ରଥମ ଅଧ୍ୟାୟରେ ୧୬ ପଦାର୍ଥର ବ୍ୟାଖ୍ୟା, ଦ୍ୱିତୀୟ ଅଧ୍ୟାୟରେ ସନ୍ଦେହର ସ୍ୱରୂପ, ପ୍ରମାଣ ମାର୍ଗ ଓ ସିଦ୍ଧତା, ତୃତୀୟ ଅଧ୍ୟାୟରେ ଆତ୍ମା, ଶରୀର, ଇନ୍ଦ୍ରିୟ, ବିଷୟ, ବୁଦ୍ଧି ଓ ମନ ସମ୍ବନ୍ଧରେ ଜ୍ଞାନ, ଚତୁର୍ଥ ଅଧ୍ୟାୟରେ ସୁଖ, ଦୁଃଖ, ଇଚ୍ଛା ଓ ମୁକ୍ତିର ସ୍ୱରୂପ, ଅନ୍ତିମ ଓ ପଞ୍ଚମ ଅଧ୍ୟାୟରେ ଜାତି ଓ ନିଗ୍ରହ ସ୍ଥାନ ସମ୍ବନ୍ଧରେ ଆଲୋଚନା କରାଯାଇଛି । ସୁଖ ମଧ୍ୟରେ ଦୁଃଖ ଜଡିତ ଥିବାରୁ ନ୍ୟାୟଦର୍ଶନରେ ସୁଖକୁ ମଧ୍ୟ ଦୁଃଖ ବୋଲି ଦର୍ଶାଯାଇଛି।

ଏହି ଦର୍ଶନ ଅନୁସାରେ ସଂସାର ଦୁଃଖମୟ। ସୁଖ ଓ ଦୁଃଖ ଉଭୟର ମନୋବୃତ୍ତି ବିନାଶ ହେଲେ ମନ ସାମ୍ୟାବସ୍ଥା ଲାଭ କରେ ଓ ମୁକ୍ତି ସମ୍ଭବ ହୁଏ । ନ୍ୟାୟ ସୂତ୍ରରେ ମୁକ୍ତି ଦୁଇ ପ୍ରକାର ଯଥା ଜୀବନ ମୁକ୍ତି ଓ ବିଦେହ। ବିଦେହ ମୁକ୍ତିକୁ ପର ନିଃଶ୍ରେୟସ ଓ ଜୀବନ ମୁକ୍ତିକୁ ଅପର ନିଃଶ୍ରେୟସ କୁହାଯାଏ । ମୋକ୍ଷ ଲାଭରେ ସୁଖ ଓ ଦୁଃଖ ନ ଥାଏ । ମିଥ୍ୟା ଜ୍ଞାନରୁ ଦୋଷ, ପ୍ରବୃତ୍ତି ଓ ଦୁଃଖ ଉତ୍ପନ୍ନ ହୋଇଥାଏ । ମିଥ୍ୟାଜ୍ଞାନର ନାଶ ହେଲେ ତତ୍ତ୍ୱଜ୍ଞାନ ଜାତ ହୁଏ ଓ ଜୀବ ମୁକ୍ତି ଲାଭ କରେ । ତେଣୁ ଜ୍ଞାନବିନା ମୁକ୍ତି ଅସମ୍ଭବ । ଏହା ସର୍ବସମ୍ମତ ସିଦ୍ଧାନ୍ତ । ଶୁଦ୍ଧ ଜ୍ଞାନ ପ୍ରାପ୍ତିର ମାର୍ଗ ସମ୍ବନ୍ଧରେ ନ୍ୟାୟ ଦର୍ଶନରେ ବର୍ଣ୍ଣିତ ହୋଇଛି । ନ୍ୟାୟ ଦର୍ଶନ ଈଶ୍ୱର ଜୀବ ଓ ଜଗତର ଅବସ୍ଥିତିକୁ ମାନ୍ୟତା ପ୍ରଦାନ କରିଥାଏ । ବେଦାଦି ସତଶାସ୍ତ୍ର ଓ ସୃଷ୍ଟି ନିର୍ମାତା ଈଶ୍ୱରଙ୍କୁ ସ୍ୱୀକାର କରୁ ନ ଥିବା ବ୍ୟକ୍ତିମାନଙ୍କୁ ତର୍କଦ୍ୱାରା କିପରି ପରାଜିତ କରିବାକୁ ହୁଏ ତାହାର ପ୍ରଣାଳୀ ନ୍ୟାୟ ସୂତ୍ରରେ ଉଲ୍ଲେଖ କରାଯାଇଛି । ନ୍ୟାୟ ଦର୍ଶନ ମତରେ ଜୀବର ଇନ୍ଦ୍ରିୟମାନଙ୍କ ଦ୍ୱାରା ଦୃଷ୍ଟିଗୋଚର ହେଉଥିବା ଜଗତ ସତ୍ ଅଟେ । ପରମାଣୁ ଜଗତର ଉପାଦାନ କାରଣ ଓ ଈଶ୍ୱର ନିମିତ୍ତ କାରଣ ଅଟନ୍ତି । ଈଶ୍ୱରଙ୍କ ଇଚ୍ଛାରେ ଗୋଟିଏ ପରମାଣୁ ଅନ୍ୟ ଏକ ପରମାଣୁ ସହିତ ମିଳିତ ହୋଇ ଅଣୁରେ ପରିଣତ ହୁଏ ଓ ଏହି ଅଣୁମାନଙ୍କର ବୃଦ୍ଧିରେ ପଞ୍ଚତତ୍ତ୍ୱ ଉତ୍ପନ୍ନ ହୁଏ ।

ନ୍ୟାୟ ସୂତ୍ରରେ ପରମାଣୁ ସମ୍ବନ୍ଧରେ ବର୍ଣ୍ଣନା ହୋଇଥିବାରୁ, କଣାଦ ମୁନିଙ୍କ ଦ୍ୱାରା ରଚିତ ବୈଶେଷିକ ଦର୍ଶନ ସହିତ ନ୍ୟାୟ ଦର୍ଶନର ସାମଞ୍ଜସ୍ୟ ଥିବାର ପ୍ରମାଣ ମିଳେ। ନ୍ୟାୟ ଦର୍ଶନ ମତରେ ଜ୍ଞାନ ଆତ୍ମାର ଏକ ଗୁଣ । ଭୌତିକ ପଦାର୍ଥର ଗୁଣଗୁଡିକ ବ୍ୟାହେନ୍ଦ୍ରିୟ ଦ୍ୱାରା ପ୍ରକାଶିତ ହେବା ପରି ଜ୍ଞାନ ଅନ୍ତରେନ୍ଦ୍ରିୟ (ମନ) ଦ୍ୱାରା ପ୍ରକଟିତ ହୋଇଥାଏ । ଶରୀର ସହିତ ଆତ୍ମାର ସଂଯୋଗ ହେଲେ, ଆତ୍ମାଠାରେ ଏହି ଗୁଣ ପ୍ରକାଶିତ ହୁଏ । ଜ୍ଞାନ ସର୍ବଦା ପ୍ରମେୟ ପାଇଁ ଉଦ୍ଦିଷ୍ଟ – ଅର୍ଥାତ ବସ୍ତୁ ସମ୍ବନ୍ଧୀୟ ଜ୍ଞାନ ଯଥା– ଗୁଣ, କର୍ମ, ଭାବ ଓ ସ୍ଥିତି ସମ୍ବନ୍ଧୀୟ ଜ୍ଞାନ । ଆତ୍ମାକୁ ଜାଣିବା ପାଇଁ ଜ୍ଞାନର ଆବଶ୍ୟକ ପଡେ ନାହିଁ। କାରଣ ଆତ୍ମା ସ୍ୱୟଂ ଜ୍ଞାନ ସ୍ୱରୂପ । ଆତ୍ମା ଏକ ଅନୁଭବାତ୍ମକ ଜ୍ଞାନ । ଗୌତମଙ୍କ ମତରେ ଜ୍ଞାନ ଦୁଇ ପ୍ରକାର ପ୍ରମା ଓ ଅପ୍ରମା। ସିଦ୍ଧ ଓ ସତ୍‌ଜ୍ଞାନକୁ ପ୍ରମା ତଥା ଅସିଦ୍ଧ ବା ମିଥ୍ୟା ଜ୍ଞାନକୁ ଅପ୍ରମା କୁହାଯାଏ। ପ୍ରମାଣ ଦ୍ୱାରା ଜ୍ଞାନ ସିଦ୍ଧ ବା ଅସିଦ୍ଧ ବୋଲି ନିର୍ଣ୍ଣୟ କରାଯାଇଥାଏ । ପ୍ରମା ଓ ଅପ୍ରମା ଉଭୟେ ୪ ପ୍ରକାର। ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶବ୍ଦ (ଆପ୍ତ)କୁ ପ୍ରମା କୁହାଯାଏ । ସ୍ମୃତି, ସଂଶୟ, ଭ୍ରମ ଓ ତର୍କକୁ ଅପ୍ରମା କୁହାଯାଏ ।

ଗୌତମଙ୍କ ନ୍ୟାୟ ସୂତ୍ର କେବେ ରଚିତ ହୋଇଥିଲା ସେ ସମ୍ବନ୍ଧରେ ମତାନ୍ତର ଦେଖାଯାଏ। ସମ୍ଭବତଃ ଏହା ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀର ଗ୍ରନ୍ଥ। ଗୌତମଙ୍କ ନ୍ୟାୟସୂତ୍ର ନ୍ୟାୟଦର୍ଶନର ପ୍ରଥମ ଗ୍ରନ୍ଥ। ଦ୍ୱାଦଶ ଶତାବ୍ଦୀରେ ବିକ୍ରମାଦିତ୍ୟଙ୍କ ଦରବାରରେ ଏହି ଶାସ୍ତ୍ରର ଆଲୋଚନା ହେଉଥିଲା ବୋଲି ପ୍ରମାଣ ମିଳେ । ଗୌତମଙ୍କ ପୂର୍ବରୁ ଦତ୍ତାତ୍ରେୟ, ପୁନର୍ବସୁ, ଆତ୍ରେୟ ଓ ଅଷ୍ଟବକ୍ର ଆଦି ଋଷିମାନେ ନ୍ୟାୟଶାସ୍ତ୍ରକୁ ଯଥେଷ୍ଟ ମାତ୍ରାରେ ଅବଦାନ କରିଛନ୍ତି। ଗୌତମଙ୍କ ପରେ ନିଜର ବିଶ୍ୱର ଧାରାରେ ଅନେକ ମୁନି ନ୍ୟାୟଦର୍ଶନର ଭାଷ୍ୟ ବା ଟୀକାକରଣ କରିଛନ୍ତି । ସେଗୁଡିକ ମଧ୍ୟରେ ବାତ୍ସାୟନଙ୍କ ନ୍ୟାୟଭାଷ୍ୟ, ଉଦ୍ୟୋତକରଙ୍କ ନ୍ୟାୟବର୍ତ୍ତିକା, ଧର୍ମକୀର୍ତ୍ତିଙ୍କ ନ୍ୟାୟବିନ୍ଦୁ, ବାଚସ୍ପତିଙ୍କ ନ୍ୟାୟ–ବାର୍ତ୍ତିକ–ତାତ୍ପର୍ଯ୍ୟ–ଟୀକା, ଉଦୟନଙ୍କ ନ୍ୟାୟ–ବାର୍ତ୍ତିକ–ତାତ୍ପର୍ଯ୍ୟ–ପରିଶୁଦ୍ଧି ଓ କୁସୁମାଞ୍ଜଳି, ଜୟନ୍ତ ଭଟ୍ଟଙ୍କ ନ୍ୟାୟ ମଞ୍ଜରୀ ଓ ବର୍ଦ୍ଧମାନଙ୍କ ନ୍ୟାୟ–ନିବନ୍ଧ–ପ୍ରକାଶ ଉଲ୍ଲେଖଯୋଗ୍ୟ । ନବ୍ୟ ନାୟିକମାନଙ୍କ ମଧ୍ୟରେ ଜୟଦେବ, ବାସୁଦେବ, ରଘୁନାଥ, ରଘୁନନ୍ଦନ, କୃଷ୍ଣାନନ୍ଦ, ଜଗଦୀଶ, ଗଦାଧର ଓ ଅନଂଭାଙ୍କ ନାମ ଉଲ୍ଲେଖଯୋଗ୍ୟ ।

ଧର୍ମ ଓ ଜୀବନର ଉଦ୍ଦେଶ୍ୟ ସାଧନ ନିମିତ୍ତ ତର୍କଶାସ୍ତ୍ରର ଏକାନ୍ତ ପ୍ରୟୋଜନ । ପ୍ରାଚୀନ ତର୍କଶାସ୍ତ୍ରରେ ତତ୍ତ୍ୱ ଓ ଜ୍ଞାନ ସମ୍ବନ୍ଧରେ ଆଲୋଚନା ହେଉଥିବା ବେଳେ ନବ୍ୟମାନେ ଜ୍ଞାନ ମୀମାଂସା ପ୍ରତି ଆକୃଷ୍ଟ ହୋଇ ଜୀବନ ଓ ତର୍କ ମଧ୍ୟରେ ଥିବା ସମ୍ବନ୍ଧକୁ ଭୁଲିଗଲେ । ଅର୍ଥାତ୍ ନବ୍ୟମାନେ ପ୍ରମାଣ ପ୍ରତି ଧ୍ୟାନ ଦେଇ ପ୍ରମେୟ ପ୍ରତି ଅବହେଳା ପ୍ରଦର୍ଶନ କଲେ । ଜ୍ଞାନ ଅପେକ୍ଷା ତର୍କ ଉପରେ ବିଶେଷ ଧ୍ୟାନ ଦେଲେ । ତେଣୁ ନ୍ୟାୟ ଦର୍ଶନର ଉପାଦେୟତା ସମାଜରେ କମିବାରେ ଲାଗିଲା ।

ନ୍ୟାୟ ଦର୍ଶନରେ କୁହାଯାଇଛି 'ନିୟତେ ଅନ୍ୟେନ ଇତି ନ୍ୟାୟ' । ଅର୍ଥାତ୍ ଯେଉଁ ବିଦ୍ୟା ସିଦ୍ଧାନ୍ତରେ ପହଞ୍ଚାଇ ଦିଏ ତାହାକୁ ନ୍ୟାୟ କୁହାଯାଏ । ସେଥିପାଇଁ ପ୍ରାଚୀନ ବିଚାରକ ମଣ୍ଡଳୀ, ଗୌତମଙ୍କ ନ୍ୟାୟ ସୂତ୍ରକୁ ଅଧ୍ୟୟନ କରି ନିର୍ଣ୍ଣୟାତ୍ମକ ପଦକ୍ଷେପ ନେଉଥିଲେ। ବର୍ତ୍ତମାନ ଏହା ପାଠ୍ୟବସ୍ତୁ ହେବା ଆବଶ୍ୟକ। ଅନ୍ତିମରେ ଏତିକି କୁହାଯାଇପାରେ ଯେ, ପ୍ରତ୍ୟେକ ଆର୍ଯ୍ୟ ନ୍ୟାୟଦର୍ଶନ ପଢ଼ିବା ଏକାନ୍ତ ଆବଶ୍ୟକ।

ସେବାନିବୃତ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ, ପୂର୍ବତଟ ରେଲ୍‌ୱେ,
ଭୁବନେଶ୍ୱର, ଫୋନ୍: ୦୬୭୪-୩୫୫୩୬୬୭
Email: gcdash59@gmail.com

# ଏଇ ଭାରତରେ

ମହାରାଷ୍ଟ୍ରରେ କୃଷିଋଣ ଯୋଗୁ କୃଷକ ଆତ୍ମହତ୍ୟା ସବୁଠୁ ବେଶି ହେଉଥିବାବେଳେ ୩୦ ଲକ୍ଷ ଟଙ୍କା ଋଣରେ ଥିବା ଜଣେ ମହିଳା ଅଙ୍ଗୁର ଚାଷ କରି ଏବେ ବର୍ଷକୁ ତା'ଠାରୁ ଅଧିକ ରୋଜଗାର କରିବା କିଛି କମ୍ କଥା ନୁହେଁ। ଏହି ମହିଳା ଜଣକ ହେଉଛନ୍ତି ନାସିକ୍ ଜିଲା ନିପଡ ବ୍ଲକର ସଙ୍ଗୀତା ବୋରାସ୍ତେ। ୨୦୧୪ରେ ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ସେ ଚାଷ ଭାର ସମ୍ଭାଳି ଥିଲେ। ତାଙ୍କ ସ୍ୱାମୀ ୩୦ ଲକ୍ଷ ଟଙ୍କା ଋଣ କରିଥିଲେ ଓ ତାହା ତାଙ୍କ ଉପରକୁ ହିଁ ଆସିଥିଲା। ତାଙ୍କ ସ୍ୱାମୀ ପ୍ରଥମେ ବ୍ୟାଙ୍କରେ ଚାକିରି କରିଥିଲେ। କିନ୍ତୁ ଚାକିରି ଛାଡି ସେ ୧୦ ଏକର ଜମିରେ ଅଙ୍ଗୁର ଚାଷ ଆରମ୍ଭ କରିଥିଲେ। ପରିସ୍ଥିତି ଏଭଳି ହେଲା ଯେ, ଚାଷରେ କ୍ଷତି ସହିଲେ ଓ ତାଙ୍କୁ ୨.୫ ଏକର ଜମି ବିକିବାକୁ ପଡିଲା। ଅଙ୍ଗୁର ପାଇଁ ଅନୁକୂଳ ଜଳବାୟୁ ଥିବା ନିପଡକୁ ୧୫ ବର୍ଷ ବୟସରେ ବାହା ହୋଇ ଆସିଥିବା ସଙ୍ଗୀତା ସ୍ୱାମୀଙ୍କ ଦେହାନ୍ତ ପରେ ଅଙ୍ଗୁର ଚାଷରେ ଲାଗିପଡିଲେ। ଏଥିରେ ତାଙ୍କ ସାନ ପୁଅ ଓ ପୁତୁରା ସାହାଯ୍ୟ କଲେ। ପରିସ୍ଥିତି ଏମିତି ହୁଏ ଯେ, ଦିନେ ଦିନେ ସଙ୍ଗୀତା ଅଙ୍ଗୁର ବଗିଚାରେ ନିଆଁଜାଳି ରାତିସାରା ଜଗିରହନ୍ତି। ବହୁ କଷ୍ଟରେ ଚାଷକୁ ଆଗକୁ ବଢ଼ାଇ ଅଧିକ ଉତ୍ପାଦନ କରିବାରେ ଲାଗିଲେ ଓ ଏକ ଫାର୍ମ ମାଧ୍ୟମରେ ବିକ୍ରି କରିବା ଆରମ୍ଭ କଲେ। ପ୍ରଥମ ବର୍ଷ ପ୍ରଥମ ଉତ୍ପାଦନରୁ ସେ ୧୫ ଲକ୍ଷ ଟଙ୍କା ଲାଭ ପାଇଥିଲେ। ପରେ ତାଙ୍କ ଆୟ ବୃଦ୍ଧିପାଇବାରେ ଲାଗିଲା ଓ ବର୍ଷକୁ ଏବେ ପାଖାପାଖି ୪୦ଲକ୍ଷ ଟଙ୍କା ପାଉଛନ୍ତି। କୋଭିଡ୍ ମହାମାରୀରେ ବିକ୍ରି କମ୍ ହେବାରୁ ସେ ୩୫ ଲକ୍ଷ ଟଙ୍କା କ୍ଷତି ସହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ନଭେମ୍ବର ୧୯୯୫

- ମୁସ୍‌ଲିମ୍ ଏବଂ କ୍ରୋଏସିଆ ଅଧିବାସୀଙ୍କ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ସକାଶେ ସଂଘୀୟ ସରକାରଙ୍କୁ ପୁନର୍ଗଠନ କରିବାର ଆବଶ୍ୟକତା ଉପଲବ୍ଧି କରି ବୋସ୍‌ନିଆର ବୈଦେଶିକ ମନ୍ତ୍ରୀ ମହମ୍ମଦ ସାକିର୍‌ବେଙ୍କ ଇସ୍ତଫା ପ୍ରଦାନ।
- ଜାଫ୍‌ନା ଉପଦ୍ୱୀପର ପାଲାଲି ନିକଟରେ ଶ୍ରୀଲଙ୍କା ସୈନ୍ୟ ବାହିନୀର ଏକ ଚାଇନା ନିର୍ମିତ ୱାଇ-୮ ପରିବହନ ବିମାନକୁ ଏଲ୍‌ଟିଟିଇ ଗେରିଲାମାନେ ଗୁଳି କରି ଖସାଇ ଦେଇଛନ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | A | | | | | | | | 8 | 7 | 6 | | | 9 |
| | | 1 | C | | 2 | | | B | | | | | | 6 |
| 9 | 5 | | | | 3 | | | | 1 | A | B | D | | E |
| | | | | 6 | | E | | | 5 | | 3 | | | B |
| D | 3 | | 7 | 4 | | | | | | C | 0 | | | |
| 7 | | | | 8 | | | C | D | 9 | 5 | | | | A |
| | | | | | | | | | | | | E | 2 | 5 |
| 2 | | | 1 | | D | | | 8 | | | | 6 | | |
| | 9 | | | | | 4 | | 7 | | 3 | D | | | 8 |
| 1 | 6 | | | | 7 | | 2 | | | | | | 3 | |
| | | 9 | | | A | | D | 5 | | B | | | | |
| 3 | | | | D | | | | | C | 4 | | | A | |
| | | B | | | | 6 | 9 | | | | 8 | | | 4 |
| 6 | D | | | | | 3 | | | 0 | | 7 | C | | |
| | C | | | | 1 | | | | | | E | 5 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 7 | D | 5 | 0 | E | 4 | 6 | 2 | 8 | 1 | C | B | 3 | 9 |
| 5 | 3 | 1 | 6 | 9 | C | D | 8 | A | 4 | E | B | 0 | 2 | 7 |
| 6 | B | C | A | 8 | 2 | 7 | 0 | 3 | 5 | D | 9 | 1 | 4 | E |
| 2 | 9 | E | 3 | D | 4 | 1 | B | C | 0 | A | 7 | 8 | 6 | 5 |
| 4 | 0 | 8 | 1 | 7 | B | 5 | 9 | E | 3 | 2 | 6 | A | C | D |
| 1 | 4 | 7 | D | 3 | 8 | 9 | C | B | A | 6 | E | 5 | 0 | 2 |
| 9 | 8 | A | E | 2 | 7 | 0 | 4 | 6 | D | C | 5 | 3 | B | 1 |
| 3 | 6 | 5 | 4 | B | 9 | 2 | D | 8 | 7 | 0 | 1 | C | E | A |
| E | 2 | 0 | C | 1 | 6 | A | 5 | 7 | B | 3 | 4 | D | 9 | 8 |
| C | D | B | 0 | A | 5 | E | 3 | 1 | 2 | 9 | 8 | 4 | 7 | 6 |
| 0 | E | 4 | 9 | C | 3 | 8 | A | 5 | 6 | 7 | D | 2 | 1 | B |
| 7 | C | 3 | B | 4 | 1 | 6 | 2 | D | 9 | 5 | A | E | 8 | 0 |
| 8 | 5 | 6 | 7 | E | A | 3 | 1 | 0 | C | B | 2 | 9 | D | 4 |
| B | A | 9 | 2 | 6 | D | C | E | 4 | 1 | 8 | 0 | 7 | 5 | 3 |
| D | 1 | 2 | 8 | 5 | 0 | B | 7 | 9 | E | 4 | 3 | 6 | A | C |

ଗତକାଲିର ଉତ୍ତର

# କୃଷକ, କୃଷିବୈଜ୍ଞାନିକ ଓ ବିଶ୍ୱଶାନ୍ତି



ପ୍ର. ସଞ୍ଜୟ କୁମାର ସାମନ୍ତରାୟ

ଚାଷୀ ହସିଲେ ଦୁନିଆ ହସେ। ଦୁନିଆ ହସିଲେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ହୁଏ। କୃଷି ଉପରେ ବିଶ୍ୱର ସବୁଦେଶ ନିର୍ଭରଶୀଳ। ଭାରତର ଅର୍ଥନୀତି କୃଷି ଉପରେ ନିର୍ଭରଶୀଳ। କୃଷକ ନିଜ କୃଷି କ୍ଷେତ୍ରରୁ ଅଧିକ ଅମଳ ପାଇ ଲାଭବାନ ହେଲେ ଚାଷୀ ପରିବାର ଭିତରେ ଆନନ୍ଦର ଲହରି ମାଡ଼ିଯାଏ। ଫଳରେ ଚାଷୀମାନେ ଆତ୍ମହତ୍ୟାରୁ ନିବୃତ୍ତ ରହି ପିଲାଛୁଆଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ସେମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣନ୍ତି। ସମାଜରେ କୃଷକ ପରିବାର ସ୍ୱଚ୍ଛଳ ହୁଏ । ନିଜ ପରିବାର ମଧ୍ୟରେ ଶାନ୍ତି ପ୍ରତିଷ୍ଠା ହୁଏ। ଏହା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବିଶ୍ୱରେ ୬୦ ରୁ ୭୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରୁଥିବାରୁ ଏହା ସମ୍ଭବ ହୋଇ ପାରିବ । ଏହାକୁ ଆଖି ଆଗରେ ରଖି ଭାରତ ସରକାର ତିନୋଟି କୃଷି ବିଲ୍ ୨୭ ସେପ୍ଟେମ୍ବର, ୨୦୨୦ରେ ଆଇନରେ ପରିଣତ କରିଛନ୍ତି। ଏ ତିନୋଟି କୃଷି ବିଲ୍‌କୁ ଭାରତବର୍ଷର କୃଷି ପାଇଁ ଏକ ଐତିହାସିକ ଓ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଛନ୍ତି । ମୋଟାମୋଟି ଭାବେ କହିବାକୁ ଗଲେ ପ୍ରଚଳିତ ତିନୋଟି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତରେ କୃଷିଜାତ ଦ୍ରବ୍ୟର ବଜାର, ବିକ୍ରୟ ପଦ୍ଧତି ଓ ଗଚ୍ଛିତ ରଖିବାରେ ପରିବର୍ତ୍ତନ ଆଣି କୃଷକମାନଙ୍କୁ ସଶକ୍ତିକରଣ ଏବଂ ସୁରକ୍ଷା ପ୍ରଦାନ, ସେମାନଙ୍କ ଆୟକୁ ବହୁଗୁଣିତ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା। ଦଶମ କୃଷି ଗଣନା (୨୦୧୫-୧୬) ଅନୁଯାୟୀ ମୋଟ କୃଷକଙ୍କ ମଧ୍ୟରୁ ୮୬.୨ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଅଛନ୍ତି, ଯାହାଙ୍କର ମୋଟ ଜମି ପରିମାଣ ଦୁଇ ହେକ୍ଟରରୁ କମ୍ । ଉତ୍ପାଦିତ ମୋଟ ଫସଲର ୪୭.୩ ପ୍ରତିଶତର ଅଧିକାରୀ ଏମାନେ । ନୂତନ କୃଷି ବିଲ୍‌ରେ ସରକାର, କୃଷକ, କୃଷି ବୈଜ୍ଞାନିକ ଓ ସର୍ବୋପରି କମ୍ପାନୀମାନଙ୍କ ମିଳିତ ଉଦ୍ୟମରେ ଚାଷ କ୍ଷେତ୍ରରେ ଯନ୍ତ୍ରୀକରଣ ଓ ନୂଆ ନୂଆ ଟେକ୍ନୋଲୋଜି କୃଷକମାନଙ୍କୁ ଯୋଗାଇଦେବେ। ସମସ୍ତଙ୍କ ମିଳିତ ଉଦ୍ୟମରେ କୃଷି ଉତ୍ପାଦକୁ ଦ୍ୱିଗୁଣିତ କରି କୃଷକ ପରିବାରକୁ ସୁଖରେ ରଖିବା ପାଇଁ ସରକାର ପ୍ରୟାସ କରିଛନ୍ତି ।

ପ୍ରଥମ କୃଷି ବିଲ୍ ଦ୍ୱାରା ମଣ୍ଡିର ଉଚ୍ଛେଦ ନ ହେଲେ ବି ଟିକସ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଠାଇ ଦିଆଯାଇଛି। ପୂର୍ବରୁ ମଣ୍ଡି ମାଧ୍ୟମରେ ଯେଉଁ କୃଷିଜାତ ଦ୍ରବ୍ୟ ବିକ୍ରି ହେଉଥିଲା ସେଥିପାଇଁ କୃଷକମାନଙ୍କୁ ବିଭିନ୍ନ ପ୍ରକାର କର ଦେବାକୁ ପଡୁଥିଲା। ଏଥିପାଇଁ ବିକ୍ରୟ କର ୦.୩୦ ପ୍ରତିଶତରୁ ୨.୦ ପ୍ରତିଶତ, ଏଜେଣ୍ଟ କମିଶନ ଟିକସ୍ ୦.୫ରୁ ୪.୫ ପ୍ରତିଶତ ଓ ଫଳ ପନିପରିବା କ୍ଷେତ୍ରରେ ୩.୦ ରୁ ୭.୦ ପ୍ରତିଶତ ଦେଉଥିଲେ। ଏହା ବ୍ୟତୀତ ପ୍ରବେଶ କର, ଉନ୍ନୟନ ସେସ୍, ଓଜନ କଣ୍ଟା ଦେୟ ଓ ହାମେଲ ଦେୟ ଅନ୍ତର୍ଭୁକ୍ତ। ଏସବୁ କର ବା ଦେୟକୁ ମିଶାଇଲେ ଦ୍ରବ୍ୟ ମୂଲ୍ୟର ହାରାହାରି ୮.୫ ପ୍ରତିଶତ ପାଖାପାଖି ହୋଇଥାଏ। କୃଷକମାନେ ଏହି କର ଦେଇ ଆସୁଥିଲେ। ଫଳରେ ସେମାନଙ୍କର କୃଷିଜାତ ଦ୍ରବ୍ୟ ଯେତିକି ମୂଲ୍ୟରେ ବିକ୍ରି କରୁଥିଲେ ତା'ର ୮.୫ ପ୍ରତିଶତ କମ୍ ପାଇ ଆସୁଥିଲେ। ନୂତନ ଟିକସ ବ୍ୟବସ୍ଥା ଅନୁଯାୟୀ ପ୍ରଥମ ଲାଭ ହେଲା ଚାଷୀ ଏଣିକି ୮.୫ ଟିକସ ଦେବନାହିଁ।

ଖାଦ୍ୟ ଉତ୍ପାଦନରେ ବିଶ୍ୱରେ ଚାଇନା ପରେ ଭାରତର ସ୍ଥାନ ଦ୍ୱିତୀୟ। ଦେଖିବାକୁ ଗଲେ ଆମ ଦେଶରେ ଖାଦ୍ୟର ଅଭାବ ନାହିଁ। କିନ୍ତୁ ଭାରତରେ ପ୍ରତିଦିନ ପ୍ରାୟ ୧୯କୋଟି ଲୋକ ଅନାହାରରେ ରହୁଛନ୍ତି। ପୁନଶ୍ଚ ପ୍ରତିଦିନ ପାଞ୍ଚବର୍ଷରୁ କମ୍ ବୟସର ପ୍ରାୟ ୪୫୦୦ ଶିଶୁ ଅନାହାର ଓ କୁପୋଷଣ କାରଣରୁ ଜୀବନ ହରାଇଥାନ୍ତି। ଆମ ଦେଶରେ ପ୍ରତ୍ୟେକ ବ୍ୟକ୍ତି ବର୍ଷକୁ ହାରାହାରି ୫୧କିଲୋ ଖାଦ୍ୟ ବିଭିନ୍ନ ଉପାୟରେ ନଷ୍ଟ କରିଥାନ୍ତି। ମୋଟାମୋଟି ଭାବେ ପ୍ରସ୍ତୁତ ହେଉଥିବା ୪୦ ପ୍ରତିଶତ ଖାଦ୍ୟ ନଷ୍ଟ ହୋଇଥାଏ। ଭାରତରେ ଆବଶ୍ୟକ ସଂଖ୍ୟାକ ଶୀତଳଭଣ୍ଡାର ଅଭାବରୁ ପ୍ରତିବର୍ଷ ୯୧ହଜାର କୋଟି ଟଙ୍କାର ଖାଦ୍ୟଶସ୍ୟ ନଷ୍ଟ ହେଉଛି। ନୂତନ ଶୀତଳଭଣ୍ଡାର ନିର୍ମାଣ ସହ ପୁରାତନ ଶୀତଳଭଣ୍ଡାରର ରକ୍ଷଣାବେକ୍ଷଣ ମାଧ୍ୟମରେ ନଷ୍ଟ ହେଉଥିବା ଖାଦ୍ୟଶସ୍ୟକୁ ରୋକାଯାଇପାରିବ। ଏଥିରେ ମଧ୍ୟ କୃଷକମାନେ ଲାଭବାନ ହୋଇପାରିବେ। ନଷ୍ଟ ହେଉଥିବା ଖାଦ୍ୟକୁ ସଂରକ୍ଷଣ କରି ଅନାହାରରେ ରହୁଥିବା ଲୋକଙ୍କୁ ମଧ୍ୟ ଖାଦ୍ୟ ଯୋଗାଇ ହେବ।

କୃଷି କ୍ଷେତ୍ରରେ କୃଷି ବୈଜ୍ଞାନିକ ମାନଙ୍କର ଏକ ଗୁରୁଦାୟିତ୍ୱ ରହିଛି। ପରିବର୍ତ୍ତିତ ଜଳବାୟୁରେ ଖାଦ୍ୟ ଉତ୍ପାଦନ ବୃଦ୍ଧି ପାଇଁ କୃଷି ଗବେଷଣା ମାଧ୍ୟମରେ ନୂଆ ନୂଆ ଟେକ୍ନୋଲୋଜି ବାହାର କରି କୃଷକ ଓ ଜନସାଧାରଣଙ୍କ ପାଖରେ ପହଞ୍ଚାଇ କୃଷି କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ। ଏଥିରେ ସହଯୋଗ କରିବେ ଭାରତର କୃଷିବିଜ୍ଞାନ କେନ୍ଦ୍ରର ତାଲିମପ୍ରାପ୍ତ ବୈଜ୍ଞାନିକ ଓ କର୍ମଚାରୀମାନେ। ପ୍ରତ୍ୟେକ କୃଷି ବିଜ୍ଞାନ କେନ୍ଦ୍ରରେ କୃଷକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା ରହିଛି । ଭାରତ ବର୍ଷର ଯେକୌଣସି ଜିଲାର କୃଷକ ଚାହିଁଲେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ତାଲିମ୍ ନେଇ କୃଷି ଉତ୍ପାଦନ ବୃଦ୍ଧି କରିପାରିବେ। ଫଳରେ ଚାଷୀମାନେ ଚାଷର ନୂଆ ପଦ୍ଧତି ଉପରେ ତାଲିମ ପାଇ ସେମାନଙ୍କ କୃଷି କ୍ଷେତ୍ରରେ ପ୍ରୟୋଗ କରିପାରିବେ । କୃଷି କ୍ଷେତ୍ରରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ କୃଷକମାନଙ୍କ ପାଇଁ କର୍ମ ସଂସ୍ଥାନର ସୁଯୋଗ ସୃଷ୍ଟି କରିପାରିବେ।

ଭାରତରେ କରୋନା ମହାମାରୀ ସତ୍ତ୍ୱେ କୃଷି ସାମଗ୍ରୀର ରପ୍ତାନି ଆଖିଦୃଶିଆ ରହିଛି । କୃଷି ଓ କୃଷକ କଲ୍ୟାଣ ବିଭାଗ ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକ ୨୦୨୦ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଭାରତର ଅତ୍ୟାବଶ୍ୟକ କୃଷିଜାତ ସାମଗ୍ରୀ ରପ୍ତାନିରେ ୪୩.୪ ପ୍ରତିଶତ ବୃଦ୍ଧି ପାଇଛି । ଏହି ସମୟ ମଧ୍ୟରେ ଅତ୍ୟାବଶ୍ୟକ କୃଷିଜାତ ସାମଗ୍ରୀ ରପ୍ତାନି ରାଶି ୫୩,୬୨୬.୬ କୋଟି ଟଙ୍କା ରହିଛି । ୨୦୧୯ରେ ଏହି ରପ୍ତାନି ରାଶି ୩୭,୩୯୭.୩ କୋଟି ଟଙ୍କା ରହିଥିଲା। ବାଦାମ ରପ୍ତାନିରେ ୩୫ ପ୍ରତିଶତ, ଚିନି ୧୦୪ ପ୍ରତିଶତ, ଗହମ ୨୦୬ ପ୍ରତିଶତ, ବାସୁମତି ଚାଉଳ ୧୩ ପ୍ରତିଶତ, ଅଣବାସୁମତି ଚାଉଳରେ ୧୦୫ ପ୍ରତିଶତ ବୃଦ୍ଧି ଘଟିଛି। ଉଲ୍ଲେଖଯୋଗ୍ୟ, କିଛିଦିନ ତଳେ କୃଷି କ୍ଷେତ୍ରରେ ବିକାଶ ପାଇଁ ଭାରତ ସରକାର ୧ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠି ଘୋଷଣା କରିଛନ୍ତି। ଏସବୁ କୃଷକଙ୍କ ଆୟବୃଦ୍ଧିରେ ଉନ୍ନତି ହେବା ସହିତ ବିଶ୍ୱର ଅନ୍ୟାନ୍ୟ ଦେଶ ଲୋକଙ୍କୁ ଉନ୍ନତମାନର ଖାଦ୍ୟ ଯୋଗାଇବା ସହ ବିଶ୍ୱଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ।

ବିଶ୍ୱର ପ୍ରତ୍ୟେକ ଦେଶରେ କୃଷକମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଆସିଛି। ଆମର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀ ଜାତି ଉଦ୍ଦେଶ୍ୟରେ କହିଥିଲେ – 'ଜୟ ଜୱାନ, ଜୟ କିଷାନ' । ସାରା ବିଶ୍ୱରେ ଏବେ ବି ୮୨ କୋଟିରୁ ଅଧିକ ଲୋକ ଭୋକ ଉପାସ ଓ ଅନାହାରରେ ରହି କାଳାତିପାତ କରୁଛନ୍ତି। ସେମାନଙ୍କ ମୁହଁରେ ହସ ଲିଭି ଯାଇଛି । ସାରା ବିଶ୍ୱ ଗୋଟିଏ ପରିବାର । ଗୋଟିଏ ପରିବାରରେ ଗୋଟିଏ ଲୋକ ଭୋକିଲା ରହିଲେ ପରିବାରରେ ଶାନ୍ତି ରହେନାହିଁ। ଠିକ୍ ସେହିପରି ବିଶ୍ୱରେ ଜଣେ କେହି ଭୋକିଲା ରହିଲେ, ଦେଶ ବା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଅସମ୍ଭବ । ଏ ସମସ୍ତ କଥାକୁ ଦୃଷ୍ଟିରେ ରଖି ଭାରତ ସରକାର କୃଷକ ଓ କୃଷି ବୈଜ୍ଞାନିକଙ୍କ ମାଧ୍ୟମରେ କୃଷିର ବିକାଶ କରି ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାର ପ୍ରୟାସ କରିଛନ୍ତି ।

ପ୍ରତିଷ୍ଠାତା ସଭାପତି, ଭାରତୀୟ ଜଳବାୟୁ
କଂଗ୍ରେସ ଓ ପ୍ରାକ୍ତନ ଅଧ୍ୟକ୍ଷ,
ଓ.ୟୁ.ଏ.ଟି., ମୋ-୯୪୩୮୧୨୬୯୯୪

# ପାଠକ ଶ୍ରେଷ୍ଠ ବିଚାରକ

## ଦର ଦେଖି ଡର ଲାଗୁଛି

ମହାଶୟ,

କରୋନା ମହାମାରୀ ସମୟରେ ଜନସାଧାରଣ ଦୁର୍ଦ୍ଦିନରେ ରହିଥିବାବେଳେ ଆଳୁ ସେମାନଙ୍କୁ କନ୍ଦାଉଛି। ଅତ୍ୟାବଶ୍ୟକ ସାମଗ୍ରୀରୁ ଆଳୁ, ପିଆଜକୁ କେନ୍ଦ୍ର ସରକାର ବାଦ୍ ଦେବା ପରେ ପୁରୀ ସହର ସମେତ ଜିଲାର ୧୧ଗୋଟି ବ୍ଲକରେ ଏହାର ଦର ଅହେତୁକ ଭାବେ ବୃଦ୍ଧି ହୋଇଛି। ଅନ୍ୟାନ୍ୟ ପନିପରିବାର କିଲୋ ପ୍ରତି ଦର ଏବେ ଆକାଶଛୁଆଁ। ଜିଲାରେ ଖଟିଖିଆ ଏବଂ ମଧ୍ୟବିତ୍ତ ପରିବାରଙ୍କ ହାଣ୍ଡିଶାଳକୁ ପିଆଜ ଯାଉନାହିଁ। ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର କମିଟି ପରିସରରେ ଶୀତଳଭଣ୍ଡାର କାର୍ଯ୍ୟ ଏକ ପ୍ରକାର ବନ୍ଦ କରିଦିଆଯିବା ଫଳରେ ଖାଉଟି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁନର୍ବାର ହାଟ ଖୋଲାଗଲେ ସ୍ଥାନୀୟ ଜନସାଧାରଣ ସୁଲଭ ମୂଲ୍ୟରେ ପନିପରିବା କ୍ରୟ କରିପାରନ୍ତେ। କରୋନା ମହାମାରୀ ଯେତିକି ପ୍ରଭାବ ପକାଇଛି ତା'ଠାରୁ ଅତ୍ୟାବଶ୍ୟକ ଦରଦାମ ବୃଦ୍ଧି ଜନସାଧାରଣଙ୍କୁ ଅତିଷ୍ଠ କରିସାରିଲାଣି। ନିୟନ୍ତ୍ରିତ ବଜାର କମିଟିରେ ଥିବା ବ୍ୟବସାୟୀମାନେ ମହାମାରୀ ସୁଯୋଗରେ ପନିପରିବା ମହଜୁଦ କରି ଚଢା ଦରରେ ବଜାରକୁ ଛାଡି ମାଲାମାଲ ହେଉଛନ୍ତି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଉଚିତ ।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ମୁଁ ଯେ ବୁଝିଛି ଆକାଶ ବ୍ୟଥା
ଆଜି ଶୁଣିଛି ଦୂର ବାରତା
ତୁମେ ଦିଗ୍‌ବଳୟର କଜଳ ରଞ୍ଜି
ନ ଆସ ସୁନୀଳ ନସନା
ଆଜି ବଢ଼ିଛି ପରା ମୋ ବାସନା। -(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଚିନି ଉତ୍ପାଦନ ୩ ଗୁଣ ବଢ଼ିଲା**

ଚଳିତ ବର୍ଷ ସାରା ଦେଶରେ ଚିନି ଉତ୍ପାଦନ ବେଶ୍ ଉନ୍ନତ ରହିଛି। ୧୫ ନଭେମ୍ବର ସୁଦ୍ଧା ସାରା ଦେଶରେ ୧୪ ଲକ୍ଷ ଟନ୍ ଚିନି ଉତ୍ପାଦନ ହୋଇଛି। ଏହା ଗତ ବର୍ଷ ସମାନ ସିଜନ ତୁଳନାରେ ପ୍ରାୟ ୩ ଗୁଣ ଅଧିକ। ଇଣ୍ଡିଆନ ସୁଗାର ମିଲ୍ ଆସୋସିଏଶନ(ଆଇଏସ୍ଏମ୍ଏ) ମୁତାବକ, ୨୭୪ ଚିନି ମିଲ୍ ୧୪.୧୦ ଲକ୍ଷ ଟନ୍ ଚିନି ଉତ୍ପାଦନ କରିଛନ୍ତି। ଗତ ବର୍ଷ ଏହି ଅବଧିରେ ୧୨୭ ମିଲ୍ ୪.୮୪ ଲକ୍ଷ ଟନ୍ ଚିନି ଉତ୍ପାଦନ କରିଥିଲେ। ଉତ୍ତର ପ୍ରଦେଶର ୭୬ ମିଲ୍ ୩.୮୫ ଲକ୍ଷ ଟନ୍ ଚିନି ଉତ୍ପାଦନ କରିଛନ୍ତି।

# ନୂଆ ରେକର୍ଡ ସ୍ତରରେ ପୁଞ୍ଜିବଜାର



**ନୂଆଦିଲ୍ଲୀ,୧୮।୧୧:** ବୁଧବାର ଦେଶର ପୁଞ୍ଜିବଜାର କାରବାର ନୂଆ ରେକର୍ଡ ସ୍ତର ଛୁଇଁଛି। ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ) ରେକର୍ଡ ଉଚ୍ଚ ସ୍ତରରେ ବନ୍ଦ ହୋଇଛି। ଏହି ସମୟରେ ଅଟୋମୋବାଇଲ, ବ୍ୟାଙ୍କ ଏବଂ ରିୟଲିଟି ଷ୍ଟକ୍‌ଗୁଡିକ ଭଲ କାରବାର ହାସଲ କରିଥିବା ଜଣାପଡିଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୪୪,୨୧୫ ପଏଣ୍ଟ ସ୍ତର ଛୁଇଁଥିଲା। କାରବାର ଶେଷ ବେଳକୁ ଏହା ୨୨୭ ପଏଣ୍ଟ ବା ୦.୫୨% ଉଚ୍ଚରେ ରହି ୪୪,୧୮୦ ପଏଣ୍ଟ ସ୍ତରରେ ରହିଛି। ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସୂଚକାଙ୍କ ପ୍ରଥମ ଥର ଲାଗି ୪୪ ହଜାର ପଏଣ୍ଟରୁ ଉର୍ଦ୍ଧ୍ୱରେ ରହି ବନ୍ଦ ହୋଇଛି। ସେହିଭଳି ଏନ୍ଏସ୍ଇର ନିଫ୍ଟି ମଧ୍ୟ ୬୪ ପଏଣ୍ଟ ବା ୦.୫୦% ଉଚ୍ଚରେ ରହି ୧୨,୯୩୮ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର କାରବାର ସବୁଠାରୁ ଉନ୍ନତ ରହିବା ସହ ୧୦.୮୨% ବଢ଼ିଛି। ସେହିଭଳି ବଜାଜ ଫିନ୍‌ସର୍ଭ, ଏଲ୍ ଆଣ୍ଡ ଟି, ଇଣ୍ଡସ ଇଣ୍ଡ ବ୍ୟାଙ୍କ, ଏସ୍‌ବିଆଇ, ବଜାଜ ଫିନ୍‌ସର୍ଭ ଭଳି କମ୍ପାନୀର ଶେୟାର କାରବାର ବେଶ୍ ଉନ୍ନତ ରହିଛି। ଶେୟାର କାରବାର କ୍ଷତି ସହିଥିବା କମ୍ପାନୀ ମଧ୍ୟରେ ହିନ୍ଦୁସ୍ଥାନ ୟୁନିଲିଭର, ଟାଇଟନ, ଟିସିଏସ୍, ଆଇଟିସି, ଭାରତୀ ଏୟାରଟେଲ ରହିଛି। ଏନ୍ଏସ୍ଇ ପ୍ଲାଟ୍‌ଫର୍ମ ନିଫ୍ଟିରେ ଅଟୋ, ପିଏସ୍‌ୟୁ ବ୍ୟାଙ୍କ, ରିୟଲିଟି, ବ୍ୟାଙ୍କ ଏବଂ ପ୍ରାଇଭେଟ ବ୍ୟାଙ୍କ ଶେୟାର କାରବାର ୩.୫୭% ବଢ଼ିଛି। ଭାକ୍‌ସିନ ଆଶାରେ ଶେୟାର ବଜାରରେ କାରବାର ଉନ୍ନତ ସ୍ଥିତିରେ ରହିଛି।

### ୫୦ ହଜାର ସ୍ତର ଛୁଇଁବ ସେନ୍‌ସେକ୍ସ

ଗତ ୮ ମାସରେ ସେନ୍‌ସେକ୍ସରେ ପ୍ରାୟ ୭୦% ବୃଦ୍ଧି ପରିଲକ୍ଷିତ ହୋଇଛି। ମୋର୍ଗାନ ଷ୍ଟାନ୍‌ଲି ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ମୁତାବକ ୨୦୨୧ ଡିସେମ୍ବର ସୁଦ୍ଧା ସେନ୍‌ସେକ୍ସ ୫୦ ହଜାର ପଏଣ୍ଟ ସ୍ତର ଟପିବ। ଶେୟାର ବଜାରରେ ନିବେଶ ଉପରେ ନିବେଶକ ଲାଭବାନ୍ ହେବା ବିଶେଷ ସମ୍ଭାବନା ରହିଛି। ସେହିଭଳି ନୋମୁରା ଫାଇନାନ୍ସିଆଲ ଆଡଭାଇଜରି ଏବଂ ଗୋଲ୍ଡମ୍ୟାନ ସ୍ୟାଚ୍ ପକ୍ଷରୁ କୁହାଯାଇଛି, ଭାରତୀୟ ଶେୟାର ବଜାରରେ ବୁଲିସ ଟ୍ରେଣ୍ଡିଂ ଦେଖିବାକୁ ମିଳିବ। ୨୦୨୧ ଡିସେମ୍ବର ବେଳକୁ ନିଫ୍ଟି ୧୪ ହଜାର ପଏଣ୍ଟ ସ୍ତର ଟପିପାରେ।

# ଲକ୍ଷ୍ମୀବିଳାସ ବ୍ୟାଙ୍କ ଜମା ଟଙ୍କା ସୁରକ୍ଷିତ

**ନୂଆଦିଲ୍ଲୀ,୧୮।୧୧**




ଲକ୍ଷ୍ମୀବିଳାସ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ଯୋଗୁ ଏହା ଉପରେ ରିଜର୍ଭ ବ୍ୟାଙ୍କ ମୋରାଟୋରିୟମ କଟକଣା ଲାଗୁ କରିଛି। ଆଗାମୀ ଗୋଟିଏ ମାସ ଯାଏ ଏହି ବ୍ୟାଙ୍କର ଜମାକାରୀ କେବଳ ୨୫ ହଜାର ଟଙ୍କା ଉଠାଣ କରିପାରିବେ। କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ରିଜର୍ଭ ବ୍ୟାଙ୍କ ଅନୁମତି ନେଇ ଏହି ସୀମାଠାରୁ ଅଧିକ ଉଠାଣ କରିହେବ। ବ୍ୟାଙ୍କର ସ୍ଥିତିକୁ ନେଇ ବର୍ତ୍ତମାନ ଲୋକମାନେ ଆଶଙ୍କାରେ ରହିଛନ୍ତି। ଜମା ଅର୍ଥ କ'ଣ ହେବ ବୋଲି ଲୋକଙ୍କ ମନରେ ପ୍ରଶ୍ନ ରହିଛି। ଏଭଳି ସ୍ଥିତିରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବ୍ୟାଙ୍କ ପରିଚାଳନା ଲାଗି ନିଯୁକ୍ତ ଆଡମିନିଷ୍ଟ୍ରେଟର ଟି.ଏନ୍. ମୋହନ ଜମାକାରୀଙ୍କୁ ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି, ଲକ୍ଷ୍ମୀବିଳାସ ବ୍ୟାଙ୍କରେ ଜମାକାରୀଙ୍କ ଅର୍ଥ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି। ବ୍ୟାଙ୍କ ନିକଟରେ ନଗଦ ଅର୍ଥ ରହିଛି। ବ୍ୟାଙ୍କ ଲୋକଙ୍କ ଟଙ୍କା ଫେରାଇବାକୁ ସମର୍ଥ।

ଏହି ବ୍ୟାଙ୍କକୁ ସିଙ୍ଗାପୁର ଭିତ୍ତିକ ଡିବିଏସ୍ ଇଣ୍ଡିଆ ବ୍ୟାଙ୍କ ସହ ମିଶ୍ରଣ ନେଇ ରିଜର୍ଭ ବ୍ୟାଙ୍କ ସରକାରଙ୍କୁ ସୁପାରିସ କରିଛି। ଏହି ପ୍ରକ୍ରିୟା ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ ହେବ ବୋଲି ମୋହନ ସ୍ପଷ୍ଟ କରିଛନ୍ତି। ବ୍ୟାଙ୍କରେ ୨୦ ହଜାର କୋଟି ଟଙ୍କା ଜମା ରହିଥିବା ବେଳେ

**ଜମାକାରୀଙ୍କୁ ଆର୍‌ବିଆଇର ଆଶ୍ୱାସନା**

ଅଗ୍ରିମ ଭାବେ ଏହା ପ୍ରାୟ ୧୭ ହଜାର କୋଟି ଟଙ୍କା ପ୍ରଦାନ କରିଛି। ଲକ୍ଷ୍ମୀବିଳାସ ବ୍ୟାଙ୍କର ପୁନରୁଦ୍ଧାର ଲାଗି ଡିବିଏସ୍ ବ୍ୟାଙ୍କକୁ ଚୟନ କରାଯାଇଛି। ଏହି କାମ ଲାଗି କୌଣସି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ବଛାଯାଇନାହିଁ। ଲକ୍ଷ୍ମୀବିଳାସ ବ୍ୟାଙ୍କର କାର୍ଯ୍ୟାଳୟ ଚେନ୍ନାଇରେ ରହିଛି। ତାମିଲନାଡୁର କୁରୁରରେ ଏହା ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲା। ବ୍ୟାଙ୍କର ଏନ୍‌ପିଏ ବଢିବା ଯୋଗୁ ଏହା ଉପରେ ଚାପ ସୃଷ୍ଟି ହୋଇଛି। କ୍ଷୁଦ୍ର ବାଣିଜ୍ୟକୁ ଋଣ ପ୍ରଦାନ କରିବା ଉପରେ ଏହା ପ୍ରଥମେ ଧ୍ୟାନ କେନ୍ଦ୍ରିତ କରିଥିଲା। ମାତ୍ର ଏହା ବଡ ସଂସ୍ଥାଗୁଡିକ ଋଣ ପ୍ରଦାନ କରିବାରେ ସଙ୍କଟର ସମ୍ମୁଖୀନ ହୋଇଛି।

୨୦୧୬-୧୭ରେ ର୍ୟାନ୍‌ବାକ୍ସିର ପୂର୍ବତନ ପ୍ରମୋଟର ମାଲବିନ୍ଦର ସିଂ ଏବଂ ସିବିନ୍ଦର ସିଂଙ୍କୁ ୭୨୦ କୋଟି ଟଙ୍କାର ଋଣ ପ୍ରଦାନ କରିବା ପରେ ବ୍ୟାଙ୍କର ଅସୁବିଧା ଆରମ୍ଭ ହୋଇଯାଇଥିଲା। ମାର୍ଚ୍ଚରେ ସରକାର ୟେସ୍ ବ୍ୟାଙ୍କକୁ ମୋରାଟୋରିୟମ ପରିସରରେ ରଖିଥିଲେ। ଦ୍ୱିତୀୟ ବ୍ୟାଙ୍କ ଭାବେ ବର୍ତ୍ତମାନ ଆର୍‌ବିଆଇ ଲକ୍ଷ୍ମୀବିଳାସ ବ୍ୟାଙ୍କ କ୍ଷେତ୍ରରେ ହସ୍ତକ୍ଷେପ କରିଥିବା ଜଣାପଡିଛି। ୨୦୧୯ ସେପ୍ଟେମ୍ବରରେ ଏହି ବ୍ୟାଙ୍କର ସ୍ଥିତି ବେଶି ବିଗିଡିଥିଲା। ସ୍ଥିତିକୁ ସମ୍ଭାଳିବା ଲାଗି ରିଜର୍ଭ ବ୍ୟାଙ୍କ ଏହି ବ୍ୟାଙ୍କ ବିରୋଧରେ ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ ଫ୍ରେମ୍‌ୱାର୍କ ଲାଗୁ କରିଥିଲା।

## ବିପିସିଏଲ୍ ବିଡିଂରେ ବେଦାନ୍ତ

**ନୂଆଦିଲ୍ଲୀ,୧୮।୧୧:** ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ(ବିପିସିଏଲ୍)ରେ ରହିଥିବା ସରକାରୀ ଅଂଶଧନ ନିଲାମ ବିଡିଂରେ ବେଦାନ୍ତ ସାମିଲ ହୋଇଛି। ବିପିସିଏଲ୍‌ରେ ରହିଥିବା ୫୨.୯୮% ଅଂଶଧନକୁ ବିକ୍ରି କରିବାକୁ ସରକାର ବର୍ତ୍ତମାନ ପ୍ରସ୍ତୁତ ରହିଛନ୍ତି। ବିଡିଂରେ ମୋଟ ୪ କମ୍ପାନୀ ସାମିଲ ଅଛନ୍ତି। ରିଲାଏନ୍ସ, ବିପି ଏବଂ ସାଉଦି ଆରାମ୍‌କୋ ଭଳି କମ୍ପାନୀଗୁଡିକ ବିପିସିଏଲ୍ ବିଡିଂରେ ସାମିଲ ହୋଇ ନ ଥିବା ଖବର ସାମ୍ନାକୁ ଆସିଛି। ନିଲାମ ପ୍ରକ୍ରିୟାରେ ସାମିଲ ହେବା ଲାଗି ଏକ୍ସପ୍ରେଶନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଦାଖଲ କରିବାର ଶେଷ ତାରିଖ ୧୬ ନଭେମ୍ବର ରହିଥିଲା। ଘରୋଇ କ୍ଷେତ୍ର କମ୍ପାନୀ ବେଦାନ୍ତ ବିଡିଂରେ ସାମିଲ ହେବା ନେଇ ବୁଧବାର ସ୍ପଷ୍ଟ କରିଛି। ବିପିସିଏଲ୍ ବର୍ତ୍ତମାନ ଭାରତର ଦ୍ୱିତୀୟ ବୃହତ୍ ତୈଳ ରିଟେଲିଂ କମ୍ପାନୀ। ଏହି କମ୍ପାନୀର କାରବାରକୁ ନିଜ ଅଧୀନକୁ ନେଲେ ବେଦାନ୍ତ ଏ କ୍ଷେତ୍ରରେ ଭଲ କାରବାର କରିବା ନେଇ ଆଶା ରଖିଛି। ଏଭଳି ପଦକ୍ଷେପ ଦ୍ୱାରା ବେଦାନ୍ତ ତୈଳ ଏବଂ ବାଷ୍ପ କାରବାର କ୍ଷେତ୍ରରେ ମୂଲ୍ୟାଙ୍କନ କରିବା ନେଇ ଲକ୍ଷ୍ୟ ଧାର୍ଯ୍ୟ କରିଥିବା କମ୍ପାନୀର ମୁଖପାତ୍ର କହିଛନ୍ତି।

## ଏଲନ୍ ମସ୍କ ବିଶ୍ୱର ତୃତୀୟ ଧନୀ

**ନୂଆଦିଲ୍ଲୀ,୧୮।୧୧:** ସ୍ପେସ୍ ଏକ୍ସ ଏବଂ ଟେସ୍‌ଲାର ମୁଖ୍ୟ ଏଲନ୍ ମସ୍କ ବିଶ୍ୱର ତୃତୀୟ ଧନୀ ବ୍ୟକ୍ତି ସ୍ଥାନ ହାସଲ କରିଛନ୍ତି। ତାଙ୍କର ମୋଟ ସମ୍ପତ୍ତି ୧୧୦ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ବିଗତ ଦିନଗୁଡିକରେ ବିଭିନ୍ନ କାରଣ ପାଇଁ ମସ୍କ ବେଶ୍ ଚର୍ଚ୍ଚାରେ ରହି ଆସିଛନ୍ତି। ନିକଟରେ ତାଙ୍କ କମ୍ପାନୀ ୪ ମହାକାଶଚାରୀଙ୍କୁ ମହାକାଶକୁ ପଠାଇଛି। ସେହିଭଳି ତାଙ୍କର ଇଲେକ୍ଟ୍ରିକ କାର୍ କମ୍ପାନୀ ଟେସ୍‌ଲା ଏସ୍ ଆଣ୍ଡ ପି ୫୦୦ କମ୍ପାନୀ ମଧ୍ୟରେ ସାମିଲ ହୋଇଛି। ବ୍ଲୁମ୍‌ବର୍ଗ ବିଲିୟନେୟାର ସୂଚୀରେ ୧୮୫ ବିଲିୟନ ଡଲାର ସମ୍ପତ୍ତି ସହ ଜେଫ୍ ବେଜୋସ ପ୍ରଥମ ସ୍ଥାନରେ ରହିଛନ୍ତି।

## ସୁଧ ଛାଡ଼ ପିଟିଶନର ଶୁଣାଣି କରିବେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୮।୧୧:** ମୋରାଟୋରିୟମ ବେଳେ ସୁଧ ଛାଡ଼ ନେଇ ଅନେକ ପିଟିଶନ ସୁପ୍ରିମକୋର୍ଟରେ ପଡି ରହିଛି। ଚଳିତ ମାସ ୧୯ ତାରିଖଠାରୁ ଏହି ପିଟିଶନ ଉପରେ ସୁପ୍ରିମକୋର୍ଟ ପୁଣି ଥରେ ଶୁଣାଣି ଆରମ୍ଭ କରିବେ ବୋଲି ଜଣାପଡିଛି। ଜଷ୍ଟିସ ଅଶୋକ ଭୂଷଣ, ଜଷ୍ଟିସ ଆର୍.ସୁଭାଷ ରେଡ୍ଡୀ ଏବଂ ଜଷ୍ଟିସ ଏମ୍.ଆର୍.ଶାହାଙ୍କୁ ନେଇ ୩ ଜଣିଆ ଖଣ୍ଡପୀଠ ଏହି ମାମଲା ଉପରେ ଶୁଣାଣି କରିବେ। ଏହି ପ୍ରସଙ୍ଗରେ ଶୁଣାଣି ଲାଗି ନଭେମ୍ବର ୧୮(ବୁଧବାର) ସମୟ ଧାର୍ଯ୍ୟ ହୋଇଥିଲା। ଶୁଣାଣିକୁ ସର୍ବୋଚ୍ଚ ନ୍ୟାୟାଳୟ ମୁଲତବୀ ରଖିଥିଲେ।

## ଇଣ୍ଟେଲର ପାୱାର ମ୍ୟାନେଜମେଣ୍ଟ ଚିପ୍ କାରବାର କିଣିଲା ମିଡିଆଟେକ୍

**ନୂଆଦିଲ୍ଲୀ,୧୮।୧୧:** ଇଣ୍ଟେଲର ପାୱାର ମ୍ୟାନେଜମେଣ୍ଟ ଚିପ୍ କାରବାରକୁ ତାଇୱାନ ଭିତ୍ତିକ କମ୍ପାନୀ ମିଡିଆଟେକ୍ କ୍ରୟ କରିଛି। ମିଡିଆଟେକ୍‌ର ସହଯୋଗୀ କମ୍ପାନୀ ରିଚ୍‌ଟେକ୍ ଦ୍ୱାରା ଏହି କାରବାର ହୋଇଛି। ଏଥିଲାଗି କମ୍ପାନୀକୁ ୬୩୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡିଛି। ପ୍ରଡକ୍ଟ ଲାଇନର ବିସ୍ତାର ଲାଗି ଏହା ସହାୟକ ହୋଇପାରିବ ବୋଲି କୁହାଯାଉଛି। ମିଡିଆ ଟେକ୍ ଏଣ୍ଟରପ୍ରାଇଜ ସ୍ତରରେ ଏଫ୍‌ପିଜିଏ, ଏସ୍ଓସି, ସିପିୟୁ ଏବଂ ଏଏସ୍ଆଇସି ଇଣ୍ଟିଗ୍ରେଟେଡ୍ ପାୱାର ସଲ୍ୟୁଶନ ଉପଲବ୍ଧ କରାଇପାରିବ। ଏହି ଡିଲ୍ ଦ୍ୱାରା ସ୍ମାର୍ଟଫୋନ ବଜାରରେ ମିଡିଆଟେକ୍ ସ୍ଥିତି ଦୃଢ ହୋଇପାରିବ ବୋଲି କୁହାଯାଉଛି।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o. DY. GENERAL MANAGER (ELECT.), EHT O&M DIVISION, DHENKANAL
CIN: U40102OR2004SGC007553

No. CAD-784 **TENDER CALL NOTICE NO.01/2020-21**

For and on behalf of OPTCL, Dy. General Manager, EHT O&M Division, Dhenkanal invites Tenders from reputed bidders having valid HT/EHT Electrical License, Labour license with PAN & GST registration certificate for execution of **"Erection & Commissioning of 2nd Station TFR(250KVA, 33/0.4kV) & Construction of retaining wall with safety fencing and metal spreading at 132/33kV Grid S/S, Kamakhyanagar"** under EHT O&M Division, Dhenkanal.
**Cost of the tender paper:** Rs. 2000/- + GST @12%
**Sale of Tender Paper** : 19.11.2020 to 10.12.2020 ( up to 01.00PM)
**Last date of submission:** 10.12.2020 (Up to 03.00 PM)
**Date of Tender opening:** 10.12.2020 at 04.00PM
For more details/corrigendum please visit : **www.optcl.co.in.**
FIPR-30/2020-21 OIPR-04011/11/0042/2021 Sd/- DGM (Elect.)

## NOTICE

No.10007 Date:17.11.2020

**OFFICE OF THE CHIEF DISTRICT MEDICAL OFFICER & PHO, BARGARH**

In pursuance to Advt.No.-8493 dt.18.09.2020 for the post of District Data Manager, IDSP and Block Programme Manager under NHM, Bargarh, the Provisional merit list of candidates has been uploaded in the official website of Bargarh District i.e. www.bargarh.nic.in for appearing written test for the post of District Data Manager, IDSP and Computer test for the post of Block Programme Manager on dt.25.11.2020 at District Training Unit, NHM, Bargarh (9.30 A.M. to 10.00 A.M. Registration). The candidates fail to appear the test as per the schedule fixed shall not be entertained later.

**Sd./- Chief District Medical & PHO cum District Mission Director, NHM, Bargarh**

**ORISSA STATE CIVIL SUPPLIES CORPORATION LIMITED, KEONJHAR**
(E-mail ID: cso.keonjhar@gmail.com)

**Tender No. 2308 & 2309** **Dt.18.11.2020**

District Manager, Odisha State Civil Supplies Corporation Limited, Keonjhar invites tender through online mode only for the work below.

| | | |
|---|---|---|
| 1 | Name of the Work | Selection and appointment of Transport Contractor (a) For Transportation of paddy from Mandi to Mill points. (b) For Transportation of Rice (CMR) from Mill points to Rice Receiving Centre (RRC) and FSD points |
| 2 | Availability of Bid documents in the portal | Dt.18.11.2020 |
| 3 | Last date & time for receipt of Bid on the portal | Dt.03.12.2020 upto 5 P.M. |
| 4 | Date & time of opening of Technical Bid | (a) For Paddy / Dt.04.12.2020 at 11.00 A.M. (b) For Rice / Dt.04.12.2020 at 11.00 A.M. |

Tender documents and other detailed can be seen from the e-procurement portal **www.tendersodisha.gov.in** along with district website **www.kendujhar.nic.in.** Amendment/ Corrigendum/Cancellation/Retenders and etc., if any shall be published only in above website.

**Sd./- Chief CSO-cum-DM, OSCSC Ltd., Keonjhar**

**ଓଡ଼ିଶା ସରକାର**
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

**No RDM-LAB-KPT-0006-2017-10830/R&DM** **Dated: 04 Mar, 2020**

No. X-10: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କୋରାପୁଟଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଚରାମୂଳା, ଥାନା- ବି.ସିଙ୍ଗିପୁର, ନଂ.- ୪୯, ତହସିଲ- ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କୋରାପୁଟ ଜିଲ୍ଲାର ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାନସପୁର-ସେମଳାଗୁଡ଼ା ଡିଷ୍ଟ୍ରିବ୍ୟୁଟାରି କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୭୧, ତା୧୫।୦୧।୨୦୧୮ ରିଖରେ ପ୍ରକାଶିତ ହୋଇଅଛି। ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା: ଚରାମୂଳା, ଥାନା- ବି.ସିଙ୍ଗିପୁର, ନଂ.-୪୯, ଜିଲ୍ଲା: କୋରାପୁଟରେ ବିସ୍ଥାପିତ ପରିବାର ନ ଥିବାରୁ, ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ଏଥି ସହିତ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.koraput.nic.in**ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା, ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ତଥା ପୁନର୍ବାସ ଓ ଥଇଥାନ ଅଧିକାରୀ, କୋରାପୁଟଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୋରିଗୁମ୍ମା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚରାମୂଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୩.୧୪ | ଏକର ୧.୧୦ | ଏଥି ସହିତ ସଂଲଗ୍ନ |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୋରିଗୁମ୍ମା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୨୧।୧୧।୨୦୧୯

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: କୋରାପୁଟ** **ତହସିଲ: ବୋରିଗୁମ୍ମା**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ | ମନ୍ତବ୍ୟ |
|---|---|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ଚରାମୂଳା | ଗ୍ରାମାଞ୍ଚଳ | ୫୧ | ୩୮୭ | ଧାନ ତିନି | ୩.୨୪ | ୦.୪୦ | ଦମ୍ବରୁଧର ହୋତା, ପି.- ଲିଙ୍ଗରାଜ ହୋତା | |
| କୋରାପୁଟ | ବୋରିଗୁମ୍ମା | ଚରାମୂଳା | ଗ୍ରାମାଞ୍ଚଳ | ୧୨୪ | ୩୧୦ | ଧାନ ଦୁଇ | ୪.୯୦ | ୦.୪୨ | ଦେବ ମହୁରିଆ, ପି.- ବୁଦ୍ଧୁ ମହୁରିଆ | |
| କୋରାପୁଟ | ବୋରିଗୁମ୍ମା | ଚରାମୂଳା | ଗ୍ରାମାଞ୍ଚଳ | ୧୨୪/ ୩୦୨ | ୩୭୪/ ୬୬୬ | ଧାନ ଦୁଇ | ୫.୦୦ | ୦.୨୮ | ଉର୍ଦ୍ଧବ ଗୌଉଡ଼, ପି.- ତିକ ଗୌଉଡ଼ | ଅଧିସୂଚିତ ପ୍ଲଟ ୩୭୪/୬୬୦ ପରିବର୍ତ୍ତେ ୩୭୪/୬୬୬ ହେବ |
| | | | | ମୋଟ | | | ୧୩.୧୪ | ୧.୧୦ | | |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ହେବାକୁଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|
| | | | | | | | |
| ପ୍ରଯୁଜ୍ୟ ନୁହେଁ | | | | | | | |

OIPR-24001/14/0140/2021

**ଓଡ଼ିଶା ସରକାର**
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଅଧିସୂଚନା**

**No RDM-LAB-KPT-0003-2020-21699/R&DM** **Dated: 07 Jul., 2020**

No. X-16: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଗାଦବାଗୁଡ଼ା-ତୋକିଗୁଡ଼ା ଡିଷ୍ଟ୍ରିବ୍ୟୁଟାରି, କୁମୁଲି ଉପଶାଖା ଓ ନାରିଗାଁ-କୁମୁଲି ଉପଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- କୁମୁଲି, ଥାନା- ବି.ସିଙ୍ଗିପୁର, ନଂ.- ୧୬, ତହସିଲ- ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୮୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ଗାଦବାଗୁଡ଼ା-ତୋକିଗୁଡ଼ା ଡିଷ୍ଟ୍ରିବ୍ୟୁଟାରି, କୁମୁଲି ଉପଶାଖା ଓ ନାରିଗାଁ-କୁମୁଲି ଉପଶାଖା କେନାଲ ଖନନ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ ନଂ.- ୧, ବାରିଣୀପୁଟ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - କୌଣସି ବିସ୍ଥାପନ ହେଉ ନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ଜୟପୁର।
୬. ଜମିର ବିବରଣୀ -

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚୀତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | କୁମୁଲି | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୧୪.୬୯ | ଏ.୨.୮୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଅଭୟ କୁମାର ନାୟକ)**
**ଅତିରିକ୍ତ ଶାସନ ସଚିବ**

**ଜମିର ବିଶଦ ବିବରଣୀ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମ | ଖାତା ନଂ. | ପ୍ଲଟ୍ ନଂ. | ଜମିର ମୋଟ ରକବା | ଅଧିସୂଚିତ ହେବାକୁଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୯୩ | ୧୭୬ | ୦.୬୬ | ୦.୨୫ | ବଣ୍ଡକୁ ସଉରା, ପି.- ରୂପ ସଉରା |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୧୧୦ | ୨୧୨ | ୨.୦୬ | ୦.୪୦ | ବୁଟି ଡମ୍ବ, ପି.- ଖାତି ଡମ୍ବ |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୨୧୧/ ୪୩୬ | ୨୧୫ | ୨.୧୪ | ୦.୨୩ | କମଳା ପୂଜାରୀ, ପି.- ମଦନ ପୂଜାରୀ |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୨୧୧/ ୪୪୮ | ୨୨୨ | ୨.୨୪ | ୦.୮୬ | ଗଣେଶ୍ୱର ଶତପଥୀ, ପି.- କିଶୋର ଶତପଥୀ |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୨୧୧/ ୪୦୯ | ୧୮୧/ ୯୮୯ | ୨.୪୦ | ୦.୨୦ | ଚନ୍ଦ୍ର ଦଳପତି, ପି.- ଉର୍ଦ୍ଧବ ଦଳପତି |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୨୧୧/ ୭୧୦ | ୨୨୧ | ୨.୦୮ | ୦.୬୭ | ଭାରତୀ ପଣ୍ଡା, ସ୍ୱା.- ପ୍ରଫୁଲ୍ଲ କୁମାର ପଣ୍ଡା |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୨୧୧/ ୭୧୧ | ୩୯୬/ ୧ | ୦.୨୮ | ୦.୧୦ | ଗୀତା ତ୍ରିପାଠୀ, ସ୍ୱା.- ପଙ୍କଜ କୁମାର ତ୍ରିପାଠୀ |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୨୧୧/ ୧୦୩ | ୪୮୪/ ୬୮୬/ ୬୯୭ | ୦.୯୩ | ୦.୦୪ | ମୁଣ୍ଡା ଜାନି, ପି.- ଚଣ୍ଡାଳ ଜାନି |
| କୋରାପୁଟ | ବୋରିଗୁମ୍ମା | କୁମୁଲି | | ୧୧୪ | ୩୬୩ | ୧.୯୦ | ୦.୧୦ | ରଘୁନାଥ ମିଶ୍ର, ଚତୁର୍ଭୁଜ ମିଶ୍ର, ପି.- ପ୍ରହଲାଦ ମିଶ୍ର |
| | | | ମୋଟ | | | ୧୪.୬୯ | ୨.୮୫ | |

**ସ୍ୱା./- ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବସତି ପୁନଃ ଥଇଥାନ ଅଧିକାରୀ, ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋରାପୁଟ**
**ସ୍ୱା./- ଜିଲ୍ଲାପାଳ, କୋରାପୁଟ**

OIPR-24001/14/0146/2021

**idco** Your power to grow | **ODISHA** NEW OPPORTUNITIES

IDCO/HO-FIN/A-10004/01/2019/V-1/15553 Dt.16.11.2020

## EXPRESSION OF INTEREST

No. CAD-782:- Odisha Industrial Infrastructure Development Corporation (IDCO), invites sealed bids for rate of interest in the following prescribed format for fixed deposit in denominations of Rs.1,99,99,000/- each interest compounded quarterly, from Bhubaneswar based eligible Govt. approved Public Sector Banks only as per Finance Department order No. 24705/F Dated 20.07.2019 Govt. of Odisha (Except Bank of India & IDBI Bank)

| Sl. No. | Period | % Rate of Interest Per Annum (Only Callable) Rs.1,99,99,000/- |
|---|---|---|
| 1 | One Year | |

The Bid must reach the undersigned in sealed cover by Speed Post / Special Messenger on or before 1.00 P.M. on 25th November 2020 and the same shall be opened at 3.30 P.M. on the same day in the Board Room, IDCO Office, Janpath, Bhubaneswar-751022 in the presence of the representatives of the participating Banks. The rate of Interest offered by the participating Banks shall remain valid for 21 days from the date of Opening of the bids. The interest rate quoted by Bank is final & in no circumstances change of rate can be entertained. The decicion of the Management will be final.

**Sd/- Chief General Manager (Finance)**
OIPR-14003/11/0078/2021

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER cum DISTRICT MISSION DIRECTOR, GANJAM**
**DEPARTMENT OF HEALTH AND FAMILY WELFARE**

**Advt. No. 17165** **Date: 17/11/2020**

## TENDER CALL NOTICE

Sealed tender invited from reputed Tours and Travel agency / tour operator / individuals for providing vehicle (to be utilized for National Health Mission Program with & without branding of the vehicle) Viz. TUV-300, Bolero, Ertiga, Tata Sumo Gold Zest, Swift Dezire, Xcent, Etios (Petrol), Tiago, Bolt, Celerio on a monthly / Daily hiring basis.

Interested parties / individual can log on to district website **https://ganjam.nic.in** for details of term & condition and to sent their tender to the CDM & PHO, Ganjam, Berhampur on or before 27.11.2020 by 1.30 PM which will be opened on the same day at 4.00 PM in the presence of the bidders / authorized representatives.

The undersigned reserves the right to cancel / reject any or all the tender without assigning any reason thereof.

**Sd./- CDM & PHO, Ganjam, Berhampur**

## ନାବାଳିକାଙ୍କୁ ବିବାହ କରିବାକୁ ଜିଦ୍ କରି ଯୁବକ ଗିରଫ

ପାଟଣା, (ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା ଶିଳପଦା ଗ୍ରାମର ସୁନିଲ ମହାନ୍ତ ଜଣେ ନାବାଳିକାଙ୍କୁ ବିବାହ କରିବାକୁ ଜିଦ୍ କରି ଗିରଫ ହୋଇଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ସେ ଏକତରଫା ପ୍ରେମ କରି ତାଙ୍କୁ ହଇରାଣ କରୁଥିବା ପାଟଣା ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ପାଟଣା ଥାନା ଅଧିକାରୀ ସୋମନାଥ ଜେନା ଏକ ମାମଲା (ନଂ.୧୭୮/୨୦) ରୁଜୁ କରି ଅଭିଯୁକ୍ତଙ୍କୁ ପୋକ୍‌ସୋ ଆକ୍ଟରେ ଗିରଫ କରି କୋର୍ଟ ଚାଲାଣ କରିଛି।



## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୪୦ ହଜାର ଲୁଟ୍

**ରାଇରଙ୍ଗପୁର,୧୮।୧୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନଥାନା ଅଞ୍ଚଳରେ ବୁଧବାର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କଠାରୁ ୪୦ ହଜାର ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୦୦/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।ସୂଚନା ଅନୁଯାୟୀ, ଗୋରୁମହିଷାଣି ଥାନା ଅନ୍ତର୍ଗତ ବଡ଼ମୌଜା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସ ପୂର୍ବାହ୍ନ ଘ.୧୧.୩୦ରେ ରାଇରଙ୍ଗପୁର ଷ୍ଟେଟ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ ଏକ ବ୍ୟାଗ୍‌ରେ ରଖି ଚାଲିଚାଲି ବସ୍‌ଷ୍ଟାଣ୍ଡକୁ ଆସୁଥିଲେ। ଏହି ସମୟରେ ଏକ ବାଇକ୍‌ରେ ଦୁଇ ଲୁଟେରା ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍‌ଟି ଝାମ୍ପିନେଇ ପଳାଇ ଯାଇଥିଲେ। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ ହେଁ ଲୁଟେରାଙ୍କ ସନ୍ଧାନ ପାଇ ପାରିନାହିଁ।

### ପୌରାଞ୍ଚଳ ସମସ୍ୟାକୁ ନେଇ ଦାବିପତ୍ର

**କେନ୍ଦୁଝର, ୧୮।୧୧ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ମୁଖ୍ୟାଳୟର ବିଭିନ୍ନ ସମସ୍ୟାକୁ ନେଇ ଜିଲା ଓକିଲ ସଂଘ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରରେ ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ସହ ପୂର୍ବରୁ ସର୍ଭେ ହୋଇଥିବା ଜିଲା ମୁଖ୍ୟାଳୟ ମେଡିକାଲରୁ ପୁରୁଣା ସହର ରାସ୍ତାର ସମ୍ପ୍ରସାରଣ କରିବାକୁ ଦାବି କରିଛନ୍ତି। ଜିଲାର ଲାଇଫ ଲାଇନ କୁହାଯାଉଥିବା ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଶେଷ କରିବା ସହ ଶୋଚନୀୟ ହୋଇ ପଡିଥିବା ବିଭିନ୍ନ ରାଜ୍ୟ ରାଜପଥ, ସହରାଞ୍ଚଳ ତଥା ଗ୍ରାମ୍ୟ ରାସ୍ତାଗୁଡିକର ନିର୍ମାଣ/ମରାମତି କରିବାକୁ ଦାବି କରିଛନ୍ତି। ଏଣୁ ଏନ୍‌ଏଚ୍ ରାସ୍ତା ନିର୍ମାଣ ଶେଷ ନ ହେବା ଯାଏ ଟୋଲ୍ ଆଦାୟ ବନ୍ଦ କରିବାକୁ କହିଛନ୍ତି। ସେହିପରି କେନ୍ଦୁଝର ସହରରେ ବିଭିନ୍ନ ମୂଲ୍ୟବାନ ଜମି, ରାସ୍ତାଘାଟ ଜବରଦଖଲ ଉଚ୍ଛେଦ କରି ଏବଂ ବିଭିନ୍ନ ସ୍ଥାନରେ ପାର୍କ ନିମାଣ କରି ସୌନ୍ଦର୍ଯ୍ୟକରଣ କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

### ମାଡ଼ ମାରି ଘରେ ପଶି ଲୁଟିନେଲେ

**ପାଟଣା, ୧୮।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ସ୍ଥିତ କାମେଶ୍ୱରପୁର ଶାସନ ବାଉଁଶଡିହା ସାହିରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ଜଣଙ୍କ ଘରୁ ଲୁଟ୍ କରିବା ସହ ଘର ଲୋକ ଦୁର୍ବୃତ୍ତଙ୍କ ମାଡ଼ରେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ବାଉଁଶଡିହା ସାହିରେ ନିରଞ୍ଜନ ତ୍ରିପାଠୀଙ୍କ ଅନୁପସ୍ଥିତିରେ ୩ ଦୁର୍ବୃତ୍ତ ମୁଖା ପିନ୍ଧି କବାଟ ଭାଙ୍ଗି ଚୋରି ଉଦ୍ଦେଶ୍ୟରେ ଘରେ ପଶିଥିଲେ ଘରେ ଥିବା ତାଙ୍କ ସ୍ତ୍ରୀ ଓ ତାଙ୍କ ଝିଅ ଏଥିରେ ପ୍ରତିବାଦ କରିବାରୁ ସେମାନେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। ଅନୁରୂପ ଭାବେ ଦୁର୍ବୃତ୍ତ ଉକ୍ତ ସାହିର କାର୍ତ୍ତିକା ନାଏକଙ୍କ ଘରେ ପଶି ଲୁଟ୍ କରିଛନ୍ତି। କାର୍ତ୍ତିକା ନାଏକଙ୍କ ଘରୁ ସୁନା କାନଫୁଲ ଦୁଇ ହଳ, ରୁପା ପାଉଞ୍ଜି ଲୁଟି ନେଇଛନ୍ତି। ପାଟଣା ପୋଲିସ ପକ୍ଷରୁ ଥାନାଧିକାରୀ ସୋମନାଥ ଜେନା ଓ ଏଏସଆଇ ଶିବଶଙ୍କର ଆଲଦା ପହଞ୍ଚି ଏକ ମାମଲା (ନଂ.୧୭୯/୨୦) ରୁଜୁ କରି ତଦନ୍ତ ଚଳାଇଛନ୍ତି।

### ଟ୍ରକ୍‌କୁ ଧକ୍କା ଦେଲା କାର, ଡ୍ରାଇଭର ଗୁରୁତର

**ବାହାନଗା,୧୮।୧୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଳିଆପାଟଣା ସ୍ଥିତ ୧୬ ନମ୍ବର ଜାତୀୟ ରାଜପଥର ଡାଇଭର୍ସନ ଠାରେ ହୋଇଥିବା ହମ୍ପସ୍‌ରେ ଏକ ମାଲ୍ ବୋଝେଇ ଟ୍ରକ୍‌କୁ ପଛପଟୁ ଏକ କାର ଧକ୍କା ଦେବାରୁ କାର ଡ୍ରାଇଭର ଗୁରୁତର ହୋଇଛନ୍ତି। ଖବରପାଇ ଖନ୍ତାପଡା ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଡ୍ରାଇଭରଙ୍କୁ ଖନ୍ତାପଡା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇଛନ୍ତି। ତେବେ ଦୁର୍ଘଟଣା ଘଟାଇଥିବା କାର ଓ ମାଲ ବୋଝେଇ ଟ୍ରକ୍‌କୁ ପୋଲିସ ଥାନାରେ ଅଟକ ରଖିଛି।

### ପୋଡ଼ି ହୋଇ ମହିଳାଙ୍କ ଆତ୍ମହତ୍ୟା

**ପାଟଣା,୧୮।୧୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ଗ୍ରାମର ଜଣେ ୪୫ ବର୍ଷୀୟା ବିବାହିତା ମହିଳା ପାରିବାରିକ କଳହରୁ ଦେହରେ କିରାସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଇନ୍ଦୁମତି ପାତ୍ର। ଡାକ୍ତରଙ୍କ ସୂଚନା ମୁତାବକ ଇନ୍ଦୁମତିଙ୍କ ଶରୀରର ୯୦ ପ୍ରତିଶତ ପୋଡ଼ିଯାଇଥିଲା। ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି।

# ହଷ୍ଟେଲ ନିର୍ମାଣକୁ ବିରୋଧ

**ବାଲେଶ୍ୱର ଅଫିସ,୧୮।୧୧**

ବାଲେଶ୍ୱର ଜିଲା ସ୍କୁଲ ପୂର୍ବରେ ଟିଆରଡବ୍ଲ୍ୟୁ ହଷ୍ଟେଲ ନିର୍ମାଣକୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିରୋଧ କରାଯାଇଛି। ନିର୍ମାଣ କାର୍ଯ୍ୟକୁ ବିରୋଧ କରି କମିଟିର କର୍ମକର୍ତ୍ତା ଜିଲା ଗସ୍ତରେ ଆସିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ସୁରେଖା ତରାଇଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି।

ଜିଲା ସ୍କୁଲ ଏକ ଐତିହାସିକ ବିଦ୍ୟାଳୟ। ଏହି ସ୍କୁଲର ମୋଟ୍ ୧୨ଏକର ୬୧ ଡିସିମିଲ ଜାଗା ଥିଲା। ମାତ୍ର ଚକ୍ରାନ୍ତ ପୂର୍ବକ ତତ୍କାଳୀନ ବାଲେଶ୍ୱର ତହସିଲଦାର ସ୍କୁଲ ଜମିର ୭ଏକର ୬୧ ଡିସିମିଲ ଜମି ଷଡ଼ଯନ୍ତ୍ର କରି ସରକାରୀ ଖାତାକୁ ନେଇଯାଇଥିଲେ। ଏହାକୁ ବିରୋଧ କରି ରେଭେନ୍ୟୁ ମିସ୍ ଏପିଲ (ନଂ.୧୧୭।୧୮)ରେ ମାମଲା ଉପ-ଜିଲାପାଳଙ୍କ କୋର୍ଟରେ ବିଚାରଧୀନ ଅଛି। ନିର୍ଦ୍ଦିଷ୍ଟ ଜାଗା ଉପରେ ମାମଲା ଚାଲିଥିବା ବେଳେ ସରକାର ଏହି ମୋକଦ୍ଦମାରେ ପକ୍ଷଭୁକ୍ତ ଅଛନ୍ତି। ଏଭଳି ପରିସ୍ଥିତିରେ ଏହି ଜମି ଉପରେ କୌଣସି ପ୍ରକଳ୍ପର



ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶିକାଙ୍କୁ ଭେଟିବାକୁ ଆସିଥିବା ସ୍କୁଲ୍ ପରିଚାଳନା କମିଟି ସଦସ୍ୟ।

ନିର୍ମାଣ ହୋଇପାରିବନି। ମାତ୍ର ବେଆଇନ୍ ଭାବେ ସେଠାରେ ଟିଆର୍‌ଡବ୍ଲ୍ୟୁ ହଷ୍ଟେଲ ନିର୍ମାଣ ଚାଲିଥିବା ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ଅଭିଯୋଗ କରିଥିଲେ। ଆଲୋଚନା ପରେ ଯୁଗ୍ମ ନିର୍ଦ୍ଦେଶିକା ତରାଇ ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତା ନିର୍ମାଣ କାର୍ଯ୍ୟକୁ ବିରୋଧ କରି ମଙ୍ଗଳବାର କମିଟିର ଏକ ଜରୁରୀ ବୈଠକ ଡକାଇଥିଲେ। ବୈଠକରେ ବଳରାମ ଦାସ ସଭାପତିତ୍ୱ କରିଥିଲେ। ନିର୍ମାଣ କାର୍ଯ୍ୟକୁ ଆଗାମୀ ଦିନରେ ତୀବ୍ର ବିରୋଧ କରିବା ନେଇ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ପରିଚାଳନା କମିଟିର ସଭ୍ୟାସଭ୍ୟ ନୀଳମଣି ବେହେରା, ରବୀନ୍ଦ୍ର ରଣା, ରତ୍ନମରା ଗିରି, ଜୟନ୍ତୀ ପଣ୍ଡା, ଏକେ ଇରାମ, ସରସ୍ୱତୀ ଶର୍ମାଙ୍କ ସମେତ ବିଦ୍ୟାଳୟ ପ୍ରାକ୍ତନ ଛାତ୍ର ପରିଷଦ ସମ୍ପାଦକ ରାକେଶ ଗିରି, ସମାଜସେବୀ ସରଣୀ ଭୂୟାଁ, ଆଇନଜୀବୀ ମନୋଜ ନାୟକ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସ୍କୁଲରେ ଯୁକ୍ତ୨ କଲେଜ ଖୋଲିବା ପାଇଁ ସରକାର ଠିକ କରିଛନ୍ତି। ଏହି ବିଦ୍ୟାଳୟକୁ ଉତ୍କର୍ଷ ବିଦ୍ୟାଳୟ ଭାବେ ଘୋଷଣା କରିଛନ୍ତି। ଜିଲା ସ୍କୁଲର ଜମି ଚାଲିଗଲେ ଏହି ପରିସରରେ ଆଉ କଲେଜ ହୋଇପାରିବ ନାହିଁ ବୋଲି ସେମାନେ ଆଶଙ୍କା ପ୍ରକଟ କରିଥିଲେ। ଏ ବାବଦରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଅବିଳମ୍ବେ ବେଆଇନ୍ ନିର୍ମାଣ କାର୍ଯ୍ୟ ବନ୍ଦ ନକଲେ ଆନ୍ଦୋଳନ ତୀବ୍ର ହେବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଥିଲେ।

# ଗାଁ ସାଥୀ ସଂଘର ଗଣଧାରଣା

**ବାରିପଦା ଅଫିସ,୧୮।୧୧**

ଗାଁ ସାଥୀ(ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୭ଦଫା ଦାବି ନେଇ ବୁଧବାର ମୟୂରଭଞ୍ଜ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗାଁ ସାଥୀମାନେ ଧାରଣାରେ ବସି ରହିଥିଲେ। ସଂଘର ଏକ ପ୍ରତିନିଧି ଦଳ ପିଡିଡିଆରଡିଏ ଭବେଶ କୁମାର ନାୟକଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପରେ ଦାବିଗୁଡ଼ିକ ପୂରଣ ହେବା ନେଇ ପ୍ରତିଶ୍ରୁତି ମିଳିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱରେ ଜିଲାରେ ଥିବା ୨୬ ବ୍ଲକର ଗାଁ ସାଥୀମାନେ ଏକଜୁଟ ହୋଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟରେ କାର୍ଯ୍ୟରତ ୨୦୦୮ ଗାଁ ସାଥୀମାନଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ଯେଉଁ ସୁବିଧା ପାଉଛନ୍ତି ସେହି ସୁବିଧା ପ୍ରଦାନ କରିବାକୁ ଦାବି ହୋଇଛି। ଜିଲାରେ ଥିବା ଗାଁ ସାଥୀମାନଙ୍କୁ ସରକାରୀସ୍ତରରେ ଚିହ୍ନଟ କରାଯାଇ କାର୍ଯ୍ୟରେ ସାମିଲ କରିବା ଓ ଉଚିତ ପ୍ରାପ୍ୟ ପ୍ରଦାନ କରିବା, ଅନ୍ୟ ଜିଲାମାନଙ୍କ ଭଳି ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ଜବକାର୍ଡଧାରୀଙ୍କୁ ଦୈନିକ ମଜୁରୀ ୩୦୩ଟଙ୍କା ସହିତ ୨ଶହ ଦିନର କାର୍ଯ୍ୟ ପ୍ରଦାନ କରିବାକୁ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଗାଁ ସାଥୀ ସଂଘର ଜିଲା ସଭାପତି କରୁଣାକର ନାୟକ, ଯଦୁନାଥ ମୁର୍ମୁ, ଉତ୍ତମ ବୈଦ୍ୟ, ଅର୍ଜୁନ ଟୁଡୁ, ବିରାମ ମାଝୀ, କୁଶାଳ ସିଂହ, ଭାବଗ୍ରାହୀ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ୫.୯୨ କୋଟିର ସେତୁ ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ

**ବାହାନଗା,୧୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଚିତ୍ତଳ ପଞ୍ଚାୟତର ସଲ୍ଟ ରୋଡ୍ ଉପରେ ଥିବା କୋଚିଆ କୋଇଲି ନାଳ ଉପରେ ୫ କୋଟି ୯୨ ଲକ୍ଷ ୯୧ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ସେତୁର ଶିଳାନ୍ୟାସ କରିଛନ୍ତି ସୋର ବିଧାୟକ ପର୍ଶୁରାମ ଧଡ଼ା ଓ ଭଦ୍ରକ ଏମପି ମଞ୍ଜୁଲତା ମଣ୍ଡଳ। ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ମଞ୍ଜୁର ହୋଇଥିବା ବାଲେଶ୍ୱରଠାରୁ ଆସିଥିବା ସଲ୍ଟ (ନିମିକି) ରୋଡ୍‌ର ଚିତ୍ତଳ ପଞ୍ଚାୟତର କୋଚିଆ କୋଇଲି ନାଳ ଉପରେ ଏକ ବୃହତ୍ତ ସେତୁ ନିର୍ମାଣ ପାଇଁ ବିଧାୟକ ଧଡ଼ା ଓ ଏମ୍‌ପି ମଣ୍ଡଳ ଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

ଏହି ସେତୁ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଲୋକେ ଦାବି କରି ଆସୁଥିଲେ। ସାଧାରଣତଃ ବର୍ଷାଦିନେ କାଂଶବାଂଶ ନଦୀର ଜଳପତ୍ତନ ହେଲେ ସେଠାରେ ଥିବା ବହୁ ପୁରୁଣା ପୋଲ ଉପରେ ବନ୍ୟା ପାଣି ପ୍ରବାହିତ ହୋଇଥାଏ। ଫଳରେ ସେହି ରାସ୍ତା ଦେଇ କୌଣସି ଦୁଇଚକିଆ କିମ୍ବା




ଶିଳାନ୍ୟାସ କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

ଚାରିଚକିଆ ଯାତ୍ରୀବାହୀ, ମାଲବାହୀ ଯାନ ଯାତାୟାତରେ ଅସୁବିଧା ହୁଏ। ଏଥିପାଇଁ ସ୍ଥାନୀୟ ଅଞ୍ଚଳବାସୀ ସୋର ବିଧାୟକଙ୍କ ନିକଟରେ ବହୁବାର ବୃହତ୍ତ ସେତୁ ନିର୍ମାଣ କରିବା ପାଇଁ ଦାବି କରିଆସୁଥିଲେ। ଏହାକୁ ଆଖି ଆଗରେ ରଖି ବିଧାୟକ ଧଡ଼ା ସରକାରଙ୍କ ପାଖରେ ଏକ ସେତୁ ନିର୍ମାଣ ଲାଗି ଦାବି ଉପସ୍ଥାପନ କରି କିପରି ଶୀଘ୍ର ହେବ ସେଥିପାଇଁ ଚାପ ପକାଇ ବୃହତ୍ତ ପ୍ରକଳ୍ପ ନିମନ୍ତେ ଅର୍ଥ ମଞ୍ଜୁର କରିଥିଲେ। ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଧାମନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେଡି ନେତା ପ୍ରଦୀପ ଜେନା, ଗୋଲକ ପୁହାଣ, ସବିତା ଅଗସ୍ତି, ରମାକାନ୍ତ ଦାଶ, ତାଳକୁରୁଣିଆ ପଞ୍ଚାୟତର ସରପଞ୍ଚ ବିଜୟ ସାହୁ, ବ୍ଲକ ସଭାପତି ଅଜୟ ପଣ୍ଡା, ନିଳାମ୍ବର ମହାଳିକ, ପ୍ରଭାକର ମିଶ୍ରଙ୍କ ସମେତ ପୂର୍ତ୍ତ ବିଭାଗର ଏସ୍‌ଡିଓ ହରୀଶ୍ ଚନ୍ଦ୍ର ଦ୍ୱାରୀ, କନିଷ୍ଠ ଯନ୍ତ୍ରୀ ସୁଦର୍ଶନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ଲୋକପ୍ରତିନିଧି ଉପସ୍ଥିତ ଥିଲେ।

## ମୂଲ୍ୟବାନ ଶାଳ ଗଣ୍ଡି ଜବତ

**କେନ୍ଦୁଝର, ୧୮।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ଦେଓଗାଁ ରେଞ୍ଜ ଭଗାମୁଣ୍ଡା ବନ ବିଭାଗ ଅଧୀନ ଶରତସାହି ନିକଟସ୍ଥ ଜଙ୍ଗଲରେ ବିଭାଗ ପକ୍ଷରୁ ଚଢ଼ାଉ ପୂର୍ବକ ୧୪ ଖଣ୍ଡ ଶାଳ ଗଣ୍ଡି ଜବତ କରାଯାଇଛି। ମଙ୍ଗଳବାର ଉକ୍ତ ଜଙ୍ଗଲରୁ କାଠ ଚୋରା ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଡିଏଫ୍‌ଓ ଅଜିତ କୁମାର ଶତପଥୀ ଖବର ପାଇଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଦେଓଗାଁ, ଭଗାମୁଣ୍ଡା, ହରିଚନ୍ଦନପୁର ବନପାଳ ସମେତ ବନ କର୍ମଚାରୀ ମିଳିତ ଭାବେ ବିଳମ୍ବିତ ରାତିରେ ଉକ୍ତ ଜଙ୍ଗଲରେ ଅଚାନକ ଚଢ଼ାଉ କରିଥିଲେ। ସୂଚନା ପାଇ ମାଫିଆମାନେ ଘଟଣାସ୍ଥଳରୁ ଖସି ପଳାଇଥିବା ବେଳେ ଚାଲାଣ ହେବାକୁ ଥିବା ଶାଳ ଗଣ୍ଡିଗୁଡ଼ିକୁ ଜବତ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ଟଙ୍କା ହେବ। କାଠଗୁଡ଼ିକୁ ଏକ ଟ୍ରାକ୍ଟର ଯୋଗେ ହରିଚନ୍ଦନପୁର ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିବା ବନପାଳ ବୁଦ୍ଧଦେବ ସାହୁ କହିଛନ୍ତି।

# ମହଜୁଦ୍ ଅର୍ଥର ଠିକ୍ ବିନିଯୋଗ ଉପରେ ଗୁରୁତ୍ୱ

**ବାସୁଦେବପୁର, ୧୮।୧୧(ଡି.ଏନ.ଏ.)**

**ରୋଗୀ କଲ୍ୟାଣ ସମିତିର ବୈଠକ**

ଭଦ୍ରକ ଜିଲା ବାସୁଦେବପୁର ଡାକ୍ତରଖାନା ପରିସରରେ ରୋଗୀ କଲ୍ୟାଣ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ରୋଗୀ କଲ୍ୟାଣ ସମିତିରେ ମହଜୁଦ୍ ଥିବା ଅର୍ଥର ଠିକ୍ ବିନିଯୋଗ ଉପରେ ଗୁରୁତ୍ୱ ଦେଇଥିଲେ। ଡାକ୍ତରଖାନାର ବାହ୍ୟ ଓ ଆଭ୍ୟନ୍ତରୀଣ ପରିବେଶ ପରିଷ୍କାର ପରିଚ୍ଛନ୍ନତା ସହିତ କାୟାକଳ୍ପ ପ୍ରକଳ୍ପର ଅଗ୍ରଗତି, ରକ୍ତଭଣ୍ଡାର ଓ ଡାକ୍ତରଖାନାର ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ବୈଠକରେ ଆଲୋଚନା ହୋଇଥିଲା। ଖାଲି ପଡ଼ିଥିବା ପଦବୀ ପୂରଣ ଦିଗରେ ଧ୍ୟାନ ଦିଆଯିବ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ପ୍ରଣବ କୁମାର ବେହେରା, ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣିମା ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଇଓ ଜଗବନ୍ଧୁ ସାହୁ, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଶାନ୍ତ କୁମାର ସାମନ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ମତ ରଖିଥିଲେ। ଏହି ଅବସରରେ ଡାକ୍ତରଖାନା ଉପର ମହଲାରେ ଏକ ନିଶୁଳ୍କ ଯୋଗ ଶିକ୍ଷାକେନ୍ଦ୍ର ଗୃହକୁ ବିଧାୟକ ରାଉତରାୟ ଉଦ୍‌ଘାଟନ କରିଥିଲେ।

# ଚିନ୍ତା ବଢ଼ାଇଲେ ଝାଡ଼ଖଣ୍ଡୀ ହାତୀପଲ



**ବାରିପଦା ଅଫିସ,୧୮।୧୧**

ନୀଳଗିରି ଫେରନ୍ତା ଝାଡ଼ଖଣ୍ଡୀ ହାତୀପଲ ବୁଧବାର ଭୋର ସମୟରେ ମୟୂରଭଞ୍ଜ ଜିଲା ବେତନଟୀ ରେଞ୍ଜ ଦଲକି ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ୪୨ ହାତୀ ଥିବା ଏହି ହାତୀପଲକୁ ନେଇ ବନ ବିଭାଗର ଚିନ୍ତା ବଢ଼ିଛି। ଦୁଇ ଦିନ ପୂର୍ବେ ଯାଇ ଫେରିଥିବା ଏହି ହାତୀପଲ ବେତନଟୀ- ନଡ଼ପୁର ରାସ୍ତାର ବଡ଼ାମ ଠାକୁରାଣୀଙ୍କ ନିକଟରେ ପାଚିଲାଧାନ ଖାଇବାକୁ ଅପରାହ୍ନ ୪ଟା ସମୟରେ ଜଙ୍ଗଲରୁ ବାହାରିଥିଲେ। ହାତୀପଲକୁ ଦେଖି ସ୍ଥାନୀୟ ଲୋକେ ଫଟୋ ଓ ଭିଡିଓ ଉତ୍ତୋଳନ କରିବା ପାଇଁ ଭିଡ଼ ଜମାଇଥିଲେ। ଫଳରେ ହାତୀପଲକୁ ଘଉଡ଼ାଇବା ପାଇଁ ବନବିଭାଗର କର୍ମଚାରୀମାନଙ୍କୁ ବହୁ ଅସୁବଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ହାତୀପଲ ମଧ୍ୟରୁ ଏକ ଦନ୍ତାହାତୀ ଲୋକମାନଙ୍କୁ ଗୋଡ଼ାଉଥିବାର ଦେଖିବାକୁ ମିଳିଥିଲା। ବନବିଭାଗ ପକ୍ଷରୁ କର୍ମଚାରୀମାନେ ଘଟଣାସ୍ଥଳରେ ସଜାଗ ରହିଛନ୍ତି।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ୪ ଭାଇବୋହୂ

**ବାଲେଶ୍ୱର ଅଫିସ,୧୮।୧୧**

**ଦେଢ଼ଶୁରଙ୍କ ଅତ୍ୟାଚାର ଅଭିଯୋଗ**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ନଇଛଣପୁର ଗ୍ରାମରେ ଦେଢ଼ଶୁରଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ୪ ଭାଇବୋହୂ ବୁଧବାର ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଏସ୍‌ପିଙ୍କ ଦେଖା ନ ପାଇବାରୁ ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶକ୍ରମେ ଖନ୍ତାପଡ଼ା ଥାନା ଅଧିକାରୀ ପରେଶ ରାଉତଙ୍କୁ ସାକ୍ଷାତ୍ କରି ଗୁହାରି ଜଣାଇ ଘରକୁ ଫେରିଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଗ୍ରାମର ୪ ଭାଇ ରାଜସ୍ଥାନରେ କାମ କରନ୍ତି। ସେମାନେ ପଠାଉଥିବା ଟଙ୍କାରେ ସ୍ତ୍ରୀ, ପିଲା ଚଳିଥାନ୍ତି। ମାତ୍ର ଏହାର ଫାଇଦା ନେବାକୁ ସମ୍ପର୍କୀୟ ଦେଢ଼ଶୁର ଭାଇବୋହୂମାନଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇଆସୁଛନ୍ତି। ଗତ ୧୩ ତାରିଖ ଅପରାହ୍ନରେ ଜଣେ ଭାଇବୋହୂଙ୍କ ୪ ବର୍ଷର ପୁଅ ଖେଳୁଥିବା ବେଳେ ଦେଢ଼ଶୁର ଟେକା ମାରିଥିଲେ। ଭାଇବୋହୂ ଏହାର ପ୍ରତିବାଦ କରିବାରୁ ସେ ଗ୍ରାମ ମଝିରେ ତାଙ୍କୁ ମାରପିଟ କରିଥିଲେ। ସେହିପରି ଅନ୍ୟ ଭାଇବୋହୂଙ୍କୁ ମାଡ଼ ମାରିଥିବା ଲିଖିତ ଅଭିଯୋଗ ହୋଇଛି। ଏନେଇ ସେହିଦିନ ସନ୍ଧ୍ୟାରେ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସେମାନେ ବାଧ୍ୟ ହୋଇ ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ଖନ୍ତାପଡ଼ା ଥାନାଧିକାରୀ ପରେଶ କୁମାର ରାଉତଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅବଗତ ରହିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯିବ ବୋଲି କହିଛନ୍ତି।

## ବାଇକ୍‌ରୁ ଖସିପଡ଼ି ମହିଳାଙ୍କ ପ୍ରାଣ ଗଲା

**ବାସୁଦେବପୁର, ୧୮।୧୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର କୋଷ୍ଟକେନାଲ ରାସ୍ତାରେ ବୁଧବାର ପୂର୍ବାହ୍ନରେ ଏକ ଚଳନ୍ତା ବାଇକ୍‌ରୁ ଖସିପଡ଼ି ପ୍ରମିଳା ବାରିକ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ପ୍ରମିଳା ହେଉଛନ୍ତି ରାଧାବଲ୍ଲଭପୁର ଗ୍ରାମର ଅକ୍ରୁର ବାରିକଙ୍କ ସ୍ତ୍ରୀ। ସୂଚନା ଅନୁଯାୟୀ, ପ୍ରମିଳା ଏକ ବାଇକ୍‌ରେ ନିଜ ନାତିଙ୍କ ସହିତ ଘରକୁ ଫେରୁଥିଲେ। ଉକ୍ତ ରାସ୍ତାରେ ହଠାତ୍ ଏକ ଷଣ୍ଢ ତାଙ୍କ ବାଇକ୍ ଆଗକୁ ଆସି ଯିବାରୁ ସେ ତଳେ ପଡ଼ିଯାଇ ସଂଜ୍ଞାହୀନ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

# ୨ ଗଞ୍ଜେଇ ବେପାରୀ ଗିରଫ



ଜବତ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତ ।

**ବାରିପଦା ଅଫିସ,୧୮।୧୧**

ମୟୂରଭଞ୍ଜ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ସ୍କ୍ୱାଡ୍ ମଙ୍ଗଳବାର ଚଢ଼ାଉ କରି ବାରିପଦା ପାଲବଣି ବାଇପାସ୍ ନିକଟରୁ ସାଢେ ୫କେ.ଜି ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ବୈଶିଙ୍ଗା ଥାନା ଅଧୀନ ଗରଗଡ଼ିଆ ଗ୍ରାମର ପରମାନନ୍ଦ ନାୟକ ଓ ଗିରୀଶ ଚନ୍ଦ୍ର ଜେନା । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୭ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ବିକାଶ ଟପ୍ପୋ, କ୍ଷିତୀଶ ଦାସ, ରଜନୀକାନ୍ତ ବେହେରା, ଚନ୍ଦ୍ରକାନ୍ତ ମୁଦୁଲି, ମକର ସର୍ଦ୍ଦାର, ମନୋରଞ୍ଜନ ସିଂ ଏବଂ ଅରୁଣ ତରାଇ ପ୍ରମୁଖ ସାମିଲ ଥିଲେ ।

# ଟ୍ରାଫିକ୍ ଜାମ୍ ବଢ଼ାଉଛି ସମସ୍ୟା

**ଯୋଡା, ୧୮।୧୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା- ବାମେବାରୀ ରାସ୍ତାର କମାରଯୋଡା ଠାରେ ରାସ୍ତା ମରାମତି କାର୍ଯ୍ୟ ଯୋଗୁ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମସ୍ୟା ଉପୁଜିଥିବା ଦେଖିବାକୁ ମିଳିଛି। ଏହାଦ୍ୱାରା ଯୋଡା ଲାଉପ୍ୟାଲେସ୍ ରାସ୍ତା ନିକଟରୁ କମାରଯୋଡା ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଖଣିଜ ବୋଝେଇ ଭାରିଯାନ ଗୁଡିକ ଠିଆ ହୋଇ ରହିବା ଫଳରେ ଲୋକେ ବହୁ ହଇରାଣ ହୋଇଛନ୍ତି।

ଦୀର୍ଘ ଦୁଇ ମାସ ହେବ ଏହି ରାସ୍ତାର ମରାମତି କାର୍ଯ୍ୟ କରାଯାଉଥିଲେ ହେଁ, ଶେଷ ହେଉନଥିବାରୁ ଏହି ଟ୍ରାଫିକ ଜାମ ସମସ୍ୟା ହେଉଥିବା ନେଇ ଏକ ଅଟୋରେ ଯାଉଥିବା ଯାତ୍ରୀ ମହେଶ ଲାଗୁରୀ, ସଞ୍ଜୟ ପାତ୍ର, ଏବଂ ଜାନମ




ଜାମ୍‌ରେ ଫଶିଥିବା ଟ୍ରକ।

ସିଂ ମୁଣ୍ଡା ପ୍ରମୁଖ ଖବରଦାତାଙ୍କ ନିକଟରେ ଅଭିଯୋଗ କରିଥିଲେ। ସରକାର ଯୋଡା ଖଣି ଅଞ୍ଚଳରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିଲେ ହେଁ, ଏ ଅଞ୍ଚଳର ରାସ୍ତାର ଉନ୍ନତିକରଣ ଉପରେ ଧ୍ୟାନ ଦେଉନାହାନ୍ତି। ଯାହା ଫଳରେ ଏ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଯଦିଓ ଡିଏମ୍‌ଏଫ୍ ଫଣ୍ଡ ବ୍ୟୟ ଅଟ୍ଟକଳରେ ଏ ରାସ୍ତାର ନିର୍ମାଣ କରାଯାଉଥିଲେ ହେଁ, ଅଳ୍ପ ବହୁତ ଦୂରତାରେ ରାସ୍ତା ନିର୍ମାଣ ମରାମତି କରାଯାଇ ଅଧପନ୍ତରିଆ ଭାବେ ଛାଡି ଦିଆଯାଇଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ଢିପ ସୃଷ୍ଟି ହୋଇ ରାସ୍ତା ମରଣଯନ୍ତା ପାଲଟିଛି। ଖଣି କମ୍ପାନୀ ମାନେ ବାହର ରାଜ୍ୟର ବଡବଡ ଭାରିଯାନକୁ ଖଣିଜ ପରିବହନରେ ନିୟୋଜିତ କରୁଥିବାରୁ ହଜାର ହଜାର ଭାରିଯାନ ଚଳାଚଳ ହେତୁ ରାସ୍ତାର ଅବସ୍ଥା ଅତି ଦୟନୀୟ ହୋଇପଡିଛି । ଏହା ସହିତ ରାସ୍ତାର ସ୍ଥାନେ ସ୍ଥାନେ ମରାମତି କାର୍ଯ୍ୟ କରାଯାଉଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ହେଉଛି। ଜଣେ ବାଇକ ଚାଳକ ସୌମ୍ୟରଞ୍ଜନ ଜେନା କହିଛନ୍ତି ଯେ, ସେ ଯୋଡାରୁ କେନ୍ଦୁଝର ଅଭିମୁଖେ ଯିବା ବେଳେ ଉକ୍ତ ଟ୍ରାଫିକ ଜାମ୍‌ରେ ଦୀର୍ଘ ୫ ଘଣ୍ଟା ଧରି ଫଶିଥିଲେ। ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଅଭିଯୋଗ ହୋଇଛି।

## ୧୫ ଭାରିଯାନରୁ ଜରିମାନା ଆଦାୟ

ବଡବିଲ, (ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲରେ ପୋଲିସ ଓ ପରିବହନ ବିଭାଗ ମିଳିତ ଭାବେ ତନଖି କରି ୧୫ଟି ଭାରିଯାନରୁ ମୋଟ ୯ଲକ୍ଷ ୧୧ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ବଡବିଲ-ଯୋଡା ଖଣି ଅଞ୍ଚଳରେ ଭାରିଯାନ ସଂଖ୍ୟା ମାତ୍ରାଧିକ ହୋଇଥିଲାବେଳେ ଓଏମଭି ଟ୍ୟାକ୍ସ (ଓଡିଶା ମୋଟର ଭେଇକିଲ ଟ୍ୟାକ୍ସ) ପଇଠ ନ କରି ରାଜ୍ୟ ବାହାରର ଯାନ ଗୁଡିକ ବେଆଇନ ଭାବେ ଯାତାୟାତ କରୁଛନ୍ତି। ବୁଧବାର ବଡବିଲ ପୋଲିସ ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଯାନବାହନ ତନଖି କରିଥିଲେ।

### ସଂକ୍ଷେପରେ

## ‘୩ ମାସ ମଧ୍ୟରେ ଚାଷୀଙ୍କ ଅଭିଯୋଗ ଫଇସଲା କର’

କେନ୍ଦୁଝର,୧୮।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ସାହରପଡ଼ା ବ୍ଲକରେ ଧାନ ଦେଇ ଟଙ୍କା ପାଇ ନ ଥିବା ୬୮ ଚାଷୀଙ୍କ ଅଭିଯୋଗର ଫଇସଲା ୩ ମାସ ମଧ୍ୟରେ କରିବାକୁ ହାଇକୋର୍ଟ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଧାନର ସର୍ବନିମ୍ନ ମୂଲ୍ୟ ସହିତ କ୍ଷତିପୂରଣ ବାବଦ ନେଇ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଉଭୟ ପକ୍ଷକୁ ଆସନ୍ତା ୨୪ରେ ହାଜର ହେବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନମ୍ବର ୪୮୧୯ / ୧୨/୧୧/୨୦୨୦ରେ ନୋଟିସ୍ କରିଛନ୍ତି। ପ୍ରକାଶ ଯେ, ଚାଷୀମାନେ ସରକାରୀ ନୀତି ନିୟମ ଅନୁଯାୟୀ ଟୋକନ ନେଇ ଧାନ ବିକିଥିଲେ ହେଁ ଧାନ ବାବଦକୁ ଲକ୍ଷାଧିକ ଟଙ୍କା ମିଳି ନ ଥିବାରୁ ଚିନ୍ତାରେ ରହିଛନ୍ତି। ଏ ନେଇ ସେମାନେ ସମବାୟ ସମିତିଠାରୁ ଆରମ୍ଭ କରି ସିଭିଲ ସପ୍ଲାଇ ଅଫିସ, ଜିଲାପାଳ ଓ ସରକାରଙ୍କୁ ବାରମ୍ବାର ଅଭିଯୋଗ କରିବା ସହ ବହୁବାର ଆନ୍ଦୋଳନ କରି ନ୍ୟାୟ ନ ପାଇବାରୁ ବାଧ୍ୟହୋଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଫୁଟ୍‌ବଲ, କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ତେଲକୋଇ, ୧୮।୧୧(ଡି.ଏନ୍.ଏ.): କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅନ୍ତର୍ଗତ ବିଞ୍ଜବାହାଳ ଫୁଟବଲ ପଡିଆରେ ଫୁଟବଲ ଓ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଛି। ଏହ ଟୁର୍ଣ୍ଣାମେଣ୍ଟରେ ଫୁଟବଲ ପାଇଁ ୧୧ଟି ଦଳ ରହିଥିବା ବେଳେ କ୍ରିକେଟ ପାଇଁ ୧୬ଟି ଦଳ ଭାଗ ନେଇଥିଲେ। ଏହା ୧୧ ତାରଖ ଠାରୁ ଆରମ୍ଭ ହୋଇଥିଲା। ଫାଇନାଲ କ୍ରିକେଟ ମ୍ୟାଚରେ ବଜରଙ୍ଗୀ ଇଲେଭନ ଷ୍ଟାର ଚାମ୍ପିୟନ ହୋଇଥିବା ବେଳେ ଫୁଟବଲ ଫାଇନାଲରେ ବଜରଙ୍ଗୀ ଷ୍ଟାର ଚାମ୍ପିୟନ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଛାମୁଣ୍ଡା ସରପଞ୍ଚ ନିଳମଣୀ ଦେହୁରୀ ସାମିଲ ହୋଇଥିଲେ।

## ସାପ୍ତାହିକ ହାଟରେ ବେଧଡ଼କ କୁକୁଡ଼ା ଲଢ଼େଇ

କେନ୍ଦୁଝର,୧୮।୧୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅଧୀନ ଭଗାମୁଣ୍ଡା ବୁଧବାର ସାପ୍ତାହିକ ହାଟରେ ବେଧଡ଼କ ଚାଲିଛି କୁକୁଡ଼ା ଲଢ଼େଇ। କରୋନା କଟକଣାକୁ ବେଖାତିର କରି କୁକୁଡ଼ା ଲଢ଼େଇ ଚାଲିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବେଆଇନ ଭାବେ କୁକୁଡ଼ା ଲଢ଼େଇ ଯୋଗୁ ଅନେକ ଆଦିବାସୀ ପରିବାରର ଲୋକେ ସର୍ବସ୍ୱାନ୍ତ ହୋଇ ଘରକୁ ଫେରୁଥିବା ନଜିର ରହିଛି। ତେବେ ବର୍ତ୍ତମାନ କରୋନା କଟକଣା ସାରା ଦେଶରେ ଜାରି ରହିଥିବା ବେଳେ ଏଠାରେ ତାହାକୁ ଉଲ୍ଲଂଘନ କରାଯାଉଥିବା ଦେଖିବାକୁ ମିଳିଛି। କଟକଣା ଥାଇ ମଧ୍ୟ କାହା ଅନୁମତିରେ ଏହି କୁକୁଡ଼ା ଲଢ଼େଇ ଚାଲିଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୁକୁଡ଼ା ଲଢ଼େଇ ବେଳେ ଲୋକେ ନିଜ ନିଜ ପସନ୍ଦର କୁକୁଡ଼ା ଜିତିବା ଆଶା ରଖି ବାଜି ଲଗାଇଥାନ୍ତି। ଅନେକ ସମୟରେ ବାଜି ଲଗାଉଥିବା ଲୋକଙ୍କ ମଧ୍ୟରେ ଏହି ଖେଳ ହିଂସା ରୂପ ନେଇଥାଏ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏଭଳି ବେଆଇନ ଖେଳକୁ ବନ୍ଦ କରାଇବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

# ବିଫଳତା ଦେଖାଇଥିଲା ବାଟ

ଉତ୍କଳବନ୍ଧୁ ପଣ୍ଡା
ଖଇରା,୧୮।୧୧

ବାଲେଶ୍ୱର ଜିଲା ଖଇରା ବ୍ଲକ ଉଗରପଡ଼ାରେ ଜନ୍ମିତ ଗୋପାଳ ବିଶ୍ୱାଳ ଓଡ଼ିଆ ସିରିଏଲ୍ ଜଗତରେ ଏବେ ଜଣେ ଚର୍ଚ୍ଚିତ ଚେହେରା। ବିଭିନ୍ନ ସିରିଏଲ୍‌ରେ ନିର୍ମାତା, ନିର୍ଦ୍ଦେଶକରୁ ସେ ଆଉ ଦୁଇପାଦ ଆଗକୁ ଯାଇ ଚଳଚ୍ଚିତ୍ରରେ ସଙ୍ଗୀତ ନିର୍ଦ୍ଦେଶନା ଦେବା ଆରମ୍ଭ କରିଛନ୍ତି। ଦିନେ ଅନ୍ୟ ନିର୍ଦ୍ଦେଶକ, ନିର୍ମାତାଙ୍କ ପାଖରେ କାମ କରିବା ପାଇଁ ଛିଡ଼ା ହେବାକୁ ପଡୁଥିବା ଏହି ବ୍ୟକ୍ତିଙ୍କ ନିକଟକୁ ବହୁ ଯୁବ କଳାକାର କାମ କରିବା ଲାଗି ଧାଡ଼ି ଲଗାଇଛନ୍ତି। ବିଫଳତା ହିଁ ତାଙ୍କୁ ସଫଳତାର ବାଟ ଦେଖାଇଥିଲା ବୋଲି ସେ କହିଛନ୍ତି।

ସୋର ଉପେନ୍ଦ୍ରନାଥ କଲେଜରେ ଗ୍ରାଜୁଏସନ ପଢୁଥିବା ସମୟରେ ସଙ୍ଗୀତ ପ୍ରତି ତାଙ୍କର ରୁଚି ଥିଲା। ବିଏ ପାଶ୍ ପରେ ସେ କଲିକତାର ବେଙ୍ଗଲ ଟେଲିଭିଜନ ଆଣ୍ଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟରୁ ଡିପ୍ଲୋମା ଶେଷ କରି ଏକ କ୍ୟାସେଟ ତିଆରି ପାଇଁ ମନ ବଳାଇଥିଲେ। ତାଙ୍କ ବାପା କିନ୍ତୁ ଏହାକୁ ବିରୋଧ କରୁଥିଲେ ବୋଲି ସେ କହିଛନ୍ତି। ସେ ଶିକ୍ଷକତା କରିବାକୁ ତାଙ୍କ ବାପା ଚାହୁଁଥିଲେ। ହେଲେ ସେ ଯୁବ କଣ୍ଠଶିଳ୍ପୀଙ୍କୁ ସୁଯୋଗ ଦେବା ଲକ୍ଷ୍ୟରେ ସେତେବେଳର କିଛି ନାମକରା କ୍ୟାସେଟ କମ୍ପାନୀ ନିକଟକୁ ଯାଇଥିଲେ। ସେମାନେ ସିଧାସଳଖ ନା କରିବା ତାଙ୍କୁ କଷ୍ଟ ଦେଇଥିଲେ ହେଁ କ୍ୟାସେଟ ନିର୍ମାଣ ଇଛା ଆହୁରି ବଢ଼ି ଯାଇଥିଲା। ‘ମହାବୀର ମ୍ୟୁଜିକ’ ନାମରେ ନିଜେ ଏକ କମ୍ପାନୀ ଖୋଲି କ୍ୟାସେଟ ଆରମ୍ଭ କରିଥିଲେ। ପ୍ରଥମ କ୍ୟାସେଟ କାଳିଆ ହାତୀ ବିଶେଷ ଆଦୃତ ହୋଇ ନ ଥିଲା। କିନ୍ତୁ ତା’ପରେ କ୍ୟାସେଟ ‘ସତୀ ତୁଳସୀ’, ‘ମା’ ତାରିଣୀ’ ଦେଇଥିଲା ବ୍ୟବସାୟିକ ସଫଳତା। ପରେ ସେତେବେଳର ଏକମାତ୍ର ଚ୍ୟାନେଲ ଭାବେ ଦୂରଦର୍ଶନରେ କାମ କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ଛୋଟ ପିଲାଙ୍କ ଦ୍ୱାରା ପରବେଷିତ ନୃତ୍ୟକୁ ନେଇ ପ୍ରସ୍ତୁତ ଧାରାବାହିକ ‘ନୂପୁରର ତାଳେ ତାଳେ’ ବେଶ୍ ଆଦୃତ ହୋଇଥିଲା। ତା ପଛକୁ ତୁମ ପରି ଛୋଟ ପିଲାଟିଏ, ପାଦରେ ମୋ ପାଦ ଛନ୍ଦା, ମଣି କାଞ୍ଚନ, ଟିକେ ଶୁଣିବେକି, ଆକାଶ କଇଁଆ ଚିଲିକା ମାଛ ଆଦି ଧାରାବାହିକ ତାଙ୍କୁ ପୁରପଲ୍ଲୀରେ ପରିଚିତ କରାଇଥିଲା।

### ଧାରାବାହିକ ନିର୍ମାତା ଗୋପାଳ ବିଶ୍ୱାଳ



ଓଡ଼ିଶାର ବିଭିନ୍ନ ମନ୍ଦିର, ଐତିହାସିକ ସ୍ଥଳ ଓ କଲେଜ ଉପରେ ଆଧାରିତ ଆଉ କିଛି ଦୂର ଆଗକୁ ଯାଇ ଅବତାର ସିଂଙ୍କ ନିର୍ଦ୍ଦେଶିତ ‘ମୁଁ ଖାଣ୍ଟି ଓଡ଼ିଆ ଝିଅ’ରେ ସଙ୍ଗୀତ ନିର୍ଦ୍ଦେଶକ ଭାବେ କାମ କରିବାର ସୁଯୋଗ ପାଇଥିଲେ ବୋଲି ସେ କହିଛନ୍ତି। ଭୁବନେଶ୍ୱରରେ ଚାକଚକ୍ୟରେ ବି ସେ ଗାଁ ମାଟିର ବାସ୍ନାକୁ ଭୁଲି ପାରି ନାହାନ୍ତି। ପ୍ରତିବର୍ଷ କାଳୀପୂଜା ସମୟରେ ଗ୍ରାମବାସୀଙ୍କ ମନୋରଞ୍ଜନ ପାଇଁ ଗାଁରେ ଏକ ଭବ୍ୟ ସମ୍ବର୍ଦ୍ଧନା ସମାରୋହ ଆୟୋଜନ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଳାକାରଙ୍କୁ ଡାକି କାର୍ଯ୍ୟକ୍ରମ କରିଥାନ୍ତି। ନିଜ ଅଞ୍ଚଳର ପ୍ରତିଭାବାନ ଶିଶୁ ଓ ଯୁବ କଳାକାରମାନଙ୍କୁ ତାଙ୍କ ଧାରାବାହିକରେ ସାମିଲ କରାଇବାକୁ ପ୍ରାଥମିକତା ଦେଇଥାନ୍ତି। ଜଣେ ସଫଳ ନିର୍ଦ୍ଦେଶକ ହେବା ସହିତ ଓଡ଼ିଶାର କଳା, ସଂସ୍କୃତିକୁ ଘରେ ଘରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ଥିବା ସେ କହିଛନ୍ତି।

## ମା’ ଭଦ୍ରକାଳୀଙ୍କ ଜଗଦ୍ଧାତ୍ରୀ ବେଶ



ଭଦ୍ରକ ଅଫିସ,୧୮।୧୧

ମା’ ଭଦ୍ରକାଳୀ ସପ୍ତମାତୃକା ବେଶର ପଞ୍ଚମ ଦିନରେ ବୁଧବାର ଜଗଦ୍ଧାତ୍ରୀ ବେଶରେ ପୂଜା ପାଇଛନ୍ତି। ଏହି ବେଶରେ ବାଘ ମା’ଙ୍କର ବାହନ ଥିବାବେଳେ ମୁଖମଣ୍ଡଳ କୃଷ୍ଣବର୍ଣ୍ଣ ଥିଲା। ମା’ ନାଲିପାଟ ବସ୍ତ୍ର ପରିଧାନ କରିଥିବାବେଳେ ସ୍ୱର୍ଣ୍ଣ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥିଲେ। ହସ୍ତରେ ଶଙ୍ଖ, ଚକ୍ର, ଗଦା, ଖଡ୍‌ଗ ଧାରଣ କରି ଚତୁର୍ଦ୍ଧାମୂର୍ତ୍ତିରେ ପ୍ରକଟ ହୋଇଥିଲେ। ଜଗଦ୍ଧାତ୍ରୀ ବେଶରେ ମା’ଙ୍କୁ ଦର୍ଶନ କଲେ ଭକ୍ତର ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଆଦ୍ୟାଶକ୍ତି ମା’ ଭଦ୍ରକାଳୀ ସୃଷ୍ଟିର ସମସ୍ତ ଶକ୍ତିର ଅଧିକାରିଣୀ, ଜଗତର ପାଳନ କର୍ତ୍ତା। ସମସ୍ତ ଜୀବଜଗତ, ପ୍ରାଣୀ ଜଗତ ତଥା ଉଦ୍ଭିଦ ଜଗତ, ଜଳ, ସ୍ଥଳ ସର୍ବତ୍ର ତାଙ୍କର ସତ୍ତା ଉପଲବ୍ଧି ହେଉଛି। ଗୁରୁବାର ଷଷ୍ଠ ଦିନରେ ମା’ ପଦ୍ମାସନା ହଂସ ବାହନରେ ମହାସରସ୍ୱତୀ ବେଶରେ ସଜ୍ଜିତ ହେବେ।

# ‘କ୍ଲକ୍ ଟାୱାର’ ଲୋକାର୍ପିତ

ବାଲେଶ୍ୱର ଅଫିସ, ୧୮।୧୧

ବାଲେଶ୍ୱର ସହର ଷ୍ଟେଶନ ଛକରେ ରୋଟାରୀ କ୍ଲବ ଦ୍ୱାରା ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ‘କ୍ଲକ୍ ଟାୱାର’ ଲୋକାର୍ପିତ ହୋଇଛି। ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ କୁମାର ପଟ୍ଟନାୟକ, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଡିଜିଇ ଶାନ୍ତନୁ କୁମାର ପାଣି ଓ ଡିଜିଏନ୍ ପ୍ରଭୁଦତ୍ତ ସୁବୁଦ୍ଧିଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଥିଲା। ଏହି ‘କ୍ଲକ୍ ଟାୱାର’ରେ ଅତ୍ୟାଧୁନିକ ଡିଜିଟାଲ ଟ୍ରାଫିକ ଲାଇଟ ସଞ୍ଚାଳନ ଏବଂ ଡିଜିଟାଲ ଘଣ୍ଟା ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ସହିତ ଟ୍ରାଫିକ ପୋଲିସର ଉପଯୁକ୍ତ ନିୟନ୍ତ୍ରଣ ପାଇଁ ସିସିଟିଭି ଲଗାଯିବା ବ୍ୟବସ୍ଥା କରାଯାଇଛି। ମୁଖ୍ୟ ଉପଦେଷ୍ଟା ରୋଟାରିଆନ ସୁବ୍ରତ କର ଉତ୍ସବକୁ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ବାଲେଶ୍ୱର ରୋଟାରୀ କ୍ଲବ ସଭାପତି ଭାବଗ୍ରାହୀ ମହାନ୍ତି, ପୂର୍ବତନ ସଭାପତି ମାତୃଦତ୍ତ ଦାସ, ସହକାରୀ ଗଭର୍ନର ନିଖିଲ ଖଣ୍ଡେଲୱାଲ ପ୍ରମୁଖ ଯୋଗଦେଇଥିଲେ। ପରେ ରୋଟାରି କ୍ଲବ ଦ୍ୱାରା ୨ଟି ଅତ୍ୟାଧୁନିକ ସାନିଟାଇଜର ମେଶିନ ଜିଲା ମୁଖ୍ୟ ଚିକିତ୍ସାଳୟର ଓଟିରେ ବ୍ୟବହାର ନିମନ୍ତେ ଜିଲାପାଳଙ୍କ ଦ୍ୱାରା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲ ସେନ୍ ଜଗଦେବଙ୍କୁ ପ୍ରଦାନ କରିଥିଲେ। ସେହିପରି ରୋଟାରି କ୍ଲବ ପରିସରରେ ସ୍ୱୟଂଚାଳିତ ହସ୍ତ ପ୍ରକ୍ଷାଳନ ସିଷ୍ଟମକୁ ଡିଜିଏନ୍ ସୁବୁଦ୍ଧି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବର୍ଷିୟାନ ରୋଟାରୀଆନ୍ ଉଦୟ ରଞ୍ଜନ ଦାସ ଏବଂ ପୂର୍ବତନ ସଭାପତି ମାତୃଦତ୍ତ ଦାସଙ୍କୁ ଜିଲାପାଳଙ୍କ ଦ୍ୱାରା ‘ରୋଟାରୀ ପୁରସ୍କାର’ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପାଦକ ପ୍ରଦୀପ୍ତ କୁମାର ପଣ୍ଡା, ରୋଟାରୀଆନ ସୌରଭ କୁମାର ବେହେରା, ଦେବେନ୍ଦ୍ର କୁମାର ଧଳ, ପଦାରବିନ୍ଦ ମହାପାତ୍ର, ଭି. ଉଦୟ କୁମାର, ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଚେୟାରମ୍ୟାନ କଲ୍ୟାଣ କୁମାର ଚାନ୍ଦ, ସମ୍ପାଦକ ବିଶ୍ୱଦିପ ପଣ୍ଡା, ଡା. ମନୋରଞ୍ଜନ ଦାସ, ସନ୍ତୋଷୀ ନାହକ, ଯଶୋଦା ନନ୍ଦନ ଆଶ୍, ବିକ୍ରମଜିତ କର, ପରେଶ କୁମାର ଗାୟନ, ନିକୁଞ୍ଜ ମହାନ୍ତି, ରୋଟ୍ରାକ୍ଟର ସାହିଲ ହୋଦା, ମନୋଜ କୁମାର ସେଠୀ ପ୍ରମୁଖ ସଫଳ କରିଥିଲେ।




ଷ୍ଟେଶନ ଛକରେ ଲୋକାର୍ପିତ ‘କ୍ଲକ୍ ଟାୱାର’।

## ନିଶାନିବାରଣ କେନ୍ଦ୍ର ମୁଖ୍ୟ ଗିରଫ

ବାରିପଦା ଅଫିସ,୧୮।୧୧

ମୟୂରଭଞ୍ଜ ଜିଲା ବାରିପଦାରେ ଥିବା ଏକ ଘରୋଇ ନିଶା ନିବାରଣ କେନ୍ଦ୍ରରେ ଘଟିଥିବା ଅପମୃତ୍ୟୁ ମାମଲା ହତ୍ୟା ରୂପ ନେବା ପରେ କେନ୍ଦ୍ରର ମୁଖ୍ୟଙ୍କୁ ଟାଉନ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅବନୀ ପତି। ପୋଲିସ ସୂଚନା ଅନୁଯାୟୀ, ଜୁଲାଇ ୬ତାରିଖରେ ଏହି କେନ୍ଦ୍ରର ଜଣେ ଅନ୍ତେବାସୀ ଝାଡ଼ଖଣ୍ଡର ବହଡ଼ାଗୁଡ଼ା ଥାନା ଅଧୀନ ଗୁହିଆପାଳ ଗ୍ରାମର ପଲଟୁ ନାୟକଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ ଅପମୃତ୍ୟୁ ଏକ ମାମଲା ରୁଜୁ କରିଥିଲା। ତେବେ ମୃତକଙ୍କ ଭାଇ ବଲଟୁ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିବାରୁ ପୋଲିସ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

## ମହିଳାଙ୍କ ସମେତ ୩ ଗିରଫ

ରୂପସା,୧୮।୧୧(ଡି.ଏନ.ଏ.)

### ଅବକାରୀ ପୋଲିସଙ୍କୁ ଆକ୍ରମଣ ମାମଲା

ବାଲେଶ୍ୱର ଜିଲା ବସ୍ତା ଅବକାରୀ ଥାନାର କନଷ୍ଟେବଲ ବାବାଜୀ ପଣ୍ଡିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ବୁଧବାର ବସ୍ତା ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ନିଶା ବ୍ୟବସାୟୀ ବୁଲବୁଲ ଜେନାଙ୍କ ମା’ ତମ୍ବାଶୁରୀ ଗ୍ରାମର ବାସନ୍ତୀ ଜେନା, ସହଯୋଗୀ ସଞ୍ଜୟ କବି ଓ ଜଳେଶ୍ୱର ଥାନା ରାଜପୁର ଅଞ୍ଚଳର ସଂଗ୍ରାମ ବିଶ୍ୱାଳ। ଗତ ଉପ-ନିର୍ବାଚନ ସମୟରେ ନଭେମ୍ବର ୧ ତାରିଖରେ ଅବକାରୀ ଥାନା କନଷ୍ଟେବଲ ବାବାଜୀ ପଣ୍ଡିତ ଓ ଦୁର୍ଗାପ୍ରସାଦ ଗିରି ବାଇକ୍ ଯୋଗେ ରାଜଘାଟ ସ୍ଥିତ ସରକାରୀ ମଦ ଦୋକାନକୁ ସିଲ୍ କରି ସନ୍ଧ୍ୟା ସମୟରେ ଫେରୁଥିଲେ। ଜାତୀୟ ରାଜପଥରେ ନିଶା ବ୍ୟବସାୟୀ ବୁଲବୁଲ ଜେନା ତାଙ୍କ ଭାଇ ଓ ସହଯୋଗୀ ସଞ୍ଜୟ କବି, ସଂଗ୍ରାମ ବିଶ୍ୱାଳ ପ୍ରମୁଖ ବାଇକକୁ ଅଟକାଇ କନଷ୍ଟେବଲ ଦ୍ୱୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ପୋଲିସ ଏକ ମାମଲା (ନଂ. ୨୫୬/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଆଇଆଇସି ଅଶୋକ ନାୟକ ଓ ତଦନ୍ତ ଅଧିକାରୀ ଏଏସ୍‌ଆଇ ଚିତ୍ତରଞ୍ଜନ ମହାନ୍ତି ସଦଳବଳେ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିବା ବେଳେ ମୁଖ୍ୟଅଭିଯୁକ୍ତ ବୁଲ୍‌ବୁଲ୍ ଜେନା ଫେରାର ଥିବା ଜଣାପଡ଼ିଛି। ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମାଷ୍ଟର ମାଇଣ୍ଡ ଇଞ୍ଜିନିୟରିଂ ଛାତ୍ର ସମେତ ୫ ଗିରଫ

ସୋର, ୧୮।୧୧(ଡି.ଏନ୍.ଏ.)

### ୬୦ ଭରି ସୁନା ଲୁଟ୍ ଘଟଣା

ବାଲେଶ୍ୱର ଜିଲାର ଜାତୀୟ ରାଜପଥ ବିଦ୍ରୁ ପେଟ୍ରୋଲ ପମ୍ପ ଆଗରେ ଆନନ୍ଦପୁର ଅଞ୍ଚଳର ଜନ୍ମେଜୟ ସାହୁ ନାମକ ଜଣେ ସୁନା ବ୍ୟବସାୟୀଙ୍କୁ ଗତ ୫ ତାରିଖରେ କେତେକ ଦୁର୍ବୃତ୍ତ ଆକ୍ରମଣ କରି ୬୦୦ ଗ୍ରାମ ସୁନା ଲୁଟ୍ କରିଥିଲେ। ଏହି ଘଟଣାର ସୋର ପୋଲିସ୍ ତଦନ୍ତ କରିବା ସହିତ ବିଭିନ୍ନ ଜିଲାରେ ଚଢ଼ାଉ କରି ମଙ୍ଗଳବାର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ରେମୁଣା ମନ୍ଦାରପୁର ପଞ୍ଚାୟତ ମିଆଁବାଗ ଗ୍ରାମର ରମାକାନ୍ତ ଦାସ ଓ ରତିକାନ୍ତ ଦାସ, ରେମୁଣା ଅଠାନ୍ତର ଗ୍ରାମର ଚିନ୍ମୟ ଦାସ, ଫୁଲାଡ଼ି ଗ୍ରାମର ଜିତେନ୍ଦ୍ର ମହାପାତ୍ର। ମଙ୍ଗଳବାର ସୋର ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନବରଙ୍ଗପୁରରେ ଚଢ଼ାଉ କରି ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ୍ ମୁଖ୍ୟ ଅଭିଯୁକ୍ତ ଇଞ୍ଜିନିୟରିଂ ଛାତ୍ର ମିଆଁବାଗ ଗ୍ରାମର ଶାନ୍ତନୁ ଦାସଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୪୦୦ ଗ୍ରାମ ଓଜନ ସୁନା ଉଦ୍ଧାର ହେବା ସହିତ ୧୦ଟି ମୋବାଇଲ, ତେଲଙ୍ଗା କଟୁରୀ ଏବଂ ବ୍ୟବହୃତ ୨ଟି ବାଇକ୍ ଜବତ ହୋଇଛି। ଏହି ଲୁଟେରା ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ଉକ୍ତ ଇଞ୍ଜିନିୟରିଂ ଛାତ୍ର ଥିବା ଜଣାପଡ଼ିଛି। ଏ ନେଇ ସୋର ପୋଲିସ ଏକ ମାମଲା (ନଂ.୩୭୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ସୁଧାଂଶୁ ଶେଖର ମିଶ୍ରଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ଏବଂ ଥାନା ଭାରପ୍ରାପ୍ତ ଅଧିକାରୀ ମଧୁମିତା ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଆଇ ଅଶୋକ କୁମାର ମହାନ୍ତି, ଶଚ୍ଚିଦାନନ୍ଦ ଗିରି, ଏଏସଆଇ ପ୍ରଦୀପ ମହାନ୍ତି, ରାଧା ଗୋବିନ୍ଦ ମଢୁଆଳ ଓ ପ୍ରତାପ କାଲୋଙ୍କୁ ନେଇ ଏକ ତଦନ୍ତକାରୀ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ କରିଥିଲେ। ବୁଧବାର ସେମାନଙ୍କର ଡାକ୍ତରୀମାଇନା କରାଯିବା ପରେ କୋର୍ଟ ଚାଲାଣ କରାଯାଇଛି।

## ଟ୍ରକ୍ ଧକ୍କାରେ ଜଣେ ମୃତ

ସୋର, ୧୮।୧୧(ଡି.ଏନ.ଏ)

ବାଲେଶ୍ୱର ଜିଲା ସୋର ବରଫକଳ ଛକ ନିକଟରେ ବୁଧବାର ଅପରାହ୍ଣରେ ଏକ ଟ୍ରକ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଟ୍ରକଟି ସୋରରୁ ବାଗୁଡ଼ି ଆଡ଼କୁ ଯାଉଥିବା ସମୟରେ ଏହି ବ୍ୟକ୍ତି ଜଣଙ୍କ ସାଇକେଲରେ ହଠାତ୍ ଗାଡ଼ି ଆଗକୁ ଚାଲି ଆସିବାରୁ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ସୋର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ଲେଖା ହେବା ସୁଦ୍ଧା ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ।

## ସାରସ୍ୱତ ବନ୍ଧୁମିଳନ, ପୁସ୍ତକ ଉନ୍ମୋଚନ ଉତ୍ସବ

ବାସୁଦେବପୁର/ପଦ୍ମପୁର, ୧୮।୧୧(ଡି.ଏନ.ଏ.)

ବାସୁଦେବପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଅବସର ପକ୍ଷରୁ ପବିତ୍ର ଶ୍ୟାମାକାଳୀ ପୂଜା ଅବସରରେ ନୀଳମଣି ଟାଉନହଲ୍ ପରିସରରେ ସାରସ୍ୱତ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେହିପରି ଅବସର ପ୍ରକାଶନ ଦ୍ୱାରା ପ୍ରକାଶିତ ପୁସ୍ତକ ବଧୂ ମଧୁମିତା ଓ ଭଦ୍ରକର ପ୍ରଥମ ମହିଳା ଏମ୍‌ପି ମଞ୍ଜୁଲତା ମଣ୍ଡଳଙ୍କ ପ୍ରଥମ ବର୍ଷର ପ୍ରୟାସ ଓ ସଫଳତା ପୁସ୍ତକ ‘ଶକ୍ତି’ ଉନ୍ମୋଚନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଏମ୍‌ପି ମଣ୍ଡଳ, ଅନ୍ୟତମ ଅତିଥି ଶିକ୍ଷାବିତ୍ ଦୁଃଶାସନ ରାଉତ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅସିତ୍ ଦାଶ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା ଏବଂ ମୁଖ୍ୟବକ୍ତା ଭାବେ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅଭିମନ୍ୟୁ ବେହେରା ସଭାପତିତ୍ୱ କରିଥିଲେ। ଅନ୍ୟତମ ବକ୍ତା ଭାବେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗ ଦେଇଥିଲେ। ଅବସର ସମ୍ପାଦକ ବନମାଳୀ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ବିପ୍ଳବଜିତ୍ ମିଶ୍ର ଓ ଅନ୍ୟ ଦୁଇ କୃତୀ ଛାତ୍ର ଜ୍ୟୋତି ପ୍ରକାଶ ବେହେରା, ରୁଦ୍ରନାରାୟଣ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ରାସ୍ତା ଶିଳାନ୍ୟାସ କଲେ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ

ଖଇରା,୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁରୁଣ୍ଟାରୁ ବାଗଡିଆ ସମ୍ପୈଇ ଦେଇ ଖରିଦା ପର୍ଯ୍ୟନ୍ତ ଯାଇଥିବା ରାସ୍ତାଟି ଦୀର୍ଘଦୀନ ଧରି ଅବହେଳିତ ହୋଇ ପଡିଥିଲା। ଏହି ୫କି.ମି. ୭ଶହ ମିଟର ରାସ୍ତା ସଂଲଗ୍ନ କୁରୁଣ୍ଟା, ମାଖନପୁର, ଶ୍ୟାମସୁନ୍ଦରପୁର ଓ ଜଳଦା ପଞ୍ଚାୟତର ଅନ୍ୟୁନ ୧୦ଗ୍ରାମର ବାସୀନ୍ଦା ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ। ବିଶେଷ କରି ବର୍ଷାଋତୁରେ ଗାଡିଧରି ବାହାରକୁ ଯିବା ମୁସ୍କିଲ ହୋଇ ପଡୁଥିଲା। ବହୁଦିନ ଧରି ଗ୍ରାମବାସୀଙ୍କ ତରଫରୁ ପିଚୁରାସ୍ତାଟିଏ ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ବୁଧବାର ରାସ୍ତା ନିର୍ମାଣ ପାଇଁ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଏହାର ଶିଳାନ୍ୟାସ କରାଯିବା ପରେ ଗ୍ରାମବାସୀ ଖୁସି ହୋଇଛନ୍ତି। ୪କୋଟି ୪୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ରାସ୍ତା ସମ୍ପୂର୍ଣ୍ଣ ହେବା ପରେ ଯାତାୟାତ ସମସ୍ୟା ଦୂର ହୋଇ ପାରିବ ବୋଲି ମନ୍ତ୍ରୀ ପାଣିଗ୍ରାହୀ ପ୍ରକାଶ କରିଥିଲେ। ଜିଲା ପରିଷଦ ସଭ୍ୟା ଜୟନ୍ତୀ ମହଲା, କୁରୁଣ୍ଟା ସରପଞ୍ଚ ଦମୟନ୍ତୀ ପଣ୍ଡା, ଯୁବ ଶିଳ୍ପଦ୍ୟୋଗୀ ଇଂ ରାଜେଶ ମହାକୁଡ, ଯୁବ ନେତା ମାନସ ଦାସ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ପ୍ରିୟରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ସପନ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ୬୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଗଣ୍ଡିବେଡ ହାଇସ୍କୁଲର ନୂତନ ଶ୍ରେଣୀ ଗୃହର ଭିତ୍ତିପ୍ରସ୍ତର ମନ୍ତ୍ରୀ ପାଣିଗ୍ରାହୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି।



ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରାସ୍ତା ଶିଳାନ୍ୟାସ କରୁଛନ୍ତି।

# ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ର ଉଦ୍‌ଘାଟିତ

ବାରିପଦା ଅଫିସ,୧୮।୧୧

ସ୍ୱଚ୍ଛ ଭାରତ ମିଶନ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲା ବାରିପଦା ପୌରପାଳିକାର ୨୨ନଂ. ୱାର୍ଡ ଅନ୍ତର୍ଗତ ରଘୁନାଥପୁରଠାରେ ଥିବା ଶୃଙ୍ଖଳା ବର୍ଜ୍ୟବସ୍ତୁ କେନ୍ଦ୍ର ଓ ଅଣୁ ଜୈବଖତ ପ୍ରସ୍ତୁତି କେନ୍ଦ୍ରକୁ ଜିଲାପାଳ ବିନୀତ ଭରଦ୍ୱାଜ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଶୃଙ୍ଖଳା ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର ପାଇଁ ପୌରାଞ୍ଚଳର ୧୫,୧୬,୧୯,୨୨ ଓ ୨୩ ଆଦି ୫ଟି ୱାର୍ଡର ଘରୁ ଏବଂ ଦୋକାନ ବଜାରରୁ ବାହାରୁଥିବା ଶୃଙ୍ଖଳା ଅଳିଆ ଆଦି ସଂଗ୍ରହ କରାଯାଇ ଏହି କେନ୍ଦ୍ର ଜରିଆରେ ପୃଥକ କରାଯାଉଛି। ପ୍ଲାଷ୍ଟିକ, କାଚ, ପଲିଥିନ, ଲୌହପଦାର୍ଥ, କାଗଜପେଟି, କପଡ଼ା ଇତ୍ୟାଦି ପୃଥକୀକରଣ କରାଯିବାର ସମସ୍ତ ବ୍ୟବସ୍ଥା କରାଯାଉଛି। ମହିଳାମାନଙ୍କ ସଶକ୍ତୀକରଣ ପାଇଁ ଏହାର ପରିଚଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ଲକ୍ଷ୍ମୀନାରାୟଣ ଆଞ୍ଚଳିକ ମହାସଂଘ ମହିଳା ଗ୍ରୁପ ଉପରେ ନ୍ୟସ୍ତ କରାଯାଇଛି। ମୟୂରଭଞ୍ଜ ଜିଲାର ଏହା ପ୍ରଥମ ପୃଥକୀକରଣ କେନ୍ଦ୍ର ଭାବେ କାର୍ଯ୍ୟକ୍ଷମ ହୋଇଥିବାରୁ ଜିଲାପାଳ ସନ୍ତୋଷ ପ୍ରକାଶ କରିଛନ୍ତି। ଘରୁ ଏବଂ ବଜାରରୁ ବାହାରୁଥିବା ଶୃଙ୍ଖଳା ବର୍ଜ୍ୟବସ୍ତୁ ଏଣେତେଣେ ନ ପକାଇ ସିଧାସଳଖ ଏହି କେନ୍ଦ୍ରକୁ ଆସିବା ଦ୍ୱାରା ସହରର ପରିଚ୍ଛନ୍ନତା ବଜାୟ ରହିବା ସହିତ ଭବିଷ୍ୟତରେ ଏକ ସ୍ୱଚ୍ଛ ସହର ଗଢିବାର ସ୍ୱପ୍ନ ସାକାର ହୋଇପାରିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଜିଲାପାଳ ଅଣୁ ଜୈବ ଦ୍ୱାରା ପ୍ରସ୍ତୁତ ‘ମୋ ଖତ’ ବଣ୍ଟନର ଶୁଭାରମ୍ଭ କରିଥିଲେ। ସହର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭବେଶ କୁମାର ନାୟକ ଓ ବାରିପଦା ଉପଜିଲାପାଳ ତଥା ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପି.ଅନ୍ୱେଷା ରେଡ୍ଡି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହକାରୀ ଯନ୍ତ୍ରୀ ମନମୋହନ ମହାପାତ୍ର, ପରିମଳ ନିରୀକ୍ଷକ ସନ୍ତୋଷ କୁମାର ମହାନ୍ତି, ପରିମଳ ବିଶେଷଜ୍ଞ ଗୌରୀ ଶଙ୍କର ନାୟକ, ସାର୍ଥକ ପ୍ରୟାସ, ଅମ୍ଳାନ ପଟ୍ଟନାୟକ, ପରିମଳ ସହାୟକ ଉଜ୍ଜ୍ୱଳ କୁମାର ବେହେରା ଏବଂ ଗୋଷ୍ଠୀ ସଙ୍ଗଠିକା ତାରାମଣି ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।




ମହିଳାମାନଙ୍କୁ ଜିଲାପାଳ ‘ମୋ ଖତ’ ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗୋମାଂସ ସହ ପିକ୍‌ଅପ୍ ଭ୍ୟାନ ଜବତ




କଟକସଦର,୧୮।୧୧(ଡି.ଏନ୍.ଏ.): କିଶୋରନଗର ଥାନା ଗୁଆଳି ମହାନଦୀ ବନ୍ଧ ରାସ୍ତାରେ ବୁଧବାର ସକାଳେ ଯାଉଥିବା ଗୋମାଂସ ବୋଝେଇ ପିକ୍‌ଅପ ଭ୍ୟାନକୁ ପୋଲିସ ଜବତ କରିଛି। ଏଥିରେ ଥିବା ପ୍ରାୟ ୫କୁଇଣ୍ଟାଲ ମାଂସକୁ ଗୋଟିଏ ସ୍ଥାନରେ ପୋତି ଦିଆଯିବା ସହ ଗାଡ଼ିକୁ ଜବତ କରି ଥାନାକୁ ଅଣାଯାଇଛି। ଏ ନେଇ ଥାନାରେ ନଂ. ୧୯୦/୨୦ରେ ଏକ ମାମଲା ରୁଜୁ କରିଛି। ବୁଧବାର ସକାଳେ ଗାଡ଼ି ନମ୍ବର ଓଡି ୦୫ ଏଇ ୩୭୯୦ ପିକଅପ ଭ୍ୟାନରେ ଗୋମାଂସ ଯାଉଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ଥାନାଧିକାରୀ ବାମଦେବ ସ୍ୱାଇଁ ଓ କିଶୋର ନଗର ଡିସ୍‌ପେନ୍‌ସାରୀ ପ୍ରାଣୀ ଚିକିତ୍ସକ ଡା.ଦେବାଶିଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଥିଲେ। ଡା. ମହାନ୍ତି ମାଂସର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ହାଇଦ୍ରାବାଦ ପଠାଇଥିଲେ। ହେଲେ ଏହି ସମୟ ମଧ୍ୟରେ ଗାଡ଼ି ଚାଳକ ଫେରାର ହୋଇଯାଇଥିଲେ। ପ୍ରତ୍ୟେକ ଦିନ ଏହି ବାଟରେ ଗୋମାଂସ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ। ଏହି ମାଂସ ନିଶ୍ଚିନ୍ତକୋଇଲି ଥାନା ଶୃକରପଡ଼ାରୁ ଆସିଥିବା ସ୍ଥାନୀୟ ଲୋକେ ପୋଲିସକୁ କହିଛନ୍ତି।

### ୨୯ରୁ ପଞ୍ଚମବେଦର ନାଟ୍ୟ କର୍ମଶାଳା ‘ରଙ୍ଗ ପଞ୍ଚମ’

ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ନାଟ୍ୟସଂସ୍ଥା ପଞ୍ଚମବେଦର ପ୍ରଯୋଜନା ଭିତ୍ତିକ ନାଟ୍ୟ କର୍ମଶାଳା ‘ରଙ୍ଗ ପଞ୍ଚମ’ ଆସନ୍ତା ୨୯ ତାରିଖରୁ ଆୟୋଜିତ ହେବ। ୧୫ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ମୁଖ୍ୟ ପରିଚାଳନା ନିର୍ଦ୍ଦେଶକଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ନାଟ୍ୟବିତ୍ ଗଜେନ୍ଦ୍ର ନାୟକ ଯୋଗ ଦେବେ। ଓଡ଼ିଶାର ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱମାନେ ପର୍ଯ୍ୟାୟକ୍ରମେ ଶିକ୍ଷାର୍ଥୀମାନଙ୍କୁ ନାଟକର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିବେ। କର୍ମଶାଳାର ଶେଷ ସନ୍ଧ୍ୟା ଅର୍ଥାତ୍ ଡିସେମ୍ବର ୧୩ ତାରିଖରେ ଭୁବନେଶ୍ୱରରେ ଏକ ପୂର୍ଣ୍ଣାଙ୍ଗ ନାଟକ ସଂସ୍ଥାର କାର୍ଯ୍ୟକାରୀ ସଭାପତି ହରେନ୍ ସାହୁଙ୍କ ତତ୍ତ୍ୱାବଧାନରେ କର୍ମଶାଳାର ଶିକ୍ଷାର୍ଥୀଙ୍କୁ ନେଇ ମଞ୍ଚସ୍ଥ କରାଯିବ।

### ୨୦ରୁ ଭାଜପାର ମଣ୍ଡଳ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ଆସନ୍ତା ୨୦ରୁ ଡିସେମ୍ବର ୫ ଯାଏ ଭାଜପାର ମଣ୍ଡଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ଘୋଷଣା କରାଯାଇଛି । ମଣ୍ଡଳଗୁଡିକରେ ଜିଲାସ୍ତରୀୟ ପ୍ରଶିକ୍ଷକମାନେ ପ୍ରଶିକ୍ଷଣର କାର୍ଯ୍ୟନିର୍ବାହ କରିବେ । ବୁଧବାର ଜିଲାସ୍ତରୀୟ ବିଷୟ ପ୍ରମୁଖଙ୍କ ୩ ଦିନିଆ ପ୍ରଶିକ୍ଷଣ ବର୍ଗର ଉଦ୍‌ଘାଟନ ପର୍ବ ପ୍ରଦେଶ ପ୍ରଶିକ୍ଷଣ ପ୍ରମୁଖ ସୁରମା ପାଢ଼ୀଙ୍କ ଅଧକ୍ଷତାରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ୧୦ଟି ବିଷୟରେ ପ୍ରଶିକ୍ଷଣ ପୁସ୍ତିକା ଉନ୍ମୋଚନ କରାଯାଇଛି। ଏହି ଶିବିରରେ ଯୋଗଦେଇ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଦଳ ଗଠନ ପାଇଁ ଶୃଙ୍ଖଳା ଓ ଅନୁଶାସନ ନିହାତି ଆବଶ୍ୟକ। ଏହି କାର୍ଯ୍ୟକୁ ଭାଜପା ଗୁରୁତ୍ୱ ଦେବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଶିକ୍ଷଣ ଦେଇ ଆସୁଛି । କେନ୍ଦ୍ରୀୟ ପ୍ରଶିକ୍ଷଣ ପ୍ରମୁଖ ମହେଶ ଚନ୍ଦ୍ର ଶର୍ମା ପ୍ରଶିକ୍ଷଣ ଶିବିରର ଗୁରୁତ୍ୱ ଏବଂ ଆବଶ୍ୟକତା ପ୍ରସଙ୍ଗରେ ନିଜ ମତ ଉପସ୍ଥାପିତ କରିଛନ୍ତି । କୋଭିଡ୍ କଟକଣା ଯୋଗୁ ୱେବିନାର ମାଧମରେ ଅନୁଷ୍ଠିତ ଏହି ଉଦ୍‌ଘାଟନ ପର୍ବରେ ଦିଲ୍ଲୀଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଏମ୍‌ପି, ବିଧାୟକ, ଜିଲା ସଭାପତି, ଜିଲା ପ୍ରଭାରୀ ଓ ଜିଲା ପ୍ରଶିକ୍ଷଣ ସଂଯୋଜକ, ରାଜ୍ୟ ବିଷୟ ପ୍ରମୁଖ, କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୁଖ ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମ ଶେଷରେ ପ୍ରଦେଶ ପ୍ରଶିକ୍ଷଣ ବିଭାଗର ଅନ୍ୟତମ ସଦସ୍ୟ ଦିଲ୍ଲୀପ ମଲ୍ଲିକ ଧନ୍ୟବାଦ ଦେଇଥିଲେ । ୩ ଦିନ ପର୍ଯ୍ୟନ୍ତ ୧୦ଟି ବିଷୟରେ ପୃଥକ୍ ଭାବେ ଭର୍ଚୁଆଲ ମାଧମରେ ପ୍ରଶିକ୍ଷଣ ବର୍ଗ ଚାଲୁ ରହିବ ବୋଲି ମଲ୍ଲିକ ସୂଚନା ଦେଇଛନ୍ତି ।

# ଖୋଲା ଆକାଶ ତଳେ ଶୋଇପାରିବେନି ପିଲା

**ଜିଲାପାଳଙ୍କୁ ଚିଠି ଲେଖିଲେ ଓଏସ୍‌ସିପିସିଆର୍ ଅଧକ୍ଷା**

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ରାଜ୍ୟର ଅଧିକାଂଶ ସହରାଞ୍ଚଳରେ ପିଲାମାନେ ନିଜ ବାସହୀନ ପରିବାରଙ୍କ ସହ ଖୋଲା ଆକାଶ ତଳେ ରହୁଛନ୍ତି। ଶୀତ ଦିନରେ କରୋନାର ଦ୍ୱିତୀୟ ପର୍ଯ୍ୟାୟ ସଂକ୍ରମଣ ଆସିବା ସହ ଏହାର ପ୍ରକୋପ ଅଧିକ ରହିବ ବୋଲି ଆଶଙ୍କା କରାଯାଉଛି। ତେଣୁ ସେମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାର ଏକ ନୂଆ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ଶୀତ ସମୟରେ କୌଣସି ପିଲା ଖୋଲା ଆକାଶ ତଳେ ଶୋଇ ପାରିବେ ନାହିଁ। ଏ ଦିଗରେ ପଦକ୍ଷେପ ନେବା ପାଇଁ ବୁଧବାର ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ନିଜ ଜିଲାର ସମସ୍ତ ଅର୍ବାନ ଲୋକାଲ ବଡିଜ୍‌ରେ ଏହି ପିଲା ଓ ତାଙ୍କ ପରିବାରକୁ ଚିହ୍ନଟ କରିବା ପାଇଁ ଏକ ସ୍ୱତନ୍ତ୍ର ସଚେତନତା ଅଭିଯାନ କରିବାକୁ କୁହାଯାଇଛି। ଜିଲା ପ୍ରଶାସନ ‘ନୋ ଚାଇଲ୍ଡ ସ୍ଲିପ୍ ଅଣ୍ଡର ଦି ଓପନ ସ୍କାଏ’ ନାମରେ ଏକ ଅଭିଯାନ ଆରମ୍ଭ କରିବ। ସେମାନଙ୍କ ସମ୍ପର୍କରେ ସୂଚନା ପାଇବା ପାଇଁ ଏକ ଉତ୍ସର୍ଗୀକୃତ ଟେଲିଫୋନ ବା ହ୍ୱାଟ୍ସଆପ୍ ନମ୍ବର ଜାରି କରାଯିବ। ସେଲ୍ଟର ଫର୍ ଅର୍ବାନ ହୋମ୍‌ଲେସ୍ ପ୍ରୋଗ୍ରାମ ଜରିଆରେ ସେମାନଙ୍କ ରହିବା ବ୍ୟବସ୍ଥା କରାଯିବ। ଯେଉଁଠି ସ୍ଥାୟୀ ଆଶ୍ରୟସ୍ଥଳୀ ନ ଥିବ, ସେଠାରେ ଷ୍ଟେ ଅର୍ବାନ ଡେଭଲପ୍‌ମେଣ୍ଟ ଏଜେନ୍ସିର ସମନ୍ୱୟରେ ଯଥାଶୀଘ୍ର ଅସ୍ଥାୟୀ ଆଶ୍ରୟସ୍ଥଳୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ସେହି ପିଲା ଓ ସେମାନଙ୍କ ପରିବାରବର୍ଗଙ୍କ ନାମ ପଞ୍ଜୀକୃତ କରାଯିବ। ସେମାନଙ୍କୁ କରୋନା ମହାମାରୀ ସମ୍ପର୍କରେ ସଚେତନ କରାଯିବ। ଜିଲାପାଳମାନେ ମାସରେ ଥରେ ଏହି କାର୍ଯ୍ୟକ୍ରମର ସମୀକ୍ଷା କରି ରିପୋର୍ଟ ଦାଖଲ କରିବେ। ଆସନ୍ତା ୧୫ଦିନରେ ଏହାକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ପ୍ଲାଟ୍‌ଫର୍ମକୁ ଗୋଟିଏ ପାର୍ଶ୍ୱରେ ଯାତ୍ରୀ ପ୍ରବେଶ ଅନୁମତି

**ଭୁବନେଶ୍ୱର ରେଳ ଷ୍ଟେଶନରେ କୋଭିଡ୍ କଟକଣା କଡ଼ାକଡ଼ି**

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)




କରୋନା ସଂକ୍ରମଣ ରୋକିବା ପାଇଁ ରେଳ ଷ୍ଟେଶନଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଏହାର ବିଭିନ୍ନ ଷ୍ଟେଶନରେ କୋଭିଡ୍ ଗାଇଡ୍‌ଲାଇନ ପାଳନକୁ କଡ଼ାକଡ଼ି କରିଛି। ଏହି ଅନୁଯାୟୀ ଭୁବନେଶ୍ୱର ରେଳ ଷ୍ଟେଶନକୁ କେବଳ ମାଷ୍ଟର କ୍ୟାଣ୍ଟିନ୍ ପାର୍ଶ୍ୱ ପ୍ଲାଟ୍‌ଫର୍ମ ନଂ.-୧ରେ ଯାତ୍ରୀ ପ୍ରବେଶକୁ ଅନୁମତି ଦିଆଯାଉଛି। ଭିଡ଼ ଓ ସଂକ୍ରମଣ ରୋକିବା ସହ ସାମାଜିକ ଦୂରତ୍ୱ ପାଳନ ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିସହ ଏହି ପାର୍ଶ୍ୱରେ ମେଶିନ ସହାୟତାରେ ବ୍ୟାଗେଜ୍ ସ୍କାନିଂ ଓ ସାନିଟାଇଜିଂ କରାଯାଉଛି। କିଛିଦିନତଳେ ଏଠାରେ ଏକ ବ୍ୟାଗେଜ୍ ରାପିଙ୍ଗ୍ ମେଶିନ ସ୍ଥାପନ କରାଯାଇଛି। ପ୍ଲାଟ୍‌ଫର୍ମରେ ସମସ୍ତ ଯାତ୍ରୀଙ୍କ ଥର୍ମାଲ୍ ସ୍କାନିଂ କରାଯାଉଛି।

ଏଥିପାଇଁ ଯାତ୍ରୀମାନେ ଟ୍ରେନ ଛାଡିବାର ଅତିକମ୍‌ରେ ୯୦ ମିନିଟ ପୂର୍ବରୁ ପ୍ଲାଟ୍‌ଫର୍ମରେ ପହଞ୍ଚିବାକୁ ଅନୁରୋଧ କରାଯାଇଛି। ରେଳପଥ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ବର୍ତ୍ତମାନ ୫୦% କର୍ମଚାରୀ ରୋଷ୍ଟର ଡ୍ୟୁଟିରେ କାମ କରୁଛନ୍ତି। କର୍ମଚାରୀଙ୍କ ସଂଖ୍ୟା କମ୍ ଥିବାରୁ ପ୍ଲାଟଫର୍ମ ନମ୍ବର-୬ ପାର୍ଶ୍ୱରେ ସୁରକ୍ଷା ଯୋଗାଇବା କଷ୍ଟସାଧ ହେଉଛି। ଏହି ପାର୍ଶ୍ୱରେ କୌଣସି ଟ୍ରେନ୍ ସେବା ନ ଥିବାରୁ ଗେଟ୍ ଖୋଲିବାରେ ଅଯଥା ଖର୍ଚ୍ଚ ହେବ ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି ପ୍ଲାଟଫର୍ମ ନମ୍ବର-୬ ପାର୍ଶ୍ୱରେ ପ୍ରବେଶ ନିଷେଧ କରାଯାଇଛି। ଏଭଳି ସଙ୍କଟ ପରିସ୍ଥିତିରେ ସ୍ୱାଭାବିକ ରେଳ ଚଳାଚଳ ପାଇଁ ସହଯୋଗ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଯାତ୍ରୀମାନଙ୍କୁ ଅନୁରୋଧ କରାଯାଇଛି।

# ରକ୍ତ ଦେଇ ନାବାଳକର ଜୀବନ ବଞ୍ଚାଇଲେ ଆମ୍ବୁଲାନ୍ସ କର୍ମଚାରୀ



ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ରକ୍ତ ଦେଇ ନାବାଳକର ଜୀବନ ବଞ୍ଚାଇଛନ୍ତି ଜଣେ ଆମ୍ବୁଲାନ୍ସ କର୍ମଚାରୀ। ଜଣେ ଅପରିଚିତ ରୋଗୀକୁ ରକ୍ତ ଦାନକରିଥିବା ମାନବିକତାର ପରିଚୟ ଦେଇଥିବା ୧୦୮ ଆମ୍ବୁଲାନ୍ସ ଡ୍ରାଇଭର ସୁଜିତ୍ ସାହୁଙ୍କ ପାଖକୁ ଏବେ ପ୍ରଶଂସାର ସୁଅ ଛୁଟୁଛି।

ସୂଚନା ଅନୁଯାୟୀ, ଭୁବନେଶ୍ୱର ଉପକଣ୍ଠ ଭରତପୁର ଗ୍ରାମ ପଞ୍ଚାୟତ ଅଧୀନ ରଙ୍ଗମାଟିଆ ଗ୍ରାମର ସୁଦର୍ଶନ ପ୍ରଧାନଙ୍କ ୧୩ ବର୍ଷର ପୁଅ ସଚ୍ଚିଦାନନ୍ଦ ଜ୍ୱରରେ ଆକ୍ରାନ୍ତ ହୋଇ ରେଢାଖୋଲ ସବ୍‌ଡିଭିଜିନାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରକ୍ତ ଅଭାବ ଯୋଗୁ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିଥିଲା। ପୁଅ ପାଇଁ ତୁରନ୍ତ ରକ୍ତ ଯୋଗାଡ଼ କରିବାକୁ ଡ଼ାକ୍ତର କହିଥିଲେ ମଧ୍ୟ ସୁଦର୍ଶନ ଅତ୍ୟନ୍ତ ଗରିବ ପରିବାରର ହୋଇଥିବାରୁ ତାହାକୁ ଯୋଗାଡ଼ କରିବା ତାଙ୍କପକ୍ଷେ ସମ୍ଭବ ନ ଥିଲା। ବହୁପ୍ରଚେଷ୍ଟା ସତ୍ତ୍ୱେ ତାଙ୍କୁ କେଉଁଠାରୁ ରକ୍ତ ମିଳି ନ ଥିଲା। ଏଭଳିସ୍ଥଳେ ସେଠାରେ ଥିବା ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ବି-ପଜିଟିଭ୍ ଗ୍ରୁପ୍‌ର ରକ୍ତ ଯୋଗାଡ଼ କରିବାକୁ ସୁଦର୍ଶନ ଅନୁରୋଧ କରିଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ସୁଜିତ ଏହା ଶୁଣି ରକ୍ତ ଦେବାକୁ ଆଗେଇ ଆସିଥିଲେ। ତାଙ୍କର ମଧ୍ୟ ବ୍ଲଡ଼ ଗ୍ରୁପ୍ ବି-ପଜିଟିଭ୍ ଥିଲା। ରକ୍ତ ନେବା ପରେ ଗୁରୁତର ଅସୁସ୍ଥ ଥିବା ସଚ୍ଚିଦାନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟୁଥିବା ଜଣାପଡିଛି।

## ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଖୁଣ୍ଟୁଣୀ,୧୮।୧୧(ଡି.ଏନ୍.ଏ.)

କଟକ ରେଲୱେ ଥାନାର ରାଜା ଆଠଗଡ ରେଳ ଷ୍ଟେଶନ ଅନ୍ତର୍ଗତ ରାଣୀବନିଆଠାରେ ରେଳଧାରଣା ଉପରୁ ବୁଧବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ କଣ୍ଡରେଇ ଗ୍ରାମର ହରିହର ସାହୁ(୯୫)। ରେଲୱେ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ନଂ.୩୦/୨୦ ରୁଜୁ କରି ତଦନ୍ତ ଚଳାଇଥିବା କଟକ ଜିଆରପି ପୋଲିସ ପରମାନନ୍ଦ ବେହେରା କହିଛନ୍ତି। ବୁଧବାର ଅପରାହ୍ନରେ ସ୍ଥାନୀୟ ଲୋକେ ଯାଉଥିବାବେଳେ ରେଳ ଧାରଣା ଉପରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ଓ କଣ୍ଡରେଇ ସରପଞ୍ଚ ପହଞ୍ଚି ହରିହରଙ୍କ ମୃତଦେହ ବୋଲି ଚିହ୍ନିପାରିଥିଲେ।

# ପୁରୀକୁ ଆସିବାରୁ ଲୋକେ ମୋତେ ଚିହ୍ନିଲେ: ସମ୍ବିତ୍

**କରୋନା ଏସ୍‌ଓପି ପାଳନ କରି ଶ୍ରୀମନ୍ଦିର ଖୋଲାଯାଉ**

ପୁରୀ ଅଫିସ, ୧୮।୧୧

ପୁରୀକୁ ନେଇ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ତୀବ୍ର ବିରୋଧ କରିଛନ୍ତି। ଲେଖାଶ୍ରୀଙ୍କ ମନ୍ତବ୍ୟ ଥିଲା, ଭାରତର ଅନେକ ଲୋକ ପୁରୀକୁ କଲିକତାର ବୋଲି ଆଗରୁ ଭାବୁଥିଲେ। ପୁରୀ ଲୋକ ସଭା ଆସନରୁ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ୍ ପାତ୍ର ପ୍ରାର୍ଥୀ ହେବା ପରେ ଦେଶବାସୀ ପୁରୀ ଓଡ଼ିଶାର ବୋଲି ଜାଣିପାରିଲେ। ତେବେ ଏହାକୁ ନେଇ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ବୁଧବାର ସମ୍ବିତ୍ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ପୁରୀ ହେଉଛି ସମଗ୍ର ବିଶ୍ୱର କେନ୍ଦ୍ର। ସ୍ୱୟଂ ନାରାୟଣ ପୁରୀରେ ନିବାସ କରିଆସୁଛନ୍ତି। ତାଙ୍କ ଆଶୀର୍ବାଦ ମାଧ୍ୟମରେ ଆମ ସମସ୍ତଙ୍କୁ ଆଚ୍ଛାଦିତ କରୁଛନ୍ତି। ବିଶ୍ୱବାସୀ ମୁଖ୍ୟତଃ ପୁରୀ ଧାମ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଓଡ଼ିଶାକୁ ଜାଣୁଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦରୁ ୨୦୧୯ ନିର୍ବାଚନରେ ପୁରୀରୁ ପ୍ରାର୍ଥୀ ହେବା ମୋ ପାଇଁ ବଡ଼ ଉପଲବ୍ଧି। ମୁଁ ଜଣେ ସାଧାରଣ ଘରର ପିଲା, ମୋତେ କେହି ଚିହ୍ନି ନ ଥିଲେ। କିନ୍ତୁ ପୁରୀ ଭଳି ମହାଧାମକୁ ଆସିବାରୁ ଲୋକେ ମୋତେ ଚିହ୍ନିଲେ ବୋଲି ସମ୍ବିତ୍ ପ୍ରକାଶ କରିଛନ୍ତି।

ସେହିପରି ସମ୍ବିତ କହିଛନ୍ତି, ଶ୍ରୀମନ୍ଦିର ଖୋଲାଯାଉ। କେବଳ ସେ ନୁହନ୍ତି, ସେବାୟତ, ଭକ୍ତ, ଜନସାଧାରଣ ସମସ୍ତେ ଏହା ଚାହୁଁଛନ୍ତି। ଭକ୍ତ-ଭଗବାନଙ୍କ ମଧ୍ୟରେ ଆଉ ବ୍ୟବଧାନ ନ ରହୁ। କରୋନା ମହାମାରୀ ସଂକ୍ରାନ୍ତ ଏସ୍‌ଓପି ପାଳନ କରି ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବାକୁ ରାଜ୍ୟ ସରକାରଙ୍କୁ ସମ୍ବିତ ନିବେଦନ କରିଛନ୍ତି।

# ଲେଖାଶ୍ରୀଙ୍କ ମନ୍ତବ୍ୟକୁ ନେଇ କଂଗ୍ରେସର ବିକ୍ଷୋଭ

**ଛେନାରୁ ଚୋପା ଛଡାଇଲା ଭଳି ରାଜନୀତି ନ ହେଉ: ଲେଖାଶ୍ରୀ**

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)




କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ମନ୍ତବ୍ୟକୁ ନେଇ ବିବାଦ ଥମିବାର ନାଁ ଧରୁନାହିଁ। ଉଭୟ ବିଜେଡି ଓ କଂଗ୍ରେସ ଲେଖାଶ୍ରୀ ତୁରନ୍ତ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ଦାବି କରିଛନ୍ତି। ବୁଧବାର କଂଗ୍ରେସ ନେତା ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜୀବ କହିଛନ୍ତି, ଲେଖାଶ୍ରୀ ଶ୍ରୀଜଗନ୍ନାଥଙ୍କ ଉପରେ ଯେଉଁ ଟିପ୍ପଣୀ ଦେଇଛନ୍ତି ତାହା କେବଳ ଓଡ଼ିଶା ନୁହେଁ ସାରା ଦେଶ ଏବଂ ବିଶ୍ୱର ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି। ତାଙ୍କ ବକ୍ତବ୍ୟରେ ସେ ପ୍ରମାଣ କରିବାକୁ ଚାହୁଁଥିଲେ ଯେ ଜଗତରନାଥ ଜଗନ୍ନାଥଙ୍କଠାରୁ ସମ୍ବିତ ପାତ୍ର ବଡ। ଏହାକୁ କଂଗ୍ରେସ ଦୃଢ଼ ନିନ୍ଦା କରୁଛି। ଏହି କାର୍ଯ୍ୟକ୍ରମରେ ଲେଖାଶ୍ରୀ ସାମନ୍ତସିଂହାର ଓ ସମ୍ବିତ ପାତ୍ରଙ୍କର କୁଶପୁତ୍ତଳିକା ଦାହ କରାଯାଇଥିଲା । ରାଜୀବଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଲେଖାଶ୍ରୀଙ୍କ ବିରୋଧରେ ତୁରନ୍ତ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତାଙ୍କୁ ଗିରଫ କରିବା ପାଇଁ କ୍ୟାପିଟାଲ ଥାନାରେ ମାମଲା ରୁଜୁ କରିଛନ୍ତି।

ଅନ୍ୟପଟେ ଲେଖାଶ୍ରୀ କିନ୍ତୁ ସିଧାସଳଖ ଶାସକ ଦଳକୁ ଟାର୍ଗେଟ କରି କହିଛନ୍ତି, ସେ କେଉଁଠାରେ ଶ୍ରୀଜଗନ୍ନାଥଙ୍କ ନାଁ ନେଇ ନାହାନ୍ତି । ୨୦ ବର୍ଷ ଶାସନରେ ଓଡ଼ିଶାକୁ ବିଶ୍ୱ ପ୍ରସିଦ୍ଧ କରିବା ପାଇଁ ରାଜ୍ୟ ସରକାର କଣ କରିଛନ୍ତି, ତାର ଉତ୍ତର ଦିଅନ୍ତୁ। ପ୍ରଶ୍ନ କଲେ ଶାସକ ଦଳକୁ କଷ୍ଟ ହେଉଛି। ପ୍ରକୃତରେ ସେମାନେ ହିଁ କଳାପାହାଡ। ସେ ଓଡ଼ିଶାକୁ ଅପମାନିତ କରିନାହାନ୍ତି। ଛେନାରୁ ଚୋପା ଛଡାଇଲା ଭଳି ତାଙ୍କ ମନ୍ତବ୍ୟକୁ ନେଇ ରାଜନୀତି କରା ନ ଯାଉ ବୋଲି ବୋଲି ସେ କହିଛନ୍ତି।

# ୭ ଜିଲାରେ ୧୦ରୁ କମ୍ ସଂକ୍ରମିତ ଚିହ୍ନଟ

**ଆଉ ୮୬୮ ଆକ୍ରାନ୍ତ, ୧,୩୦୩ ସୁସ୍ଥ, ୧୫ ମୃତ**

ଭୁବନେଶ୍ୱର, ୧୮।୧୧ (ବ୍ୟୁରୋ)



ରାଜ୍ୟରେ ଏବେ ସଂକ୍ରମଣ ନିମ୍ନଗାମୀ ରହିଥିବାବେଳେ କିଛିଦିନ ହେବ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ତଳକୁ ରହୁଛି। ଶେଷ ୨୪ ଘଣ୍ଟାରେ ରାଜ୍ୟର ୩୦ ଜିଲାରେ ୪୫,୪୫୫ ନମୁନାରୁ ୮୬୮ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୫୦୨ଜଣ ସଙ୍ଗରୋଧରୁ ଚିହ୍ନଟ ହୋଇଥିବାବେଳେ ୩୬୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ରାଜ୍ୟର ୭ ଜିଲାରୁ ୧୦ରୁ କମ୍ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଆଶ୍ୱସ୍ତି ମିଳିଛି। ଗଜପତିରୁ ଜଣେ ମାତ୍ର ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସୋନପୁର ୨, ମାଲକାନଗିରି ୩, ବୌଦ୍ଧ ୪, ନୟାଗଡ଼ ୫, ଭଦ୍ରକ ୬ ଓ ଦେବଗଡ଼ରୁ ୯ଜଣ ରହିଛନ୍ତି। ସେହିପରି ଖୋର୍ଦ୍ଧାରୁ ସର୍ବାଧିକ ୧୦୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ ୮୨, କଟକ ୬୫, ବାଲେଶ୍ୱର ୫୨, ମୟୂରଭଞ୍ଜ ୪୬, ଅନୁଗୋଳ ୪୧ ଓ ଜଗତ୍‌ସିଂହପୁରରୁ ୩୮ ରିପୋର୍ଟ ପଜିଟିଭ୍ ଆସିଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ୩,୧୦,୯୨୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

ସେପଟେ ଆଉ ୧୫ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ସୁନ୍ଦରଗଡ଼ରୁ ସର୍ବାଧିକ ୩ଜଣ ଥିବାବେଳେ ସୋନପୁର, ଗଜପତି ଓ ସମ୍ବଲପୁରରୁ ୨ ଜଣ ଲେଖାଏ, ମୟୂରଭଞ୍ଜ, କୋରାପୁଟ, ଖୋର୍ଦ୍ଧା ଓ କେନ୍ଦ୍ରାପଡ଼ାରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୧,୫୭୫କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରୁ ୧୩୦୩ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାରୁ ଆରୋଗ୍ୟ ସଂଖ୍ୟା ୩,୦୧,୭୭୭କୁ ବୃଦ୍ଧିପାଇଥିବାବେଳେ ଏବେ ମଧ୍ୟ ୭,୫୧୫ଜଣ ସକ୍ରିୟ ସଂକ୍ରମିତ ଥିବା ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡରୁ ଜଣାପଡିଛି। ଏଯାବତ୍ ରାଜ୍ୟରେ ୫୩,୭୬,୩୯୩ଟି ନମୁନା ପରୀକ୍ଷା ହୋଇଥିବାବେଳେ ପଜିଟିଭ୍ ହାର ୫.୭୮% ରହିଛି।

# ଡ୍ରଗ୍ସ ଲିଙ୍କ୍‌ରେ ବିଏମ୍‌ସି କର୍ମଚାରୀ

- ଗ୍ରାହକ ସାଜି ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ
- ୭ ଗ୍ରାମ ବ୍ରାଉନସୁଗାର, ୪୨ ହଜାର ଟଙ୍କା, ୪୦ ଗ୍ରାମ ସୁନା, ସ୍କୁଟି ଜବତ
- ଜେଲ ଗଲେ, ଚାକିରିରୁ ନିଲମ୍ବିତ ହେଲେ

ଭୁବନେଶ୍ୱର,୧୮।୧୧ (ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)



ଜବତ ହୋଇଥିବା ସାମଗ୍ରୀ। (ଇନ୍‌ସେଟ୍‌ରେ) ଗିରଫ ଅଭିଯୁକ୍ତ।

ରାଜଧାନୀରେ ବେଧଡ଼କ ଭାବେ ଚାଲିଥିବା ଡ୍ରଗ୍ସ କାରବାରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ମଚାରୀ। ଲିଙ୍ଗରାଜ ଥାନା ପୋଲିସ ପୁରୁଣା ଭୁବନେଶ୍ୱରରେ ଚଢ଼ାଉ କରି ଜଣଙ୍କୁ ଗିରଫ କରିବା ସହ ଏହି ଘଟଣାର ପର୍ଦ୍ଦାଫାଶ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼ଦାଣ୍ଡ ସାହିରେ ରହୁଥିବା ବିଏମ୍‌ସିର ଚତୁର୍ଥ ଶ୍ରେଣୀ ଠିକା କର୍ମଚାରୀ ଦିଲୀପ କୁମାର ବେହେରା ଓରଫ ଦିଲୁ। ଯାଞ୍ଚପରେ ପୋଲିସ ତାଙ୍କଠାରୁ ୭.୬୪୦ ଗ୍ରାମ୍‌ର ବ୍ରାଉନସୁଗାର, ୪୨ ହଜାର ଟଙ୍କା, ୪୦ ଗ୍ରାମର ସୁନା ଗହଣା ସମେତ ଏକ ସ୍କୁଟି ଜବତ କରିଛି। ଏଥିସହ ଦିଲୁଙ୍କ ଘରୁ ୭ଟି ସେଭିଙ୍ଗ୍‌ସ ବ୍ୟାଙ୍କ୍ ଆକାଉଣ୍ଟ, ୫ଟି ମୋବାଇଲ୍ ଫୋନ୍, ହାତଘଣ୍ଟା ମଧ୍ୟ ଜବତ କରାଯାଇଛି। ଏନ୍‌ଡିପିଏସ୍ ଆକ୍ଟ ୨୧(ବି)ରେ ମାମଲା (ନଂ.୨୨୮/୨୦) ରୁଜୁ ସହ ଅଭିଯୁକ୍ତ ଦିଲୁଙ୍କୁ ପଚରାଉଚରା ପରେ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଡ୍ରଗ୍ସ ଲିଙ୍କ୍‌ରେ ଦିଲୁ ଗିରଫ ହୋଇ ଜେଲ୍ ଯିବାପରେ ବିଏମ୍‌ସି ପକ୍ଷରୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

ଅଭିଯୁକ୍ତ ଦିଲୁ ବିଏମ୍‌ସିରେ କାର୍ଯ୍ୟ କରିବା ସହ ବ୍ରାଉନସୁଗାର କାରବାର ଚଳାଇଥିଲେ। ତାଙ୍କର ଅଧିକାଂଶ ଗ୍ରାହକ ହେଉଛନ୍ତି କଲେଜ ଛାତ୍ର ଓ ପର୍ଯ୍ୟଟକ। ବିଏମ୍‌ସି ହସ୍ପିଟାଲ ଅଞ୍ଚଳରେ ନିଜେ ବେପାର କରିବା ସହ ଦଲାଲଙ୍କ ସହାୟତାରେ ଅନ୍ୟ ଗ୍ରାହକଙ୍କ ନିକଟରେ ବ୍ରାଉନସୁଗାର ପହଞ୍ଚାଉଥିଲେ। ଧୀରେ ଧୀରେ ଦିଲୁଙ୍କ ଏହି ବେଆଇନ ବ୍ୟବସାୟ ବଢ଼ି ଚାଲିବା ସହ ତାଙ୍କର ଜୀବନ ଶୈଳୀରେ ମଧ୍ୟ ପରିବର୍ତ୍ତନ ଆସିଥିଲା। ଦାମୀ କାର ଓ ବାଇକରେ ଅଚିହ୍ନା ଯୁବକମାନେ ତାଙ୍କୁ ଭେଟୁଥିଲେ। ଏହା ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇବା ସହ ତାଙ୍କୁ ନେଇ ଚାଲିଥିବା ଚର୍ଚ୍ଚା ପୋଲିସ ନିକଟରେ ପହଞ୍ଚିଥିଲା। ଦିଲୁ ବ୍ରାଉନସୁଗାର ବେପାରରେ ସମ୍ପୃକ୍ତ ଥିବା ପୋଲିସ ସୂଚନା ପାଇବା ପରେ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଜଣେ ପୋଲିସ ଅଧିକାରୀ ଗ୍ରାହକ ସାଜି ତାଙ୍କ ସହ କଥା ହୋଇଥିଲେ। ଗତ ମଙ୍ଗଳବାର ଦିଲୁ ସ୍କୁଟିରେ ଆସି ବିଏମ୍‌ସି ହସ୍ପିଟାଲ ରକ୍ତ ଭଣ୍ଡାର ନିକଟରେ ଅପେକ୍ଷା କରିଥିବାବେଳେ ପ୍ରଥମେ ଗ୍ରାହକ ବେଶରେ ଜଣେ ଥାନା କର୍ମଚାରୀ ତାଙ୍କ ପାଖକୁ ଯାଇ ବ୍ରାଉନସୁଗାର କିଣିଥିଲେ। ଏହି ସମୟରେ ସ୍ୱତନ୍ତ୍ର ଟିମ୍ ଘେରିଯାଇ ତାଙ୍କୁ କାବୁ କରିଥିଲା। ତେବେ ଜବତ ମୋବାଇଲ ଫୋନ ଓ ବ୍ୟାଙ୍କ ଆକାଉଣ୍ଟକୁ ଯାଞ୍ଚ କରି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଅଧିକ ତଦନ୍ତ ଚଳାଇଛି।

# କବିତା

## ଆର୍ଯ୍ୟଦାସର ଶେଷ ପ୍ରେମିକା

**ସୁରେଶ କୁମାର ନାୟକ**

କାଲି ଜହ୍ନ ସହ କଥା ହେଲାବେଳେ
ତମ କଥା ପଡ଼ିଥିଲା
ଜହ୍ନ କହୁଥିଲା କି ;
''ଯିଏ ଦେଇ ଜାଣେ ସେ ପ୍ରେମିକ।
ନିର୍ଘାତ ପ୍ରେମିକ ଥିଲା ଆର୍ଯ୍ୟଦାସ
ଦେଇ ଦେଇ ଦେବାଳିଆ
ହୋଇଗଲା ସିନା
ଦାତାପଣ ଛାଡ଼ିଲାନି।''

ମରିବା ପୂର୍ବ ରାତ୍ରିରେ
ତମେ କାଳେ ଜହ୍ନକୁ
ହାସପାତାଲ ଝରକା ପାଖକୁ ଡାକି
ସଅଁପି ଦେଇଥିଲ
ତମର ଶେଷ ସମ୍ବଳ
''ଟୋପାଏ କଳଙ୍କ''।
ତାକୁ ନାଇବା ଦିନୁ
ସେ କାଳେ ବେଶି ଗୋରୀ ଦିଶୁଚି,
କବିମାନେ
ସେମାନଙ୍କ ପ୍ରିୟାଓଠର
କଳାଜାଇକୁ ନେଇ
ବେଶି ବେଶି କବିତା ଲେଖୁଛନ୍ତି।

ଜହ୍ନ ଆହୁରି କହୁଥିଲା କି
ଯିଏ ଧୋକ୍କା ଖାଏ ସେ ପ୍ରେମିକ,
ବିଚରା ଆର୍ଯ୍ୟଦାସଟା
ଧୋକ୍କା ଖାଇ ଖାଇ
ଧୋକ୍‌ଲା ହୋଇଗଲା ସିନା
ପ୍ରେମିକାକୁ ଛାଡ଼ିଲାନି।

ମୁଁ ଜାଣେ,
ଆର୍ଯ୍ୟଦାସର ଥିଲେ
ଅନେଶୋତ ରାଣୀ,
ଚନ୍ଦ୍ରା, ଚନ୍ଦ୍ରିକା କି ଚିତ୍ରଲେଖା
ମଲାବେଳେ କେହି ବି ଦେଲେନି
ଟୋପାଏ ମାହାର୍ଦପାଣି।
ହେଲେ ମୁଁ ଅନ୍ୟମାନଙ୍କ ଭଳି
ଅକୃତଜ୍ଞ ନୁହେଁ,
ଆତଯାତ ହେଉଥିବାଯାଏ ଆକାଶରେ
ପିନ୍ଧୁଥିବି ଆର୍ଯ୍ୟଦାସର ମହାର୍ଘ ସନ୍ତକ।

ମୁଁ ତା'ର ଶେଷ ପ୍ରେମିକା
ସେ ମୋର ପ୍ରଥମ ପ୍ରେମିକ।
(ଅକ୍ଷୟ ମହାନ୍ତିଙ୍କ ସ୍ମୃତିରେ...)

ମୋ-୬୩୭୨୭୯୪୫୦୬



## କାର୍ତ୍ତିକରେ ପୁରୀ

**ଇପ୍ସିତା ଷଡ଼ଙ୍ଗୀ**

ଧଳା ପାହାଡ଼ ଉପରେ ଆମ
ମୁକ୍ତି ଅପେକ୍ଷାରେ କଳାବିନ୍ଦୁ
ଆକାଶରେ ଧଳା ବାଦଲ ଓ
ଶଙ୍ଖଚିଲର
ଛାଇ ଖେଳ: କାର୍ତ୍ତିକରେ ପୁରୀ।।

ଧଳାବଳିତା ବିକୁଥିବା ନାରୀମାନଙ୍କର
ନିସ୍ତରଙ୍ଗ ଆକାଂକ୍ଷା
ଅସହାୟତାର ଶେତା ଶୂନ୍ୟ ପାପୁଲି
ଉଠିଆସେ
ଜୀବନର ଦାୟରେ।।

ଶ୍ୱେତ ସକାଳର
ନରମ କିରଣରେ ଢଙ୍କା
ହବିଷିଆଳିମାନଙ୍କ ନିର୍ଲିପ୍ତ ନୟନାଶ୍ରୁ

ନୀଳ ସମୁଦ୍ରର ଫେଣକୁ
ନିସ୍ତେଜ କରୁଥାଏ ଧୀରେଧୀରେ।।

ଶ୍ରୀମନ୍ଦିରରେ ନୀଳଚକ୍ର ବାନା
ସମସ୍ତଙ୍କ କାମନାକୁ ଏକାଠି ସାଉଁଟି
ସୂର୍ଯ୍ୟାସ୍ତର କମଳା ରଙ୍ଗ
ବୋହିନିଏ।।

ସୂର୍ଯ୍ୟ ନଏଁ
ଆକାଶରେ ଜଗନ୍ନାଥ ପୁଣି ତୁମ
ରଙ୍ଗ ଇଡ଼ିଯାଏ।
ସକଳ କାମନାର ଶେଷ ଶୋଷ
ମେଣ୍ଟିଯାଉଥାଏ।।

ମୋ: ୯୯୩୮୩୭୦୨୮୯

## କାଳକାଳକୁ



**''କବିତା ମାତ୍ରେ ସରଳ, ଇନ୍ଦ୍ରିୟଗାହୀ ଓ ଭାବ-ସଂବେଦୀ ହେବା ଜରୁରୀ''**
**- ଏମ୍ମା ଲାଜାରସ୍**

ଏମ୍ମା ଲାଜାରସ୍‌ଙ୍କ ଜନ୍ମ ୨୨ ଜୁଲାଇ ୧୮୪୯ରେ ଆମେରିକାର ନ୍ୟୁୟର୍କ ସହରରେ ଏବଂ ପରଲୋକ ୧୯ ନଭେମ୍ବର ୧୮୮୭ରେ। ତାଙ୍କର ପ୍ରଥମ ରଚିତ ଓ ପ୍ରକାଶିତ ପୁସ୍ତକ ହେଉଛି "Poems and Translations" (୧୮୬୭)। ଲାଜାରସ୍ ସେଇ ଭାଗ୍ୟଶାଳିନୀ କବି ଯାହାଙ୍କ ସନେଟ୍ "The New Colossus" ଆମେରିକାର 'ଷ୍ଟାଚ୍ୟୁ ଅଫ୍ ଲିବର୍ଟି' ତଳେ ଖୋଦିତ ହୋଇଛି। ଏହି କବୟିତ୍ରୀ ଜୀବନରେ କେବେ ବି କେବଳ ଲେଖିବା ପାଇଁ ଲେଖି ନାହାନ୍ତି। ଏହା ହିଁ ତାଙ୍କ ଅନନ୍ୟତା।

# ଗଳ୍ପ: ଲାଭା

**ପାର୍ଥସାରଥୀ ରାଉତ**

ସକାଳ ହେଇ ଯାଇଥିଲେ ବି ମନ୍ଦିର ସାମ୍ନା କର୍ପୋରେସନ୍ ଖୁଣ୍ଟରେ ଲାଇଟ୍ ଦପ୍‌ଦପ୍ କରୁଥିଲା। ସକାଳର କଅଁଳିଆ ଖରାକୁ ଚିରି କୁକୁରଗୁଡ଼ାକ ପାଖରେଥିବା ଡଷ୍ଟବିନ୍ ଆଡ଼କୁ ଦୌଡ଼ି ଆସୁଥିଲେ। ଷ୍ଟେସନରୁ ଓହ୍ଲାଇ ସକାଳୁ ସକାଳୁ ଗାଡ଼ି ଧରି ଏଇ ଛୋଟିଆ ସହରରେ ପହଞ୍ଚି ଯାଇଥିଲେ ଲୋକ ତିନିଟା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଛକ ଉପରେ ଆଖି ପହଁରେଇ ଆଣିଲେ। ଥାଇ ନ ଥିବାର ଅବସୋସ ଯେମିତି ବିଛାଡ଼ି ହୋଇ ପଡ଼ିଛି ପୂରା ସହରଟାରେ।

ସହର କହିଲେ ଫର୍ଚ୍ଚାରାସ୍ତା, ଦୁଇକଡ଼ରେ ଧାଡ଼ିଧାଡ଼ି ଦୋକାନ, ମଝିମଝିରେ ହାତଗଣତି ଗୁମୁଟି। ପୁରୁଣା ବସ୍‌ଷ୍ଟାଣ୍ଡ, ଅଚଳ ସିନେମା ହଲ୍, ମାଳମାଳ ଟ୍ରଲି ରିକ୍ସା। ପାହାଡ଼କୁ ଲାଗିଛି ସହର। ପଛକୁପଛ ତଳକୁତଳ ଗଡ଼ି ଆସିଛି ଘରସବୁ, ଥାପି ଦିଆଯାଇଛି ଯେମିତି। ତଥାପି ଲୋକ ହାଉଯାଉ ହେଇନାହାନ୍ତି ଏଯାଏଁ। ବିସ୍କୁଟ୍ ପାଇଁ ରାମିଆ ଚା' ଦୋକାନ ଆଗରେ ପଇଁତରା ମାରୁଥିବା ଚାରି ପାଞ୍ଚଟା କୁକୁର ଲୋକଙ୍କ ହୁରୁଡ଼ାରେ ତର୍କି ଯାଇ ପୁଣି ଫେରୁଥାନ୍ତି ଗୋଡ଼ ପାଖକୁ। ଅଚିହ୍ନା ଲୋକ ତିନିଟା ସିଆଡ଼େ ଆଗେଇଲେ। ଦୋକାନ କହିଲେ ଆଠ ବା ଦଶ ଫୁଟ, ତା' ଭିତରେ ପୁଣି ପଲିଥିନ୍ ଜରିର ପାର୍ଟିସନ୍। ଏପଟେ ରାମିଆର ଚା', ସେପଟେ ତା' ସ୍ତ୍ରୀର ପାନ ଦୋକାନ। ଇଟାର ଅଧାକାନ୍ଥ ଉପରେ ଆଶ୍ରା ନେଇଛି ଟିଣ ଆଜବେଷ୍ଟସ। ତା'ରି ଭିତରେ ସିଙ୍ଗଲ ଗ୍ୟାସ୍‌ରେ ରୋଷେଇବାସ, କଂସାଥାଳି, ପିଲାଙ୍କ ଜାମାପଟା, ଖିଆପିଆ, ଶୁଆ, ପୂରା ସଂସାର।

ଚା' ସହ ପାଉଁରୁଟି ଖାଉଖାଉ ଲୋକ ତିନିଟା ଭଲମନ୍ଦ ହେଲେ ରାମିଆ ସହ। ବେଶ୍ କିଛି ସମୟ ଲମ୍ବିଲା କଥାବାର୍ତ୍ତା। ଦୋକାନରୁ ଚାଲିଯାଇ ପାଖ ଗଛମୂଳେ ତା' ସହ କଥା ହେଲେ ଚାପା ସ୍ୱରରେ। କ'ଣ କଥା ହେଲେ କେଜାଣି, ଚା' ବାବଦ ପଇସା ରଖିଲାନି ରାମିଆ। ଓଲଟି ଜର୍ଦ୍ଦା ପାନଖିଆ ଓଠରେ ଖୁଲମଖୁଲା ହସଟେ ହସି ତିନିଟା ସିଗାରେଟ ବଢ଼େଇ ଦେଲା। ତା'ପରେ ଚଞ୍ଚଳ ହେଇଉଠିଲା ରାମିଆ। ଫଟାଫଟ୍ ଫୋନ୍ ବୁଲେଇ ଚାଲିଲା। ପାଖାପାଖି ଘଣ୍ଟାଏ ଫୋନ୍ ବୁଲେଇ ସାରି ବାଇକ୍ ଧରି ଆଖପାଖ ଅଞ୍ଚଳରେ ଦି ତିନି ଘେରା ମାରିଲା। ତା' ସ୍ତ୍ରୀ ବି ପାନଭଙ୍ଗା ବନ୍ଦ କରି ଖୁବ୍‌ଗୁଡ଼ାଏ ଫୋନ୍ ଘୂରାଉଥିଲା। ସ୍ୱାମୀ ସ୍ତ୍ରୀଙ୍କର ଏପରି ମତିଗତି ଦେଖି ବେଶ୍ କିଛି ନିୟମିତ ଗ୍ରାହକ ଦୋକାନରୁ ମୁହଁ ଫେରାଉଥିଲେ। ଯା'ଭିତରେ ଲୋକ ତିନିଟା ବୁଲେରୋରେ କିଛି ସମୟ ପାଇଁ ଉଭାନ୍ ହେଇ ଯାଇଥିଲେ। ସହର ଓ ପାଖ ଗାଁଗଣ୍ଡାରେ ବେଶ୍ କିଛି ସମୟ ପଇଁତରା ମାରି ଫେରିବା ଫେରିବା ହେଉଥିଲେ।

ସ୍ତ୍ରୀ କାନରେ ଚୁପ୍‌କରି କହିଲା ରାମିଆ... ଶୁଣ୍, ଭରା ଦେହବାଲୀ ନ ହେଲେ ଚଳିବ, କିନ୍ତୁ ହାଡୁଆ ହେଇ ନ ଥିବା ଦରକାର। ଗୋରୀ ହେଇଥିଲେ ଡବଲ ମାଲ୍, ସାବନା ହେଲେ ବି ଚଳିବ। କାଳୀଙ୍କୁ କିନ୍ତୁ ରିଜେକ୍ଟ କରି ଦେବେ ବାବୁମାନେ। ହାଇଟ୍‌ବାଲୀ, ଉଚ୍ଚ ଛାତି ହେଇଥିଲେ ପକେଟ୍ ଗରମ। ପଇସାପତ୍ର କଥା ଛିଡ଼ିଛି। ଚାରି ପାଞ୍ଚଜଣ ଦଲାଲଙ୍କୁ ହାତଗୁଞ୍ଜା ଦେଇ କାମରେ ଲଗେଇଛି ମୁଁ। ଚାକିରି ଦେବା ବାହାନାରେ ଫସେଇବେ। ଫନ୍ଦି ଫିକର କରି ଆଖି ନାକ ଖୋଲା ରଖି ଘରୁ ଡାକି ଆଣିବାକୁ କହିଛି। ଥରେ ଚାଲି ଆସିଲେ ଆଖିପିଛୁଳାକେ ଗାଡ଼ିରେ ନେଇ ବାବୁମାନେ ରାଜ୍ୟ ପାର୍, କେହି କିଛି ଟେର୍ ପାଇବେନି।

ଖରା ନରମି ଆସୁଥିଲା, ସହରରେ ବଢୁଥିଲା ଗହଳି ଚହଳି। ସରକାରୀ ଗାଡ଼ି ପହଞ୍ଚି ହଠାତ୍ ପ୍ରଚାର ଆରମ୍ଭ କଲା... ସାବଧାନ, ରାତିସୁଦ୍ଧା ପାହାଡ଼ ସେପଟ ଆଗ୍ନେୟଗିରିରୁ ଲାଭା ବାହାରିବ। ସହର ପଟକୁ ବୋହି ଆସି ଭୟଙ୍କର କ୍ଷତି ଘଟାଇବ। ଆରବର୍ଷ ତିନି ଜଣ ମରିଥିଲେ, ତା' ଆରଥର ପାଞ୍ଚ ଜଣ। ଦୟାକରି ଦୋକାନପତ୍ର ବନ୍ଦ କରିଦିଅନ୍ତୁ। ନିଜନିଜର ସୁବିଧା ଦେଖି ନିରାପଦ ଜାଗାକୁ ଚାଲିଯାଆନ୍ତୁ। ଲୋକଙ୍କୁ ଜରୁରୀ ସହାୟତା ପାଇଁ ଦମକଳବାହିନୀ ଓ ଅର୍ଦ୍ଧସାମରିକ ବଳ ପ୍ରସ୍ତୁତ ଅଛି। ଦରକାର ପଡ଼ିଲେ ହେଲ୍‌ପ ଲାଇନକୁ ଫୋନ୍ କରିବେ ବୋଲି ଆନାଉନ୍ସ କରି ଚାଲିଗଲେ ସରକାରୀ ବାବୁ।

ହଠାତ୍ ଦୋକାନ ବୁଜିବା ପ୍ରକ୍ରିୟା ଆରମ୍ଭ ହେଇଗଲା। ଜିନିଷପତ୍ର ଗୋଟାଇ ଦୋକାନୀମାନେ ଧଡ଼ାଧଡ଼୍ ସର୍ଟର ପକାଇବା ଆରମ୍ଭ କରିଦେଲେ। ରାମିଆ ପାଇଁ ତଥାପି କିଛି ଭଲ ଖବର ଆସୁ ନ ଥିଲା। ଯୋଉ ଦଲାଲମାନଙ୍କୁ କାମରେ ଲଗେଇଥିଲେ ସମସ୍ତେ ବୋଧେ ମନା କରିଦେଇଥିଲେ। ତଥାପି ସେ ଲୋକ ତିନିଟା ଏପଟ ସେପଟ ହେଉଥିଲେ। ଗଛ ପାଖରେ ଧକଉଥିବା ବୁଲାକୁକୁରଙ୍କ ପରି। ରାମିଆ ସହ ବାରମ୍ବାର କଥା ହେଉଥିଲେ। ସଂଜ ନଉଁଥିଲା, ସ୍ୱାମୀ ସ୍ତ୍ରୀଙ୍କ ମୁହଁ ଭାରି ବିକଳ ଦିଶୁଥିଲା।

ଏତିକିବେଳେ ଦୋକାନ କଡ଼ ଗଳିରେ ଆଉଜି ବସିଥିବା ରାମିଆର ତେର ଚଉଦ ବର୍ଷର ଝିଅଟା ହଠାତ୍ ଚର୍‌ଚିରା ଛାଡ଼ି ପାଟିକରି ଉଠିଲା ମୁଁ ଯିବି... ମୁଁ ଯିବି। ତମେ ଯୋଉ ଭଳିଆ ଖୋଜୁଛ, ମୁଁ ଠିକ୍ ସେଇ ଭଳିଆ। ତମର ଯାହାଯାହା ଦରକାର, ମୋଠି ସେଇସବୁ ଅଛି। ଚାହିଁଲେ ଚେକ୍‌କରି ନେଇ ପାରିବ! ଜନ୍ମରୁ ବାପା ବୋଉଙ୍କ ପାଇଁ ବୋଝ ପାଲଟିଛି ମୁଁ। ତାଙ୍କ ପାଇଁ କିଛି ନ କରି ପାରିଲେ ମୁଣ୍ଡର ବୋଝଟାକୁ ତ ହାଲୁକା କରିଦେଇ ପାରିବି। ରାତାରାତି ଟଙ୍କା ବିଡ଼ା ଗୋଛେଇବା ପାଇଁ ସେମାନେ ଖୁ' ହନ୍ତସନ୍ତ ହେଉଛନ୍ତି। ସେ ସ୍ୱପ୍ନ ତ ପୂରଣ କରିପାରିବି। ସବୁ କୋଳାହଳ ହଠାତ୍ ସ୍ତବ୍ଧ ହେଇଗଲା। ସମସ୍ତେ ମୁହାଁଇଲେ ଝିଅଟା ଆଡ଼େ। ତା' ଆଖିରେ ରଡ଼ ନିଆଁ। ଫୁଲାଫୁଲା ନାକପୁଡ଼ାରୁ ବାହାରୁଛି ଗରମ ଝାସ। ଖୁବ୍‌ଶୀଘ୍ର ଭୟଙ୍କର ବିସ୍ଫୋରଣ ହେବ ଯେମିତି! ସେ ନିଆଁ ଯେମିତି ବହି ଆସି ମୁହୂର୍ତ୍ତକରେ ପାଉଁଶ କରିଦେବ ସବୁକିଛିକୁ, ପୂରା ସହରକୁ। ଝିଅ କଥା ଶୁଣି ଜଳକା ପାଲଟି ଯାଇଥିଲା ମାଆ। ରାମିଆ ମୁଣ୍ଡକୁ ହଠାତ୍ ପିତ୍ତ ଉଠିଲା। କୁକୁର ଗୋଡ଼େଇବା ବାଡ଼ିରେ ସ୍ତ୍ରୀକୁ ଦି' ପାହାରେ ଦେଇ କହିଲା, ଶାଳୀ ପୋଲିସ୍‌କୁ ଫୋନ୍ ଲଗାବେ। ଏ ତିନିଟା କୁକୁରଙ୍କୁ ପୋଲିସ୍ ଜିମାରେ ଦେବି। ଲାଭା ଆଶଙ୍କାରେ ସହରରେ ଲୋକ ସମାଗମ ପତଳା ହେଇ ଆସୁଥିବାବେଳେ ଭିଡ଼ ଭିତରେ ଉଭାନ୍ ହେଇ ଯାଇଥିଲେ ଲୋକ ତିନିଟା।

ମୋ- ୯୪୩୮୨୯୦୪୯୧



# ମିନିଗଳ୍ପ: ଆପାର୍ଟମେଣ୍ଟ ନିଶା

**ସଂଜୟ କୁମାର ଶତପଥୀ**

ଦୀର୍ଘ ବର୍ଷ ରାଉରକେଲାରେ ରହିବା ପରେ ସମୀର ସାର୍ ଶ୍ୱଶୁରଙ୍କଠାରୁ ମିଳିଥିବା ଜମି ଉପରେ ଦୁଇ ମହଲା ଘର ତିଆରି କରି ସସ୍ତ୍ରୀକ ରହିଲେ! ଗୁଣରେ ବହୁତ ବଦଖର୍ଚ୍ଚୀ! ଲକ୍ଷ୍ମୀଛଡ଼ା ଗୁଣ, ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କର! ବାପାଙ୍କର ଏହି ଗୁଣ ପାଇଁ ପୁଅ ଟଙ୍କା ପଠେଇବା ବନ୍ଦ କରିଦେଲା! ଫୁଟାଣି କହିଲେ ନ ସରେ, କିଛିଦିନ କଷ୍ଟେମଷ୍ଟେ ଚଳାଇ ନେଲେ, ଶେଷକୁ ଗୋଟିଏ ବିଲ୍ଡର ହାବୁଡ଼ରେ ପଡ଼ିଗଲେ! କୋଡ଼ିଏ ଡେସିମିଲ ଜାଗା ବାବଦକୁ ୫୦ ଲକ୍ଷ ଟଙ୍କା ଦବ ଏବଂ ଚାରିଟା, ତିନି ଶୋଇବା ବଖରା ଥିବା ଘର ପ୍ଲାଟରେ ଦବ! ଏତେ ଟଙ୍କା ପାଇବାର ସପ୍ନ ଦେଖି ତାଙ୍କ ପାଟିରୁ ଲାଳ ବୋହିଲା। ସାଙ୍ଗ ଓ ବନ୍ଧୁବାନ୍ଧବ ମନାକଲେ, କହିଲେ- ''ଏଇ ବୁଢ଼ା ବୟସରେ ଏ ଦୁର୍ବୁଦ୍ଧି କରନାହିଁ''! ତାଙ୍କୁ ଖାଲି ଟଙ୍କା ଦିଶିଲା, କାହା କଥା ଶୁଭିଲା ନାହିଁ। ସ୍ତ୍ରୀ କଥାରେ ପଡ଼ି ଜମି ଓ ଘର ବିକିବାର ସ୍ଥିର ହେଲା! ଘର ଭଙ୍ଗା ସମୟରେ ଆଉ ଗୋଟାଏ ଘରେ ଦଶ ହଜାର ଟଙ୍କାରେ ଭଡ଼ାରେ ରହିଲେ! ତିନ ମାସ ଗଲା, ଚାରି ମାସ ଗଲା ଏପରିକି ୬ମାସ ପରେ ମଧ୍ୟ କିଛି କାମ ଆଗେଇଲା ନାହିଁ! ସମୀର ସାର୍ ବ୍ୟସ୍ତ ହୋଇ ପଡ଼ିଲେ! ଚିନ୍ତାରେ ରକ୍ତଚାପ ବଢ଼ିଗଲା, ଡାକ୍ତରଖାନାରେ ବାରମ୍ବାର ଭର୍ତ୍ତିହବାକୁ ପଡ଼ିଲା। ଡାକ୍ତର କହିଲେ ''ଆପଣଙ୍କ କିଡ୍‌ନୀ ଖରାପ ହୋଇଗଲାଣି, ଡାୟାଲିସିସ୍ ନ କଲେ ବହୁତ ଅସୁବିଧାରେ ପଡ଼ିବେ!'' ତାଙ୍କର ବୟସ ଆସି ଅଶି ପାଖାପାଖି ହବା ଉପରେ, ପୁଅ ଓ ସ୍ତ୍ରୀ ମନାକଲେ ଫିସଚୁଲା କରିବା ପାଇଁ, କହିଲେ ଯେତେଦିନ ଚାଲୁଚି ଚାଲୁ ଗାଡ଼ି, ଆଉ କଷ୍ଟ ଦବାନାହିଁ। ଯା'ହଉ, 'ଭେନାସ ଏନ୍‌କ୍ଲେଭ୍' ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସମୀର ସାର୍ ଟାଣିନେଲେ! ମାସକୁ ମାସ ଚାରି ହଜାର ସୋସାଇଟିକୁ ଦେବାକୁ ପଡ଼ିଲା, ବହୁତ ବାଧିଲା। କାର୍ କାଢ଼ିଲାବେଳକୁ ଝଗଡ଼ା, ରଖିଲାବେଳକୁ ଝଗଡ଼ା! ରାତିରେ ଉପର ଛାତ ବାଲା ଘରେ ରୋଷେଇ ଘରୁ ଶବ୍ଦ ଧଡ଼ ଧାଡ଼! ବାଣ ଫୁଟିଲା ଭଳି ଶବ୍ଦ ଶୁଭିଲା। ରାତି ଅଧରେ ହାର୍ଟ ଆଟାକ୍‌ରେ ଡାକ୍ତରଖାନାରେ ଭର୍ତ୍ତି ହୋଇ ପାଞ୍ଚ ଲକ୍ଷ ଟଙ୍କା ଗଣିଲେ, ଯେହେତୁ ତାଙ୍କର ଜୀବନବୀମା ନବୀକରଣ ହୋଇ ନ ଥିଲା! ଜ୍ୟୋତିଷ କହିଲେ- ''ବାସ୍ତୁଶାସ୍ତ୍ର ଅନୁସାରେ ଆପାର୍ଟମେଣ୍ଟଟା ଉତ୍ତର ମୁହାଁ, ଆପଣଙ୍କୁ ଦାନ ଧର୍ମ ଓ ସତ୍ୟନାରାୟଣ ପୂଜା ପ୍ରତି ଗୁରୁବାର କରିବାକୁ ପଡ଼ିବ। ଏମିତି ଏଗାରଟା ଗୁରୁବାର।'' ଦାନ ଧର୍ମ କରିବା ସତ୍ତ୍ୱେ, ସାତ ଗୁରୁବାର ଦିନ ସମୀର ସାର୍ ସ୍ୱର୍ଗଦ୍ୱାରକୁ ବୁହାହୋଇଗଲେ। କିଛି ଲୋକ କହିଲେ- 'ବହୁତ ଧର୍ମ କରିଥିଲା ତ, କାର୍ତ୍ତିକ ମାସ ଗୁରୁବାରରେ ଗଲା।'

ପଟିଆ, ଭୁବନେଶ୍ୱର



# ପୁସ୍ତକ ପରିଚୟ

**ପୂଜା ପତ୍ରିକା-୨୦୨୦**

## ନବଲିପି



**ସମ୍ପାଦକ:** ଦେବବ୍ରତ ମଦନରାୟ
ସାଇଜ୍: ଡବଲ ଡିମାଇ, ପୃ: ୧୫୬, ମୂଲ୍ୟ: ଟ. ୯୦/-

ଏଥର ପୂଜାରେ ସବୁଠୁଁ ଆଗେ ବାହାରିଥିବା ତିନି ଚାରିଟି ପତ୍ରିକା ମଧ୍ୟରେ 'ନବଲିପି' ଅନ୍ୟତମ। ମନୋଜ ଦାସ, ନୃସିଂହ ତ୍ରିପାଠୀ, ବନଜ ଦେବୀ, ମାନସୀ ଦାସ, ଆଦିକନ୍ଦ ସାହୁ, ଦେବବ୍ରତ ମଦନରାୟ, ସୁଲୋଚନା ଦାସ, ବିଜୟାନନ୍ଦ ସିଂହ, ମମତା ଦାଶ, ସୁସ୍ମିତା ରଥ ଓ କ୍ଷୀରୋଦ ଦାସ ପ୍ରମୁଖ ବିଶିଷ୍ଟ କଥାକାରଙ୍କ ଗଳ୍ପରେ ପତ୍ରିକାଟି ଗୁଣାତ୍ମକ ହୋଇପାରିଛି। ରାଜେନ୍ଦ୍ର କିଶୋର ପଣ୍ଡା, ପ୍ରତିଭା ଶତପଥୀ, ଅମରେଶ ପଟ୍ଟନାୟକ, ଭଗବାନ ଜୟସିଂହ, ହୃଷୀକେଶ ମଲ୍ଲିକ ଓ ପ୍ରବାସିନୀ ମହାକୁଡ଼ଙ୍କ ଭଳି ଖ୍ୟାତନାମା କବିଙ୍କ କବିତାର ଉପସ୍ଥିତି ପାଠକଙ୍କ ପାଇଁ ଆକର୍ଷଣୀୟ ହୋଇପାରିଛି।

## ବନଫୁଲ



**ସମ୍ପାଦକ:** ରତ୍ନାକର ନାୟକ
ସାଇଜ୍: ଡିମାଇ, ପୃ: ୧୯୨, ମୂଲ୍ୟ: ଟ. ୮୦/-

କରୋନାରେ ମରିଯାଇଥିବା ମାଆକୁ କୁନି ପିଲାଟିଏ କାନିଭିଡ଼ି ଉଠାଉଥିବା ପ୍ରସଙ୍ଗକୁ ନେଇ 'ବନଫୁଲ'ର ଛୋଟ ସମ୍ପାଦକୀୟଟି କାରୁଣ୍ୟ ଓ କଦର୍ଥନାକୁ ଏକାକାର କରିଦେଇଛି। ଏଥିରେ ଗପ ଲେଖିଛନ୍ତି ରବି ସ୍ୱାଇଁ, ନିତ୍ୟାନନ୍ଦ ପଣ୍ଡା ଓ ନିବାରଣ ଜେନା। କବିତା ଲେଖିଛନ୍ତି ସୌଭାଗ୍ୟବନ୍ତ ମହାରଣା, ଶ୍ରୀହରି ଧଳ, ଅବନୀ ପ୍ରଧାନ, ପିନାକୀ ମିଶ୍ର ଓ ପବିତ୍ର ବ୍ରହ୍ମପୁତ୍ର ନାୟକ। ଓଡ଼ିଆ ଗପ, କବିତାର ନୂଆ ମୁହଁକୁ ନେଇ ଏକ ସ୍ୱତନ୍ତ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ସଂଯୋଜିତ ହୋଇଛି, ଯାହା ଅଭିନନ୍ଦନୀୟ।

## ବାଟୋଇ



**ସମ୍ପାଦକ:** ଶତ୍ରୁଘ୍ନ ତରାଇ
ସାଇଜ୍: ଡବଲ୍ ଡିମାଇ, ପୃ: ୨୦୦, ମୂଲ୍ୟ: ଟ. ୮୦/-

କରୋନାର ବିନାଶ ପାଇଁ ଝୁଣାୟିତ ନିବେଦନ ଜଣାଉଛି ନାରୀଟିଏ- ଏହା ପତ୍ରିକାର ପ୍ରଚ୍ଛଦ। ପ୍ରବନ୍ଧ, ଗଳ୍ପ, କବିତା, ଗୀତି କବିତା, ରମ୍ୟରଚନା, ଭ୍ରମଣ କାହାଣୀ ଆଦି ବିଭାଗରେ ଲେଖିଛନ୍ତି ବାବାଜୀ ଚରଣ ପଟ୍ଟନାୟକ, ବାସୁଦେବ ଦାସ, ଭରତ ବେହେରା, ଭୂପେନ ମହାପାତ୍ର, ଇନ୍ଦିରା ଦାଶ, ଉମାକାନ୍ତ ରାଉତ (ଅରୂପ), ସୌଭାଗ୍ୟ ମିଶ୍ର, ଆଶୁତୋଷ ପରିଡ଼ା, କୁମାର ହସନ, ହୁସେନ ରବିଗାନ୍ଧୀ, ବଙ୍ଗାଳି ନନ୍ଦ, ରକ୍ଷକ ନାୟକ, ନନ୍ଦ କିଶୋର ସିଂହ ଆଦି ବହୁ ପ୍ରବୀଣ ଓ ନବୀନ ଲେଖିକା ଲେଖକ।


## ବିଶ୍ୱମୁକ୍ତି



**ସମ୍ପାଦକ:** ଶଶାଙ୍କ ଚୂଡ଼ାମଣି
ସାଇଜ୍: ଡବଲ୍ ଡିମାଇ, ପୃ: ୨୩୨: ମୂଲ୍ୟ: ଟ. ୬୦/-

'କରୋନାକାଳୀନ ଚିନ୍ତନ ଓ ଦର୍ଶନ' ଶୀର୍ଷକରେ ଲିଖିତ ସମ୍ପାଦକୀୟଟିରେ ନିଜର ଉଦ୍‌ବେଗକୁ ଲିପିବଦ୍ଧ କରିଛନ୍ତି ସମ୍ପାଦକ। ନିବାରଣ ଜେନା ଲେଖିଛନ୍ତି ରମ୍ୟ ଉପନ୍ୟାସିକା। ବିଶେଷ କବିତାରେ ପ୍ରସନ୍ନ ପାଟଶାଣୀ, ଅନ୍ୟ ଦିଗନ୍ତରେ ନୀରଜା ମାଧବ, ପ୍ରେମଚନ୍ଦ୍, ବିଷ୍ଣୁପଦ ସେଠୀ ଓ ପ୍ରଭଞ୍ଜନ ମିଶ୍ରଙ୍କ ଲେଖାର ଅନୁବାଦ ସ୍ଥାନିତ ହୋଇଛି। ପ୍ରବନ୍ଧ ଲେଖିଛନ୍ତି ଆଦିକନ୍ଦ ସାହୁ, ମଣୀନ୍ଦ୍ର କୁମାର ମେହେର, କୃଷ୍ଣ ବଳ ଓ କବିତାରେ ଅଛନ୍ତି ନୀଳାଦ୍ରିଭୂଷଣ ହରିଚନ୍ଦନ, ହୃଷୀକେଶ ମଲ୍ଲିକ, ଗଜାନନ ମିଶ୍ର, ଗୌତମ ଜେନା, ରତ୍ନାକର ରାଉତ, ଅଜୟ ପ୍ରଧାନ, ଅଶ୍ୱିନୀ କୁମାର ମିଶ୍ର, ସୂର୍ଯ୍ୟ ମିଶ୍ର ଓ ବାସୁଦେବ ସୁନାନୀ ପ୍ରମୁଖ। ଗଳ୍ପରେ ଦେବେନ୍ଦ୍ରନାଥ ମାନସିଂହ, ରମେଶ ଚନ୍ଦ୍ର ବିଶ୍ୱାଳ, ପରେଶ କୁମାର ପଟ୍ଟନାୟକ, କିଶୋର ଆକାଶ୍ ଓ ଦିଲ୍ଲୀପ ଶ୍ରୀଚନ୍ଦନ ପ୍ରମୁଖ।

## ସୌରଭ



**ସମ୍ପାଦକ:** ଇଂ. ସରୋଜ କୁମାର ମହାପାତ୍ର
ସାଇଜ୍: ଡବଲ ଡିମାଇ, ପୃ: ୨୮୬, ମୂଲ୍ୟ: ଟ. ୫୪/-

'କରୋନାରେ ଲେଖକମାନେ ମାଲାମାଲ' ଶୀର୍ଷକରେ ସମ୍ପାଦକୀୟ, ଯେଉଁଥିରେ ସମ୍ପାଦକ କରୋନାକାଳରେ ମୃତ୍ୟୁବରଣ କରିଥିବା ଲେଖକମାନଙ୍କୁ ମନେ ପକାଇଛନ୍ତି। ପତ୍ରିକାର ଅନ୍ୟତମ ସମ୍ପାଦକ ସୁଶାନ୍ତ ଦାଶ ଏହି ସମ୍ପାଦକୀୟଟି ଲେଖିଛନ୍ତି। କବିତା, ଗଳ୍ପ, ପ୍ରବନ୍ଧ, ଗୀତି କବିତା, ପୁସ୍ତକ ସମୀକ୍ଷା ଓ ଏକାଙ୍କିକା ଆଦି ବିଭାଗରେ ବହୁ ଖ୍ୟାତନାମା ଓ ନବୀନ ଲେଖିକା ଲେଖକଙ୍କ ଲେଖା ସ୍ଥାନିତ ହୋଇଛି।

# ମୋ' ବୋଉର ଗପ ପଢ଼ା ମୋତେ ଲେଖିକା କରିଛି

**ସୃଜନ-ସ୍ମୃତି**



ଶୈବାଳିନୀ ସାହୁ

**ଉଭୟ କବିତା ଓ ଗଳ୍ପ କ୍ଷେତ୍ରରେ ତିନି ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଲେଖାଲେଖି ଜାରି ରଖିଥିବା କବି ତଥା ଗାଳ୍ପିକା ଶୈବାଳିନୀ ସାହୁ ଓଡ଼ିଆ ପାଠକଙ୍କ ଠାରେ ଏକ ପରିଚିତ ନାମ। ତାଙ୍କ କବିତା ଓ ଗଳ୍ପରେ ସାମାଜିକ ପ୍ରତିବଦ୍ଧତାର ସ୍ୱର ଯେତିକି ବଳିଷ୍ଠ, ଭାରତୀୟ ପରମ୍ପରାର ଅନୁଶୀଳନ ଓ ଉଚ୍ଚାରଣ ସେତିକି ଉତ୍ତୀର୍ଣ୍ଣ ଓ ରୁଚିମନ୍ତ। ବିଶେଷକରି ପାରିବାରିକ ଜୀବନରେ ନାରୀର ଭୂମିକା ଓ ଆଦର୍ଶକୁ ନେଇ ତାଙ୍କର ଲେଖନୀ ଅଧିକ ଋଦ୍ଧିମନ୍ତ। ଲେଖିକାଙ୍କର ତିନୋଟି କବିତା ସଙ୍କଳନ ଯଥା (କ) ଶୈବାଳିନୀ (ଖ) ଇତି ତୁମର ଶୈବାଳିନୀ (ଗ) ଶବ୍ଦରେ ଶବ୍ଦରେ ଶୈବାଳିନୀ ଏବଂ (ଘ) 'ମମତାର ଧାରେ' ଶୀର୍ଷକ ଗୋଟିଏ ଗଳ୍ପ ସଂକଳନ ପ୍ରକାଶ ପାଇ ପାଠକ ମହଲରେ ବିଶେଷ ଭାବେ ଆଦୃତ ହୋଇଛି।**

ବାପା ଆମକୁ ପିଲାଦିନେ ଶିଖାଉଥିଲେ ଭାବପ୍ରବଣତା ଅପେକ୍ଷା ନୀତି, ଆଦର୍ଶ ଓ ମୂଲ୍ୟବୋଧର କଥାକୁ ସାହିତ୍ୟରେ ଅଧିକ ପ୍ରକାଶ କରିବାକୁ। ଜଣେ ଆଦର୍ଶ ଶିକ୍ଷକଙ୍କର ବହୁକୁଟୁମ୍ବୀ ତଥା ଯୌଥ ପରିବାରର ବଡ଼ଝିଅ ଭାବରେ ମୋର ସାନଭାଇ ଓ ଭଉଣୀମାନଙ୍କର ସ୍ନେହଭରା ଅଳି ଅର୍ଦ୍ଦଳି ସବୁ ମୋର ଗୋଟିଏ ଗୋଟିଏ କବିତା ଓ ଗଳ୍ପରେ ପରିଣତ ହେଉଥିଲା ସ୍କୁଲ୍ ଜୀବନରେ।

ମୋର ପିଲାଦିନୁ ଥିଲା ଜଗନ୍ନାଥଙ୍କ ଚକାଆଖିରେ ଲୟ। ଅପରିପକ୍ୱ ବାଳୁତ ଚେତନାରେ ବି ଚକାଚକା ଆଖିର ଚକିତ ନେତ୍ରରେ ମୁଁ ପଢୁଥିଲି ବିଶ୍ୱ ସର୍ଜନାର ଅଦ୍ଭୁତ କାରିଗରୀ। ସଢ଼େଇ ଖେଳ ଓ ଗୋଡ଼ି ଖେଳ ଭିତରେ ଖୁସିକୁ ସାଉଁଟୁ ସାଉଁଟୁ ବାଳୁତ ମନରେ ଅନୁଭବ କରିପାରୁଥିଲି ଉତୁରା ଭାତ ହାଣ୍ଡିରୁ ବୋହିଯାଉଥିବା ପେଜ ଭଳି ଆମ ଦୁଃଖୀ ପରିବାର ଭିତରେ ଭରପୂର ଆତ୍ମୀୟତା। ସବୁଭିତରେ ମୋର ଆକର୍ଷଣର କେନ୍ଦ୍ରବିନ୍ଦୁ ମୋ' ବୋଉ। ଖରାଦିନିଆ ସାରା ଦ୍ୱିପହର ବୋଉ ଆଉ ସାନବୋଉ ଖଞ୍ଜାଏ ଘରର କାମସାରି, ଗାଈ ବଳଦମାନଙ୍କର ସେବାଯତ୍ନ କରି ପୁଣି ସଂଜବତୀ ଜାଳି ଲାଗିଯାଆନ୍ତି ନିଜ ଦାୟିତ୍ୱ ସମ୍ପାଦନ କରିବାରେ। ସାନବୋଉଙ୍କ ମାଟି ହାଣ୍ଡିରେ କୋଳଥ ଡାଲିର ଘୋରା ବାସ୍ନାରେ ଆମୋଦିତ ମନ ଘେରାଏ ଘୂରିଆସେ ହାଣ୍ଡିଶାଳରୁ। ଆମେ ସାତ ଭାଇ ଭଉଣୀ ମଝିରେ ଲଣ୍ଠନ ରଖି ଆଣ୍ଠେଇ ପେଟେଇ ପଢୁଥାଉ ମଝିଦୁଆରେ। ହେଲେ ବୋଉ ପଢ଼ାଉଥାଏ ଆମକୁ। ବାପା ପଢାନ୍ତିନି ବୋଲି ବୋଉ ଖୁବ୍ ରାଗିଯାଉଥାଏ। କୁହେ, ମାଷ୍ଟର ଚାକିରି କରି ନିଜ ପିଲାମାନଙ୍କୁ ପଢ଼ାଉନ, ଆଉ ସେମାନେ ମଣିଷ ହେବେ କେମିତି! ବାପା ହସିଦେଇ ବାହାରି ଯାଆନ୍ତି ଘରୁ।

ବୋଉ ଆମମାନଙ୍କୁ ପଠାପଢ଼ା ଦେଇ ଅନତିଦୂରରେ ଡିବିରି ଆଲୁଅରେ ଗପ ନିମଗ୍ନ ହୋଇ ଓଲଟାଇ ଚାଲେ ବିଭିନ୍ନ ଗପବହିର ପୃଷ୍ଠା। ନିଜ ପଢ଼ାଠୁଁ ବୋଉର ଏକନିଷ୍ଠ ବହି ପଠନରେ ମୋର ଦୃଷ୍ଟି ଥାଏ ବେଶି। ବୋଉ କିଛି କାମ ଆଳରେ ଉଠିଗଲେ ମୁଁ ମୋ' ବହିର ପଢ଼ା ଗପ ପୃଷ୍ଠା ଓଲଟାଇ ପକାଇ ଆଖି ଘୂରାଇ ନିଏ। ବୁଝି ନ ପାରିଲେ ବି କିଛି ଦୁଃଖଦ କାହାଣୀ ମୋ' ହୃଦୟକୁ ଲହୁଲୁହାଣ କରିଦିଏ। ମୁଣ୍ଡରେ ଚରିତ୍ରଗୁଡ଼ିକ ଚକାମାଡ଼ି ବସିପଡ଼ନ୍ତି କିଛି ସମୟ। ତେଣୁ ପିଲାଦିନୁ ଇଚ୍ଛାଶକ୍ତି ବୃଦ୍ଧିହୁଏ ପଢ଼ିବାରେ। ସ୍କୁଲରେ ଭଲ ପଢୁଥିଲେ ବି ଅବସର ସମୟରେ ଗପବହି ଲୁଚେଇ ପଢ଼ିବାର ଲାଳସା ବଳବତ୍ତର ହୋଇଉଠେ ସମୁଦ୍ରର ଅସ୍ଥିର ଊର୍ମିମାଳା ଭଳି। ଯାହାଫଳରେ ବାପାଙ୍କ କାନମୋଡ଼ା ସହିତ 'ପଢ଼ିବା ସହ କିଛି କିଛି ଲେଖିବା ଶିଖ' କଥାପଦକ ମୋ' ଲେଖାର ମୂଳମନ୍ତ୍ର ଭଳି ଆଗେଇନିଏ ବଣ, ପାହାଡ଼, ପର୍ବତ, ଝରଣା ଡେଇଁ ପକ୍ଷୀର ଉଡ଼ନ୍ତା ଡେଣାର ଫଡ଼ଫଡ଼ ଶବ୍ଦ ପର୍ଯ୍ୟନ୍ତ।

ମନେମନେ ନିଜ ନିକିତିରେ ନିଜେ ତଉଲି ବସେ ମନର ଢଙ୍ଗାରେ। ଭାବିବସେ ମୁଁ ଯଦି ଗପରେ ମାଛ ଭଳି ପହଁରି ପାରନ୍ତି, କିଛି ଲେଖିପାରନ୍ତି, ତେବେ ମୋ' ବୋଉ ମୋ' ହାତଲେଖା ଗପକୁ ସେମିତି ଏକନିଷ୍ଠ ହୋଇ ପଢ଼ନ୍ତା। ଆଉ ମୁଁ ଖୁସିରେ ଆତ୍ମହରା ହୁଅନ୍ତି। ଲୁଚେଇ ଲୁଚେଇ ଅନେକ ଲେଖିଛି, ମନକୁ ନ ପାଇଲେ ପୁଣି ଚିରି ଫୋପାଡ଼ିଛି। ନବମ ଶ୍ରେଣୀରେ ପଢୁଥିବା ବେଳେ ଆୟୋଜିତ ରାଜ୍ୟସ୍ତରୀୟ ଗଳ୍ପ ଲିଖନ ପ୍ରତିଯୋଗିତାରେ 'ଅତୃପ୍ତ ଆତ୍ମା' ଶୀର୍ଷକ ମୋର ଗଳ୍ପ ୫ଟି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରି ସାଙ୍ଗସାଥୀ ଓ ଶିକ୍ଷକ ମହଲରେ, ମୋ' ପାଇଁ ପ୍ରଶଂସା ଆଣି ଦେଇଥିଲା। ଯୁକ୍ତ ଦୁଇ କଳା ପଢୁଥିଲା ବେଳେ କଲେଜ ସ୍ମରଣିକାରେ ପ୍ରକାଶ ପାଇଥିଲା ମୋର ପ୍ରଥମ କବିତା 'ଶୈଶବ'। ଉଭୟ ଗଳ୍ପ ଓ କବିତାକୁ ସମଗୁରୁତ୍ୱ ଦେଇ ଲେଖାଲେଖି ଜାରି ରଖୁଥିଲେ ମଧ୍ୟ ଗଳ୍ପ ହିଁ ମୋର ଆଦ୍ୟ ସୃଜନୀର ପ୍ରଥମ ଓଁକାର। ଆଜି ମଧ୍ୟ ମୋତେ ବେଶୀ ପରିତୃପ୍ତି ମିଳେ ଗପ ଲେଖିବାରେ।

ମୋ: ୮୪୮୨୮୭୯୦୦୬

## ସଂକ୍ଷେପରେ

### ହାଇକୋର୍ଟରେ ହାଜର ହେଲେ ଡିଜିପି

#### ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲା

କଟକ ଅଫିସ,୧୮।୧୧: ଭୁବନେଶ୍ୱର ନାବାଳିକା ଗଣବଳାତ୍କାର ମାମଲାରେ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଡିଜିପି ଅଭୟ ହାଇକୋର୍ଟରେ ହାଜର ହୋଇଛନ୍ତି। ଏଥିସହ ସେ ସତ୍ୟପାଠ ଦାଖଲ କରିଛନ୍ତି। ଏକ ଜଉମୁଦ ଲଫାପାରେ ତଦନ୍ତର ଷ୍ଟାଟସ ରିପୋର୍ଟ ଦାଖଲ କରାଯାଇଛି। ଏହି ମାମଲାର ତଦନ୍ତରେ ବିଳମ୍ବ ଲାଗି ପୁନର୍ବାର ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୬କୁ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଯେ, ଅଗଷ୍ଟ ୩୦ରେ ଜଣେ ମହିଳା ତାଙ୍କ ନାବାଳିକା ଝିଅକୁ ଗଣବଳାତ୍କାର କରାଯାଇଥିବା ନେଇ ଭୁବନେଶ୍ୱର ମହିଳା ଥାନାରେ ଏତଲା ଦେଇଥିଲେ। ପ୍ରଥମେ ମହିଳା ଥାନା ପୋଲିସ ଏହି ମାମଲାର ତଦନ୍ତ କରୁଥିଲା। ଅକ୍ଟୋବର ୬ରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଦାୟିତ୍ୱ ନେଇଥିଲା। ତେବେ ତଦନ୍ତରେ ଅଗ୍ରଗତି ନ ହେବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗତ ୯ ତାରିଖରେ କ୍ରାଇମବ୍ରାଞ୍ଚ ତରଫରୁ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଏହାସତ୍ତ୍ୱେ ହାଇକୋର୍ଟ ସନ୍ତୁଷ୍ଟ ନ ହୋଇ ବ୍ୟକ୍ତିଗତ ଭାବେ ହାଜର ହେବା ଲାଗି ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ପ୍ରଶାସନ-ଆନ୍ଦୋଳନକାରୀ ମୁହାଁମୁହିଁ

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**

- ପ୍ରକଳ୍ପକୁ ବିରୋଧ କରି ଗାଡ଼ି ଆଗରେ ଶୋଇଲେ ଆନ୍ଦୋଳନକାରୀ
- ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରି ଫେରିଲା ପ୍ରଶାସନ

କେନ୍ଦ୍ରାପଡ଼ା ଅଫିସ/ରାଜକନିକା, ୧୮।୧୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ ରାଜ୍ୟ ସରକାର ନିର୍ମାଣ କରିବାକୁ ଯାଉଛନ୍ତି। ଏହି ପ୍ରକଳ୍ପରୁ ଭଦ୍ରକ ଜିଲାକୁ ପାଣି ଯୋଗାଣ ହେବ। ଖରସ୍ରୋତାରୁ ଭଦ୍ରକକୁ ପାଣି ଯୋଗାଣ ହେଲେ କେନ୍ଦ୍ରାପଡ଼ାର କୃଷି ଓ ଭିତରକନିକା ଅଭୟାରଣ୍ୟ ଜୈବ ବିବିଧତା ନଷ୍ଟ ହେବ ବୋଲି ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ତୀବ୍ର ବିରୋଧ ଜାରି ରହିଛି। ବୁଧବାର ପୂର୍ବାହ୍ନରେ ପ୍ରକଳ୍ପ ସ୍ଥଳରେ କାମ ଆରମ୍ଭ କରିବା ଲାଗି ଏଡିଏମ୍, ପୋଲିସ ଫୋର୍ସ, ଠିକା ସଂସ୍ଥାର ଶ୍ରମିକମାନଙ୍କୁ ନେଇ ଯାଇଥିଲେ। ହେଲେ ଅଞ୍ଚଳବାସୀ ସେମାନଙ୍କୁ ବିରୋଧ କରିବା ସହ ପ୍ରକଳ୍ପ ନିର୍ମାଣ ସ୍ଥଳକୁ ଛାଡି ନ ଥିଲେ। ପ୍ରଶାସନିକ ଅଧିକାରୀମାନେ ଯାଇଥିବା ଗାଡି ଆଗରେ ଶତାଧିକ ଆନ୍ଦୋଳନକାରୀ ଶୋଇ ରହିଥିଲେ। ଭଦ୍ରକକୁ ଏଠାରୁ ଟୋପାଏ ପାଣି ଦବୁନି ବୋଲି କହି ଅଡି ବସିଥିଲେ। ଫଳରେ ପ୍ରଶାସନ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଏଡିଏମ୍ ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ ହେଁ ବିଫଳ ହେବାରୁ ପୋଲିସ ଫୋର୍ସ ସହ ଫେରି ଆସିଛନ୍ତି।

ସଂଗ୍ରାମ ସମିତି ପକ୍ଷରୁ ଭଦ୍ରକକୁ ପାଣି ଦେବା ବିରୋଧରେ ଆନ୍ଦୋଳନ ଜାରି ରହିଛି। ଖରସ୍ରୋତା ନଦୀରୁ ମଧୁର ପାଣି ଉଠାଇ ଭଦ୍ରକ ଜିଲାର ୯୧ ପଞ୍ଚାୟତ ଓ ୩ ମ୍ୟୁନିସିପାଲିଟିକୁ ପାଇପ୍ ଯୋଗେ ଯୋଗା ଯିବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମେଗା ପାନୀୟ ଜଳ ପ୍ରକଳ୍ପ ଖରସ୍ରୋତା ନଦୀର ବରୁଣାଡିହାରେ ଆରମ୍ଭ ହେବ। ୯୮୨ କୋଟି ଟଙ୍କାର ଏହି ପ୍ରକଳ୍ପକୁ ସ୍ଥାନୀୟ ଆଳି ଓ ରାଜକନିକା ବ୍ଲକବାସୀ ଚଳିତବର୍ଷ ଫେବୃୟାରୀରୁ ବିରୋଧ କରୁଛନ୍ତି। ଭଦ୍ରକକୁ ପାଣି ନ ଦେବା ଲାଗି ଆନ୍ଦୋଳନକାରୀଙ୍କ ପକ୍ଷରୁ ୨ କି.ମି. ମାନବଶୃଙ୍ଖଳ ହୋଇଯାଇଛି। ଆସନ୍ତା ୨୨ ତାରିଖରେ ଜନସମାବେଶ ହେବ ବୋଲି ପ୍ରଚାର ଜାରି ରହିଛି। ହେଲେ ଏଡିଏମ୍ ବସନ୍ତ କୁମାର ରାଉତ ପୂର୍ବାହ୍ନରେ କାମ ଆରମ୍ଭ କରିବାକୁ ଭାରିଗଦାରେ ପହଞ୍ଚି ଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କାରେ ସ୍ଥାନୀୟ ଏସ୍‌ଡିପିଓ ରଞ୍ଜନ କୁମାର ଦେ ଓ ପୋଲିସ ଫୋର୍ସ ସହ ପ୍ରକଳ୍ପ ନିର୍ମାଣ କାମ ଲାଗି ଠିକା ସଂସ୍ଥାର ଶ୍ରମିକମାନେ ଯାଇଥିଲେ। ତେବେ ଏଡିଏମ୍ ରାଉତ ପ୍ରକଳ୍ପ ସ୍ଥଳରେ ପହଞ୍ଚିବା ପୂର୍ବରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷରେ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନକାରୀ ଘଟଣାସ୍ଥଳରେ ବସି ରହିଛନ୍ତି। ଆନ୍ଦୋଳନର ନେତୃତ୍ୱ ଦୁର୍ଯ୍ୟୋଧନ ମହାନ୍ତି, କାଳିପ୍ରସାଦ ନାୟକ, ମୁରଲୀଧର ବେହେରା, ରଞ୍ଜିତ କୁମାର ମଲ୍ଲିକ, ରବୀନ୍ଦ୍ର ସ୍ୱାଇଁ, ପ୍ରେମଚନ୍ଦ୍ର ପାତ୍ର ପ୍ରମୁଖ ନେଇଥିଲେ। ଏହି ପାଣି ବିବାଦ ସମ୍ପର୍କରେ ଖରସ୍ରୋତା ବଞ୍ଚାଅ ସଂଗ୍ରାମ ସମିତି ସମ୍ପାଦକ ବିଧାନ ଦାସ କହିଛନ୍ତି, ମୌସୁମୀ ସମୟରେ ଖରସ୍ରୋତା ନଦୀ ଜଳ ସ୍ଥାନୀୟ ଅଞ୍ଚଳରେ ବିପର୍ଯ୍ୟୟ ସୃଷ୍ଟି କରୁଥିବା ବେଳେ ଅଣମୌସୁମୀ ସମୟରେ ଜଳାଭାବ ଦେଖାଯାଉଛି। ଏପରି କି ଚଳିତମାସ ଆରମ୍ଭରୁ ଏହାର ସ୍ରୋତ କମି ଯାଇ ବିଭିନ୍ନ ସ୍ଥାନରେ ସରୁ ଧାରରେ ପରିଣତ ହୋଇଛି। ଏହି ନଦୀରୁ ଜଳ ଉଠା ଯାଇ ସ୍ଥାନୀୟ ଅଞ୍ଚଳରେ କୃଷି କାର୍ଯ୍ୟ ହେଉଛି। ଭଦ୍ରକ ଜିଲାକୁ ପ୍ରତି ସେକେଣ୍ଡରେ ୩.୭୬ ଘନ ମିଟର ପାଣି ଉତ୍ତୋଳିତ ହେଲେ ସ୍ଥାନୀୟ ଅଞ୍ଚଳ ବିପର୍ଯ୍ୟସ୍ତ ହେବ। ଆସନ୍ତା ୨୨ରେ ଜନସମାବେଶକୁ ଭଣ୍ଡୁର ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ସେ କହିଛନ୍ତି। ଏ ସଂକ୍ରାନ୍ତରେ ଏଡିଏମ୍ ରାଉତଙ୍କୁ ପଚାରିବାରେ ନଦୀରୁ ସୀମିତ ଜଳ ପାନୀୟ ଜଳ ଭାବେ ବ୍ୟବହାର ହେବ। ସ୍ଥାନୀୟ ଅଧିବାସୀଙ୍କ ମନରେ କିଛି ଆଶଙ୍କା ଅଛି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ସହ ଅଧିକ ଆଲୋଚନା କରାଯାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି।


ସ୍ଥାନୀୟ ଅଞ୍ଚଳବାସୀ ପ୍ରଶାସନିକ ଅଧିକାରୀଙ୍କ ଗାଡିକୁ ଛାଡୁ ନାହାନ୍ତି।

## ଅଭିଯୁକ୍ତଙ୍କୁ ଛଡ଼ାଇ ନେଲେ ମହିଳା

ଜଳେଶ୍ୱର,୧୮।୧୧(ସ୍ୱ.ପ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ୍ ବୁଧବାର ବିଭିନ୍ନ ଅପରାଧରେ ଜଡ଼ିତ ଜଣେ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ସ୍ଥାନୀୟ ମହିଳାମାନେ ପୋଲିସଠାରୁ ତାଙ୍କୁ ଛଡ଼ାଇ ନେଇଥିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଅପରାହ୍ନରେ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଓ ଆଇଆଇସି ମାନସ କୁମାର ଦେଓଙ୍କ ନିର୍ଦ୍ଦେଶରେ ଏସ୍‌ଆଇ ଦିଲ୍ଲୀପ କୁମାର ସାମଲ ଓ ଏଏସ୍‌ଆଇ ସତ୍ୟନାରାୟଣ ବଳଙ୍କ ନେତୃତ୍ୱରେ ଏକ ଟିମ୍ ଝାଡେଶ୍ୱରପୁର ଗାଁର ଏକ ନିର୍ଦ୍ଦିଷ୍ଟ ଘର ଉପରେ ଚଢ଼ାଉ କରିଥିଲେ। ବିଭିନ୍ନ ମାମଲାରେ ଜଡିତ ଥିବା ଜଣେ ଯୁବକଙ୍କୁ ପୋଲିସ ସେଠାରୁ ଧରିଥିଲା। ଅଭିଯୁକ୍ତଙ୍କୁ ଭ୍ୟାନରେ ବସାଇ ପୋଲିସ ଥାନାକୁ ଆଣୁଥିବା ବେଳେ ହଠାତ୍ ଘଟଣାସ୍ଥଳରେ ୩୦ରୁ ଅଧିକ ମହିଳା ପହଞ୍ଚି ଅଭିଯୁକ୍ତଙ୍କୁ ପୋଲିସଠାରୁ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀଙ୍କୁ ପଚାରିବାରୁ ଅଳ୍ପ ସଂଖ୍ୟକ ପୋଲିସ୍ ଯାଇଥିବାରୁ ମହିଳାମାନେ ଅଭିଯୁକ୍ତଙ୍କୁ ଛଡ଼ାଇ ନେଇଯିବାରେ ସକ୍ଷମ ହୋଇଥିଲେ। ପୁଣି ଥରେ ଚଢ଼ାଉ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ଦର ବୃଦ୍ଧି ନେଇ ଯୁବ କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସରକାରୀ ବାସଭବନକୁ ଯୁବ କଂଗ୍ରେସ ପକ୍ଷରୁ ଘେରାଉ କରାଯାଇଛି। ଅନ୍ୟପଟେ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଏହା ବିରୋଧରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରାଯାଇଛି। ହେଲେ ସରକାର ପୋଲିସକୁ ଲଗାଇ ଯୁବ କଂଗ୍ରେସ କର୍ମୀଙ୍କୁ ଉଠାଇ ନେବା ସହ ଗିରଫ କରିଥିବା ଅଭିଯୋଗ ହୋଇଛି।

ଏହି ଅବସରରେ ସ୍ମୃତି ରଞ୍ଜନ କହିଛନ୍ତି, କରୋନା ସମୟରେ ଜୀବନ ଜୀବିକା ପାଇଁ ଲଢ଼େଇ କରୁଥିବା ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ ଦର ବୃଦ୍ଧି ଏକ ଶକ୍ତ ଆଘାତ ଆଣିଦେଇଛି। ଗଣିତର ଗୋଲକ ଧନ୍ଦାରେ ଟାଟା କମ୍ପାନୀର ସ୍ୱାର୍ଥରେ ସ୍ପଷ୍ଟ ଦିବାଲୋକରେ କୋଭିଡ୍ ନାମରେ ସାଧାରଣ ଗରିବ ଲୋକଙ୍କ ସ୍ୱାର୍ଥକୁ ନ ଦେଖି ସରକାର ଟିପିସିଓଡିଏଲ୍ ସହ ମିଶି ଲୁଟ୍ ଜାରି ରଖିଛନ୍ତି। ପ୍ରଥମେ ବିଜୁଳି ଦର ୨୦ ପଇସା ବୃଦ୍ଧି ହେଲା, ଏହାପରେ ୟୁନିଟ୍ ପିଛା ୨୦ ପଇସା ବୃଦ୍ଧି କରି ୧୫୦ ୟୁନିଟ୍ ପର୍ଯ୍ୟନ୍ତ ଟ.୨.୭୦ ବର୍ଦ୍ଧିତ କଲେ। ପରେ ସେହି ସ୍ଲାବ୍‌କୁ କମାଇ ୧୫୦ ୟୁନିଟ୍ ପରିବର୍ତ୍ତେ ପ୍ରଥମ ୫୦ ୟୁନିଟ୍‌କୁ ଟ. ୨.୭୦ ହିସାବରେ ଉପଭୋକ୍ତାଙ୍କଠାରୁ ଲୁଟିଲେ। ଯାହା ସାଧାରଣ ଜନତାଙ୍କୁ ବ୍ୟଥିତ କରିଛି। ଯେଉଁ ସମୟରେ ବିଦ୍ୟୁତ ବ୍ୟବହାରର ୨୨ ଭାଗ ଜଳ ବିଦ୍ୟୁତରୁ ଏବଂ ୧୦ ଭାଗ ସୌରଶକ୍ତିରୁ ଦ୍ୱରାନ୍ୱିତ ହେଉଛି ସମସ୍ତ ଆବଶ୍ୟକ ବିଦ୍ୟୁତ କ୍ରୟକୁ ମିଶାଇଲେ ୟୁନିଟ୍ ପିଛା କ୍ରୟମୂଲ୍ୟ ସର୍ବମୋଟ ଟ. ୨.୮୦ ପଇସାରୁ ଉର୍ଦ୍ଧ୍ୱ ହେବନାହିଁ । ଉତ୍ପାଦନ ଖର୍ଚ୍ଚ ଏତେ କମ୍ ଥାଇ ବିକ୍ରି ଖର୍ଚ୍ଚ ବୃଦ୍ଧି କରିବା ନିଶ୍ଚିତ ନିନ୍ଦନୀୟ। ରାଜ୍ୟର କେତେଗୁଡିଏ ବଡ଼ କମ୍ପାନୀ ଉପରେ ପାଖାପାଖି ୬ ହଜାର କୋଟି ଟଙ୍କା ବକେୟା ଥିବାବେଳେ ରାଜ୍ୟ ସରକାରଙ୍କ ଉପରେ ବାକିଥିବା ୨.୫ ହଜାର କୋଟି ଟଙ୍କା ମଧ୍ୟ ଆଦାୟ ହୋଇନାହିଁ। ତେଣୁ ଏହିଭଳି ସ୍ଥଳେ ଘରୋଇ କମ୍ପାନୀମାନଙ୍କ ସ୍ୱାର୍ଥରେ ରାଜ୍ୟବାସୀଙ୍କ ଉପରେ ବିଦ୍ୟୁତ ଦର ବୃଦ୍ଧିକୁ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ଦୃଢ଼ ବିରୋଧ କରୁଛି। ଯଦି ବିଜୁଳି ଦର ହ୍ରାସ ନ ହୁଏ ତେବେ ଯୁବ କଂଗ୍ରେସ ଆନ୍ଦୋଳନକୁ ତୀବ୍ରତର କରିବା ସହ ଜନସାଧାରଣଙ୍କ ହିତ ଉଦ୍ଦେଶ୍ୟରେ ଆଇନ୍‌କୁ ହାତକୁ ନେବାକୁ ମଧ୍ୟ ପଛଘୁଞ୍ଚା ଦେବନାହିଁ ବୋଲି ସ୍ମୃତି କହିଛନ୍ତି।



ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସରକାରୀ ବାସଭବନକୁ ଯୁବ କଂଗ୍ରେସ ପକ୍ଷରୁ ଘେରାଉ କରାଯାଇଛି।

## ୬ ନୂଆ ଥାନା ପାଇଁ ୧୨ ପଦବୀକୁ ଅନୁମୋଦନ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ରାଜ୍ୟ ସରକାର ରାଜ୍ୟରେ ୬ଟି ନୂତନ ଥାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। ସେହି ଥାନାଗୁଡ଼ିକ ପାଇଁ ୧୨ଟି (୬ଟି ଇନ୍ସପେକ୍ଟର ଏବଂ ୬ଟି ହାବିଲଦାର) ପଦବୀ ସୃଷ୍ଟି କରାଯାଇଛି। ତେବେ ଏହି ପଦବୀଗୁଡ଼ିକ ସ୍ପେଶାଲ ଅପରେଶନ ଗ୍ରୁପ୍ (ଏସ୍‌ଓଜି) ସଂଗଠନରୁ ଉଚ୍ଛେଦ କରାଯାଇଥିବା ୧୨ଟି ପଦବୀ ବଦଳରେ ପୂରଣ ହୋଇଛି। ଏ ନେଇ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ଆକାଉଣ୍ଟାଣ୍ଟ ଜେନେରାଲ (ଏଆଣ୍ଡଇ) ଏବଂ ଆକାଉଣ୍ଟାଣ୍ଟ ଜେନେରାଲ (ଅଡିଟ୍)କୁ ଚିଠି ଲେଖି ଜଣାଇ ଦିଆଯାଇଛି। ଉକ୍ତ ପଦବୀଗୁଡିକ ଆବଶ୍ୟକ ନିୟମ ଏବଂ ଓଆର୍‌ଭି ଆକ୍ଟ ଅନୁଯାୟୀ ପୂରଣ କରାଯାଇଥିବା ବିଭାଗ ପକ୍ଷରୁ ଏଜିଙ୍କୁ ସୂଚନା ଦିଆଯାଇଛି।

ଏଠାରେ ସୂଚନା ଯୋଗ୍ୟ ଯେ, ରାଜ୍ୟର ୨୧ଟି ପୋଲିସ ଥାନା ଅଧୀନରେ ଥିବା ୨୨୦ ଥାନା ଓ ୬ଟି ଆଉଟପୋଷ୍ଟ ପାଇଁ ୯୦୫ ପଦବୀ ସୃଷ୍ଟି କରାଯାଇଥିବା ନେଇ ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ୨୦୨୦ ଅଗଷ୍ଟ ୧୩ ତାରିଖରେ ଏଜିଙ୍କୁ ଜଣାଇଦିଆଯାଇଥିଲା। ଏସ୍‌ଓଜିରୁ ମୋଟ ୯୦୫ ପଦବୀ ଉଚ୍ଛେଦ କରାଯାଇ ତାହା ବଦଳରେ ସମାନ ପରିମାଣ ପଦବୀ ସୃଷ୍ଟି କରାଯାଇଛି।

# ୭ ଦିନ ମଧ୍ୟରେ ସମସ୍ତ ପ୍ରାପ୍ୟ ପ୍ରଦାନ ଦାବି

**ବାଲେଶ୍ୱର ଆଲଏଜ ଖଣି କର୍ମଚାରୀଙ୍କ ବକେୟା ଦରମା ନେଇ ବିଧାୟକଙ୍କ ବୈଠକ**


ବୈଠକରେ ବିଧାୟକ, କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ସଂଘ କର୍ମକର୍ତ୍ତା।

କାଳିଆପାଣି,୧୮।୧୧(ଡି.ଏନ.ଏ.)

କର୍ମଚାରୀଙ୍କ ବକେୟା ଦରମା ଓ ୯ ମାସର ଇପିଏଫ୍ ଦାବି ନେଇ କାଳିଆପାଣି ବାଲେଶ୍ୱର ଆଲ୍‌ଏଜ ଖଣିରେ ଏକ ମାସ ହେବ ଉତ୍ତୋଳନ ଓ ପରିବହନ ବନ୍ଦ ରହିଛି। ଏହାକୁ ନେଇ ବୁଧବାର ଖଣି ଅଞ୍ଚଳରେ ରହିଥିବା ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ପକ୍ଷରୁ ଏକ ସମାଧାନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇ କରୋନାକାଳରେ କର୍ମଚାରୀ ଓ ଶ୍ରମିକଙ୍କ ଦରମା, ଇପିଏଫ ଓ ଛୁଟି ଆଦି ବନ୍ଦ କରିବା ଦ୍ୱାରା ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକରି ହୋଇପଡ଼ିଛି। ତେଣୁ ତୁରନ୍ତ ସେମାନଙ୍କ ବକେୟା ଦରମା ୭ ଦିନ ମଧ୍ୟରେ ପ୍ରଦାନ କରିବାକୁ ବିଧାୟକ କମ୍ପାନୀ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଏଥିସହିତ କମ୍ପାନୀ ପକ୍ଷରୁ ଦିଆଯାଉଥିବା ପ୍ରତିଶ୍ରୁତି ପାଳନ କରାଯାଉ ବୋଲି କହିଥିଲେ। ବାଲେଶ୍ୱର ଆଲଏଜ କମ୍ପାନୀର ବରିଷ୍ଠ ନିର୍ଦ୍ଦେଶକ ଅଶୋକ ପଟ୍ଟନାୟକ, ପରିଚାଳକ ତାରେଣୀ ମହାନ୍ତି, ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣଚନ୍ଦ୍ର ଧୀର, ଉପଦେଷ୍ଟା ଭଗବତି ମହାନ୍ତ, ସହସମ୍ପାଦକ ଭରତ ମହାନ୍ତ, ଯୁବନେତା ପ୍ରଭାତ ପ୍ରଧାନ ଓ ଆଶିଷ ଜେନା ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ।

ପ୍ରକାଶଯୋଗ୍ୟ, କାଳିଆପାଣିସ୍ଥିତ ବାଲେଶ୍ୱର ଆଲଏଜ ଖଣିରେ ସ୍ଥାୟୀ, ଠିକାଦାର, ସପ୍ଲାଇ, ସଟିଙ୍ଗ୍ ଶ୍ରମିକ ଓ ଲୋଡିଂ ଶ୍ରମିକଭାବେ ୮୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ କାର୍ଯ୍ୟକରନ୍ତି। କମ୍ପାନୀ ଦରମା ଦେବାରେ ବିଳମ୍ବ କରୁଥିବାରୁ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ଉତ୍ପାଦନ ଓ ପରିବହନ ପ୍ରଭାବିତ ହୋଇଛି। ବୈଠକରେ ଯୋଗ ଦେଇଥିବା କମ୍ପାନୀ ନିର୍ଦ୍ଦେଶକ ପଟ୍ଟନାୟକ ପ୍ରତିଶ୍ରୁତି ଦେଇ କହିଛନ୍ତି, ତୁରନ୍ତ ବକେୟା ଦରମା ପ୍ରଦାନ କରିବାକୁ ଚେଷ୍ଟା କରିବୁ। କିନ୍ତୁ କର୍ମଚାରୀ ଓ ଶ୍ରମିକ କମ୍ପାନୀ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତିକୁ ପାଣିର ଗାର କହି ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଦିନ ହେବ ଖଣିରେ ଆନ୍ଦୋଳନ ହେବା ଯୋଗୁ ଗତ ୧୨ତାରିଖରେ କମ୍ପାନୀ କର୍ତ୍ତୃପକ୍ଷ କର୍ମଚାରୀଙ୍କୁ ୫ହଜାର ଟଙ୍କା ଲେଖାଏ ଅଗ୍ରିମ ଆକାରରେ ପ୍ରଦାନ କରିଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ଶିଶୁକନ୍ୟା ମୃତ

### ଗର୍ଭବତୀଙ୍କ ସମେତ ୩ ଗୁରୁତର

ପଦ୍ମପୁର,୧୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ନାନ୍ଦ୍ରା ଗାଁ ପାଦିଲି ଛକଠାରେ ବୁଧବାର ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଏକ ଶିଶୁକନ୍ୟାର ମୃତ୍ୟୁ ଘଟିଛି। ସେ ହେଲେ ନାନ୍ଦ୍ରା ଗ୍ରାମର ବିଜୁ ଲିମା(୨୩)ଙ୍କ ଝିଅ ସୋନାଲି(୨)। ସେହିପରି ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ସ୍ତ୍ରୀ ଏବଂ ଶିଶୁକନ୍ୟାଙ୍କୁ ନେଇ ବିଜୁ ବାଇକ୍ ଯୋଗେ ପଦ୍ମପୁର ବ୍ଲକ୍ ନୂଆଗଡ଼ରୁ ପଦ୍ମପୁର ଅଭିମୁଖେ ଯାଉଥିଲେ। ପାଦିଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ରାମି ମାଝି(୧୭)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏଥିରେ ସୋନାଲିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ବିଜୁ, ଗର୍ଭବତୀ ସ୍ତ୍ରୀ ସୁମତୀ ଏବଂ ଅପରପକ୍ଷରୁ ଆସୁଥିବା ବାଇକ୍ ଚାଳକ ରାମି ଗୁରୁତର ହୋଇଛନ୍ତି। ଗୁରୁତରମାନଙ୍କୁ ପ୍ରଥମେ ପଦ୍ମପୁର ଡାକ୍ତରଖାନା ଏବଂ ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ବିଲୁପ୍ତପ୍ରାୟ ପାରଳାର ଶିଙ୍ଗ ହସ୍ତଶିଳ୍ପ

ଗିରିଧାରି ପରିଚ୍ଛା
ପାରଳାଖେମୁଣ୍ଡି, ୧୮।୧୧(ଡି.ଏନ୍.ଏ.)

- ରାଜବଂଶୀୟଙ୍କ ପୃଷ୍ଠପୋଷକତାରେ ଆରମ୍ଭ ହୋଇଥିଲା
- କଞ୍ଚାମାଲ ଓ କମ୍ ପାରିଶ୍ରମିକ ଯୋଗୁ ମୁହଁ ଫେରାଉଛନ୍ତି କାରିଗର

ଗଜପତି ରାଜବଂଶଙ୍କ ଦ୍ୱାରା ଶାସିତ ପାରଳାଖେମୁଣ୍ଡି ଏକ ଐତିହାସିକ କ୍ଷେତ୍ର। କଳା, ସଂସ୍କୃତି ଓ ପରମ୍ପରାରେ ଋଦ୍ଧିମନ୍ତ ଏହି କ୍ଷେତ୍ର ରାଜା ଶାସନ ପରେ ଏବେ ଧୀରେ ଧୀରେ ସତ୍ତା ହରାଇବାକୁ ବସିଲାଣି। କର୍ପୂର ଉଡ଼ିଯାଇଥିବାବେଳେ ଏବେ କନା ପଡିଥିବା ଭଳି ମନେହୁଏ। ଏହାର ଏକ ଉଦାହରଣ ହେଉଛି ଏଠିକାର ‘ଶିଙ୍ଗ ହସ୍ତଶିଳ୍ପ’।

ରାଜରାଜୁଡା ଶାସନ ଅମଳରେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଶିଙ୍ଗ କାରିଗରିର ସ୍ୱତନ୍ତ୍ର ପରିଚୟ ଥିଲା। ମହାରଣାମାନେ ଏହି କୌଳିକ ବୃତ୍ତି ରାଜବଂଶଙ୍କ ପୃଷ୍ଠପୋଷକତାରେ ଆରମ୍ଭ କରିଥିଲେ। ଅଲୋଡା ଶିଙ୍ଗ ଶିଳ୍ପୀର ସ୍ପର୍ଶରେ ଜୀବନ୍ତ ହୋଇଉଠୁଥିଲା। ଏଥିରୁ ନିର୍ମିତ ସୁନ୍ଦର ଘରକରଣା ଓ ସୌନ୍ଦର୍ଯ୍ୟ ସାମଗ୍ରୀର ଦେଶବିଦେଶରେ ବେଶ୍ ଚାହିଦା ଥିଲା। ଏହାକୁ ବିକ୍ରିକରି ମହାରଣାମାନେ ପରିବାର ଚଳାଇବା ସହ ଦେଶବିଦେଶରେ ଓଡ଼ିଶାର କଳା ଓ ସୂକ୍ଷ୍ମ କାରୁକାର୍ଯ୍ୟକୁ ପହଞ୍ଚାଇ ପାରୁଥିଲେ। ଯାହାର ମୂକସାକ୍ଷୀ ଏବେ ପାରଳାଖେମୁଣ୍ଡି ରଜାଦାଣ୍ଡ ସାହି ଓ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଥିବା ବିଶ୍ୱକର୍ମା ଶିଙ୍ଗ ସମବାୟ ସମିତି। ଯେଉଁଠାରେ ଏବେମଧ୍ୟ ସୀମିତ ଶିଳ୍ପୀ ରହି ଏହି କଳା ବଞ୍ଚାଇବାକୁ ଜୀବନ ଓ ଜୀବିକା ସହ ସଂଗ୍ରାମ ଜାରି ରଖିଛନ୍ତି।


ଶିଙ୍ଗରୁ ତିଆରି ସାମଗ୍ରୀ

ପ୍ରଥମେ ମୃତ ପଶୁଙ୍କ ଶିଙ୍ଗ ସଂଗ୍ରହ କରି ଗରମ କରାଯାଉଥିଲା। ଏହା ନରମ ହେବାପରେ ବିଭିନ୍ନ ଦେବଦେବୀ, ପଶୁପକ୍ଷୀ, ପାନିଆଁ, ଆଶାବାଡି, ହୁଇସିଲ, ଚିଙ୍ଗୁଡି, ମାଛ, ଗଛ, ଦଳଦଳ ପଶୁପକ୍ଷୀ ପ୍ରସ୍ତୁତ କରିଥାନ୍ତି। କାଳକ୍ରମେ କଞ୍ଚାମାଲ ଅଭାବ ସାଙ୍ଗକୁ ଉଚିତ ପାରିଶ୍ରମିକ ନ ମିଳିବାରୁ କାରିଗରମାନେ ଏଥିପ୍ରତି ମୁହଁ ଫେରାଇଲେ। ଏବେ ସେମାନଙ୍କ ମଧ୍ୟରୁ କେତେଜଣ କାଠକାମ କରୁଥିବାବେଳେ ଆଉ କେତେଜଣ ଅନ୍ୟ ବୃତ୍ତି ଆପଣେଇଛନ୍ତି। ଏବେ ହାତଗଣତି କେତେକ ସ୍ୱାଭିମାନୀ କାରିଗର ଏହି କାମ କରୁଛନ୍ତି।

ଶିଙ୍ଗ କାରିଗର ଉମାଶଙ୍କର ମହାରଣା, ରମାକାନ୍ତ ମହାରଣା କୁହନ୍ତି, ପଶୁ ମରିଲେ ତା’ ଦେହରୁ ଶିଙ୍ଗ ବାହାରେ। ବର୍ତ୍ତମାନ ପଶୁସଂଖ୍ୟା କମିଗଲାଣି, ଏବେ ହାଇଦ୍ରାବାଦରୁ ଶିଙ୍ଗ ଆସିଲେ ହିଁ କାମ ହେଉଛି। କଞ୍ଚାମାଲ ଓ ଉପଯୁକ୍ତ ପାରିଶ୍ରମିକ ଅଭାବ ଯୋଗୁ କାରିଗର ମୁହଁ ଫେରାଉଛନ୍ତି। ୧୦ବର୍ଷ ପୂର୍ବେ ୧୫୦ କାରିଗର ଥିବାବେଳେ ବର୍ତ୍ତମାନ ୫/୬ଜଣ ଏହି କାର୍ଯ୍ୟ କରୁଛନ୍ତି।

ସେହିପରି ବିଶ୍ୱକର୍ମା ସମବାୟ ସମିତି ସେଲ୍‌ସ ମ୍ୟାନ ସୁଦର୍ଶନ ସାହୁ କହିଛନ୍ତି, ଯଦି ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବେ ତେବେ ଏହାର ପୁନରୁଦ୍ଧାର ହୋଇପାରିବ ଓ ଏହି କାରୁକାର୍ଯ୍ୟ ପୁଣି ତାର ଗୌରବ ଫେରିପାଇବ।

ଶିଙ୍ଗ ଶିଳ୍ପୀମାନଙ୍କୁ ଥଇଥାନ ପାଇଁ ୧୯୪୮ରେ ‘ବିଶ୍ୱକର୍ମା ଶିଙ୍ଗ ସମବାୟ ସମିତି’ ଆରମ୍ଭ ହୋଇଥିଲା। ଯାହା ଜିଲା ଶିଳ୍ପ କେନ୍ଦ୍ର ଦ୍ୱାରା ପରିଚାଳିତ ହେଉଛି। ତଥାପି ଏଠାରୁ ଏବେ କଟକ, ଭୁବନେଶ୍ୱର, ବ୍ରହ୍ମପୁର ସମେତ ବିଭିନ୍ନ ଜିଲାସ୍ତରୀୟ ଉତ୍ସବରେ ଶିଙ୍ଗ ହସ୍ତଶିଳ୍ପ ଯାଉଛି।

ଗଜପତି ଜିଲାପାଳ ଅନୁପମ ସାହା କହିଛନ୍ତି, ଶିଙ୍ଗ ହସ୍ତଶିଳ୍ପ ଓ କାରିଗରଙ୍କ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରାଯିବ।

# ନିର୍ଦ୍ଧାରିତ ସମୟରେ ୧୫ ପ୍ରକଳ୍ପ କାମ ସାରିବାକୁ ନିର୍ଦ୍ଦେଶ

## ସଡ଼କ ପ୍ରକଳ୍ପ ସମୀକ୍ଷା

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳବାସୀ ଏବଂ ଯାତ୍ରୀଙ୍କ ମତାମତ ନିଆଯାଇ ୧୫ଟି ରାସ୍ତା ନିର୍ମାଣ ପ୍ରକଳ୍ପ ଆରମ୍ଭ ହୋଇଛି। ସେଥିରୁ ପୂର୍ତ୍ତ ବିଭାଗ ଅଧୀନରେ ୬, ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଅଧୀନରେ ୭ ଏବଂ ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗ ଅଧୀନରେ ୨ ରାସ୍ତା ନିର୍ମାଣକୁ ଅଗ୍ରାଧିକାର ଦିଆଯାଇଛି। ଆର୍‌ଡି ଅଧୀନରେ ରୁଗୁଡ଼ିରୁ କାଲମଙ୍ଗା ୬ କି.ମି. ଏବଂ କାଲମଙ୍ଗାରୁ ଜରିବାହାଲ ୧୮ କି.ମି. ରାସ୍ତା ନିର୍ମାଣ ହେବ। ରୁଗୁଡ଼ି-କାଲମଙ୍ଗା ରାସ୍ତାରେ ୩୧ ମିଟର ଲମ୍ବ ଏବଂ ୩ ମିଟର ଚଉଡାର ଏକ ପୋଲ ନିର୍ମାଣ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଉଭୟ ରାସ୍ତା ୨୦୨୧ ଜୁଲାଇ ସୁଦ୍ଧା ଶେଷ କରିବାକୁ ଯୋଜନା ରହିଛି। ରାଜ୍ୟର ଅର୍ଥନୈତିକ ପ୍ରଗତି କ୍ଷେତ୍ରରେ ଉକ୍ତ ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ ପୂର୍ତ୍ତ ବିଭାଗ, ଏନ୍‌ଏଚ୍‌ଏଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକଳ୍ପଗୁଡିକର ଅଗ୍ରଗତି ସମ୍ପର୍କରେ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ। ୫-ଟି ଏବଂ ଇଜ୍ ଅଫ୍ ଡୁଇଙ୍ଗ ବିଜନେସକୁ ଗୁରୁତ୍ୱଦେଇ ଜନସାଧାରଣଙ୍କ ମତାମତ ଆଧାରରେ ଉକ୍ତ ରାସ୍ତା ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେଉଥିବା ସୂଚନା ଦିଆଯାଇଥିଲା। ସେହିପରିଏନ୍‌ଏଚ୍‌ଏଆଇ ରାସ୍ତା ପାରସୋରାରୁ ରାଜାମୁଣ୍ଡା ଏନ୍‌ଏଚ୍-୨୫୦, କେନ୍ଦୁଝରରୁ ତିଳେଇବଣି ଏନ୍‌ଏଚ୍-୫୯, କଟକରୁ ସମ୍ବଲପୁର ଏନ୍‌ଏଚ୍-୫୫, ବୀରମିତ୍ରପୁରରୁ ବାରକୋଟ ଭାୟା ରାଜମୁଣ୍ଡା ଏନ୍‌ଏଚ୍-୧୪୩, ରେମୁଳିରୁ ପାଣିକୋଇଲି ଏନ୍‌ଏଚ୍-୨୦, ଚଣ୍ଡିଖୋଲରୁ ତାଳଚେର ଏନ୍‌ଏଚ୍-୫୩, କଲ୍‌ଟା ମାଇନ୍ସରୁ ରକ୍ସି ରେଲ୍‌ୱେ ସାଇଡିଂ ଏନ୍‌ଏଚ୍-୨୦ ରାସ୍ତାକୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ପୂର୍ତ୍ତ ବିଭାଗ ରାସ୍ତା ନେଲଡାରୁ ବଡବିଲ ୫.୬ କି.ମି, ବଡବିଲରୁ ବଡସାହି ୮.୯ କି.ମି, ନୟାଗଡ଼ରୁ ଯାଜଙ୍ଗ ୧୮ କି.ମି, ଟେନ୍‌ସାରୁ ବାରସୁଆ ୧୫ କି.ମି ଏବଂ କରୋ ନଦୀର ପୋଲ ମରାମତି କାର୍ଯ୍ୟ ଚାଲିଛି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଇସ୍ପାତ ଓ ଖଣି ସଚିବ ସୁରେନ୍ଦ୍ର କୁମାର, ପୂର୍ତ୍ତ ସଚିବ କ୍ରିଷନ କୁମାର, ଇପିକଲ ଏମ୍‌ଡି ନୀତିନ ଭାନୁଦାସ ଜାୱଲେ, ଏନ୍‌ଏଚ୍‌ଏଆଇ ଆଞ୍ଚଳିକ ଅଧିକାରୀ ଆର.ପି. ପଣ୍ଡା ଯୋଗ ଦେଇଥିଲେ।

## ୬୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ

ଜଳେଶ୍ୱର,୧୮।୧୧(ସ୍ୱ.ପ୍ର): ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ପୋଲିସ ବୁଧବାର ଭୋର ସମୟରେ ୬୮ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛି। ଚଢ଼ାଉ ବେଳେ ଅଭିଯୁକ୍ତଙ୍କ ଘରୁ ୩ଲକ୍ଷ ୨୨ହଜାର ୯୫୦ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ମୀର ସିଦ୍ଦିକ ଓରଫ ମଡ଼ିଆ। ଜବତ ବ୍ରାଉନସୁଗାରର ମୂଲ୍ୟ ୬ଲକ୍ଷ ୮୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ପୋଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ୪ଜଣ ବ୍ୟକ୍ତି ଜଳେଶ୍ୱର ଆସି ବ୍ରାଉନ୍‌ସୁଗାର ନେବାର ମସୁଧା ହୋଇଥିଲା। ଖବରପାଇ ଏସ୍‌ଡିପିଓ ଅଙ୍କିତା କୁମାର ଓ ଆଇଆଇସି ମାନସ କୁମାର ଦେୟ ସଦଳବଳେ ଥାନାଠାରୁ ଅଳ୍ପଦୂର ଜଳେଶ୍ୱର ହାଟଛକ ନିକଟ ସେକ୍‌ବାର୍ଡରେ ଏକ ନିର୍ଦ୍ଦିଷ୍ଟ ଘର ଉପରେ ଚଢ଼ାଉ କରିଥିଲେ। ଏହି କାରବାରରେ ସମ୍ପୃକ୍ତ ମୀର ସିଦ୍ଦିକକୁ ସେଠାରେ ପୋଲିସ୍ କାବୁ କରିଥିଲା। ତେବେ ଭୁବନେଶ୍ୱରରୁ ଆସିଥିବା ୪ ବ୍ୟକ୍ତିଙ୍କ ସମ୍ପର୍କରେ ପୋଲିସ କୌଣସି ସୁରାକ ପାଇପାରି ନାହିଁ। ଥାନା ଏସ୍‌ଆଇ ନଗରଦୀପ ସେଠୀ ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତଙ୍କୁ ବାଲେଶ୍ୱର କୋର୍ଟ ଚାଲାଣ କରାଯାଇଛି।


## ODISHA STATE MEDICAL CORPORATION LIMITED (OSMC)

Infront of Ram Mandir, Convent Square, Unit - III, Bhubaneswar - 751 001
Tel.: (0674) 2380608, Website: www.osmcl.nic.in, E-mail: proc.osmcl.od@nic.in
Assuring Quality, Saving Lives
Date: 18.11.2020

**NOTICE INVITING E-TENDER FOR SUPPLY, INSTALLATION & COMMISSIONING OF RADIOTHERAPY EQUIPMENT**

No.CAD-788: **Online Bids** through e-Tender portal **(https://tendersodisha.gov.in)** are invited from eligible bidders for supply, installation & commissioning of equipments as per the particulars mentioned below:

| Sl. No. | Bid Reference No. | Item Name | Bid Document Cost inclusive of GST (Rs.) |
|---|---|---|---|
| 1 | OSMCL/2020-21/EQP-AHPGIC_RADIOTHERAPY/05 | SUPPLY, INSTALLATION AND COMMISSIONING OF RADIOTHERAPY EQUIPMENT | 5,600/- |

| Sl. No. | Particulars | Date and time | |
|---|---|---|---|
| 1. | Date & time of release of Bid | 18.11.2020, 3 P.M. | |
| 2 | Date & time of Pre-bid meeting | 25.11.2020, 11 A.M. Venue: Conference Hall Odisha State Medical Corporation Ltd., Convent Square, Unit - III, Bhubaneswar | |
| 3. | Date & time of Online Bid Submission | Start Date & Time 04.12.2020, 3 P.M. | End Date & Time 22.12.2020, 5 P.M. |
| 4. | Date & time of Online Technical Bid Opening | 24.12.2020, 11 A.M. | |
| 5. | Date of Demonstration of Equipment (if required by the Tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in technical bid | |
| 6. | Date of opening of Price Bid | To be informed to the qualified bidders | |

The bid document with all information relating to the bidding process including cost of bid document, EMDs, Prequalification criteria and terms & conditions are available in the website: **www.osmcl.nic.in** and **https://tendersodisha.gov.in**. The authority reserves the right to accept/reject any part thereof or all the bids without assigning any reason thereof.

**Sd./- Managing Director, OSMC Ltd., Odisha**
OIPR-10112/11/0035/2021



## OFFICE OF THE VYASANAGAR MUNICIPALITY VYASANAGAR, JAJPUR ROAD

No. 2994 Date: 17.11.2020

**Expression of Interest**

**No. C-209:-** Sealed EOIs are hereby invited by The Executive Officer, Vyasanagar Municipality for Selection of Agencies for Design, Supply, Installation, Commissioning of Floating Fountain (Vulkan Type) inside Dala Pokhari, at Vyasanagar Municipality.

The interested Agencies may apply to The Executive Officer, Vyasanagar Municipality, on or before **24.11.2020 at 5.00 P.M.** The documents can be downloaded from website **www.jajpur.nic.in**.

The Executive Officer, Vyasanagar Municipality reserves the right to amend / modify EOI documents and/or to reject any or all proposals without assigning any resons thereof. Amendments / modifications if any shall not be published in the newspapers but the same shall be uploaded in the website www.jajpur.nic.in

**Sd./- Executive Officer, Vyasanagar Municipality**
OIPR-13092/11/0010/2021



## ODISHA TOURISM DEVELOPMENT CORPORATION LIMITED (A GOVT. OF ODISHA UNDERTAKING)

YOUR HOST IN ODISHA — OTDC

PANTHANIVAS (OLD BLOCK), LEWIS ROAD, BHUBANESWAR-14

**INVITATIONS FOR BIDS (IFB)**

Letter No.-5177 Date:-18.11.2020

**BID IDENTIFICATION NO: BP -I/ 43/2020-21 dt.18.11.2020**

**No. CAD-787:- Sealed offers are invited for the following works on Quality & Cost Based Selection (QCBS) mode.**

1. Selection of an agency for development of OTDC's NIMANTRAN Chain of Restaurants at Bhubaneswar on Turnkey basis.
2. Request for Proposal (RFP) for Selection of an agency for Landscaping & other developmental works of Khandagiri Panthika as an Integrated Destination on Turnkey basis.

Bid documents such as DTCN/BoQ can be seen / downloaded from the Govt. Website i.e. **www.tenderodisha.gov.in** during the period dt. 20.11.2020 to 17.00 hours of dt. 05.12.2020.

**Sd./- Superintending Engineer (I/C), O.T.D.C. Ltd.**
OIPR-37002/11/0021/2021



## TDCCOL

**TRIBAL DEVELOPMENT CO-OPERATIVE CORPORATION OF ORISSA LTD.**

Tel. 0674-2542475 / 2542617. Fax-2544828. Email: admin@tdccorissa.org, Website: www.tdccodisha.org

**Notice No. 2216 & 2217 dated 18.11.2020**

**Expression of Interest (EoI) for Empanelment of Vendors for running of Koraput Coffee Kiosks for 2 months in Cuttack, Puri and Bhubaneswar & Supply of Coffee Brewing Machine**

**No. CAD-785:-** TDCCOL is an Apex Cooperative organization functioning under Govt. of Odisha, ST & SC Development Department is looking for vendors for running Koraput Coffee Kiosks in Cuttack, Puri and Bhubaneswar. Also tender is invited for supply of Coffee Brewing Machine to TDCCOL. The detail terms and conditions can be downloaded from the official website – **www.tdccodisha.org**. The intending vendors/ suppliers who are willing to supply the items to TDCCOL and are interested for Vendors are requested to submit their willingness/offers in a prescribed format as mentioned in the detail terms and conditions. The last date and time of receipt of tender documents is up to **2:00 pm on 30.11.2020**.

OIPR-26005/11/0005/2021 **Sd./- Managing Director**



## DIRECTORATE OF PRINTING,STATIONERY AND PUBLICATION,ODISHA, MADHUPATNA, CUTTACK-753010

**TENDER NOTICE NO.2/SCHEDULE /2020-21**

No.J-04:- Sealed tenders in separate sealed covers (Technical bid along with E.M.D. in one cover and price bid in another cover) in prescribed form are invited from bona-fide Manufacturers or their Authorized Dealers / Supplier / S.S.I.Unit / Co-operative Societies registered under the Societies Registration Act,1860 and in keeping with the prevailing rules and regulations including the IPR-2015 and Odisha M.S.M.E. Development Policy,2016. If local valid Manufacturers do not come up, such items shall be purchased from the out side state Manufacturers.

Details of tender documents with specification of different schedule items can be obtained on any working day during office hour at 11.00 A.M. to 4.00 P.M. from 20.11.2020 to 10.12.2020 from the office of the undersigned on payment of Rs.1,010/-(Rupees one thousand ten) only including tax (non-refundable) in cash by person only.

The tender information can also be obtained by downloading from the Odisha State Government website i.e. www.odisha gov.nic.in and Odisha Govt. Press Website i.e. www.ogpress.nic.in. In such cases, the tender is to be submitted along with a bank draft of Rs.1,010/- (Rupees one thousand ten) only including tax (non-refundable) for schedule items drawn in favour of Director, Printing, Stationery & Publication, Odisha, Cuttack.

The tender documents as required by this Office along with samples and Earnest Money Deposits in prescribed manner shall be received up to 2.00 P.M. on 11.12.2020 and the Technical bids will be opened on the same date at 3.00 P.M. in the presence of bidders or one of their representatives.

Tender shall be finalised by the Authority.

The Authority reserves the right to reject any or all tenders and to alter/amend the terms and conditions of tender without assigning any reason thereof.

Disputes, if any, arises are subject to the jurisdiction of Cuttack.

**Sd./-M.Pratap, Addl.D.G. of Police.-cum-Director, Printing, Stationery and Publication, Odisha, Madhupatna,Cuttack-10**
OIPR-02002/11/0003/2021





DSPL-108

## ୬୯ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ । ଆବହମାନ କାଳରୁ କୃଷି ସହିତ ଗୋ-ସମ୍ପଦର ସହାବସ୍ଥାନ ରହିଆସିଛି । କୃଷିଜୀବୀଙ୍କ ଆୟବୃଦ୍ଧି ଓ ଜୀବିକା ନିର୍ବାହରେ ଗୋ-ପାଳନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଗୋ-ସମ୍ପଦର ସୁରକ୍ଷା ସହିତ ସେମାନଙ୍କ ପାଇଁ ସୁଷମ ଖାଦ୍ୟ, ଉପଯୁକ୍ତ ଲାଳନପାଳନ, ଉଚିତ ସମୟରେ ପ୍ରଜନନ ଓ ରୋଗ ନିରାକରଣର ବ୍ୟବସ୍ଥା କଲେ ଗୋ-ସମ୍ପଦର ବିକାଶ ସାଧିତ ହୋଇପାରିବ ଏବଂ କୃଷକମାନଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଘଟିବ। ଆମ ରାଜ୍ୟରେ ୬୯ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ନଭେମ୍ବର ୧୬ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏହା ଗିରିଗୋବର୍ଦ୍ଧନ ପୂଜାଠାରୁ ଗୋପାଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ସାତ ଦିନ ବ୍ୟାପୀ ପାଳିତ ହେବ । ଏହି ଅବସରରେ ପ୍ରତି ଜିଲ୍ଲାରେ ସାମାଜିକ ଦୂରତ୍ୱ ରକ୍ଷା କରି ଓ କୋଭିଡ୍-୧୯ ନିୟମାବଳୀ ପାଳନ କରି ଗୋ-ଚିକିତ୍ସା ଶିବିର, ଗୋ-ସମ୍ବର୍ଦ୍ଧନା, କୃଷକ ସଚେତନତା ଓ ପ୍ରଶିକ୍ଷଣ ଶିବିର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେବା ସାଙ୍ଗକୁ ରାଜ୍ୟସ୍ତରୀୟ କୃଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଥା ଗୋ-ସମ୍ବର୍ଦ୍ଧନା ଉତ୍ସବ ଭୁବନେଶ୍ୱରଠାରେ ନଭେମ୍ବର ୧୯ ତାରିଖରେ ଆୟୋଜିତ ହେଉଛି। ରାଜ୍ୟର ଗୋପାଳକ ଭାଇଭଉଣୀମାନେ ଫେସ୍‌ବୁକ୍ ଲାଇଭ ମାଧ୍ୟମରେ ଭର୍ଚୁଆଲ ଢଙ୍ଗରେ ରାଜ୍ୟସ୍ତରୀୟ ଗୋ-ସମ୍ବର୍ଦ୍ଧନା ଉତ୍ସବରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହା 'Veterinary Directorate Odisha' ଫେସ୍‌ବୁକ୍ ପୃଷ୍ଠା ମାଧ୍ୟମରେ ଉପଲବ୍ଧ ହେବ।

ଏହି ପବିତ୍ର ଗୋ-ସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ମୁଁ ରାଜ୍ୟର ସମସ୍ତ ଚାଷୀ, ଗୋପାଳକ ଭାଇଭଉଣୀ ତଥା ଜନସାଧାରଣଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି, ଗୋ-ସମ୍ପଦର ସମୃଦ୍ଧି ଆଶା କରୁଛି।

**ଡ. ଅରୁଣ କୁମାର ସାହୁ**
**ମନ୍ତ୍ରୀ**
**କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ଏବଂ ଉଚ୍ଚଶିକ୍ଷା, ଓଡ଼ିଶା**

OIPR-06014/13/0011/2021



## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

**ଅଧିସୂଚନା**

**No RDM-LAB-KPT-0008-2020-21012/R&DM** **Dated: 30 Jun., 2020**

No. X-04: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ ଉପଶାଖା କେନାଲ ନଂ. ୦୧ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ରାମପାତ୍ରପୁଟ, ଥାନା- ବି.ସିଙ୍ଗିପୁର, ନଂ.- ୪୭, ତହସିଲ- ବୋରିଗୁମ୍ମା, ଜିଲ୍ଲା: କୋରାପୁଟରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୦.୨୦ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ରାମପାତ୍ରପୁଟ ଉପଶାଖା କେନାଲ ନଂ.- ୦୧ ଖନନ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି କେନାଲ ସେଚଖଣ୍ଡ ନଂ.- ୨, ଆମ୍ବାଗୁଡ଼ା।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – କୌଣସି ବିସ୍ଥାପନ ହେଉ ନାହିଁ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ-ଜିଲ୍ଲାପାଳ, ଜୟପୁର।
୬. ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ.୦.୫୦ | ଏ.୦.୨୦ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ (ଷାଠିଏ) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
**ସ୍ୱା./– (ଅଭୟ କୁମାର ନାୟକ)**
**ଅତିରିକ୍ତ ଶାସନ ସଚିବ**

**ଜମିର ବିଶଦ ବିବରଣୀ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମ | ଖାତା ନଂ. | ପ୍ଲଟ ନଂ. | ଜମିର ମୋଟ ରକବା | ଅଧିସୂଚିତ ହେବାକୁଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|
| କୋରାପୁଟ | ବୋରିଗୁମ୍ମା | ରାମପାତ୍ରପୁଟ | | ୧୧୨/ ୪୨୯ | ୫୫/ ୭୨୦ | ୦.୫୦ | ୦.୨୦ | ତିଳ ଗଉଡ଼, ପି.- ରାମ ଗଉଡ଼ |
| | | | ମୋଟ | | | ୦.୫୦ | ୦.୨୦ | |

**ସ୍ୱା./– ସ୍ୱତନ୍ତ୍ର ଭୂ-ଅର୍ଜନ ପୁନର୍ବସତି ପୁନଃ ଥଇଥାନ ଅଧିକାରୀ, ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କୋରାପୁଟ**

**ସ୍ୱା./– ଜିଲ୍ଲାପାଳ, କୋରାପୁଟ**

OIPR-24001/14/0134/2021



## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବାଲେଶ୍ୱର (ରାସ୍ତା ଓ ଗୃହ) ବିଭାଜନ – ୧, ବାଲେଶ୍ୱର

**ବିଜ୍ଞପ୍ତି**

No. III-02: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପୋଲିସ ଲାଇନ ଛକ ରୋଡ୍ ଠାରୁ ସେଟଲମେଣ୍ଟ ଅଫିସ୍ ଛକ ଅଙ୍ଗାରଗାଡ଼ିଆ ମୌଜା ମଧ୍ୟରେ ନିର୍ମାଣାଧୀନ ୮୦ନଂ. ରେଳ ଓଭର ବ୍ରିଜ ନିମନ୍ତେ ଆବଶ୍ୟକ ହେଉଥିବା ଜମି ସାର୍ବଜନୀନ ଉଦ୍ଦେଶ୍ୟରେ ସିଧାସଳଖ କ୍ରୟ କରିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଉକ୍ତ ଯୋଜନାରେ ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ତହସିଲ ଅନ୍ତର୍ଭୁକ୍ତ ତିନିଗୋଟି ମୌଜା ତଥା- ଅଙ୍ଗାରଗାଡ଼ିଆ-୧, ଅଙ୍ଗାରଗାଡ଼ିଆ-୨ ଏବଂ ଶୋଭାରାମପୁର-୩ ଗ୍ରାମର ବେସରକାରୀ ଜମିର ଆବଶ୍ୟକତା ଅଛି। ଉକ୍ତ ଜମିର ମାଲିକାନା ସତ୍ତ୍ୱେ, ବାଲେଶ୍ୱର ତହସିଲଙ୍କଠାରୁ ପ୍ରାପ୍ତ ହୋଇଛି ଏବଂ ତାହା ନିମ୍ନମତେ ଦର୍ଶାଯାଇଅଛି। ଉକ୍ତ ଜମିଗୁଡ଼ିକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୪୦୩୦ ତା୦୭।୦୨।୨୦୧୪, ୧୦୨୪୧ ତା୩୧।୦୩।୨୦୧୪, ୨୮୪୭ ତା୨୭।୦୧।୨୦୧୬, ୧୦୮୧୧ ତା୦୫।୦୪।୨୦୧୬ ଏବଂ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୂନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ପ୍ରଦତ୍ତ ପ୍ରଣାଳୀ ଅନୁଯାୟୀ ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ପତ୍ର ସଂଖ୍ୟା ୧୨୨୯୪ ତା୦୭।୧୦।୨୦୨୦ ତରଫରୁ ନିର୍ବାହୀ ଯନ୍ତ୍ରୀ, ବାଲେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ. ୧ଙ୍କ ଦ୍ୱାରା ଜମି ମାଲିକଙ୍କଠାରୁ ସିଧାସଳଖ କ୍ରୟ କରିବାକୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ବିଜ୍ଞପ୍ତି ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଯଦି କାହାର ଜମି ମାଲିକାନା ଉପରେ ଆପତ୍ତି ଥାଏ ତେବେ ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ବି.ଦ୍ର.: ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ, ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ବାଲେଶ୍ୱର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ଠିକଣା:** ନିର୍ବାହୀ ଯନ୍ତ୍ରୀ, ବାଲେଶ୍ୱର (ରାସ୍ତା ଓ ଗୃହ) ବିଭାଜନ ନଂ.-୧, ପଢୁଆଁପଦା, ବାଲେଶ୍ୱର, ଓଡ଼ିଶା – ୭୫୬୦୦୧

**ସ୍ୱା./– ନିର୍ବାହୀ ଯନ୍ତ୍ରୀ, ବାଲେଶ୍ୱର (ରାସ୍ତା ଓ ଗୃହ), ବିଭାଜନ – ୧**

### ବେସରକାରୀ ଜମି ସମ୍ବନ୍ଧୀୟ ବିବରଣୀ

| କ୍ରମିକ ସଂଖ୍ୟା | ଖାତା ନମ୍ବର | ପ୍ଲଟ ନମ୍ବର | ମୋଟ ଜମିର ପରିମାଣ (ଏକରରେ) | କ୍ରୟ କରିବାର ଥିବା ଜମିର ପରିମାଣ (ଏକରରେ) | କିସମ | ଜମି ମାଲିକଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ମୌଜା: ଅଙ୍ଗାରଗାଡ଼ିଆ – ୧, ୟୁନିଟ୍ – ୪ | | | | | | |
| ୧ | ୪୯/୬ | ୬ | ୦.୦୨୭ | ୦.୦୦୫ | ଘରବାରି – ୧ | ପ୍ରକାଶ ଦାସ ମହାପାତ୍ର, ପିତା: ଶ୍ୟାମସୁନ୍ଦର ମହାପାତ୍ର |
| ୨ | | ୭ | ୦.୦୦୧ | ୦.୦୦୧ | ଘରବାରି – ୧ | |
| ୩ | ୪୯/୨୫୭ | ୮/୪୪୭ | ୦.୦୮୨ | ୦.୦୨୧ | ଶାରଦ – ୧ | ବିଜୟ କୁ. ରାଉତ, ପିତା: କ୍ଷେତ୍ରମୋହନ ରାଉତ |
| ୪ | ୪୯/୨୬୯ | ୮/୪୬୦ | ୦.୦୯୬ | ୦.୦୧ | ଶାରଦ – ୧ | ତରୁଣ କୁ. ରାଉତ, ପିତା: କ୍ଷେତ୍ରମୋହନ ରାଉତ |
| ୫ | ୯ | ୯ | ୦.୫୫ | ୦.୦୧୪ | ଶାରଦ – ୧ | ଗିରିଶ ଚନ୍ଦ୍ର ଦାସ, ପିତା: ନଗେନ୍ଦ୍ର ପ୍ରସାଦ ଦାସ, ନଗେନ୍ଦ୍ର ପ୍ରସାଦ ଦାସ, ପିତା: କୃଷ୍ଣ ପ୍ରସାଦ ଦାସ |
| ମୌଜା: ଅଙ୍ଗାରଗାଡ଼ିଆ – ୨, ୟୁନିଟ୍ – ୫ | | | | | | |
| ୧ | ୫୪ | ୩୧୫ | ୦.୩୩୯ | ୦.୦୧୭ | ଘରବାରି – ୧ | ମହମ୍ମଦ କୁତବୁଦ୍ଦିନ ଖାଁ, କୁଦରତନ ନେଶା, ରବିଆ ଖାତୁନ୍, ରଦିୟା ଖାତୁନ୍, ଅବେଦା ଖାତୁନ୍, ଜାକେରା ଖାତୁନ୍, ସବୋରା ଖାତୁନ୍, ପିତା: ଗୋଲାପ ଖାଁ |
| ୨ | | ୩୩୦ | ୦.୪୮୪ | ୦.୦୨୧ | ଘରବାରି – ୧ | |
| ୩ | ୩୬୮/ ୨୧୬ | ୨୦୦ | ୦.୦୪୭ | ୦.୦୦୪ | ଘରବାରି – ୧ | ସୁରେନ୍ଦ୍ର ନାଥ ସାହୁ, ପିତା: ସଦାନନ୍ଦ ସାହୁ |
| ୪ | | ୨୦୦/ ୧୧୧୦ | ୦.୦୧୮ | ୦.୦୦୮ | ଘରବାରି – ୨ | |
| ୫ | | ୨୭୬/୧୫୯୯ | ୦.୦୦୬ | ୦.୦୦୪ | ଘରବାରି – ୨ | |
| ୬ | ୩୬୮/ ୨୦୬ | ୯୪/୧୫୮୭ | ୦.୦୪୦ | ୦.୦୦୮ | ଘରବାରି – ୩ | କୈଳାଶ ପତି ତିୱାରି, ପିତା: ଜୟପାତି ତିୱାରି |
| ୭ | | ୯୬/୧୫୮୮ | ୦.୦୧୦ | ୦.୦୦୬ | ଘରବାରି – ୩ | |
| ୮ | ୩୬୮/ ୨୩୪୬ | ୯୭/୨୦୭୯ | ୦.୦୨୮ | ୦.୦୦୬ | ଘରବାରି – ୨ | ଉମେଶ କୁମାର ମହାନ୍ତି, ପିତା: ମଦନ ମୋହନ ମହାନ୍ତି |
| ୯ | ୩୬୮/ ୨୩୪୫ | ୯୬/୨୦୭୮/ ୪୬୧୭ | ୦.୦୧୮ | ୦.୦୦୬ | ଘରବାରି – ୩ | ରମେଶ ଚନ୍ଦ୍ର ମହାନ୍ତି, ପିତା: ମଦନ ମୋହନ ମହାନ୍ତି |
| ୧୦ | ୯୭/୨୦୦୯/୪୬୧୮ | | ୦.୦୧୨ | | ଘରବାରି – ୨ | ରମେଶ ଚନ୍ଦ୍ର ମହାନ୍ତି, ପିତା: ମଦନ ମୋହନ ମହାନ୍ତି |
| ୧୧ | ୧୫୯ | ୯୮ | ୦.୨୩୮ | ୦.୦୨୪ | ଘରବାରି – ୨ | ପରମେଶ୍ୱର ପଣ୍ଡା, ପିତା: ବନମାଳି ପଣ୍ଡା |
| ୧୨ | ୩୬୮/ ୧୮୫୭ | ଉଉଭ-୧୯ | ୦.୦୫୦ | ୦.୦୨୩ | ଘରବାରି – ୩ | ପ୍ରଦୀପ କୁ. ପାତ୍ର, ପିତା: ଗୁଣକର ପାତ୍ର |
| ମୌଜା: ଶୋଭାରାମପୁର, ୟୁନିଟ୍ – ୩ | | | | | | |
| ୧ | ୨୫୬/ ୭୦୯ | ୯୪୦/୨୦୧୬ | ୦.୦୭୫ | ୦.୦୧୫ | ଘରବାରି – ୨ | ଭାରତୀ ଦଣ୍ଡପାଟ, ସ୍ୱାମୀ: ଅଶ୍ୱିନୀ କୁ. ଦଣ୍ଡପାଟ |
| ୨ | ୨୫୬/ ୮୬୯ | ୩୩୮/୯୦୪/ ୩୧୯୧ | ୦.୧୧୫ | ୦.୦୧୬ | ଘରବାରି – ୧ | ଜନ୍ମେଜୟ ସାହୁ, ପିତା: ହରପ୍ରସାଦ ସାହୁ |
| ୩ | ୨୫୬/ ୨୬୩ | ୩୩୯/୨୦୦୮ | ୦.୦୨୦ | ୦.୦୨୦ | ଘରବାରି – ୨ | ଶରତ କୁ. ମହାପାତ୍ର, ପିତା: ସୁରେନ୍ଦ୍ର ମହାପାତ୍ର |
| ୪ | ୨୫୬/ ୫୫୨ | ୩୩୯/୨୦୦୮ /୨୩୪୫ | ୦.୦୨୦ | ୦.୦୨୦ | ଘରବାରି – ୨ | ସୁମନ୍ତ କୁ. ମହାପାତ୍ର, ପିତା: ସୁରେନ୍ଦ୍ର ମହାପାତ୍ର |
| ୫ | ୨୫୬/ ୧୫୭ | ୭୫୦/୯୩୯ | ୦.୦୪୨ | ୦.୦୩୫ | ଘରବାରି – ୩ | ସ୍ୱର୍ଣ୍ଣଲତା ପଣ୍ଡା, ସ୍ୱାମୀ: ପ୍ରାଣବନ୍ଧୁ ପଣ୍ଡା |
| ୬ | ୨୫୬/ ୪୧୨ | ୩୩୫/୧୦୪୭ | ୦.୦୫୦ | ୦.୦୧୭ | ଘରବାରି – ୩ | ନମିତା ଦାସ, ସ୍ୱାମୀ: ନିକୁନ ପ୍ରସାଦ ଗିରି |
| ୭ | ୨୫୬/ ୪୨୪ | ୯୬୩/୨୨୧୬ | ୦.୦୧୫ | ୦.୦୧୫ | ଘରବାରି – ୨ | ପରମାନନ୍ଦ ସାହୁ, ପିତା: ଲକ୍ଷ୍ମୀଧର ସାହୁ |
| ୮ | ୨୫୬/ ୩୬୦ | ୩୩୫/୨୧୩୬ | ୦.୦୪୦ | ୦.୦୧୩ | ଘରବାରି – ୩ | ଗୋବିନ୍ଦ ସେଠୀ, ପିତା: ସାଧୁଚରଣ ସେଠୀ |
| ୯ | ୨୫୬/ ୩୬୧ | ୩୩୫/୨୧୩୮ | ୦.୦୪୦ | ୦.୦୧୩ | ଘରବାରି – ୩ | ଲକ୍ଷ୍ମଣ କୁମାର ସେଠୀ, ପିତା: ସାଧୁ ଚରଣ ସେଠୀ |
| ୧୦ | ୨୫୬/ ୩୩ | ୩୩୯/୯୪୫ | ୦.୦୩୦ | ୦.୦୧୭ | ଘରବାରି – ୨ | ପ୍ରଭାତୀ ମହାପାତ୍ର, ସ୍ୱାମୀ: ଦୀନବନ୍ଧୁ ମହାପାତ୍ର |
| ୧୧ | ୨୫୬/୩୬ | ୩୩୯/୯୫୦ | ୦.୦୬୦ | ୦.୦୦୮ | ଘରବାରି – ୨ | ବ୍ରଜକିଶୋର ରଥ, ପିତା: ଦଣ୍ଡପାଣି ରଥ |
| ୧୨ | ୨୫୬/ ୩୯୦ | ୩୩୮/୯୦୪/ ୨୧୭୩ | ୦.୧୦୭ | ୦.୦୦୭ | ଘରବାରି – ୧ | ବିଦ୍ୟାଧର ପଣ୍ଡା, ପିତା: ନନ୍ଦକିଶୋର ପଣ୍ଡା |
| ୧୩ | ୨୫୬/ ୮୪୧ | ୩୩୮/୯୫୮ | ୦.୦୬୦ | ୦.୦୫୦ | ଘରବାରି – ୧ | ଗୁରୁମୁଖ ସିଂ, ପିତା: ସମ୍ପୂର୍ଣ୍ଣ ସିଂ |
| ୧୪ | ୨୫୬/ ୮୩୯ | ୩୩୮/୯୫୪ | ୦.୧୦୦ | ୦.୦୭୦ | ଘରବାରି – ୧ | କାଳବିନ୍ଦର ସିଂ, ପିତା: ସମ୍ପୂର୍ଣ୍ଣ ସିଂ |
| ୧୫ | ୨୫୬/ ୨୭୩ | ୩୩୮/୨୦୧୪ | ୦.୧୫୦ | ୦.୦୮୫ | ଘରବାରି – ୧ | ଢ଼ୋଲାରାଣୀ ମାଝୀ, ସ୍ୱା.– ନାରାୟଣ ଚନ୍ଦ୍ର ମାଝୀ |
| ୧୬ | ୨୫୬/ ୮୧୯ | ୩୩୮/୩୧୪୪ | ୦.୦୬୬ | ୦.୦୬୦ | ଘରବାରି – ୧ | ଢ଼ୋଲାରାଣୀ ମାଝୀ, ସ୍ୱା.– ନାରାୟଣ ଚନ୍ଦ୍ର ମାଝୀ |
| ୧୭ | ୨୫୬/ ୮୧୦ | ୩୪୧/୯୨୯/ ୩୧୩୬ | ୦.୧୨୭ | ୦.୦୮୭ | ଘରବାରି – ୧ | ମିତାରାଣୀ ମାଝୀ, ସ୍ୱାମୀ: ପ୍ରଭାତ କୁ. ମାଝୀ |
| ୧୮ | | ୩୪୯/୯୩୦ | ୦.୦୦୩ | ୦.୦୦୩ | ଘରବାରି – ୨ | |
| ୧୯ | | ୩୫୦/୯୩୧ | ୦.୦୨୦ | ୦.୦୧୫ | ଘରବାରି – ୨ | |
| ୨୦ | | ୩୫୧/୯୩୨ | ୦.୦୫୦ | ୦.୦୧୦ | ବଗାୟତ – ୨ | |
| ୨୧ | ୨୫୬/ ୪୫୭ | ୯୨୯/୨୨୪୭ | ୦.୦୧୮ | ୦.୦୦୬ | ଘରବାରି – ୧ | ଦିଲିପ କୁମାର ମାଝୀ, ପିତା: କେଦାର ନାଥ ମାଝୀ |
| ୨୨ | | ୯୩୦/୨୨୪୮ | ୦.୦୩୨ | ୦.୦୦୯ | ଘରବାରି – ୨ | |
| ୨୩ | ୨୫୬/ ୪୫୮ | ୯୨୯/୨୨୪୯ | ୦.୦୨୦ | ୦.୦୨୦ | ଘରବାରି – ୧ | ଗୀତାରାଣୀ ମାଝୀ, ସ୍ୱାମୀ: ଦିଲିପ କୁମାର ମାଝୀ |
| ୨୪ | | ୯୩୦/୨୨୫୦ | ୦.୦୩୦ | ୦.୦୩୦ | ଘରବାରି – ୨ | |
| ୨୫ | ୨୫୬/ ୬୬୧ | ୩୪୧/୯୨୯/ ୨୯୭୬ | ୦.୧୬୫ | ୦.୦୪୫ | ଘରବାରି – ୧ | ଗୀତାରାଣୀ ମାଝୀ, ସ୍ୱାମୀ: ଦିଲିପ କୁମାର ମାଝୀ |
| ୨୬ | ୨୫୬/ ୩୬୪/ ୨୨ | ୩୪୯ | ୦.୦୩୭ | ୦.୦୩୦ | ଘରବାରି – ୨ | ଢ଼ୋଲାରାଣୀ ମାଝୀ, ସ୍ୱା.– ନାରାୟଣ ଚନ୍ଦ୍ର ମାଝୀ |
| ୨୭ | | ୩୫୦ | ୦.୦୬୭ | ୦.୦୪୭ | ଘରବାରି – ୨ | |
| ୨୮ | | ୩୫୧ | ୦.୧୯୬ | ୦.୦୨୩ | ବଗାୟତ – ୨ | |
| ୨୯ | ୨୫୬/ ୩୬୭ | ୯୬୮/୨୧୫୦ | ୦.୦୨୩ | ୦.୦୨୩ | ଘରବାରି – ୨ | ଆଦିକନ୍ଦ ପତି, ପି.– ଗୌରାଙ୍ଗ ପତି |
| ୩୦ | ୨୫୬/ ୪୩୬ | ୩୩୯/ ୯୬୩ | ୦.୦୦୫ | ୦.୦୦୫ | ଘରବାରି – ୨ | ସାବିତ୍ରୀ ନାୟକ, ସ୍ୱା.– ଶରତ ଚନ୍ଦ୍ର ନାୟକ |
| ୩୧ | ୪୨/୬୬ | ୭୫୫ | ୦.୨୦୦ | ୦.୦୭୪ | ଘରବାରି – ୨ | ନିକୁଞ୍ଜ କିଶୋର ଦାସ ଓ ନିମାଇଁ କ୍ରିଷ୍ଣା ଦାସ, ପି.– ରାମ କ୍ରିଷ୍ଣା ଦାସ |
| ୩୨ | | ୭୫୫/୮୧୦ | ୦.୦୨୭ | ୦.୦୦୬ | ଘରବାରି – ୧ | |
| ୩୩ | ୨୫୬/ ୧୧୩ | ୩୩୪ | ୦.୧୪୯ | ୦.୦୨୬ | ଘରବାରି – ୩ | ମନୋରଞ୍ଜନ ମଲ୍ଲିକ, ପି.– ରମେଶ ଚନ୍ଦ୍ର ମଲ୍ଲିକ |
| ୩୪ | | ୩୩୫/୧୦୪୯ | ୦.୧୦୦ | ୦.୦୨୪ | ଘରବାରି – ୩ | |
| ୩୫ | ୨୫୬/ ୯୩୩ | ୩୩୨ | ୦.୦୪୩ | ୦.୦୨୧ | ଶାରଦା – ୨ | ଦେବବ୍ରତ ମିଶ୍ର, ପି.– ଗୋପୀନାଥ ମିଶ୍ର |
| ୩୬ | | ୩୩୩ | ୦.୦୭୬ | ୦.୦୨୪ | ଶାରଦା – ୨ | |

**Sd./- Executive Engineer, Balasore (R&B) Division - I**
OIPR-34078/14/0017/2021



ଅଭିନେତ୍ରୀ ତାପସୀ ପନ୍ନୁ ଏକ ଇଣ୍ଟରଭ୍ୟୁରେ ଖୁଲାସା କରିଛନ୍ତି ଯେ, କ୍ୟାରିୟର ଆରମ୍ଭରେ ମୁଁ ଅଜବ ସ୍ଥିତି ଦେଖିଛି। ଏକ ଫିଲ୍ମରେ ହିରୋଙ୍କ ପତ୍ନୀଙ୍କୁ ମୁଁ ପସନ୍ଦ ନ ଆସିବାରୁ ମୋତେ ଫିଲ୍ମରୁ ବାହାର କରିଦିଆଯାଇଥିଲା। ସେହିପରି ଆଉ ଏକ ଫିଲ୍ମର ଡବିଂ ବେଳେ ମୋତେ କୁହାଗଲା ଯେ ହିରୋଙ୍କୁ ମୋ ଡବିଂ ପସନ୍ଦ ନୁହେଁ। ଏଣୁ ମୋତେ ଫିଲ୍ମରୁ ବାହାର କରି ଦିଆଗଲା।



# ମଣିଷ ପେଟରୁ ବାହାରିଲା ମୋବାଇଲ

## ବନ୍ଧୁଙ୍କ ସହ ବାଜି ଲଗାଇ ଗିଳିଥିଲେ

**କାଏରୋ:** ଦୁନିଆରେ ଅନେକ ପ୍ରକାରର ଲୋକ ରହିଛନ୍ତି। ତେବେ ଅଧିକାଂଶ ଲୋକ ନିଜର ଶଉକ ପୂରଣ କରିବା ପାଇଁ ଅବା ଚର୍ଚ୍ଚାକୁ ଆସିବା ପାଇଁ ହେଉ କିଛି ବି କରିଥାନ୍ତି। ତେବେ ଇଜିପ୍ଟର ସେମିତି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତି ନିଜ ଜୀବନକୁ ମଧ୍ୟ ବାଜି ଲଗାଇ ଦେଇଛନ୍ତି। ନିଜ ବନ୍ଧୁଙ୍କ ସହ ବାଜି ଲଗାଇ ସେ ଏକ ମୋବାଇଲ ଫୋନ୍‌କୁ ଗିଳି ଦେଇଥିଲେ। ପେଟ ଭିତରେ ମୋବାଇଲ କିପରି ଶବ୍ଦକରୁଛି ତାହା ସେ ବନ୍ଧୁଙ୍କୁ ଶୁଣାଇବାକୁ ଚାହୁଁଥିଲେ। ତେବେ ତାଙ୍କ ପେଟ ମଧ୍ୟରେ ଘଣ୍ଟି ବାଜିବା ପରି ଶବ୍ଦ ଶୁଭୁଥିଲା। ଏହା ପରେ ବ୍ୟକ୍ତିଜଣଙ୍କ ଡାକ୍ତରଙ୍କ ପାଖକୁ ଯିବା ପରିବର୍ତ୍ତେ ଘରୋଇ ଉପାୟରେ ପେଟରୁ ମୋବାଇଲ ବାହାର କରିବାକୁ ଚେଷ୍ଟା କରିଥିଲେ। ରୋଷେଇ ଘରେ ଥିବା ଅନେକ ଜିନିଷ ସେ ଖାଇଲେ। ମାତ୍ର ମୋବାଇଲ ପେଟରୁ ବାହାରି ନ ଥିଲା। ଦୀର୍ଘ ୬ ମାସ ପର୍ଯ୍ୟନ୍ତ ମୋବାଇଲ ତାଙ୍କ ପେଟରେ ରହିଥିଲା। ପରେ କଷ୍ଟ ହେବାରୁ ସେ ଡାକ୍ତରଙ୍କ ପାଖକୁ ଗଲେ। ସେଠାରେ ଡାକ୍ତର ତାଙ୍କର ଅଲ୍ଟ୍ରାସାଉଣ୍ଡ କରିବା ପରେ ପେଟରେ ମୋବାଇଲ ଫୋନ ଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ସର୍ଜରୀ କରାଯାଇ ମୋବାଇଲକୁ ତାଙ୍କ ପେଟରୁ ବାହାର କରାଗଲା।

1st Anniversary



Pintu & Lucy
Best wishes to you both on this momentous occasion
Happy 1st Marriage Anniversary
Wishes from:-
Aja, Aiee, Bapa, Bou, Bapa, Mummy, Family & Relatives.
D-18965



କାର୍ତ୍ତିକ ଆର୍ଯ୍ୟନ

# ସାମ୍ବାଦିକ ହେବେ କାର୍ତ୍ତିକ

**ମୁମ୍ବାଇ:** ସାମ୍ବାଦିକ ହେବେ କାର୍ତ୍ତିକ। ହଁ ଆଜ୍ଞା, କିନ୍ତୁ ଏହା ରିୟଲ ଲାଇଫ୍‌ରେ ନୁହେଁ ରିଲ୍‌ରେ। ରୋମାଣ୍ଟିକ ହିରୋରୁ ସାମ୍ବାଦିକ। ଅନୁସନ୍ଧାନ କରିବେ ଲଭର ବୟ କାର୍ତ୍ତିକ ଆର୍ଯ୍ୟନ। ନିର୍ଦ୍ଦେଶକ ରାମ ମାଧୱାନୀଙ୍କ ଅପ୍‌କମିଂ ଫିଲ୍ମରେ ଇନ୍‌ଭେଷ୍ଟିଗେଟିଂ ରିପୋର୍ଟର ଭୂମିକାରେ ନଜର ଆସିବେ କାର୍ତ୍ତିକ । ଆସନ୍ତା ମାସରେ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ। ରିପୋର୍ଟ ମୁତାବକ ଏହି ଫିଲ୍ମର କାହାଣୀ ଏକ ମିଡିଆ ଅଫିସ ଉପରେ ଆଧାରିତ ହେବ। କମେଡି ଏବଂ ଲଭର୍ ବୟରୁ ସେ ଏବେ ଆକ୍ସନ ମୁଡ୍‌କୁ ଆସିଛନ୍ତି। ଏହି ଫିଲ୍ମ ଜରିଆରେ କିଛି ଅଲଗା କରିବା ପାଇଁ ଚେଷ୍ଟା କରୁଛନ୍ତି କାର୍ତ୍ତିକ। ଲକ୍‌ଡାଉନ ବେଳେ କାର୍ତ୍ତିକ ନିଜର କେତେକ ସାମ୍ବାଦିକ ବନ୍ଧୁଙ୍କ ସହ ଦେଖାସାକ୍ଷାତ କରିଥିଲେ ଏବଂ ଏହି ଫିଲ୍ମରେ ନିଜ ଭୂମିକାକୁ ନେଇ ସେ ଅନେକ ଗୁଡିଏ ଏକ୍ସପେରିମେଣ୍ଟ ମଧ୍ୟ ଆରମ୍ଭ କରିଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ୨୦୧୯ରେ ନିର୍ଦ୍ଦେଶକ ଇମ୍‌ତିଆଜ ଅଲ୍ଲିଙ୍କ ଫିଲ୍ମ 'ଲଭ୍ ଆଜ୍ କଲ୍'କୁ କାର୍ତ୍ତିକ ଭିନ୍ନ ଧରଣର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ସେତେବେଳେ ଦର୍ଶକଙ୍କୁ ତାଙ୍କ ଅଭିନୟ ସେତେଟା ପସନ୍ଦ ଆସି ନ ଥିଲା। ଫିଲ୍ମଟି ବକ୍ସ ଅଫିସରେ ମଧ୍ୟ ଭଲ ବ୍ୟବସାୟ କରିପାରି ନ ଥିଲା। ତେବେ ଦେଖାଯାଉ, ଏହି ଫିଲ୍ମରେ କାର୍ତ୍ତିକଙ୍କ ଅଭିନୟକୁ ଲୋକେ କେତେ ଦୂର ଗ୍ରହଣ କରୁଛନ୍ତି।

# ୨୦୨୧ରେ ଖାଦ୍ୟ ସଙ୍କଟ

**କରୋନା ଭାଇରସ୍ ସଂକ୍ରମଣକୁ ବର୍ଷେ ପୂରିଛି। ଧରାଶାୟୀ ହୋଇପଡ଼ିଥିବା ବିଶ୍ୱ ଅର୍ଥବ୍ୟବସ୍ଥା ଧୀରେ ଧୀରେ ବଳ ଗୋଟାଉଛି। ତଥାପି ୨୦୨୧ରେ ସମସ୍ୟା ଟଳିବ ନାହିଁ, ବରଂ ଆହୁରି ଜଟିଳ ହେବ। ସାରା ଦୁନିଆ ଭୟଙ୍କର ଖାଦ୍ୟ ସଙ୍କଟ ଦେଇ ଗତି କରିବ। ମିଳିତ ଜାତିସଂଘର ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ପକ୍ଷରୁ ଏଭଳି ଚେତାବନୀ ଦିଆଯାଇଛି।**



**ରୋମ୍, ୧୮।୧୧:** କ୍ଷୁଧା ନିବାରଣ କ୍ଷେତ୍ରରେ ଅନବରତ ଉଦ୍ୟମ ଲାଗି ଚଳିତ ବର୍ଷ ଜାତିସଂଘର ଖାଦ୍ୟ ସହାୟତା ଶାଖା ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି)କୁ ମିଳିଛି ନୋବେଲ ଶାନ୍ତି ପୁରସ୍କାର। ହେଲେ ୨୦୨୧ ବିଶ୍ୱ ପାଇଁ କଡ଼ା ଚ୍ୟାଲେଞ୍ଜ ଭାବେ ଉଭା ହେବ। ନୂତନ ବର୍ଷ ସଙ୍କଟ, ଆଶଙ୍କାର ବର୍ଷ ହେବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଡବ୍ଲ୍ୟୁଏଫ୍‌ପିର ମୁଖ୍ୟ ଡେଭିଡ୍ ବିସ୍‌ଲେ। କରୋନା ମାଡ଼ରେ ସାରା ପୃଥିବୀର ଅର୍ଥ ବ୍ୟବସ୍ଥା ଭୟଙ୍କର ଭାବେ ପ୍ରଭାବିତ ହୋଇଛି। ଅନାହାର ମୃତ୍ୟୁ, ଅପପୁଷ୍ଟି ଏବଂ ତତ୍‌ଜନିତ ରୋଗରେ ସନ୍ତୁଳି ହେବେ ଗରିବ, ବିକାଶଶୀଳ ଦେଶ। ପୃଥିବୀର ବିକଶିତ ଦେଶ ଏବେଠାରୁ ଏଥିପ୍ରତି ସଚେତନ ନ ହେଲେ ପରିଣାମ ବିଷମ ହେବ ବୋଲି ଡେଭିଡ୍ ଚେତାଇଛନ୍ତି। ଗତ ଏପ୍ରିଲରୁ ଡବ୍ଲ୍ୟୁଏଫ୍‌ପି ସମସ୍ୟାର ଗମ୍ଭୀରତାକୁ ବିଶ୍ୱବାସୀଙ୍କ ସମ୍ମୁଖକୁ ଆଣିବାକୁ ଉଦ୍ୟମ କରିଥିଲା। ୨୦୨୧ରେ ଖାଦ୍ୟାଭାବ, ଅନାହାର ମୃତ୍ୟୁ ବିଶ୍ୱ ସମସ୍ୟା ହେବାକୁ ଯାଉଛି। ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା ଏବଂ ଋଣ ଛାଡ଼ ଭଳି ପଦକ୍ଷେପ ନିଆଯିବା ପରେ ୨୦୨୦ରେ ଏହି ସଙ୍କଟକୁ କେତେକ ଦେଶ କମାଇବାରେ ସଫଳ ହୋଇଛନ୍ତି। ହେଲେ ୨୦୨୧ରେ ପରିଣାମ ଆଶଙ୍କାଠାରୁ ଅଧିକ ହେବ ବୋଲି ଡେଭିଡ୍ ଚେତାଇଛନ୍ତି। ଡେଭିଡ୍ ଆହୁରି ମଧ୍ୟ କହିଛନ୍ତି, କରୋନା ମହାମାରୀ ବିଶ୍ୱକୁ ଥରହର କରିବା ସମୟରେ ଅଧିକାଂଶ ଦେଶର ରାଜକୋଷରେ ଭଲ ରକମର ସମ୍ପତ୍ତି ମହଜୁଦ ଥିଲା। ଏହାକୁ ବିନିଯୋଗ କରି ସେମାନେ ବିପତ୍ତି ଏଡ଼ାଇବାକୁ ଯଥାସାଧ୍ୟ ଉଦ୍ୟମ କରିଛନ୍ତି। ହେଲେ ଦୀର୍ଘଦିନର ଭୂତାଣୁ ସହିତ ଲଢ଼େଇ ମଧ୍ୟରେ ଅର୍ଥବ୍ୟବସ୍ଥା ସଙ୍କୁଚିତ ହୋଇଯାଇଛି। ଏହା ନିମ୍ନଗାମୀ ହେବାରେ ଲାଗିଛି। ଏହି କାରଣରୁ ଆଗାମୀ ଦିନରେ ଅର୍ଥ ସଙ୍କଟ ଦେଖାଦେବ। କମ୍ ଏବଂ ମଧ୍ୟମ ଆୟକାରୀ ୩ ଡଜନ ଦେଶ ମାନ୍ଦାବସ୍ଥା ସହିତ ଲଢ଼େଇ କରିବେ। ପର୍ଯ୍ୟାୟକ୍ରମେ କରୋନା ଲହରି ସୃଷ୍ଟି ହେଉଥିବା ଦେଶଗୁଡ଼ିକରେ ପୁଣି ଥରେ ଲକ୍‌ଡାଉନ, ଶଟ୍‌ଡାଉନ୍ ସଙ୍କଟ ଆସିପାରେ। ପର୍ଯ୍ୟାପ୍ତ ଭ୍ୟାକ୍ସିନ ଉପଲବ୍ଧ ହେବା ସତ୍ତ୍ୱେ ୨୦୨୫ ଯାଏ ଶୀତରେ ସଂକ୍ରମଣ ସମସ୍ୟା ଜାରି ରହିବ। ଆମେରିକାରେ ୧୯୧୮ରେ ଦେଖାଦେଇଥିବା ସ୍ପାନିଶ ଫ୍ଲୁରେ ୬ ଲକ୍ଷ ୭୫ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। କରୋନାଜନିତ ମୃତ୍ୟୁ ଏହାକୁ ଟପିଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏଥିରୁ କୋଭିଡ୍-୧୯ ଭୟାବହତାକୁ ଠଉରାଯାଇପାରେ ବୋଲି ସେ କହିଛନ୍ତି। ଅନ୍ୟପଟେ ବିଶେଷଜ୍ଞମାନେ ବିଶ୍ୱର ଅର୍ଥନୀତିରେ ସୁଧାର ଆସିବ ବୋଲି ଅନୁମାନ କରୁଛନ୍ତି। ହେଲେ ଏହାର ଗତି ଅତି ଧୀମା ହେବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ତେଣୁ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅର୍ଥନୀତିରେ ହଠାତ୍ ସୁଧାର ଆସିବା ଭାବିବା ଭୁଲ ହେବ।

## ଡବ୍ଲ୍ୟୁଏଫ୍‌ପିର ଚେତାବନୀ

ଅନବରତ ପ୍ରୟାସ ସତ୍ତ୍ୱେ ୨୦୨୧ ସୁଦ୍ଧା ଅନେକ ଦେଶ ମାନ୍ଦାବସ୍ଥାରୁ ମୁକୁଳି ନ ଥିବେ। ଏଥିରୁ ଅର୍ଥ ସଙ୍କଟ କେତେ ବିପଜ୍ଜନକ ହେବ ତାହା ଅନୁମାନ କରାଯାଇପାରେ। ଡେଭିଡ୍ ଏହା ମଧ୍ୟ ଅନୁମାନ ଲଗାଇଛନ୍ତି ଯେ, ଭ୍ୟାକ୍ସିନ ଆସିବା ପରେ ବିକଶିତ ଦେଶଗୁଡ଼ିକର ଅର୍ଥବ୍ୟବସ୍ଥାକୁ ସାହାରା ମିଳିବ। ହେଲେ ଗରିବ ଦେଶଗୁଡ଼ିକ ଅତିରିକ୍ତ କରଜ ଛାଡ଼ ବୋଝ ସହିବାକୁ ପଡ଼ିବ। ୨୦୨୧ ଜାନୁୟାରୀରେ ସମ୍ପୃକ୍ତ ଦେଶସବୁ ପୁନର୍ବାର କରଜ ଟଙ୍କା ଆଦାୟ ପ୍ରକ୍ରିୟା ଆରମ୍ଭ କରିବେ। ନୂଆ ଲକ୍‌ଡାଉନ ଏବଂ ମହାମାରୀର ପରବର୍ତ୍ତୀ ଲହରି ଏଥିରେ ବାଧକ ସାଜିପାରେ, ଯାହାର ପରିଣାମ ଅଧିକ ଭୟଙ୍କର ହେବ। ଫଳରେ ବର୍ଷେରୁ ଦେଢ଼ ବର୍ଷ ଯାଏ ଖାଦ୍ୟସଙ୍କଟ ସଙ୍ଗୀନ ରୂପ ନେବ। ଗତ ଏପ୍ରିଲରେ ୧୩.୫ କୋଟି ଲୋକ କ୍ଷୁଧା ସଙ୍କଟର ଶିକାର ହୋଇଥିଲେ। ବର୍ଷ ଶେଷ ବେଳକୁ ଏହି ସଂଖ୍ୟା ୧୩ କୋଟି ତଳକୁ ଖସିବନାହିଁ। ମହାମାରୀ କବଳିତ ବିଶ୍ୱରେ କ୍ଷୁଧା ବିରୋଧରେ ଲଢ଼ିବାକୁ ଆନୁମାନିକ ୧୫ ଅରବ ଡଲାର ଟଙ୍କା ଆବଶ୍ୟକ। ଭୋକିଲା ମଣିଷ ମୁହଁରେ ମୁଠାଏ ଦାନା ଦେବା ପାଇଁ ଏବେଠାରୁ ସବୁ ଦେଶର ସରକାରକୁ ଚିନ୍ତା କରିବାକୁ ପଡ଼ିବ। ଏଥିପାଇଁ ଆଗୁଆ ପାଣ୍ଠି ଯୋଗାଡ଼ କରିବାକୁ ହେବ ବୋଲି ଡେଭିଡ୍ ଆହ୍ୱାନ ଦେଇଛନ୍ତି।

ମନେ ପଡ଼ନ୍ତି
ଶ୍ରାଦ୍ଧ ଉପଲକ୍ଷେ



ସ୍ୱର୍ଗତ କୁମାରେଶ ସାମଲ
(ପୂର୍ବତନ ସଚିବ, ଓଡ଼ିଶା ବିଧାନସଭା)
କାର୍ତ୍ତିକ ଶୁକ୍ଳ ପଞ୍ଚମୀ
୧୩୨ ବାପୁଜୀ ନଗର, ଭୁବନେଶ୍ୱର
୧୨ବର୍ଷ ଚାଲିଗଲା, ପ୍ରତି ମୁହୂର୍ତ୍ତରେ ତୁମରି ସତ୍ତା ଅନୁଭବ କରିଅଛୁ। ତୁମ ଭଲପାଇବା, ଆଦର୍ଶ, ତ୍ୟାଗ, ପରୋପକାର ସର୍ବଦା ଆମକୁ ପ୍ରେରଣା ଦେଉଥାଉ, ଏହାହିଁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
ଛାଡି ଯାଇଥିବା ତୁମ ପରିବାରବର୍ଗ ।
ଧ-୧୮୯୦୦

# ଚାଷଜମିରୁ ବାହାରିଲା ସ୍ୱର୍ଣ୍ଣମୁଦ୍ରା

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଶାମଲି ଜିଲାର ଏକ ଚାଷ ଜମି ଖୋଳିବା ସମୟରେ ସୁନା ଓ ରୂପା ମୁଦ୍ରା ବାହାରିଛି।



ଏହି ସୁନା ଓ ରୂପା ମୁଦ୍ରା ବହୁ ପ୍ରାଚୀନ କାଳର ବୋଲି ଜଣାପଡ଼ିଛି। ଟ୍ରାକ୍ଟରେ ଜମି ହଳ ସମୟରେ ସୁନା, ରୂପା ମୁଦ୍ରା ବାହାରୁଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ପରେ ଗ୍ରାମବାସୀ ଏକତ୍ରିତ ହୋଇଗଲେ। ଯାହା ହାତରେ ଯାହା ପଡ଼ିଲା ସେ ତାକୁ ନେଇ ଘରକୁ ପଳାଇଲେ। ଅନ୍ୟପକ୍ଷରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ଗ୍ରାମବାସୀ କିଛି ମୁଦ୍ରାନେଇ ନ ଥିବା କହିଥିଲେ। ମାତ୍ର ୩ ମୁଦ୍ରାର ଫଟୋ ଗଣମାଧ୍ୟମ ହାତରେ ଲାଗିଥିଲା। ଯେଉଁଥିରେ ଦୁଇଟି ସୁନା ଏବଂ ଗୋଟିଏ ରୂପା ମୁଦ୍ରା ରହିଛି।

# ଅପରାଧୀ ଅଭାବରୁ ବନ୍ଦ ହେଉଛି ଜେଲ

**ଆମ୍‌ଷ୍ଟରଡାମ୍:** ଅନେକ ଦେଶରେ ଜେଲରେ କଏଦୀଙ୍କ ସଂଖ୍ୟା ବଢୁଥିବାରୁ ସ୍ଥାନ ଅଭାବ ପଡୁଛି। ସେଥିପାଇଁ କେତେକ କ୍ଷେତ୍ରରେ କ୍ଷମତାଠାରୁ ଅଧିକ ଅପରାଧୀଙ୍କୁ ରଖିବାକୁ ପଡ଼ିଥାଏ। କିନ୍ତୁ ନେଦରଲାଣ୍ଡରେ ଏହାର ଓଲଟା ସ୍ଥିତି ଦେଖିବାକୁ ମିଳେ। ଏଠାରେ ଗତ କିଛିବର୍ଷ ଧରି ଜେଲଗୁଡ଼ିକୁ ବନ୍ଦ କରାଯାଉଛି। ଏହାର କାରଣ ହେଲା ଦେଶରେ ଅପରାଧୀଙ୍କ ସଂଖ୍ୟା କମିବାରେ ଲାଗିଛି। ମଜାଦାର ବିଷୟ ହେଲା ଏଠାରେ ଜେଲ ଖାଲି ପଡୁଥିବାରୁ ପଡ଼ୋଶୀ ଦେଶରୁ ଅପରାଧୀଙ୍କୁ ଏଠାକାର ଜେଲକୁ ପଠାଯାଉଛି। ଏଠାରେ ଅପରାଧ ହାର ଯଥେଷ୍ଟ କମ୍। ଯଦିଓ କେହି ଅପରାଧ ଘଟାଇ ଜେଲ ଯାଇଥାନ୍ତି, ଏଠାରେ ତାଙ୍କୁ ଶୀଘ୍ର ବାହାରକରି ସୁଧାରିବାକୁ ଉଦ୍ୟମ କରାଯାଇଥାଏ। ସେମାନଙ୍କୁ ସମାଜର ମୁଖ୍ୟଧାରାରେ ଯୋଡ଼ିବାର ପ୍ରୟାସ କରାଯାଏ। ନେଦରଲାଣ୍ଡର ଜନସଂଖ୍ୟା ୧.୭୩ କୋଟି। ଜନସଂଖ୍ୟାକୁ ଦୃଷ୍ଟିରେ



ରଖି ଏଠାକାର ନ୍ୟାୟ ବିଭାଗର ଅନୁମାନ ଅନୁଯାୟୀ ୨୦୨୩ ସୁଦ୍ଧା ଦେଶରେ ଅପରାଧୀଙ୍କ ସଂଖ୍ୟା ୮୮୧୦ରେ ପହଞ୍ଚିପାରେ। ଏହି ସଂଖ୍ୟା ନେଦରଲାଣ୍ଡ ପାଇଁ ଅଧିକ। ତେବେ ବୁଦ୍ଧିଜୀବୀଙ୍କ କହିବା ହେଲା, ବଜେଟ କମ୍ ଯୋଗୁ ଥାନାଗୁଡ଼ିକ ବନ୍ଦ ହୋଇଯାଉଛି। ତେଣୁ ଅନେକ ଅପରାଧ ଏବଂ ଅଭିଯୋଗ ଥାନାରେ ପହଞ୍ଚି ପାରୁନାହିଁ ବୋଲି ସେମାନେ କୁହନ୍ତି।



ପୂର୍ବରୁ ନେଦରଲାଣ୍ଡରେ ଏପରି ସ୍ଥିତି ନ ଥିଲା। ଏକ ଦଶକ ପୂର୍ବରୁ ୟୁରୋପର ସବୁଠାରୁ ଅଧିକ କଏଦୀ ନେଦରଲାଣ୍ଡରେ ହିଁ ଥିଲେ। ଅପରାଧୀଙ୍କ ମଧ୍ୟରେ ସୁଧାର ଆଣିବାର ପ୍ରୟାସ ଯୋଗୁ ଦେଶରେ ଅପରାଧୀଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଛି। ୨୦୦୫-୧୫ ମଧ୍ୟରେ ଦେଶରେ ଅପରାଧୀଙ୍କ ସଂଖ୍ୟା ୪୩ ପ୍ରତିଶତ କମିଥିବା ଜଣାଯାଏ। ୨୦୦୫ରେ ଦେଶରେ ଅଧିକ ସଂଖ୍ୟାରେ ଡ୍ରଗ୍ସ ମାଫିଆଙ୍କୁ ଧରାଯିବା ଫଳରେ ଏଠାରେ କଏଦୀଙ୍କ ସଂଖ୍ୟା ବଢ଼ିଥିଲା।

## ସୁଧାର ଉପରେ ନେଦରଲାଣ୍ଡର ଗୁରୁତ୍ୱ

କିନ୍ତୁ ପରବର୍ତ୍ତୀ ସମୟରେ ଦୋଷୀଙ୍କୁ ସୁଧାରିବାର ପ୍ରୟାସ ଆରମ୍ଭ ହୋଇଥିଲା। କେବଳ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଜେଲଦଣ୍ଡ ମିଳୁଛି। ବଡ଼ ଅପରାଧ ଘଟାଉ ନ ଥିବା ଅପରାଧୀଙ୍କୁ ଜଜ୍ ଜେଲଦଣ୍ଡ ବଦଳରେ ଜରିମାନା ଏବଂ ସାମାଜିକ କାର୍ଯ୍ୟରେ ଜଡ଼ିତ ରହିବା ନିମନ୍ତେ ଦଣ୍ଡାଦେଶ ଶୁଣାଇଥାନ୍ତି। ଏହାଦ୍ୱାରା ଅପରାଧୀମାନେ ନିଜ ଲୋକଙ୍କ ସହ ରହି ସେମାନଙ୍କ ମଧ୍ୟରେ ପରିବର୍ତ୍ତନ ଆସୁଥିବା ଜଣାପଡ଼ିଛି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

MUDRA FINANCE
ସମସ୍ତ ଯୋଜନା ଦ୍ୱାରା ମାର୍କସିଟ୍ ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ବିପିଏଲ୍, କୃଷି, ମୁର୍ଗି-ପାଳନ, ପଶୁପାଳନ ଦୋକାନ ଆଦି
ସମସ୍ତ ଋଣ 1% ସୁଧ ଓ 60% ଛାଡରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
Plot No-14/524, Chandini Chowk, Kolkata
Call or SMS Now
7453832600

Various types of High Grade Mines available to give Sublease or Sharing Partner. High Return. Term and Condition applied. Investment Capacity 4 Cr. to 41 Cr.
Contact:
9658805048

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ମୋର ଶକ୍ତି ପ୍ରଦର୍ଶନ ନିଜେ ଦେଖନ୍ତୁ ଖୋଲା ଚ୍ୟାଲେଞ୍ଜ୍
ଆଖି ଆଗରେ ୩ ଘଣ୍ଟାରେ ୧୦୧% ସମସ୍ୟାର ସମାଧାନ
ବାବା ଅଘୋରୀ ତାନ୍ତ୍ରିକ
(ତନ୍ତ୍ର ମନ୍ତ୍ର ର ସମ୍ରାଟ୍)
କାହାର ଥିବ ଜ୍ଞାନ ସେହିଁ କରିବ ସମାଧାନ
ଭଗବାନ ଚାହିଁଲେ ସବୁକିଛି ସମ୍ଭବ କରିପାରିବି।
ସ୍ପେଶାଲିଷ୍ଟ ବଶୀକରଣ, ମନ ଚାହୁଁଥିବା ପ୍ରେମ, ପ୍ରେମ ବିବାହ, ପ୍ରେମରେ ଧୋକା, ରାଗିଥିବା ଲୋକଙ୍କୁ ମନେଇବା, ପତୀ ପତ୍ନୀ ମଧ୍ୟରେ ଝଗଡା, ଶତ୍ରୁଠାରୁ ମୁକ୍ତି, ବ୍ୟବସାୟରେ ବାଧା, A-Z ସମସ୍ୟାର ସମାଧାନ।
8882348054
ପ୍ରକୃତ ପ୍ରେମୀମାନେ କାହିଁକି ନିରାଶ ହେଉଛନ୍ତି, ପ୍ରେମର ଅସମ୍ପୂର୍ଣ୍ଣ ସ୍ୱପ୍ନକୁ ବଶୀକରଣ ଦ୍ୱାରା ଜୀବନସାଥି କରନ୍ତୁ। ଘରେବସି କାମକରିଥିବା କଥାଗୁପ୍ତ ରହିବ।

JANODAYA Finance
ପର୍ସନାଲ୍, ପ୍ରପୋର୍ଟି, ଗ୍ରୁପ୍, ମାର୍କସିଟ୍, ବ୍ୟବସାୟ, କୃଷି ପଶୁପାଳନ, କୁକୁଡା ପାଳନ ଓ ଗୃହଋଣ ଇତ୍ୟାଦି ସବୁ ପ୍ରକାର LOAN ଘରେ ବସି ପାଆନ୍ତୁ।
ମାତ୍ର ୨% ସୁଧ ହାରରେ
Bharatpur, Badahkole, Sambalpur
9438082179
8480403308

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାନୀ

# ଭଲ ସମୟ ଆସିଛି

ପ୍ରଥମେ ଆଲବମ୍ ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର। ବଡ଼ ପରଦାରେ ଏକ ଲମ୍ବା ଇନିଂସ ଖେଳିବାକୁ ଆଶା ରଖିଛନ୍ତି ଏହି ନବାଗତା। ଏ ପର୍ଯ୍ୟନ୍ତ ତିନୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଲେଣି ଏବଂ ଆଉ ଦୁଇଟି ଚିତ୍ରରେ କାମ କରିବା ପାଇଁ ଅଫର ରହିଛି। ସେ ହେଲେ ଆଲବମ୍ କୁଇନ୍ ନାମରେ ପରିଚିତା ରାନୀ ପ୍ରିୟଦର୍ଶିନୀ ସାହୁ। ନିଜର କ୍ୟାରିୟର ସମ୍ପର୍କରେ ସେ କହନ୍ତି, ପ୍ରଯୋଜକ ନାରାୟଣ ଘଡ଼େଇ ମୋତେ ପ୍ରଥମେ 'ଜ୍ୟୋସ୍ନା ଭିଜା ରାତି'ର ନାୟିକା ହେବାର ସୁଯୋଗ ଦେଇଥିଲେ। ଏଭଳି ସୁଯୋଗ ପାଇବା ପରେ ନାୟିକା ହେବାର ଆଶା ମୋର ଦ୍ୱିଗୁଣିତ ହୋଇଯାଇଥିଲା। ତା'ପରେ ରିଲିଜ ଅପେକ୍ଷାରେ ଥିବା 'କଟି ପତଙ୍ଗ' ରେ ମୋ ଭୂମିକା ମୋତେ ଆହୁରି ପ୍ରେରଣାଦାୟକ ହୋଇଥିଲା। ଆଲବମ୍‌ରେ ଅଭିନୟ କରିବା ସମୟରେ ମୋତେ ଆଲବମ୍ କୁଇନ୍ ବୋଲି ସମ୍ବୋଧନ କରୁଥିଲେ। ଓଡ଼ିଆ ସିନେମାରେ ମୋତେ ଯେଉଁଭଳି ଭୂମିକା ମିଳିଲେ ତାହାକୁ ତୁଲାଇବାର ଦକ୍ଷତା ରହିଛି। କେବଳ ଅଭିନୟ ନୁହେଁ, ଏବେ ରାନୀ ସମାଜସେବାରେ ମନୋନିବେଶ କରିଛନ୍ତି। ତେବେ ନାୟିକା ଭାବରେ ରାନୀ ଆଗକୁ ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ସେହି ସାତଦିନ

କ୍ୟାଟ୍ରିନା କୈଫ ଏବେ ଫରେନ୍‌ରେ ଛୋଟ ଭ୍ୟାକେସନ ଶେଷକରି ବମ୍ବେ ଫେରି ଆସିଛନ୍ତି। ହେଲେ ତାଙ୍କର ଏହି ସାତଦିନିଆ ବିଦେଶ ଟୁର୍‌କୁ ସେ ଭୁଲିପାରୁନାହାନ୍ତି। କଥା କ'ଣ କି ଗତ ସପ୍ତାହରେ କ୍ୟାଟ୍ରିନା ମାଳଦ୍ୱୀପରେ ଡେରା ପକାଇଥିଲେ। ଅସଲ କଥା ହେଲା ସେଠାକୁ ସେ ଏକ ବିଜ୍ଞାପନ ଶୁଟିଂ କରିବାକୁ ଯାଇଥିଲେ। ଶୁଟିଂ ସିନା ସରିଗଲା, ହେଲେ କ୍ୟାଟ୍ରିନା ସେଠାରେ ଆଉ କିଛି ଦିନ ରହିବାକୁ ଚାହିଁଥିଲେ। ଏ ନେଇ କ୍ୟାଟ୍ରିନା କହନ୍ତି, 'ମାଳଦ୍ୱୀପ ଏକ ଛୋଟ ଜାଗା। ହେଲେ ଏହା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ସେଠାରେ ମୁଁ ଯେତିକି ଦିନ ରହିଥିଲି ଏହାର ଭରପୂର ମଜା ନେଇଛି।' କ୍ୟାଟ୍ରିନାଙ୍କ ଅଭିନୀତ ଶେଷ ଫିଲ୍ମ 'ଭାରତ' ଗତବର୍ଷ ରିଲିଜ ହୋଇଥିଲା, ଯାହାର ନାୟକ ସାଜିଥିଲେ ସଲମାନ ଖାଁ। ଏବେ ସେ ଅଭିନୟ କରିଥିବା 'ସୂର୍ଯ୍ୟବଂଶୀ' ମୁକ୍ତିଲାଭ ଅପେକ୍ଷାରେ ରହିଛି। ଏହାର ମେନ୍ ଲିଡ୍‌ରେ ଅଛନ୍ତି ଅକ୍ଷୟ କୁମାର।



କ୍ୟାଟ୍ରିନା

# ଯଦି ଡେଟ୍ ଥାଆନ୍ତା..



ହ୍ରିତିକ

ନିର୍ଦ୍ଦେଶକ ଏବଂ ପ୍ରଯୋଜକ ଆଶୁତୋଷ ଗୋୱାରିକରଙ୍କ 'ସ୍ୱଦେଶ' ସେ ସମୟରେ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା। ୨୦୦୪ରେ ରିଲିଜ ହୋଇଥିବା ଏହି ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶାହରୁଖ ଖାଁ। କିନ୍ତୁ କାଷ୍ଟିଂ ବିଷୟରେ ଆଲୋଚନା ସମୟରେ ଏହି ଭୂମିକା ପାଇଁ ହ୍ରିତିକ ରୋଶନଙ୍କୁ ଯୋଗାଯୋଗ କରାଯାଇଥିଲା। ହେଲେ କ'ଣ ହେବ ? ସେତେବେଳେ ହ୍ରିତିକଙ୍କ ପାଖରେ ଡେଟ୍ ନ ଥିଲା। କାରଣ ସେ ଯେଉଁ ଫିଲ୍ମଗୁଡ଼ିକ ସାଇନ୍ କରିଥିଲେ ତାହାର ଶୁଟିଂରେ ସେ ବ୍ୟସ୍ତ ଥିଲେ। ଫଳରେ ଏହି ଅଫରଟିକୁ ହାତଛଡ଼ା କରିଥିଲେ। ଆଉ ଏବେ ନିଜ କ୍ୟାରିୟର ବିଷୟରେ ସୂଚନା ଦେବା ସମୟରେ ସେ ଏ ବିଷୟରେ କହିବାକୁ ଭୁଲି ନ ଥାନ୍ତି। 'ଯଦି ସେତେବେଳେ ମୋ ହାତରେ ଡେଟ୍ ଥାଆନ୍ତା ତେବେ ଏହି ଫିଲ୍ମରେ ମୁଁ ଅଭିନୟ କରିଥାଆନ୍ତି ଆଉ ତାହା କ୍ୟାରିୟରର ଆଉ ଏକ ହିଟ୍ ସିନେମା ଭାବରେ ପରିଗଣିତ ହୋଇଥାଆନ୍ତା ବୋଲି କହନ୍ତି ସେ।' ତା'ପରେ ଶାହରୁଖଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ଏକାଥରେ ରାଜି ହୋଇଯାଇଥିଲେ।

# ଖୋଜିବା ଚିଜ ମିଳିଗଲା

ବେଳେବେଳେ ମନ ଯାହା ଖୋଜୁଥାଏ ତାହା ହାତ ପାଆନ୍ତାରେ ମିଳିଯାଇଥାଏ। ଦେଖୁନାହାନ୍ତି, ନିଜର ମନଲାଖି ଭୂମିକାଟିଏ ପାଇବା ପରେ ନବାଗତ ବିଶ୍ୱରୂପ କେମିତି ଖୁସିରେ ଉଛୁଳୁଛନ୍ତି। କଥା କ'ଣ କି ନର୍ମିତ ହେବାକୁ ଯାଉଥିବା ନୂଆ ଓଡ଼ିଆ ସିନେମା 'ରକି-ଏ ଲଭର'ର ଟାଇଟଲ ଭୂମିକାରେ ସେ ଅଭିନୟ କରିବେ। ଏ.ବି. କ୍ରିଏସନରେ ଏହାର ପ୍ରାରମ୍ଭିକ କାମ ଚାଲୁ ରହିଛି। ଉକ୍ତ ଚଳଚ୍ଚିତ୍ର ସମ୍ପର୍କରେ ସୂଚନା ଦେଇ ବିଶ୍ୱରୂପ କହନ୍ତି, 'ଜଣେ ମ୍ୟୁଜିକ ଲଭର ଜୀବନୀ ଉପରେ ଏହି ସିନେମାଟି ନିର୍ମିତ ହେବ। ସେ ସିନା ଗୀତ ଗାଇ ଅନ୍ୟମାନଙ୍କର ମନୋରଞ୍ଜନ କରେ, ହେଲେ ତା' ଜୀବନରେ ମଧ୍ୟ ଉତଥାନ ପତନ ରହିଛି। ଏପରି ଏକ ଚ୍ୟାଲେଞ୍ଜିଂ ଭୂମିକାରେ ଦର୍ଶକ ମୋତେ ଦେଖିବାକୁ ପାଇବେ। ଏହା ଏକ ଡ୍ୟାନ୍ସ-ବେସ୍‌ଡ ମୁଭି ହେବ। ମୋର ପ୍ରଥମ ସିନେମା 'ବିଶ୍ୱରୂପ-ବର୍ଣ୍ଣ ଟୁ ଫାଇଟ୍'ରେ ମୋତେ ଆକ୍ସନ ଭୂମିକା ମିଳିଥିଲା। ହେଲେ ଏଥର ରୋମାଣ୍ଟିକ ଚରିତ୍ରକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ଏହି ନୂଆ ସିନେମାର ପ୍ରଯୋଜନା କରୁଛନ୍ତି ବିଶ୍ୱଜିତ ମିଶ୍ର। ଖାସ୍ କଥା ହେଲା 'ବିଶ୍ୱରୂପ-ବର୍ଣ୍ଣ ଟୁ ଫାଇଟ୍' ପରେ ଏହି ଫିଲ୍ମରେ ମଧ୍ୟ ବିଶ୍ୱରୂପଙ୍କ ନାୟିକା ସାଜୁଛନ୍ତି ତନୁଷ୍କା।

# ଅବସର ସମୟରେ..

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଡେଭିଡ୍ ଧାୱନଙ୍କ ପୁତ୍ର ବରୁଣ ଧାୱନ। କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର'ରୁ ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଯେତେବେଳେ ତାଙ୍କୁ ସମୟ ମିଳେ ସେତେବେଳେ ସେ କ'ଣ କରନ୍ତି ଜାଣନ୍ତି ? ଘରେ ବସି ମନ ପସନ୍ଦର ସିନେମା ଦେଖନ୍ତି। ଏ ପର୍ଯ୍ୟନ୍ତ ସେ ଯେତେ ସିନେମା ଦେଖିଛନ୍ତି ତନ୍ମଧ୍ୟରୁ ଗୋବିନ୍ଦାଙ୍କ ଅଭିନୀତ ସିନେମା ସଂଖ୍ୟା ଅଧିକ। ଏ ବିଷୟରେ ବରୁଣ କହନ୍ତି, 'ବଲଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ମୋର ସିନେମା ଦେଖିବା ଏକ ନିଶା ଥିଲା। ଏହି ସମୟରେ ଜଣଙ୍କୁ ମୁଁ ଆକ୍ଟିଂ ଗୁରୁ ଭାବରେ ଗ୍ରହଣ କରିଥିଲି। ସେ ହେଲେ ଗୋବିନ୍ଦା। କାରଣ ତାଙ୍କ ଅଭିନୟ ମୋତେ ବେଶ୍ ପ୍ରଭାବିତ କରିଛି। ତାଙ୍କ ଅଭିନୀତ ସମସ୍ତ ସିନେମା ମୁଁ ଦେଖିସାରିଛି। ବଲିଉଡ୍‌ରେ ମୁଁ ଜଣେ ଭଲ ଅଭିନେତା ଭାବରେ ଦର୍ଶକଙ୍କ ନିକଟରେ ରହିବାକୁ ଚାହେଁ।' ପିଲାଦିନେ ବରୁଣ ଭାରି ଦୁଷ୍ଟ ଥିଲେ। ଇଂଲଣ୍ଡସ୍ଥିତ ନଟିଂହାମ ଟ୍ରେଣ୍ଟ ୟୁନିଭର୍ସିଟିରୁ ସେ ବିଜ୍‌ନେସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଛନ୍ତି। ଏପରି କି ସେଠାରେ ପକେଟ ମନି ପାଇଁ ବରୁଣ ଏକ ଲିଫଲେଟ୍ କମ୍ପାନୀ ଡିଷ୍ଟ୍ରିବ୍ୟୁଟର ଭାବରେ କିଛି ଦିନ କାମ କରିଥିଲେ। ସୂଚନାଯୋଗ୍ୟ ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶିତ ବରୁଣ-ସାରା ଅଲ୍ଲୀ ଖାଁ ଅଭିନୀତ ରିମେକ୍ ଫିଲ୍ମ 'କୁଲି ନଂ ୧' ରିଲିଜ ଅପେକ୍ଷାରେ ରହିଛି।



ବରୁଣ

# ସଙ୍ଗୀତ ମାୟାରେ ଅର୍ଜୁନ

ଅର୍ଜୁନ ମେହେର (ଆଶ୍ରିତ) ଏକାଧାରରେ ଜଣେ ଗୀତିକାର, କବି ଏବଂ ପ୍ରଯୋଜକ। ନିଜ ସଙ୍ଗୀତ ଜୀବନରେ ସେ ସାଉଁଟିଛନ୍ତି ଅନେକ ପ୍ରଶଂସା। ସାମ୍ପ୍ରତିକ ଘଟଣାବଳୀ ଉଦ୍ଭାସିତ ହୋଇଉଠେ ତାଙ୍କ ରଚିତ ଗୀତ ମାଧ୍ୟମରେ। ନିଜ ସମ୍ପର୍କରେ ସେ କହନ୍ତି, "ମୁଁ ଜନ୍ମ ହୋଇଥିବା ପଡ଼ାରେ ଥିବା ଭାଗବତ ଟୁଙ୍ଗିରେ ମୋ ପିଲାଦିନେ ସନ୍ଧ୍ୟା ସମୟରେ ଖଞ୍ଜଣି ବଜେଇ ଭଜନ କୀର୍ତ୍ତନ ବୋଲାଯାଉଥିଲା। ତାହାକୁ ମୁଁ ଧ୍ୟାନ



ଅର୍ଜୁନ

ଦେଇ ଶୁଣୁଥିଲି। ଅନେକ ପୂର୍ଣ୍ଣିମା, ସଂକ୍ରାନ୍ତି, ଅମାବାସ୍ୟାରେ ଆମ ପଡ଼ାରେ ଦଣ୍ଡନାଚ (ରାଧାକୃଷ୍ଣ ଲୀଳା ) ପାଲା, ଦାସକାଠିଆ, ସଞ୍ଚାର, ଘୁଡୁକାନାଚ ହୁଏ। ସେସବୁ ଦେଖିଲା, ଶୁଣିଲା ପରେ ମନରେ ଉଙ୍କି ମାରେ ମୁଁ ଗୀତଟିଏ ଲେଖିପାରନ୍ତି କି ଗାଇପାରନ୍ତି। ଭଗବାନଙ୍କୁ ଆର୍ଶୀବାଦରୁ ଆଜି ମୁଁ ନିଜକୁ ଜଣେ ଗୀତିକାର ଭାବରେ ପରିଚିତ କରାଇପାରିଛି।" ଘରର ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଦଶମ ଶ୍ରେଣୀରୁ ପାଠପଢ଼ାରେ ଡୋରି ବାନ୍ଧିଥିଲେ ଅର୍ଜୁନ। ଗୁରୁ ନିରଞ୍ଜନ ପଟ୍ଟନାୟକ, ତାଙ୍କର ବଡ଼ ଭାଇ ଗୀତିକାର ଶିବଶଙ୍କର ପ୍ରଧାନ, ବୟୋଜ୍ୟେଷ୍ଠ ସାହିତ୍ୟିକ ଦୀନବନ୍ଧୁ ପଣ୍ଡା, ଡ. ଗୋପୀନାଥ ବାଗ୍ ତାଙ୍କୁ କବିତା ଓ ଗୀତ ଲେଖିବାରେ ସଦାବେଳେ ଉତ୍ସାହିତ କରିଥାଆନ୍ତି। ବୁର୍ଲା ଅନ୍ତର୍ଗତ ଗୌଡପାଲିରେ ୧୯୬୫ ଏପ୍ରିଲ ୨୭ରେ ଅର୍ଜୁନ ଜନ୍ମଗ୍ରହଣ( ପିତା-ଇନ୍ଦ୍ର ମେହେର ମାତା-ଜେମା ମେହେର) କରିଥିଲେ। ଅର୍ଜୁନଙ୍କ ରଚିତ ଭଜନ, ଜଣାଣ, ଚମ୍ପୂ, ଛାନ୍ଦ, ଓଡ଼ିଶୀ, ପଲ୍ଲୀ, ରୋମାଣ୍ଟିକ, ଆଧୁନିକ, ଦେଶାତ୍ମବୋଧକ ଗୀତ ଶ୍ରୋତାଙ୍କୁ ବେଶ୍ ପ୍ରଭାବିତ କରିଛି। ଏହା ବଦଳରେ ସେ ପାଇଛନ୍ତି ଅଜସ୍ର ଭଲ ପାଇବା। ହେଲେ ବିରହ ଗୀତ ଲେଖିବାରେ ତାଙ୍କୁ ମିଳିଛି ବେଶ୍ ଆତ୍ମତୃପ୍ତି। ଏ ସମ୍ପର୍କରେ ଅର୍ଜୁନ କହନ୍ତି, '୧୯୮୫ରେ ଆମ ପଡ଼ାରେ ନାଟକଟିଏ ମଞ୍ଚସ୍ଥ ହେଉଥାଏ। ସେଥିରେ ମୁଁ ନାରୀ ଭୂମିକାରେ ଅଭିନୟ କରୁଥାଏ। ମୋର ଦୀକ୍ଷା ଗୁରୁ ନିରଞ୍ଜନ ପଟ୍ଟନାୟକ କହିଲେ-ଅର୍ଜୁନ, ତୁ ଗୋଟିଏ ଗୀତ ଲେଖ। ତାକୁ ଆମେ ନାଟକ ମଝିରେ ଗାଇ ଝିଅ ପିଲାଙ୍କୁ ନୃତ୍ୟ କରାଇବା। ଆମ ସହରକୁ ନେଇ ଡାଲଖାଇ ଗୀତଟିଏ ଲେଖିଲି, ଯାହା ବେଶ୍ ପ୍ରଶଂସିତ ହୋଇଥିଲା। ଆଉ ସେଇଠୁ ହିଁ ମୋର ଗୀତ ଲେଖାର ମୂଳଦୁଆ ପଡ଼ିଥିଲା। ସମ୍ବଲପୁରୀ ଭାଷାରେ ଡାଲଖାଇ,ରସରକେଲି, ମାଏଲା ଜଡ଼, ଚୁଟକୁଚୁଟା, ଲୋକଗୀତ, ବଜନିଆ, ନଚନିଆ, ଡ଼ଙ୍ଗ୍, ଭଜନ ଜଣାଣ ଏବଂ ଓଡ଼ିଆ ଭାଷାରେ ସବୁ ପ୍ରକାର ଗୀତ ଲେଖିପାରେ। ଶ୍ରୋତାଙ୍କ ନିକଟରେ ମୁଁ ଚିରଋଣୀ। କାରଣ ସେମାନଙ୍କ ପାଇଁ ମୁଁ ଆଜି ଏତେ ବାଟ ଯାଇପାରିଛି। ଆଜିକାଲିର ସଙ୍ଗୀତ ବ୍ୟବସାୟୀକରଣ ହୋଇଯାଇଛି କହିଲେ ଭୁଲ ହେବ ନାହିଁ। ସବୁଠାରୁ ବଡ଼ କଥା ହେଲା ଲୋକଙ୍କ ଚାହିଦା ମୁତାବକ ଗୀତ ରଚନା ଓ ସଙ୍ଗୀତ ସଂଯୋଜନା କଲେ ତାହା ଶ୍ରୋତାଙ୍କ ମନକୁ ନିଶ୍ଚୟ ଛୁଇଁବ।'



ତମନ୍ନା

# ଫ୍ଲପ୍ ସିନେମା ମୋତେ ଅଧିକ ଉତ୍ସାହିତ କରିଥାଏ

ଦିନ ଥିଲା ତାଙ୍କୁ ସିନେମାଟିଏ ପାଇବାକୁ ବେଶ୍ କସରତ କରିବାକୁ ପଡୁଥିଲା। କିନ୍ତୁ ଏପରି କି ନିଜ ଅଭିନୀତ ପ୍ରଥମ ସିନେମାକୁ ଦର୍ଶକ ଗ୍ରହଣ କରି ନ ଥିଲେ। ହେଲେ ସେଥିରେ ସେ ଭାଙ୍ଗିପଡି ନଥିଲେ। ନିଜ ଉପରେ ଭରସା ରଖି ସେ ଆଗେଇ ଚାଲିଲେ। ଆଉ ଏବେ ସେ ଦକ୍ଷିଣ ଭାରତୀୟ ସିନେମାର ଜଣେ ଆଗଧାଡ଼ିର ଅଭିନେତ୍ରୀ। ହଁ, ସେ ହେଲେ ତମନ୍ନା ଭାଟିଆ। ତାଙ୍କର ଆକ୍ଟିଂ କ୍ୟାରିୟର ଆରମ୍ଭ ହୋଇଥିଲା ୨୦୦୫ରୁ। ସେତେବେଳେ ତାଙ୍କୁ ବୟସ ହୋଇଥିଲା ମାତ୍ର ୧୪ବର୍ଷ। ତାଙ୍କର ପସନ୍ଦୀୟ ରଙ୍ଗ ହେଲା ଧଳା। ପୁଣି ସେ ଅଧିକାଂଶ ସମୟ ଧଳା ଡ୍ରେସ ପିନ୍ଧିବାକୁ ପସନ୍ଦ କରିଥାଆନ୍ତି। ତମନ୍ନା ଦେଖିବାକୁ ଏତେ ଗୋରା ଯେ ତାଙ୍କୁ 'ମିଲ୍‌କ ବିୟୁଟି' ବୋଲି ଅନେକେ ସମ୍ବୋଧନ କରିଥାଆନ୍ତି। ସେ ଚକୋଲେଟ୍ ଏବଂ ଆଇସକ୍ରିମ ଖାଇବାକୁ ଭଲ ପାଆନ୍ତି। ତାଙ୍କର ମନ ପସନ୍ଦର ଅଭିନେତା ହେଉଛନ୍ତି ମହେଶ ବାବୁ। ପ୍ରୀତି ଜିଣ୍ଟାଙ୍କ ଆକ୍ଟିଂ ମଧ୍ୟ ତାଙ୍କୁ ବେଶ୍ ପ୍ରଭାବିତ କରିଛି। ସମୟ ମିଳିବା ମାତ୍ରେ ସେ ଜିମ୍ ଯାଇଥାଆନ୍ତି। ତା' ସହ ଇଣ୍ଟରନେଟ୍ ସହ ନିଜକୁ ଜଡିତ ରଖନ୍ତି ଏବଂ ବହି ମଧ୍ୟ ପଢ଼ନ୍ତି। ଇଂଲିଶ, ହିନ୍ଦୀ ବ୍ୟତୀତ ତାମିଲ, ତେଲୁଗୁ, ମାଲାୟାଲମ, ସିନ୍ଧି ଏବଂ ମରାଠୀ ଭାଷାରେ ତାଙ୍କର ବେଶ୍ ଦକ୍ଷତା ରହିଛି।

ରିଲିଜ ଅପେକ୍ଷାରେ...

# ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ଆକ୍ଟିଂ କ୍ୟାରିୟରରେ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବହିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଳା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ନଭେମ୍ବର ୧୯/୨୦୨୦ Thursday, November 19/ 2020

# ରିଦ୍ଧିମାନ, ଈଶାନ୍ତଙ୍କ ଅଭ୍ୟାସ ଆରମ୍ଭ

**ଅଷ୍ଟ୍ରେଲିଆରେ ଡିସେମ୍ବର ୧୭ରୁ ଆରମ୍ଭ ହେବାକୁ ଯାଉଥିବା ପ୍ରଥମ କ୍ରିକେଟ ଟେଷ୍ଟକୁ ଦୃଷ୍ଟିରେ ରଖି ଭାରତର ଦୁଇ ଭେଟେରାନ ଖେଳାଳି ରିଦ୍ଧିମାନ ଶାହା ଓ ଈଶାନ୍ତ ଶର୍ମା ବୁଧବାର ଅଭ୍ୟାସ ଆରମ୍ଭ କରିଛନ୍ତି। ରିଦ୍ଧିମାନ ସିଡ୍‌ନୀରେ ନେଟ୍ସ ସେସନରେ ଦୀର୍ଘ ସମୟ ବ୍ୟାଟିଂ କରିଥିବାବେଳେ ଈଶାନ୍ତ ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ପୂରା ବେଗରେ ବୋଲିଂ କରିଛନ୍ତି।**

## ନେଟ୍ସକୁ ଫେରିଲେ ରିଦ୍ଧିମାନ

**ସିଡ୍‌ନୀ, ୧୮।୧୧(ପି.ଟି.):** ରିଦ୍ଧିମାନଙ୍କୁ ଟିମ୍ ଇଣ୍ଡିଆର ନେଟ୍ସ ସେସନରେ ଦେଖିବାକୁ ମିଳିଥିବାରୁ ସେ ଏବେ ଆହତ ସମସ୍ୟାରୁ ସୁସ୍ଥ ହେବା ପଥରେ ଥିବା ସୂଚନା ମିଳିଛି। ଡିସେମ୍ବର ୧୭ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ପ୍ରଥମ ଟେଷ୍ଟକୁ ୪ ସପ୍ତାହ ବାକିଥିବାରୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିବେ ବୋଲି ଆଶା କରାଯାଉଛି। ଗତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ରିଦ୍ଧିମାନ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିରେ ଥିଲେ। ଫଳରେ ସେ ଆଇପିଏଲର ଶେଷଭାଗରେ ଖେଳିପାରି ନ ଥିଲେ। ଏହା ମଧ୍ୟରେ ଏଲିମିନେଟର ଓ କ୍ୱାଲିଫାୟର-୨ ସାମିଲ ଥିଲା। ଆହତାବସ୍ଥା ଗୁରୁତର ନ ଥିବାରୁ ତାଙ୍କୁ ଦଳସହ ଅଷ୍ଟ୍ରେଲିଆ ଆସିବାକୁ ଅନୁମତି ମିଳିଥିଲା। ବୁଧବାର ସେ ନେଟ୍ସରେ ଅନେକ ସମୟ ବ୍ୟାଟିଂ କରିଥିବାର ଏକ ଭିଡିଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମିଡିଆରେ ଅପ୍‌ଲୋଡ୍ କରାଯାଇଛି। ତେବେ ସେ ଉଇକେଟ କିପିଂ କରି ନ ଥିଲେ। ସେ ଆଗକୁ ଆସି ଖେଳିବାରେ କିମ୍ବା ଫୁଟ୍‌ୱାର୍କ ମୁଭ୍‌ମେଣ୍ଟରେ କୌଣସି ଅସୁବିଧା ଅନୁଭବ କରି ନ ଥିଲେ। ତେଣୁ ସେ କେତେଶୀଘ୍ର ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରିରୁ ମୁକ୍ତ ହେଉଛନ୍ତି ସେଥିରୁ ତାହା ସୂଚନା ମିଳିଛି। ରିଦ୍ଧିମାନ ୩୭ଟି ଟେଷ୍ଟ ଖେଳି ୧୨୩୮ ରନ ସ୍କୋର କରିଛନ୍ତି। ଫିଜିଓ ନୀତିନ ପଟେଲ ଓ ନିକ୍ ୱେବ୍ ଇଞ୍ଜୁରି ମ୍ୟାନେଜମେଣ୍ଟ ଉପରେ ବିଶେଷ ଧ୍ୟାନ ଦେଉଥିବାରୁ ରିଦ୍ଧିମାନ ପ୍ରଥମ ଟେଷ୍ଟ ବେଳକୁ ସମ୍ପୂର୍ଣ୍ଣ ଫିଟ୍ ହୋଇ ଯାଇଥିବେ ବୋଲି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଆଶାପ୍ରକାଶ କରିଛନ୍ତି। ଗତ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ବ୍ୟାଟିଂ ଦକ୍ଷତାକୁ ଦୃଷ୍ଟିରେ ରଖି ରିଷଭ ପନ୍ତଙ୍କୁ ସୁଯୋଗ ମିଳିଥିଲା। ମାତ୍ର ଏଥର ଯଦି ରିଦ୍ଧିମାନ ଫିଟ୍ ହୁଅନ୍ତି ତେବେ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଖେଳିବା ଏକପ୍ରକାର ନିଶ୍ଚିତ।

## ଏନ୍‌ସିଏରେ ଈଶାନ୍ତଙ୍କ ବୋଲିଂ

**ନୂଆଦିଲ୍ଲୀ, ୧୮।୧୧(ପି.ଟି.):** ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରଜ୍ ଖେଳିବାକୁ ଓ ଏଥିପାଇଁ ଫିଟ୍‌ନେସ୍ ହାସଲ କରିବାକୁ ଭାରତୀୟ ଅଭିଜ୍ଞ ବୋଲର ଈଶାନ୍ତ ଶର୍ମା ପ୍ରୟାସ ଆରମ୍ଭ କରିଛନ୍ତି। ବୁଧବାର ଜାତୀୟ କ୍ରିକେଟ ଏକାଡେମୀ(ଏନ୍‌ସିଏ)ରେ ସେ ପୂରା ବେଗରେ ବୋଲିଂ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଈଶାନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ଏକମାତ୍ର ମ୍ୟାଚ୍ ଖେଳି ବାଦ୍ ପଡିଥିଲେ। ଲେଫ୍ଟ ଇଣ୍ଟରନାଲ ଓବ୍ଲିକ୍ ମସ୍କୁଲାର ଟିୟର ବା ସାଇଡ୍ ଷ୍ଟ୍ରେନ୍ କାରଣରୁ ସେ ଆହତ ହୋଇ ସମ୍ପୂର୍ଣ୍ଣ ଆଇପିଏଲ୍‌ରୁ ବାଦ୍ ପଡିଥିଲେ। ଏନ୍‌ସିଏ ନିର୍ଦ୍ଦେଶକ ରାହୁଲ ଦ୍ରାବିଡ୍ ଓ ହେଡ ଫିଜିଓ ଆଶିଷ କୌଶିକଙ୍କ ତତ୍ତ୍ୱାବଧାନରେ ସେ ଏନ୍‌ସିଏରେ ଫିଟ୍‌ନେସ ପାଇଁ ପ୍ରୟାସ କରିଆସୁଛନ୍ତି। ବୁଧବାର ୩୨ ବର୍ଷୀୟ ଈଶାନ୍ତ ପୂରା ରନ୍ ଅପ୍‌ରେ ବୋଲିଂ କରିଥିଲେ ଓ ଏହି ଅବସରରେ ଦ୍ରାବିଡ୍ ଓ ସୁନୀଲ ଜୋଷୀ ତାଙ୍କ ବୋଲିଂକୁ ଲକ୍ଷ୍ୟ କରିଥିଲେ। ଏନ୍‌ସିଏ କୋଚିଂ ଷ୍ଟାଫ୍ ପାରସ ମାହାମ୍ବ୍ରେ ଓ ମନସୁର ଖାନ୍‌ଙ୍କ ଉପସ୍ଥିତିରେ ସେ ସିଙ୍ଗଲ୍ ଷ୍ଟମ୍ପ ବୋଲି କରିଥିଲେ।


ରିଦ୍ଧିମାନ ଶାହା


ଈଶାନ୍ତ ଶର୍ମା

### ଫୋକସରେ ଟେଷ୍ଟ ସିରିଜ

ଆଡିଲେଡ୍‌ରେ ପ୍ରଥମ ଟେଷ୍ଟ ଖେଳାଯିବା ପୂର୍ବରୁ ଈଶାନ୍ତ ଫିଟ୍ ହୋଇଯାଇଥିବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସଭାପତି ସୌରଭ ଗାଙ୍ଗୁଲି ଆଶା ପ୍ରକାଶ କରିଛନ୍ତି। ତେବେ ବିସିସିଆଇ ନିୟମ ଅନୁସାରେ ଟେଷ୍ଟ ଖେଳିବା ପୂର୍ବରୁ ଈଶାନ୍ତ ଦୁଇଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିବା ଆବଶ୍ୟକ ବୋଲି ଗାଙ୍ଗୁଲି କହିଛନ୍ତି। ଯଦି ଈଶାନ୍ତ ଅଷ୍ଟ୍ରେଲିଆରେ ୩ଟି ଟେଷ୍ଟ ଖେଳିବେ ତା'ହେଲେ ସେ କିମ୍ବଦନ୍ତୀ ବୋଲର କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଦ୍ରୁତ ବୋଲରଭାବେ ୧୦୦ ଟେଷ୍ଟ ଖେଳିବାର ଗୌରବ ଅର୍ଜନ କରିବେ। ଈଶାନ୍ତ ଆଉ ୩ଟି ଉଇକେଟ ହାସଲ କଲେ ୩୦୦ ଉଇକେଟ ଅକ୍ତିଆର କରିବାର ମାଇଲଖୁଣ୍ଟ ଅତିକ୍ରମ କରିବେ। ଅବଶ୍ୟ ୩୦୦ ଉଇକେଟ ହାସଲ କରିବାରେ ସେ ସବୁଠାରୁ ମନ୍ଥର ଦ୍ରୁତ ବୋଲର ସାବ୍ୟସ୍ତ ହେବେ।

# ଭାରତ ବିପକ୍ଷ ଇଂଲଣ୍ଡର ଘରୋଇ ଟେଷ୍ଟ ସିରିଜରେ ଦର୍ଶକ ସାମିଲ ହେବେ

**ଲଣ୍ଡନ,୧୮।୧୧(ପି.ଟି.):** ୨୦୨୧ରେ ଏକ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ଭାରତ ଇଂଲଣ୍ଡ ଗସ୍ତ କରିବ। ଏହି ଗସ୍ତରେ ଦର୍ଶକ ସାମିଲ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏହି ଗସ୍ତ ପାଇଁ ସାମୟିକ କାର୍ଯ୍ୟସୂଚୀ ଜାରି କରିଛି। ଅଗଷ୍ଟ ଓ ସେପ୍ଟେମ୍ବରରେ ଏହି ସିରିଜର ମ୍ୟାଚ୍‌ଗୁଡିକ ଖେଳାଯିବ।

ଚଳିତବର୍ଷ କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ଇଂଲଣ୍ଡ ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷରେ ଘରୋଇ ଟେଷ୍ଟ ସିରିଜ ରୁଦ୍ଧଦ୍ୱାରରେ ଆୟୋଜନ କରିଥିଲା। ଏହାପରେ ଅଷ୍ଟ୍ରେଲିଆ ଇଂଲଣ୍ଡ ଗସ୍ତ କରି ଏକ ସୀମିତ ଓଭର ସିରିଜ ଖେଳିଥିଲା। ସବୁ ସିରିଜ ସଫଳତାର ସହ ଆୟୋଜିତ ହୋଇଥିଲା। ଏବେ ଆଗାମୀ ସେସନରେ ଆୟୋଜନ ହେବାକୁ ଥିବା ସିରିଜରେ ଦର୍ଶକମାନଙ୍କୁ ସାମିଲ କରିବାକୁ ଇସିବି ପ୍ରୟାସ କରିବ। ତେବେ ଏହା କୋଭିଡ୍-୧୯ ସ୍ଥିତି ଉପରେ ନିର୍ଭର କରୁଛି ବୋଲି କୁହାଯାଇଛି।

ଆସନ୍ତା ବର୍ଷ ଭାରତ ବିପକ୍ଷରେ ଆମେ ଏକ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଆୟୋଜନ କରିବାକୁ ଯାଉଛୁ। ଏଥିସହ ପୁରୁଷ ଓ ମହିଳା ଦଳ ପାଇଁ ସୀମିତ ଓଭର ସିରିଜ ଓ ଦୃଷ୍ଟିହୀନ ଦଳ ପାଇଁ ଏକ ଆଶେସ ସିରିଜ ଆୟୋଜନ କରିବୁ ବୋଲି ଇସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଟମ ହାରିସନ କହିଛନ୍ତି। ଏହି ସିରିଜଗୁଡକରେ ଦର୍ଶକମାନଙ୍କୁ ଷ୍ଟାଡିୟମରେ ସ୍ୱାଗତ କରିବାକୁପଦକ୍ଷେପ ଗ୍ରହଣ କରାଯିବ। ଏହା ପୂର୍ବରୁ ସ୍ୱାସ୍ଥ୍ୟଜନିତ ନିରାପତ୍ତା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ଭାରତ ବିପକ୍ଷ ୪ଟି ଟେଷ୍ଟ ମ୍ୟାଚ୍ ଟ୍ରେଣ୍ଟ ବ୍ରିଜ୍, ଲର୍ଡ୍ସ, ହେଡିଂଲେ, କିଆ ଓଭାଲ ଓ ଓଲ୍ଡ ଟ୍ରାଫୋର୍ଡରେ ଆୟୋଜନ ହେବ। ଅଗଷ୍ଟ ୪ରୁ ଆରମ୍ଭ ହୋଇ ଏହି ହାଇପ୍ରୋଫାଇଲ ସିରିଜ ସେପ୍ଟେମ୍ବର ୧୪ରେ ଶେଷ ହେବ। ଉଲ୍ଲେଖଥାଉ କି, ଏହା ପୂର୍ବରୁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୨୦୧୮ରେ ଇଂଲଣ୍ଡ ଗସ୍ତ କରିଥିଲା ଓ ୧-୪ ବ୍ୟବଧାନରେ ଟେଷ୍ଟ ସିରିଜରେ ପରାସ୍ତ ହୋଇଥିଲା।

### ଟେଷ୍ଟ ସିରିଜ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ଅଗଷ୍ଟ ୪-୮ | ପ୍ରଥମ ଟେଷ୍ଟ | ଟ୍ରେଣ୍ଟ ବ୍ରିଜ୍ |
| ଅଗଷ୍ଟ ୧୨-୧୬ | ଦ୍ୱିତୀୟ ଟେଷ୍ଟ | ଲର୍ଡ୍ସ |
| ଅଗଷ୍ଟ ୨୫- ୨୯ | ତୃତୀୟ ଟେଷ୍ଟ | ହେଡିଂଲି |
| ସେପ୍ଟେମ୍ବର ୨-୬ | ଚତୁର୍ଥ ଟେଷ୍ଟ | ଓଭାଲ |
| ସେପ୍ଟେମ୍ବର ୧୦-୧୪ | ପଞ୍ଚମ ଟେଷ୍ଟ | ଓଲ୍ଡ ଟ୍ରାଫୋର୍ଡ |

# ମମତାଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୧୮।୧୧(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଯୋଗ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟର ସହଯୋଗରେ ଅନୁଷ୍ଠିତ ଭର୍ଚୁଆଲ ଜାତୀୟ ଯୋଗାଶନ ପ୍ରତିଯୋଗିତାରେ କିଟ୍ ବିଶ୍ୱବିଦ୍ୟାଳୟର ମମତା ଭୁଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନଭେମ୍ବର ୮ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଭର୍ଚୁଆଲ ଜାତୀୟ ଯୋଗାଶନ ପ୍ରତିଯୋଗିତାରେ ଓଡ଼ିଶାର ୨୫ ଜଣ ଅଂଶଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ୭ ବାଳିକା ଓ ୫ ବାଳକ ଫାଇନାଲରେ ପହଞ୍ଚିଥିଲେ ବୋଲି ଓଡ଼ିଶା ଯୋଗ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ଡ. ଗଗନେନ୍ଦୁ ଦାଶ ପ୍ରକାଶ କରିଛନ୍ତି। ୩୦ ବର୍ଷରୁ କମ୍ ମହିଳା ବିଭାଗରେ ସଫଳତା ପାଇଥିବା ମମତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।


ମମତା ଭୁଏ

# ରୋଟେଶନରେ ଖେଳିପାରନ୍ତି ବୁମ୍‌ରା, ସାମି


ଯଶପ୍ରୀତ୍ ବୁମ୍‌ରା ଓ ମହମ୍ମଦ ସାମି।

**ନୂଆଦିଲ୍ଲୀ, ୧୮।୧୧(ପି.ଟି.)**

ଭାରତର ପ୍ରମୁଖ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସାମି ଅଷ୍ଟ୍ରେଲିଆ ବିପକ୍ଷରେ ସମସ୍ତ ୬ଟିଯାକ ସୀମିତ ଓଭର କ୍ରିକେଟ ମ୍ୟାଚ ଖେଳିବା ସମ୍ଭାବନା କମ୍। ଟିମ୍ ମ୍ୟାନେଜମେଣ୍ଟ ସେମାନଙ୍କୁ ରୋଟେଶନ ଭିତ୍ତିରେ ଖେଳାଇ ଡିସେମ୍ବର ୧୭ରୁ ଆରମ୍ଭ ହେବାକୁ ଯାଉଥିବା ଟେଷ୍ଟ ସିରିଜ ଲଢ଼େଇ ପାଇଁ ପ୍ରସ୍ତୁତ ରଖିବାକୁ ଚିନ୍ତା କରୁଛି। ଅଷ୍ଟ୍ରେଲିଆ ଗସ୍ତ ପ୍ରାରମ୍ଭରେ ଭାରତ ୩ଟି ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ଖେଳିବ। ଏହି ମ୍ୟାଚଗୁଡ଼ିକ ନଭେମ୍ବର ୨୭ରୁ ଡିସେମ୍ବର ୮ ମଧ୍ୟରେ ସିଡ୍‌ନୀ ଓ କାନ୍‌ବେରାରେ ଅନୁଷ୍ଠିତ ହେବ। ଟେଷ୍ଟ ସିରିଜ ପାଇଁ ରେଡ୍ ବଲ୍ ୱାର୍ମଅପ୍ ଗେମ୍ ଦ୍ରୁମୋନି ଓଭାଲଠାରେ ଡିସେମ୍ବର ୬ରୁ ୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମୟରେ ଟି୨୦ କ୍ରିକେଟ ସିରିଜ ଚାଲିଥିବ। ଈଶାନ୍ତ ଶର୍ମା ଯଦି ପ୍ରଥମ ଟେଷ୍ଟ ପାଇଁ ଉପଲବ୍ଧ ନ ହୁଅନ୍ତି ତେବେ ବୁମ୍‌ରା ଓ ସାମିଙ୍କ ଉପରେ ଅଧିକ କାର୍ଯ୍ୟଭାର ପଡ଼ିବ ବୋଲି କୋଚ୍ ରବି ଶାସ୍ତ୍ରୀ ଓ ବୋଲିଂ କୋଚ୍ ଭରତ ଅରୁଣ ଅନୁଭବ କରୁଛନ୍ତି। ଏହାଛଡ଼ା ସେମାନେ ୱାର୍ମଅପ୍ ଗେମ୍ ମଧ୍ୟ ଖେଳିବା ଆବଶ୍ୟକ ରହିଛି। ଏ କ୍ଷେତ୍ରରେ ଶାସ୍ତ୍ରୀ, ଅରୁଣ ଓ ଅଧିନାୟକ ବିରାଟ କୋହଲିଙ୍କୁ ନେଇ ଟିମ୍ ମ୍ୟାନେଜମେଣ୍ଟ ୧୨ ଦିନ ମଧ୍ୟରେ ସେମାନଙ୍କୁ କେବେହେଲେ ୬ ମ୍ୟାଚ ଖେଳାଇ ରିସ୍କ ନେବାକୁ ଚାହିଁବେ ନାହିଁ। ଯଦି ଉଭୟ ବୁମ୍‌ରା ଓ ସାମି ଡିସେମ୍ବର ୪, ୬ ଓ ୮ରେ ଟି୨୦ ସିରିଜ ଖେଳନ୍ତି ତେବେ ଗୋଟିଏ ୱାର୍ମଅପ୍ ମ୍ୟାଚ ଖେଳି ପାରିବେ ନାହିଁ। ଏହା ଟିମ୍ ମ୍ୟାନେଜମେଣ୍ଟ କେବେ ଚାହିଁବାପରି ଲାଗୁନାହିଁ ବୋଲି ବିସିସିଆଇର ଏକ ସୂତ୍ରରୁ ପ୍ରକାଶ କରାଯାଇଛି।

ସାମି ନେଟ୍ସ ସେସନରେ ପିଙ୍କ୍ ଓ ରେଡ୍ ବଲ୍‌ରେ ବୋଲିଂ କରୁଥିବା ପରିଲକ୍ଷିତ ହୋଇଛି। ତେଣୁ ମ୍ୟାନେଜମେଣ୍ଟ କେଉଁ ସିରିଜକୁ ଅଧିକ ଗୁରୁତ୍ୱ ଦେଉଛି ତାହା ସୂଚନା ମିଳୁଛି। ଏପରି ହୋଇପାରେ ଯେ ବୁମ୍‌ରା ଏବଂ ସାମି କେବଳ ଦିନିକିଆ ସିରିଜ ଖେଳି ସେମାନଙ୍କ ୧୦ ଓଭର କୋଟା ପୂରଣ କରିବେ। ଏହାପରେ ସେମାନେ ୱାର୍ମଅପ୍ ମ୍ୟାଚ ଖେଳି ଟେଷ୍ଟ ସିରିଜ ଉପରେ ଫୋକସ କରିବେ। ଡିସେମ୍ବର ୧୧ରୁ ୧୩ ସିଡ୍‌ନୀରେ ଦିବାରାତ୍ର ୱାର୍ମଅପ୍ ମ୍ୟାଚ ଖେଳାଯିବ ଏଥିରେ ଭାରତ ଏହାର ଚୂଡ଼ାନ୍ତ ଟେଷ୍ଟ ଦଳକୁ ଖେଳାଇ ଡ୍ରେସ୍ ରିହର୍ସାଲ କରିପାରେ। ଏହା ହେଲେ ଟି୨୦ ସିରିଜରେ ଦୀପକ ଚହର, ଟି. ନଟରାଜନ, ନବଦୀପ ସଇନୀ ଦ୍ରୁତ ବୋଲିଂ ବିଭାଗ ଏବଂ ଯୁଜବେନ୍ଦ୍ର ଚହଲ, ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ସ୍ପିନ ବିଭାଗ ଚ୍ୟାଲେଞ୍ଜ୍ ସମ୍ଭାଳିବେ।

# ରିଚାର୍ଡଶନ ଓହରିଲେ, ଟାଏ ସାମିଲ

**ସିଡ୍‌ନୀ, ୧୮।୧୧(ପି.ଟି.):** ଭାରତ ବିପକ୍ଷ ଏକଦିବସୀୟ ଓ ଟି୨୦ କ୍ରିକେଟ ସିରିଜରୁ ଅଷ୍ଟ୍ରେଲିଆ ଦ୍ରୁତ ବୋଲର କେନ୍ ରିଚାର୍ଡଶନ ଓହରି ଯାଇଛନ୍ତି। ତାଙ୍କ ସ୍ଥାନରେ ଆଣ୍ଡ୍ରୁ ଟାଏଙ୍କୁ ଘରୋଇ ଦଳରେ ସାମିଲ କରାଯାଇଛି। କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ରିଚାର୍ଡଶନ ନିଜ ପରିବାର ସହିତ ରହିବାକୁ ନିଷ୍ପତ୍ତି ନେଇଛନ୍ତି। ରିଚାର୍ଡଶନ ନିଜ ନବଜାତ ପୁତ୍ର ସନ୍ତାନ ଏବଂ ସ୍ତ୍ରୀଙ୍କ ସହ ରହିବାକୁ ପସନ୍ଦ କରିଛନ୍ତି। ଏ ସମ୍ପର୍କରେ ସେ ଜାତୀୟ ଚୟନକର୍ତ୍ତାଙ୍କୁ ଜଣାଇ ଦେଇଥିବା କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରକାଶ କରାଯାଇଛି। ''କେନ୍ ଆଡିଲେଡ୍‌ରେ ସ୍ତ୍ରୀ ନିକି ଏବଂ ନବଜାତ ପୁତ୍ର ସହ ରହିବାକୁ ଚାହିଁଛନ୍ତି। ଆମେ ସର୍ବଦା ଆମର ଖେଳାଳି ଏବଂ ସେମାନଙ୍କ ପରିବାରକୁ ସମର୍ଥନ କରି ଆସିଛୁ। ବିଶେଷ କରି ବର୍ତ୍ତମାନ ପରିସ୍ଥିତିରେ ସେଥିପ୍ରତି ଅଧିକ ଧ୍ୟାନ ଦିଆଯାଇଛି। ଆମେ ତାଙ୍କୁ ଆଗାମୀ ସିରିଜରେ ମିସ୍ କରିବୁ। ମାତ୍ର ଅସୁବିଧାକୁ ଅନୁଭବ କରି ତାଙ୍କ ନିଷ୍ପତ୍ତିକୁ ପୂର୍ଣ୍ଣ ସମର୍ଥନ କରୁଛୁ'' ବୋଲି ଜାତୀୟ ଚୟନ କମିଟି ସଦସ୍ୟ ଟ୍ରେଭର ହନ୍ସ ପ୍ରକାଶ କରିଛନ୍ତି। ଚଳିତ ସପ୍ତାହରେ ଆଡିଲେଡ୍‌ରେ କରୋନା ସଂକ୍ରମଣ ପୁଣି ଆରମ୍ଭ ହୋଇଛି। ଫଳରେ କେତେକ ରାଜ୍ୟ ସେମାନଙ୍କ ସୀମାକୁ ସିଲ୍ କରିଦେଇଛନ୍ତି। ଫଳସ୍ୱରୂପ ଟେଷ୍ଟ ଦଳର ଅଧିନାୟକ ଟିମ୍ ପେନ୍ ଓ ମାର୍ନସ ଲାବୁସ୍କାନଙ୍କ ସମେତ କେତେଜଣ ଖେଳାଳିଙ୍କୁ ଆଗୁଆ ସିଡ୍‌ନୀ ଆଣିବାକୁ କ୍ରିକେଟ ଅଷ୍ଟ୍ରେଲିଆ ବାଧ୍ୟ ହୋଇଛି। ଚଳିତ ମାସ ୨୭ରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଦିନିକିଆ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ଡିସେମ୍ବର ୧୭ରୁ ଆଡିଲେଡ୍ ଓଭାଲରେ ଦିବାରାତ୍ର ବିଶିଷ୍ଟ ହେବ। ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସମୟ ବ୍ୟବଧାନରେ ଏହାର ସମୀକ୍ଷା କରାଯାଉଛି ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପ୍ରକାଶ କରିଛି।




# ଏଟିପି ଫାଇନାଲ୍ସ: ଥିମ୍, ସିତ୍‌ସିପାସ ବିଜୟୀ

**ଲଣ୍ଡନ, ୧୮।୧୧(ଏପି)**

ଏଠାରେ ଚାଲିଥିବା ଏଟିପି (ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ) ଫାଇନାଲ୍ସ ଟେନିସ ଟୁର୍ନାମେଣ୍ଟରେ ରାଫାଲ ନାଡାଲଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଡୋମିନିକ୍ ଥିମ୍। ଅନ୍ୟ ଏକ ମ୍ୟାଚରେ ଗତଥରର ଚାମ୍ପିୟନ ଷ୍ଟିଫାନୋସ ସିତ୍‌ସିପାସ ନବାଗତ ଆନ୍ଦ୍ରେ ରୁବଲେଭ୍‌ଙ୍କୁ ପରାସ୍ତ କରି ସେମିଫାଇନାଲ ଆଶା ଉଜ୍ଜୀବିତ କରିଛନ୍ତି। ଅଷ୍ଟ୍ରିଆର ଥିମ୍ ଟାଇବ୍ରେକରରେ ଦମ୍‌ଦାର ପ୍ରଦର୍ଶନ କରି ୨୦ ଥର ଚାମ୍ପିୟନ ସ୍ପେନର ନାଡାଲଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଥିମ୍ ୭-୬(୭), ୭-୬(୪) ସେଟ୍‌ରେ ବିଜୟୀ ହୋଇଛନ୍ତି। ଗତ ଜାନୁୟାରୀରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲ ପରେ ନାଡାଲଙ୍କୁ ପ୍ରଥମଥର ଭେଟିଥିଲେ ଥିମ୍। ମାତ୍ର ସେତେବେଳ ପରି ଏଥର ମଧ୍ୟ ଟାଇବ୍ରେକରରେ ସେ ପ୍ରଭାବୀ ପ୍ରଦର୍ଶନ କରି ସଫଳ ହୋଇଛନ୍ତି। ୟୁଏସ ଓପନ ଚାମ୍ପିୟନ ଥିମ୍ ଗତ ରବିବାର ସିତ୍‌ସିପାସଙ୍କୁ ହରାଇ ଅଭିଯାନ ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ରୁବଲେଭ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛନ୍ତି। ନିଜର ଦ୍ୱିତୀୟ ମ୍ୟାଚରେ ସେ ସିତ୍‌ସିପାସଙ୍କଠାରୁ ୧-୬, ୬-୪, ୬(୬)-୭ ସେଟ୍‌ରେ ପରାସ୍ତ ହୋଇଛନ୍ତି। ପ୍ରଥମ ମ୍ୟାଚରେ ସେ ନାଡାଲଙ୍କଠାରୁ ହାରିଥିଲେ। ଅନ୍ୟପକ୍ଷରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ନାଡାଲ ଦ୍ୱିତୀୟ ମ୍ୟାଚରେ ପରାଜିତ ହୋଇଥିବାରୁ ସେମିଫାଇନାଲରେ ପହଞ୍ଚି ପାରିନାହାନ୍ତି। ସେ ଗୁରୁବାର ସିତ୍‌ସିପାସଙ୍କୁ ଭେଟିବେ। ଏହି ମ୍ୟାଚରେ ବିଜୟୀ ହେଲେ ସେମିଫାଇନାଲ ପ୍ରବେଶ ସୁଯୋଗ ସୃଷ୍ଟି ହେବ। ପୂର୍ବରୁ ସେ କେବେହେଲେ ଏଟିପି ଫାଇନାଲ୍ସ ଟାଇଟଲ ଜିତିପାରି ନାହାନ୍ତି। ମ୍ୟାଚପରେ ନାଡାଲ ଥିମ୍‌ଙ୍କୁ ପ୍ରଶଂସା କରିଥିଲେ ହେଁ ଉଭୟ ଭଲ ପ୍ରଦର୍ଶନ କରିଥିବା ପ୍ରକାଶ କରିଛନ୍ତି। ''ଆମେ ଦୁହେଁ ଉଚ୍ଚସ୍ତରର ପ୍ରଦର୍ଶନ ଦେଇଥିଲୁ। ମାତ୍ର ଉଚିତ ସମୟରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ଫାଇଦାରେ ରହିଲେ। ଆଗାମୀ ମ୍ୟାଚକୁ ନେଇ ମୁଁ ଦୃଢ଼ ଆଶାୟୀ'' ବୋଲି ନାଡାଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କ୍ୟାରିୟରରେ ଏହା ତାଙ୍କର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ ଥିଲା ବୋଲି ଥିମ୍ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟରେ ପ୍ରଥମଥରପାଇଁ ଇଲେକ୍ଟ୍ରୋନିକ୍ ଲାଇନ୍ କଲିଂ ବ୍ୟବହାର କରାଯାଉଛି। ତେଣୁ ବଲ୍ ଇନ୍ କିମ୍ବା ଆଉଟ୍ କ୍ଷେତ୍ରରେ ଖେଳାଳିମାନେ ଚ୍ୟାଲେଞ୍ଜ୍ କରିପାରିବେ ନାହିଁ। ମାତ୍ର ଡବଲ ବାଉନ୍ସ ପରି ଅନ୍ୟ ବିବାଦୀୟ ନିଷ୍ପତ୍ତି କ୍ଷେତ୍ରରେ ସେମାନେ ଭିଡିଓ ରିଭ୍ୟୁପାଇଁ ଆବେଦନ କରିପାରିବେ।


ଶଟ୍ ଖେଳିବା ଅବସରରେ ଷ୍ଟିଫାନୋସ ସିତ୍‌ସିପାସ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ